

# ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ନିଶାଦ୍ରବ୍ୟ ନେଟ୍‌ୱାର୍କ ମୂଳପୋଛ କରୁଛନ୍ତି ସରକାର | ୬

ପୁଣି ଭାଇଜାନଙ୍କୁ ହତ୍ୟା ଧମକ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୫ Vol. 22 No-15 15 APRIL 2025 TUESDAY BHUBANESWAR ମଙ୍ଗଳବାର, ୧୫ ଏପ୍ରିଲ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

## ୨୧୫ କୋଟିର ଅନୁଦାନ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

# ଝଲସିବ ତାରିଣୀ ପୀଠ





- ମା'ଙ୍କୁ ଦର୍ଶନ ସହ ଆଶିଷ ଭିକ୍ଷା କଲେ
- ଖୁବ୍‌ଶୀଘ୍ର ଆରମ୍ଭ ହେବ ବିକାଶ କାର୍ଯ୍ୟ
- ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ଯୋଗଦେଲେ

ଘଟଗାଁ/ଭୁବନେଶ୍ୱର, ୧୪।୪ (ଭାସ୍କର ନ୍ୟୁଜ): ଝଲସିବ କେନ୍ଦୁଝର ଜିଲ୍ଲା ଘଟଗାଁସ୍ଥିତ ତାରିଣୀ ପୀଠ। ଖୁବ୍‌ଶୀଘ୍ର ଆରମ୍ଭ ହେବ ବିକାଶ କାର୍ଯ୍ୟ। ସୋମବାର ପବିତ୍ର ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଗାଁ ଯାଇ ମା' ତାରିଣୀଙ୍କୁ ଦର୍ଶନ କରି ମା'ଙ୍କର କୃପାଲାଭ କରିବା ପରେ ମା'ଙ୍କ ମନ୍ଦିରର ଉନ୍ନତିକରଣ ପାଇଁ ୨୧୫ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ଏହି ଅର୍ଥରେ ପୀଠର ଉନ୍ନତିକରଣ କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ହନୁମାନ ଜୟନ୍ତୀ ଝଣ୍ଡା ଶୋଭାଯାତ୍ରାରେ ଚାଲିଚାଲି ବୁଲିଥିଲେ। ସୋମବାର ଦିନିକିଆ କେନ୍ଦୁଝର ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘଟଗାଁ ମା' ତାରିଣୀଙ୍କ ସୁନାବେଶ ଦର୍ଶନ କରିବା ପରେ ଲାବଣ୍ୟ ଛକରେ ଆୟୋଜିତ ହନୁମାନ ଜୟନ୍ତୀ ସମାରୋହରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ ମହାବିଷୁବ ସଂକ୍ରାନ୍ତି ବା ପଣାସଂକ୍ରାନ୍ତି ଅବସରରେ ସୋମବାର ତାରିଣୀଙ୍କ ପୀଠରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମା' ତାରିଣୀଙ୍କ ୮୯ତମ ଚଇତି ପର୍ବର ସୋମବାର ଥିଲା ଷଷ୍ଠଦିନ। ପଣା ସଂକ୍ରାନ୍ତି ଓ ନବବର୍ଷ ଅବସରରେ ମା'ଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କର ସମାଗମ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମନ୍ଦିରରେ ଭଜନ, ନୃତ୍ୟଗୀତ ଆୟୋଜନ ସହ ଶ୍ରଦ୍ଧାଳୁଙ୍କୁ ମାଗଣାରେ ଅନ୍ନପ୍ରସାଦ ଓ ପଣା ବଣ୍ଟନର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ତାରିଣୀ ଦର୍ଶନ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ କେନ୍ଦୁଝର ଜିଲ୍ଲାର ବିକାଶ ପାଇଁ • ପୃଷ୍ଠା ୫ ଦେଖନ୍ତୁ

## ହରିଆଣାରେ ପ୍ରଧାନମନ୍ତ୍ରୀ ମୋଦୀ

# କଂଗ୍ରେସ ସମ୍ବିଧାନର ଧ୍ୱଂସକାରୀ



ନୂଆଦିଲ୍ଲୀ, ୧୪।୪: କଂଗ୍ରେସ ସମ୍ବିଧାନର ଧ୍ୱଂସକାରୀ ପାଲଟିଛି। ସମ୍ବିଧାନ ପ୍ରଣେତା ଡକ୍ଟର ବି.ଆର.ଆମ୍ବେଦକରଙ୍କୁ ଅପମାନିତ କରିବା କଂଗ୍ରେସର ଏକ ଧାରା ପାଲଟିଛି। କ୍ଷମତା ହାସଲ ପାଇଁ କଂଗ୍ରେସ ଆମର ପବିତ୍ର ସମ୍ବିଧାନକୁ ଏକ ଅସ୍ତ୍ରରେ ପରିଣତ କରିଛି। ଯେତେବେଳେ କଂଗ୍ରେସ କ୍ଷମତା ଉପରେ ନିଜର ଦଖଲ ପ୍ରତି ବିପଦ ଅନୁଭବ କରିଥିଲା, ସେତେବେଳେ ଏହା ସମ୍ବିଧାନକୁ ଦଳି ଦେଇଥିଲା। ସୋମବାର ହରିଆଣାର ହିସାର ବିମାନବନ୍ଦର ଉଦ୍‌ଘାଟନ ଅବସରରେ ଆୟୋଜିତ ଏକ ସମାବେଶରେ ମୋଦୀ କଂଗ୍ରେସକୁ ସମାଲୋଚନା କରିବା ସହ କଂଗ୍ରେସ ଉପରେ ପ୍ରବଳ ବର୍ଷିଛନ୍ତି। ସେ କହିଛନ୍ତି, କଂଗ୍ରେସ ନୂତନ ଭାବରେ ଗୃହୀତ ୱକଫ୍ ସଂଶୋଧନ ଆଇନକୁ ବିରୋଧ କରିବା ପାଇଁ ଭୋଟବ୍ୟାଙ୍କ ଭାଇରସ୍ କାମୁଡ଼ା ଖାଇଛି। ବି.ଆର.ଆମ୍ବେଦକରଙ୍କ ସାମାଜିକ ନ୍ୟାୟ, ସମ୍ବିଧାନର ଦୃଷ୍ଟିକୋଣକୁ ନିଜ ସ୍ୱାର୍ଥପାଇଁ ଅସ୍ତ୍ରକରି ଏହାକୁ ତୁଷ୍ଟିକରଣ ପାଇଁ ଏକ ଉପକରଣରେ ପରିଣତ କରି ବିଶ୍ୱାସଘାତ କରିଥିବା ମୋଦୀ କହିଥିଲେ। ମୋଦୀ ଦାବି କରିଛନ୍ତି ଯେ କଂଗ୍ରେସ ଆମ୍ବେଦକରଙ୍କ ସମାନତା ଦୃଷ୍ଟିକୋଣକୁ ଅଣଦେଖା କରିଛି ଏବଂ ଏହା ବଦଳରେ ଭୋଟବ୍ୟାଙ୍କ ରାଜନୀତିର ଭାଇରସ ପ୍ରସାର କରିଛି। ଆମ୍ବେଦକର ସମାନତା ଆଣିବାକୁ ଚାହୁଁଥିଲେ। ସେ ପ୍ରତ୍ୟେକ ଗରିବ, ପ୍ରତ୍ୟେକ ପଛୁଆବର୍ଗ ସମ୍ମାନର ସହିତ ଏବଂ ମୁଣ୍ଡକୁ ଉଚ୍ଚକରି ବଢିପାରିବେ ଓ ସ୍ୱପ୍ନ ଦେଖିପାରିବେ ଏବଂ ସେଗୁଡ଼ିକୁ କିପରି ପୂରଣ କରିବେ ସେ ନେଇ ଚିନ୍ତିତ ରହୁଥିଲେ। କଂଗ୍ରେସ କେବେ ବି ମୁସଲମାନ, ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପଛୁଆବର୍ଗଙ୍କ ସମେତ କାହାକୁ ଲାଭ ଦେବାପାଇଁ ସମ୍ବିଧାନକୁ ବ୍ୟବହାର କରିନାହିଁ। କଂଗ୍ରେସ ସବୁବେଳେ ସେମାନଙ୍କୁ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବେ ବ୍ୟବହାର କରି ଆସିଛି। ଅନ୍ୟପକ୍ଷରେ ମୋଦୀ ହରିଆଣା କେଥଲର ରାମପାଲ କଶ୍ୟପଙ୍କୁ ଜୋତା ପିନ୍ଧାଇ ଦେଇଥିଲେ। ଏହା ତାଙ୍କର ବଡ଼ପଣ ବୋଲି କୁହାଯାଉଛି। ହରିଆଣା ସମେତ ସାରା ଦେଶ ଦେଖିଲା ପ୍ରଧାନମନ୍ତ୍ରୀଙ୍କ ବିଶାଳ ହୃଦୟକୁ। ରାମପାଲ ୧୪ବର୍ଷ ତଳେ ମୋଦୀଙ୍କ ପାଇଁ ଯୋତା ପିନ୍ଧିବା ଛାଡ଼ି ଦେଇଥିଲେ। ଯେପର୍ଯ୍ୟନ୍ତ ମୋଦୀ ଦେଶର ପ୍ରଧାନମନ୍ତ୍ରୀ ନ ହୋଇଛନ୍ତି, ସେପର୍ଯ୍ୟନ୍ତ ସେ ଜୋତା ପିନ୍ଧିବେ ନାହିଁ ବୋଲି ଶପଥ ନେଇଥିଲେ। ସେବେଠାରୁ ସେ ଖାଲି ପାଦରେ ଯିବାଆସିବା କରୁଥିଲେ। ତେବେ ମୋଦୀ ସୋମବାର ତାଙ୍କୁ ଜୋତା ପିନ୍ଧାଇ ସବୁଦିନ ଜୋତା ପିନ୍ଧିବାକୁ କହିଥିଲେ।

## ସଂକ୍ଷେପରେ...

### ୧୯ରେ ଓଡ଼ିଶା ଆସିବେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ

ଭୁବନେଶ୍ୱର, ୧୪।୪ (ଭାସ୍କର ନ୍ୟୁଜ): କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଏପ୍ରିଲ ୧୯ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ ବୋଲି ରାଜ୍ୟ ବିଜେପି ଉପସଭାପତି ଗୋଲକ ମହାପାତ୍ର ସୋମବାର ସୂଚନା ଦେଇଛନ୍ତି। ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ଏପ୍ରିଲ ୧୯ ତାରିଖରେ ଭୁବନେଶ୍ୱର ଆସି ବରମୁଣ୍ଡା ଗ୍ରାଉଣ୍ଡରେ ରାଜ୍ୟ ପାଇଁ ଅନେକ ଜାତୀୟ ରାଜପଥ ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

### ୨୦ଯାଏ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୪।୪ (ଭାସ୍କର ନ୍ୟୁଜ): ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ବର୍ଷା ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରପକ୍ଷରୁ ସୂଚନା ଦିଆଯାଇଛି। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ମଙ୍ଗଳବାର ୭ ଜିଲ୍ଲା- ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ସୁନ୍ଦରଗଡ଼, ଢେଙ୍କାନାଳ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ଥିବା ସୂଚନା ଦିଆଯାଇଛି।


### ମାତୃହତ୍ୟାର ପ୍ରତିଶୋଧ ନେଲା ପୁଅ

ରାଉରକେଲା, ୧୪।୪ (ଭାସ୍କର ନ୍ୟୁଜ): ମାତୃହତ୍ୟାର ପ୍ରତିଶୋଧ ନେଲା ପୁଅ। ମାଆକୁ ମାରି ଜେଲ ଯାଇଥିବା ବାପା ଘରକୁ ଫେରିବା ପରେ ତାକୁ ହତ୍ୟା କରିଛି ପୁଅ। ମୃତକଙ୍କ ନାମ କ୍ରାନ୍ତି କୁମାର ବର୍ମା। ଏଭଳି ଘଟଣା ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଭାଲୁପତ୍ରା ଗାଁରେ ଘଟିଛି।

ସେନ୍‌ସେକ୍ସ: ୭୫,୧୫୭.୨୬
ସର୍ବାଧିକ: ୩୪.୨ ଡିଗ୍ରୀ
ସର୍ବନିମ୍ନ: ୨୪.୮ ଡିଗ୍ରୀ

### ୧୪।୪।୨୦୨୫ ର ମତାମତ

ଆୟୁଷ୍ମାନ ଭାରତ ଯୋଜନାର ହିତାଧିକାରୀମାନେ ଠିକ୍ ଚିକିତ୍ସା ସୁବିଧା ପାଇପାରିବେ କି?





### ଆଜିର ପ୍ରସଙ୍ଗ

ରାଜ୍ୟରେ ଚାଲିଥିବା ଖଣି ଚୋରିକୁ ରୋକାଯାଇ ପାରିବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ୩୬ ଘଣ୍ଟା ପରେ ମୁର୍ଶିଦାବାଦରେ ଫେରୁଛି ଶାନ୍ତି

# ପୀଡ଼ିତଙ୍କ ଘରବାହୁଡ଼ା ଆରମ୍ଭ



କୋଲକାତା, ୧୪।୪: ପଶ୍ଚିମବଙ୍ଗର ମୁର୍ଶିଦାବାଦକୁ ଶାନ୍ତି ଫେରୁଛି। ଅଶାନ୍ତ ସହରରେ ହିଂସା ଧୀରେ ଧୀରେ କମୁଛି। ଜିଲ୍ଲାରୁ ପଳାୟନ କରିଥିବା ଲୋକେ ୩୬ ଘଣ୍ଟା ପରେ ଘରକୁ ବାହୁଡ଼ିବା ଆରମ୍ଭ କରିଛନ୍ତି। ଶନିବାର ୱକଫ ଆଇନକୁ ନେଇ ମୁର୍ଶିଦାବାଦରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ସାମ୍ପ୍ରଦାୟିକ ହିଂସାରେ ୩ଜଣ ପ୍ରାଣ ହରାଇବା ସହ ଅନେକ ଆହତ ହୋଇଥିଲେ। ହିଂସା ଭୟଙ୍କର ରୂପ ଧାରଣ କରିବାରୁ ଲୋକେ ଘର ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ୫୦୦ରୁ ଅଧିକ ସ୍ଥାନୀୟ ବାସିନ୍ଦା ଅନ୍ୟତ୍ର ପଳାୟନ କରିଥିଲେ। ମାତ୍ର ଏବେ ସ୍ଥିତିରେ ସୁଧାର ଆସିବାରୁ ଧୀରେ ଧୀରେ ଲୋକେ ଭିଟାମାଟି ମୁହାଁ ହେଉଛନ୍ତି। ଜିଲ୍ଲାର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ନଜର ରଖିଛନ୍ତି ଏଡିଜି ଜାଭେଦ ସମିମ୍। ସେ କହିଛନ୍ତି, ଲୋକଙ୍କୁ ଫେରାଇ ଆଣିବାରେ ପୋଲିସ ସହଯୋଗ କରୁଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ମୁର୍ଶିଦାବାଦରେ ଅଧିକାଂଶ ଗାଁକୁ ପୂର୍ବରୁ ଲୋକେ ଫେରି ଆସିଛନ୍ତି। ରାଜ୍ୟ ପୋଲିସର ନିର୍ଦ୍ଦେଶ ଓ ସହଯୋଗରେ ବାକି ଲୋକ ଫେରିବା ଆରମ୍ଭ କରିଛନ୍ତି। ସ୍ଥିତି ଉପରେ ନଜର ରଖିଛନ୍ତି ପଶ୍ଚିମବଙ୍ଗ ପୋଲିସର ବରିଷ୍ଠ ଅଧିକାରୀ। ଶନିବାର ହିଂସା ପରେ ସ୍ଥାନୀୟ ଅଞ୍ଚଳରେ ରାଜ୍ୟ ପୋଲିସ ଓ କେନ୍ଦ୍ରୀୟ ସୁରକ୍ଷାବଳ ମୁତୟନ ହୋଇଛନ୍ତି। ଗତ • ପୃଷ୍ଠା ୫ ଦେଖନ୍ତୁ

## ପିଏନ୍‌ବି ଘୋଟାଲା

# ମେହୁଲ ଚୋକ୍‌ସି ଗିରଫ



ନୂଆଦିଲ୍ଲୀ, ୧୪।୪: ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସି ଗିରଫ। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଘୋଟାଲା ମାମଲାରେ ଅଭିଯୁକ୍ତ ମେହୁଲ ଚୋକ୍‌ସି ବେଲଜିୟମରୁ ଗିରଫ ହୋଇଥିବା ସୂଚନା ମିଳିଛି। ଏହି ଘୋଟାଲା ସାମ୍ନାକୁ ଆସିବା ପରେ ଚୋକସି ଫେରାର ହୋଇଯାଇଥିଲା। ଭାରତ ସରକାରଙ୍କ ଅପିଲ ପରେ ବେଲଜିୟମ ପୋଲିସ ତାକୁ ଗିରଫ କରିଛି। ତା ନାମରେ

**ପ୍ରତ୍ୟର୍ପଣ ପାଇଁ ସିବିଆଇ, ଇଡିର ଅପିଲ୍**

୧୩ ହଜାର କୋଟି ଟଙ୍କାର ବ୍ୟାଙ୍କ ଠକେଇ ଅଭିଯୋଗ ରହିଛି। ଖୁବ୍‌ଶୀଘ୍ର ତାକୁ ଭାରତ ଆଣିବା ପାଇଁ ଉଦ୍ୟମ କରାଯାଉଛି। ଏ ନେଇ ସିବିଆଇ ଓ ଇଡି ପକ୍ଷରୁ ବେଲଜିୟମ ସରକାରଙ୍କ ନିକଟରେ ଅପିଲ କରାଯାଇଛି। ଏଥିନେଇ ବେଲଜିୟମ ସରକାରଙ୍କ ପକ୍ଷରୁ ସୂଚନା ମଧ୍ୟ ଦିଆଯାଇଛି। ଚୋକସି ଗତ କିଛିଦିନ ଧରି ଚିକିତ୍ସାପାଇଁ ବେଲଜିୟମ ଯାଇଥିବାବେଳେ ସେଠାକାର ପୋଲିସ ତାକୁ ଗିରଫ କରିଛି। ସେ ଏବେ ବେଲଜିୟମର ଏକ ଜେଲରେ ରହିଛି। ତା ଉପରେ ୧୩,୮୫୦ କୋଟି ଟଙ୍କାର ଘୋଟାଲାର ଅଭିଯୋଗ ରହିଛି। ଗତମାସରେ ହିଁ ଜଣାପଡ଼ିଥିଲା ଯେ ମେହୁଲ ବେଲଜିୟମରେ ରହିଛି। ବେଲଜିୟମ ପୋଲିସ ତାକୁ ଦୁଇଟି ମାମଲାରେ ଗିରଫ କରିଛି। ତେବେ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଇ ସେ ତୁରନ୍ତ ଜାମିନ ପାଇଁ ଚେଷ୍ଟା କରିବାର ସମ୍ଭାବନା ମଧ୍ୟ ଅଛି। ତେବେ ୨୦୨୩ ନଭେମ୍ବର ୧୫ରେ ମେହୁଲ ନିଜର ବେଲଜିୟମ ପତ୍ନୀ ଜରିଆରେ ନାଗରିକତା କାର୍ଡ ହାସଲ କରିଥିଲା। ତେବେ ମେହୁଲ ଏ ନେଇ ଜାଲ ଦସ୍ତାବିଜ ଦେଇଥିବା ପରେ ଜଣାପଡ଼ିଥିଲା। ଏହାପୂର୍ବରୁ ସେ ଆଣ୍ଟିଗୁଆର ନାଗରିକତ୍ୱ ଗ୍ରହଣ କରିଥିଲା। ସୂଚନାଯୋଗ୍ୟ ଯେ ୨୦୧୮ରେ ମେହୁଲ ଓ ତା'ର ଭଣଜା ନିରବ ମୋଦି ଦେଶଛାଡ଼ି ପଳାଇଥିଲେ। ୨୦୧୮ରେ ଭାରତ ଛାଡ଼ିବା ପୂର୍ବରୁ ମେହୁଲ ଆଣ୍ଟିଗୁଆର ନାଗରିକତ୍ୱ ହାସଲ କରିଥିଲା। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଭାରତ ଆସି କୋର୍ଟରେ ହାଜର ହେବାକୁ ସେ ମନା କରି ଦେଇଥିଲା। ଇଡି ଓ ସିବିଆଇ ଭାରତରେ ତା'ର ବହୁ ସମ୍ପତ୍ତି ମଧ୍ୟ ଜବତ କରିଛନ୍ତି। ୨୦୨୧ରେ ମେହୁଲ ଆଣ୍ଟିଗୁଆର ପଡ଼ୋଶୀ ଦେଶ ଡୋମିନିକାରେ ଗିରଫ ହୋଇ ୫୧ଦିନ ଜେଲରେ ରହିଥିଲା। ତା'ର ପ୍ରତ୍ୟର୍ପଣ ପାଇଁ ସିବିଆଇ ଟିମ୍ ଡୋମିନିକା ଯାଇଥିଲା। ତେବେ ବ୍ରିଟିଶ କୁଇନ୍ ପ୍ରିଭି କାଉନସିଲ ନିକଟରୁ ତାକୁ ଆଶ୍ୱସ୍ତି ମିଳିଥିଲା। ପୁଣିଥରେ ତାକୁ ଆଣ୍ଟିଗୁଆ ପଠାଇ ଦିଆଯାଇଥିଲା।

## ରାଜଧାନୀରେ ପିଲାଚୋରି ଘଟଣା

# ଟେର୍ ପାଉନି ପୋଲିସ


ଭୁବନେଶ୍ୱର, ୧୪।୪ (ଭାସ୍କର ନ୍ୟୁଜ): ରାଜଧାନୀର ରାମମନ୍ଦିର ସମ୍ମୁଖରୁ ଅନ୍ଧୁଣୀ ମା'ଠାରୁ ଦେଢବର୍ଷର ଶିଶୁପୁତ୍ରକୁ ଚୋରିକରି ନେବା ଘଟଣାକୁ ଇତିମଧ୍ୟରେ ୩୬ ଘଣ୍ଟା ବିତିଗଲାଣି। ତେବେ ଶିଶୁ ପୁତ୍ରକୁ ଠାବ କରିବାରେ କମିଶନରେଟ ପୋଲିସ ବିଫଳ

**ଶିଶୁକୁ ଠାବପାଇଁ ଏକାଧିକ ଟିମ୍ ଗଠନ**

ହୋଇଛି। ଶିଶୁପୁତ୍ର କିମ୍ବା ସେମାନଙ୍କ ଅପହରଣକାରୀଙ୍କ ପତ୍ତା ପୋଲିସ ପାଇବାରେ ସମର୍ଥ ହୋଇପାରି ନାହିଁ। ପୁଅକୁ ନ ପାଇ ଦୃଷ୍ଟିବାଧିତ ମାଆ ଆଖିରୁ ଲୁହ ଶୁଖୁନାହିଁ। ଅନ୍ୟପକ୍ଷରେ ଭୁବନେଶ୍ୱର ଡିସିପି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଦେଢବର୍ଷର ଶିଶୁପୁତ୍ର ଶୁଭମ୍‌କୁ ଠାବ କରିବା ପାଇଁ ଏକାଧିକ ଟିମ୍ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ତାକୁ ଉଦ୍ଧାର କରାଯିବ ବୋଲି ସେ ଦୃଢୋକ୍ତି ବାଢିଥିଲେ। ସୂଚନାଯୋଗ୍ୟ ଯେ ଶନିବାର ବିଳମ୍ବିତ ରାତିରେ ରାଜଧାନୀ ଭୁବନେଶ୍ୱରର ରାମମନ୍ଦିର ସମ୍ମୁଖରୁ ଏକ ଦେଢବର୍ଷ ଶିଶୁପୁତ୍ରର ଅପହରଣ ନେଇ ସାଂଘାତିକ ଅଭିଯୋଗ ଆସିଥିଲା। ଜଣେ ଦୃଷ୍ଟିବାଧିତ ମାଆର ଦେଢବର୍ଷର ପୁଅକୁ ପ୍ରଲୋଭିତ କରି ଦୁର୍ବୃତ୍ତମାନେ ଉଠାଇ ନେଇଥିଲେ। ମହିଳାଜଣକ ରାମମନ୍ଦିର ସମ୍ମୁଖରେ ଭିକ୍ଷାବୃତ୍ତି କରିବା ସହ ସେଠାରେ ରହୁଥିଲେ। ଶିଶୁପୁତ୍ର ଅପହରଣ ପରେ ମାଆଜଣକ ଖାରବେଳନଗର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ମଧ୍ୟ ଏକାଧିକ ସିସିଟିଭି ଯାଞ୍ଚ କରି ଅଭିଯୋଗର ସତ୍ୟତା ଥିବା ସ୍ୱୀକାର କରିଥିଲା। ଅଭିଯୋଗ ପାଇବା ପରେ ପୋଲିସ ବିଭିନ୍ନ ସ୍ଥାନରେ ପହଞ୍ଚି ଖାନତଲାସି ଆରମ୍ଭ କରିଛି। ଯଦି କଡ଼ା ସୁରକ୍ଷାବଳୟରେ ରହିଥିବା ରାଜଧାନୀ ଭୁବନେଶ୍ୱରରେ ଏଭଳି ଅଭାବନୀୟ ଘଟଣା ଘଟେ, ତେବେ ରାଜଧାନୀବାସୀ କିପରି ସୁରକ୍ଷିତ ରହିବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଶିମିଳିପାଳ ଅଭୟାରଣ୍ୟରେ କଳା ମହାବଳ

# ବଫର ଜୋନ୍‌ରେ ବୁଲୁଛି



ବାରିପଦା, ୧୪।୪ (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ବଫର ଜୋନ୍‌ରେ ବୁଲୁଛି କଳା ମହାବଳ। ଏହି ମହାବଳ ବାଘକୁ ନେଇ ଆଖପାଖ ଅଞ୍ଚଳର ଲୋକେ ଭୟଭୀତ ହୋଇପଡ଼ିଥିବାବେଳେ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇ ଜଣେ ବ୍ୟକ୍ତି ନିଖୋଜ ଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଏହି ଘଟଣାର ତଦନ୍ତ ପାଇଁ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର, ଦକ୍ଷିଣ ଓ ବାରିପଦା ଡିଭିଜନର କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଏ ନେଇ ସୂଚନା ଦେଇଛନ୍ତି ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା। ସେ କହିଛନ୍ତି, ଶିମିଳିପାଳରେ ମହାବଳ ବ୍ୟାଘ୍ର ସଂଖ୍ୟା ବୃଦ୍ଧି ପାଉଥିବାବେଳେ ବନ ବିଭାଗ ଗଣନା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ମହାବଳ ବାଘ ନିଜ ବାସସ୍ଥାନ ଚିହ୍ନଟ ପାଇଁ କୋର୍ କିମ୍ବା ବଫର ଅଞ୍ଚଳରେ ଚଳପ୍ରଚଳ କରିବା ଏବଂ ଗୃହପାଳିତ ପ୍ରାଣୀ ଶିକାର କରୁଥିବାରୁ ବାଘ ସଂଖ୍ୟା ବୃଦ୍ଧି ପାଇଥିବା ଆଶା କରାଯାଉଛି। ଏହି ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ ଅଧୀନରେ ଥିବା ଚାକିଡ଼ି ଏବଂ ତାଳବନ୍ଧ ରେଞ୍ଜ ଓ ବାରିପଦା ବନଖଣ୍ଡର ବାଙ୍ଗିରିପୋଷି ରେଞ୍ଜ ଅଧୀନ ବ୍ରାହ୍ମଣଗାଁ ଅଞ୍ଚଳରେ ଏକ କଳା ମହାବଳ ବୁଲୁଥିବା ଦେଖିବା ପରେ ଲୋକେ ଏହାର ଭିଡିଓ ଉତ୍ତୋଳନ କରିଛନ୍ତି। ଏହି ବାଘଟି ଗୃହପାଳିତ ପ୍ରାଣୀଙ୍କୁ ଶିକାର କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ତେବେ ବନ କର୍ମଚାରୀମାନେ ବାଘର ଚଳପ୍ରଚଳ ଉପରେ ନଜର ରଖିବା ସହ ଅଞ୍ଚଳବାସୀଙ୍କୁ ସତର୍କ କରାଇ ଦେଇଛନ୍ତି। ୨୦୩୦ ସୁଦ୍ଧା ଶିମିଳିପାଳରେ • ପୃଷ୍ଠା ୫ ଦେଖନ୍ତୁ

## ଓଡ଼ିଶାବାସୀଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଲେ

# ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୪।୪ (ବ୍ୟୁରୋ): ପବିତ୍ର ଓଡ଼ିଆ ନୂଆବର୍ଷ ଏବଂ ମହାବିଷୁବ ସଂକ୍ରାନ୍ତି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ଯେ ପବିତ୍ର ଓଡ଼ିଆ ନବବର୍ଷ ଓ ପଣାସଂକ୍ରାନ୍ତି ଅବସରରେ ମୁଁ ଓଡ଼ିଶାବାସୀ ତଥା ବିଦେଶରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି। ପଣା ସଂକ୍ରାନ୍ତି ଆମ ସମାଜକୁ ପ୍ରେମ ଓ ଶାନ୍ତିର ବାର୍ତ୍ତା ଦେଇଥାଏ। ଆନନ୍ଦ ଉଲ୍ଲାସର ଏହି ପର୍ବ ଆମକୁ ଆମ ଦେଶପାଇଁ ସମର୍ପିତ ହୋଇ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥାଏ। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାବିଷୁବ ସଂକ୍ରାନ୍ତି ଅବସରରେ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ଆଗାମୀ ବର୍ଷ ଆପଣଙ୍କ ସ୍ୱପ୍ନ ସାକାରର ବର୍ଷ ହେଉ। ଆପଣମାନଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଯାଉ। ସେହିପରି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଓଡ଼ିଆ ନବବର୍ଷ ଅବସରରେ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଣା ସଂକ୍ରାନ୍ତି ଓ ଓଡ଼ିଆ ନୂଆବର୍ଷ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ସେହିପରି ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଚୌଦ୍ୱାର ଆଗ୍ରାହାଟ ପଞ୍ଚାୟତର କୁଜିବରଠାରେ ଥିବା ହନୁମାନ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଛନ୍ତି।

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ପୂର୍ବତନ ଜଣେ ଲୋକ ପ୍ରତିନିଧି ନାମ ବଳବନ୍ତରାୟ ପ୍ରଣବ,
ହିଙ୍ଗୁଳା ଯାତରା ଦେଖିବାକୁ ଯାଇ ଦେଖିଲେ ଆକ୍ରୋଶ ପ୍ରଭାବ ।
ଏ ଯୁଗରେ ସବୁ ସମ୍ଭବ,
ଭଲ କାମ କଲେ ଭଲ ଫଳ ମିଳେ
ନହେଲେ ଦୁଃଖିତ ମୁଗାମ୍ବୋ !

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଭଞ୍ଜନଗର(ଭାସ୍କର ନ୍ୟୁଜ୍): ପିଏମ ଶ୍ରୀ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ମୁଜାଗଡର ବାର୍ଷିକ ଉତ୍ସବ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ବୈଜୟନ୍ତୀମାଳା ପ୍ରିୟଦର୍ଶିନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ରୂପେ ସାଂସଦ ପ୍ରତିନିଧ ଶିବଶଙ୍କର ପ୍ରଧାନ, ମୁଜାଗଡ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଧୋବା ଗୌଡ଼, ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଚେୟାରପର୍ସନ ସୁନୀତା ବରଡ, ମୁଜାଗଡ ଆଞ୍ଚଳିକ ସାଧନ କେନ୍ଦ୍ର ର ସି.ଆର.ସି.ସି ଶ୍ରୀ ସୁଶାନ୍ତ କୁମାର ସାହୁ ଏବଂ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅର୍ଥନୀତି ବିଭାଗର ଅତିଥି ଅଧ୍ୟାପକ ତଥା ଅବସରପ୍ରାପ୍ତ ରିଡର ରବୀନ୍ଦ୍ରନାଥ ପାଳ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଅନ୍ୟାନ୍ୟ ସଦସ୍ୟମାନଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଛାତ୍ର ଓ ଛାତ୍ରୀମାନଙ୍କ ବୌଦ୍ଧିକ ବିକାଶରେ ଶିକ୍ଷକ ଓ ଅଭିଭାବକମାନଙ୍କ ସହଯୋଗ ସମପରିମାଣରେ ରହୁଥିବା ଅତିଥିମାନେ ପ୍ରକାଶ କରିଥିଲେ । ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ବିଦ୍ୟାଳୟର ରୂପରେଖ ବଦଳିଥିଲେ ମଧ୍ୟ ତା'ର କାର୍ଯ୍ୟକାରିତା ଛାତ୍ରଛାତ୍ରୀଙ୍କ ମାନସିକ ପରିବର୍ତ୍ତନ ଉପରେ ନିର୍ଭର କରିଥାଏ ବୋଲି ସାଂସଦ ପ୍ରତିନିଧ ମତବ୍ୟକ୍ତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ରାଇଜିଙ୍ଗ ଇଣ୍ଡିଆ କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ସହିତ ଛାତ୍ରଛାତ୍ରୀମାନଙ୍କୁ ଉନ୍ନତ ତଥା ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଇପାରିବ ବୋଲି ରିଡର୍ ଶ୍ରୀପାଳ ମତ ରଖିଥିଲେ । ବିଦ୍ୟାଳୟରେ ବୃତ୍ତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇଥିଲା। ପରିଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ଉଷାରାଣୀ ଦାସ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ସିରେଇ ତିପୁରି ରାସ୍ତା ଅବସ୍ଥା ଶୋଚନୀୟ



କଣାସ(ଭାସ୍କର ନ୍ୟୁଜ୍): କଣାସ ବ୍ଲକ ସିରେଇ ଗ୍ରାମପଞ୍ଚାୟତର ସିରେଇ ତିପୁରୀ ୨ କିମି ଗ୍ରାମ୍ୟ ଉନ୍ନୟନ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଥିବାରୁ ଯାନବାହନ ଯିବା ଦୂରେ ଥାଉ ପାଦରେ ଚାଲିକରି ଯିବା ମଧ କଷ୍ଟସାଧ୍ୟ ହୋଇପଡୁଛି । ଅସରାଏ ବର୍ଷା ହୋଇଗଲେ ଖାଲଗୁଡିକରେ ବର୍ଷା ଜଳ ଜମିଯିବାରୁ ବାରମ୍ବାର ଦୁର୍ଘଟଣାମାନ ଘଟୁଛି । ରାସ୍ତା ମରାମତି ସଂପର୍କରେ ତିପୁରୀ ଗ୍ରାମବାସୀ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ସେମାନେ କାହିଁକି ନିରବ ରହୁଛନ୍ତି ଗ୍ରାମବାସୀଙ୍କ ମନରେ ବିସ୍ମୟ ସୃଷ୍ଟି କରିଛି । ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ କଣାସରେ ଥିଲେ ମଧ୍ୟ ଦିନେ ହେଲେ ଖୋଲୁନାହିଁ । ଉଚ୍ଚ ସହକାରୀ ଯନ୍ତ୍ରୀଙ୍କ ସହିତ ଫୋନ ମାଧ୍ୟମରେ ଯୋଗାଯୋଗ କଲେ ମଧ୍ୟ ସେ ଫୋନ କଲ ଗ୍ରହଣ କରୁ ନାହାଁନ୍ତି । ଦଣ୍ଡ ଉପବାସ କରିଥିବା ଭଗତାମାନେ ଏହି ରାସ୍ତା ଦେଇ ମନ୍ଦିରକୁ ଯାଉଥିବାରୁ ବର୍ଷା ଯୋଗୁ ଖାଲଖମାରେ ପାଣି ଭର୍ତ୍ତି ହେଉଥିବାରୁ ଯିବାରେ ଅସୁବିଧା ହେତୁ ଖାଲଖମାରୁ ବର୍ଷାଜଳ ବୋହି ବାହାର କରୁଛନ୍ତି ।

## ବିପଦ ସଙ୍କୁଳ ଅବସ୍ଥାରେ ପୌରପାଳିକା ମାର୍କେଟ କମ୍ପ୍ଲେକ୍ସ

### ଘୋଷଣା ପରେ ବି ଚାଲିଛି ବ୍ୟବସାୟ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝରଗଡ ପୌରପାଳିକା ଅଧିନରେ ଥିବା ଗାନ୍ଧୀ ମାର୍କେଟ ଏବେ ଅତ୍ୟନ୍ତ ଅବହେଳିତ ଓ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି । ୧୯୮୫ ମସିହାରେ ହାତିଆଟାଙ୍ଗର ବୀରବର ପୁର ମୌଜାର ଖାନା ନମ୍ବର ୧୩୭ ପ୍ଲଟ ନମ୍ବର ୬୭୫, ୬୭୬, ୬୭୭,୬୭୮ ରେ ଥିବା ୧ ଏକର ୧୨ ଡିସିମିଲ ଏକ ପୋଖରୀ ଏବଂ ପୋଖରୀ ଆଡିକୁ ପୋତାଯାଇ ତା' ଉପରେ ଏହି ପୌରପାଳିକା ପକ୍ଷରୁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଥିଲେ ମଧ ଏହା ଏବେ ଜରାଜୀର୍ଣ୍ଣ ବିପଦସଙ୍କୁଳ ଅବସ୍ଥାରେ ରହିଛି । ପୂର୍ବରୁ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ମାର୍କେଟ କମ୍ପ୍ଲେକ୍ସକୁ ଭାଙ୍ଗି ଏକ ଅତ୍ୟାଧୁନିକ ସପିଂ ମଲ୍ ନିର୍ମାଣ କରାଯିବା ପାଇଁ ଯୋଜନା କରାଯାଇଥିଲେ ମଧ ତାହା କାର୍ଯ୍ୟକାରୀ ହୋଇ ପାରିନଥିଲା । ବର୍ତ୍ତମାନ ଏହି ମାର୍କେଟ କମ୍ପ୍ଲେକ୍ସକୁ ଭାଙ୍ଗି ନୂତନ ଏକ ଅତ୍ୟାଧୁନିକ ସପିଂ ମଲ୍ କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନ କରିବା ପାଇଁ ଦାବି ହେଉଛି । ଏନେଇ ପୌର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକଙ୍କ ସହ ଯୋଗାଯୋଗ କରିବାରୁ ଏହି ସ୍ଥାନଟି ଜଳାଶୟ ଦୁଇ ଏବଂ ପୋଖରୀ ଆଡି କିସମ ଥିବାରୁ ନୂତନ ମାର୍କେଟ କଂପ୍ଲେକ୍ସ ନିର୍ମାଣ ହୋଇ ପାରୁନାହିଁ । ଏହି ସ୍ଥାନରେ ବର୍ତ୍ତମାନ ଜଳାଶୟ ନଥିବାରୁ ଜମିର କ୍ଲାସିଫିକେସନ ପରିବର୍ତ୍ତନ ପାଇଁ ଚିଠି ନମ୍ବର ୧୨୧୯ରେ ସଦର ତହସିଲଦାରଙ୍କୁ ଚିଠି କରାଯାଇଛି । ଜମିର କ୍ଲାସିଫିକେସନ ପରିବର୍ତ୍ତନ ହେଲେ ଉକ୍ତ ସ୍ଥାନରେ ଅତ୍ୟାଧୁନିକ ଶୈଳୀରେ ମଲଟି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବ। ଦୀର୍ଘ ୪୦ ବର୍ଷ ତଳେ ନିର୍ମାଣ ହୋଇଥିବା ଗାନ୍ଧୀ ମାର୍କେଟ କଂପ୍ଲେକ୍ସ ଆବଶ୍ୟକୀୟ ରକ୍ଷଣାବେକ୍ଷଣ ଏବଂ ମରାମତି ଅଭାବରୁ ମାର୍କେଟରେ ଥିବା ଏକାଧିକ ଘର ବର୍ତ୍ତମାନ ବିପଦସଂକୁଳ ଅବସ୍ଥାରେ ପଡି ରହିବା ସହ ଏହା ଯେକୌଣସି ସମୟରେ ଭାଙ୍ଗି ପଡିବାର ସମ୍ଭାବନା ସୃଷ୍ଟି କରିଛି । ପୂର୍ତ୍ତ ବିଭାଗ ପକ୍ଷରୁ ଏହି ଦୋକାନ ଘରକୁ ନୋଟିସ ସଂଖ୍ୟା ୫୭୯ ତା ୦୩. ୦୨.୨୦୧୬ରେ ବିପଦସଙ୍କୁଳ ଘୋଷଣା କରାଯାଇଛି । ବିପଦସଙ୍କୁଳ ଘୋଷଣା ପରେ ୯ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଦୋକାନ ଘରଗୁଡିକ ଚାଲିଛି । ଏପରିକି ଘରଗୁଡିକୁ ନଭାଙ୍ଗି ପୌରପାଳିକା ପକ୍ଷରୁ ଘରଭଡା ମଧ ଆଦାୟ ହେଉଛି। ଲୋକଙ୍କ ଧନଜୀବନ ସୁରକ୍ଷା ପାଇଁ ଘରଗୁଡିକୁ ଭାଙ୍ଗି ନୂତନ ଘର କରାନଯାଇ କିପରି ଦୀର୍ଘ ବର୍ଷ ହେବ ଅସୁରକ୍ଷିତ ଭାବେ ଚାଲିଛି ତାହା ତଦନ୍ତ ସାପେକ୍ଷ। ବର୍ତ୍ତମାନ ଏହି ସ୍ଥାନରେ ୪୦ଜଣ କୁକୁଡା, ଖାସି ଏବଂ ମାଛ ଦୋକାନୀଙ୍କ ସମେତ ମୋଟ ୮୦ଜଣ ବ୍ୟବସାୟ କରୁଛନ୍ତି । ବର୍ତ୍ତମାନ ଏହି ମାର୍କେଟ କମ୍ପ୍ଲେକ୍ସକୁ ତୁରନ୍ତ ଭଙ୍ଗାଯାଇ ଆବଶ୍ୟକୀୟ ଭାବରେ ଅତ୍ୟାଧୁନିକ ଶୈଳୀରେ ମଲ୍ ନିର୍ମାଣ ସହିତ ଏହାର ପରିବେଶ ପ୍ରତି ଦୃଷ୍ଟି ନଦେଲେ ଆଗାମୀ ଦିନରେ ଯେକୌଣସି ଦୁର୍ଘଟଣାକୁ ଏଡାଇ ହେବ ନାହିଁ ବୋଲି ମତପୋଷଣ ହୋଇଛି । ସଂପ୍ରତି କେନ୍ଦୁଝରଗଡ ପୌରପାଳିକା ଦ୍ୱାରା ଏହି ଗାନ୍ଧୀ ମାର୍କେଟ ନିୟନ୍ତ୍ରିତ ହେଉଥିବାବେଳେ ପୌରପାଳିକା କର୍ତ୍ତୃପକ୍ଷ ୦୧.୧୧.୨୦୨୦ ସୁଦ୍ଧା ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ କୌଣସି ବ୍ୟତିକ୍ରମ ହେଲେ ୦୨.୧୧.୨୦୨୦ରେ ପୌର ନିୟମ ଅନୁଯାୟୀ ପଦକ୍ଷେପ ନିଆଯାଇ ଉଚ୍ଛେଦ କରାଯିବ ବୋଲି ତତ୍କାଳୀନ ନିର୍ବାହୀ ଅଧିକାରୀ ଆଦେଶ କରିଥିଲେ । ଅତି ଅସ୍ୱାସ୍ଥ୍ୟକର ଏବଂ ପୂତିଗନ୍ଧମୟ ପରିବେଶ ମଧ୍ୟରେ ମାର୍କେଟ କମ୍ପ୍ଲେକ୍ସଟି ରହିଥିବାରୁ ଏହା ମଧ୍ୟକୁ ସାଧାରଣ ଲୋକେ ଯିବାକୁ ନାକ ଟେକୁଛନ୍ତି । ଅପରପକ୍ଷରେ ଏହା ଡେଙ୍ଗୁ ଓ ମ୍ୟାଲେରିଆ ମଶାଙ୍କ ପାଇଁ ଏକ ନିରାପଦ ସ୍ଥଳ ହୋଇଥିବାବେଳେ ବିପୁଳ ଅର୍ଥ ବ୍ୟୟ ସତ୍ତ୍ୱେ ପୌରପାଳିକା ଏଠାରୁ ବିଶେଷ ରାଜସ୍ୱ ପାଇପାରୁନାହିଁ ।

## ଇମାମନଗର ହିଙ୍ଗୁଳା ଯଜ୍ଞ ଉଦ୍‌ଯାପିତ



ଧର୍ମଶାଳା(ଭାସ୍କର ନ୍ୟୁଜ୍): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ଅନ୍ତର୍ଗତ ଇମାମନଗର ଗ୍ରାମରେ ଅନୁଷ୍ଠିତ ହୋଇଥିବା ତିନିଦିନ ବ୍ୟାପି ୪୫ତମ ମା ହିଙ୍ଗୁଳା ଯଜ୍ଞ ରବିବାର ଦିନ ଉଦଯାପିତ ହୋଇଯାଇଛି । ଏହି ଅବସରରେ ହୋମ, ଯଜ୍ଞ, ସୂର୍ଯ୍ୟ ପୂଜା, ଗୋ ପୂଜା, ବସୁଧା ମା ପୂଜା ଓ କଳସ ଯାତ୍ରା ଅନୁଷ୍ଠିତ ହୋଇ ଶେଷରେ ବିଶ୍ୱ କଲ୍ୟାଣ ପାଇଁ ପୂର୍ଣ୍ଣ ଆହୁତି ଦିଆ ଯାଇ ଯଜ୍ଞ ସମାପନ ହୋଇଛି । ଏହି ତ୍ରିଦିବସୀୟ ଯଜ୍ଞରେ ଅଭିଜ୍ଞତା ସମ୍ପନ୍ନ ପଣ୍ଡିତଗଣ ଯୋଗ ଦେଇଥିଲେ । ଏହି ଅବସର ରେ ତିନି ଦିନ ବ୍ୟାପି ସାସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ହିଙ୍ଗୁଳା ଯଜ୍ଞରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କଂଗ୍ରେସ ନେତା କିଶାନ ପଣ୍ଡା, ମାନସ ରଂଜନ କର, ବିଜେପି ଯୁବ ସଂଗଠକ ରାକେଶ କୁମାର ନାୟକ ପ୍ରମୁଖ ଯୋଗ ଦେଇ ମା'ଙ୍କ ଆଶୀର୍ବାଦ ନେଇଥିଲେ । ଉକ୍ତ ଯଜ୍ଞ ଶାନ୍ତି ଶୃଙ୍ଖଳାରେ ସମାପନହୋଇ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ତ୍ରିଲୋଚନ ଜେନା, ସମାଜସେବୀ ଦେବବ୍ରତ ରାଉତ, ବିକ୍ରମ ଜେନା ଓ ଗାଁ ର ଶତାଧିକ ଯୁବ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ ।

## ବିଶ୍ୱଶାନ୍ତି ମହାଯଜ୍ଞ



କଣ୍ଟାପଡା (ଭାସ୍କର ନ୍ୟୁଜ୍): କଣ୍ଟାପଡା ବ୍ଲକ ଡ଼ିମିରି ପଂଚାୟତ କୁସୁନପୁର ଗ୍ରାମରେ ଥିବା ସିଦ୍ଧ ମହାବୀରଙ୍କ ପୀଠରେ ୨୧ ତମ ବିଶ୍ୱ ଶାନ୍ତି ମାହାଯଜ୍ଞ ଆରମ୍ଭ ହୋଇଛି। ଏହି ଯଜ୍ଞ ରେ କର୍ତ୍ତା ଭାବେ ବ୍ରଜ କିଶୋର ଚୌଧୁରୀ,ମାଳବିକା ଦାଶ, ହିମାଂଶୁ ବିଶ୍ୱାଳ, ନିମାଇଁ ଚରଣ ବିଶ୍ୱାଳ, ପୂର୍ତ୍ତି ଚୌଧୁରୀ,ଜଗଦୀଶ ବିଶ୍ୱାଳ ଓ ଶତାଧିକ ଗ୍ରାମବାସୀଙ୍କ ଦ୍ୱାରା ଯଜ୍ଞ ଧୂମଧାମ ରେ ଅନୁଷ୍ଠିତ ହୋଇଛି। ଶହ ଶହ ଭକ୍ତ ଙ୍କ ସମାଗମ ହେଉଛି। ୨୧ ବର୍ଷ ହେଲା ଗ୍ରାମବାସୀ ଙ୍କ ପକ୍ଷରୁ ଏହି ଯଜ୍ଞ ଅନୁଷ୍ଠିତ ହେଉଛି।

## ଓଡିଆ ନବବର୍ଷ ଓ ମହାବୀର ଜୟନ୍ତୀ ପାଳିତ

**ଭାଙ୍ଗପଣା ନିଆରା ପରମ୍ପରା**



କଣାସ(ଭାସ୍କର ନ୍ୟୁଜ୍): ସାରା ରାଜ୍ୟରେ ଓଡିଆ ନବବର୍ଷ ତଥା ହନୁମାନ ଜନ୍ମ ଉତ୍ସବ ମହାସମାରୋହରେ ପାଳିତ ହେଉଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ପୁର ପଲ୍ଲୀରେ ଆଜି ଓଡିଆ ନବ ବର୍ଷ ଉପଲକ୍ଷେ ପୂଜା ଅର୍ଚ୍ଚନା ଚାଲିଛି। ଏହି ଅଭସରରେ କାତପଡା, ତ୍ରିଲୋଚନପୁର, ମନ୍ଦାରବସ୍ତ, ଚାନ୍ଦପଡା. ସହନା, କଣାସ, ଦୋକନ୍ଦା, ବଡାସ, ସାହୁପଡା, ସାହସପୁର, ସାନଓରା ଗ୍ରାମରେ ଥିବା ହନୁମାନ ମନ୍ଦିରରେ ପ୍ରଭାତରୁ ଭକ୍ତମାନଙ୍କ ଗହଳି ଲାଗିରହିଛି । ବିଶେଷ କରି କାତପଡା,ସାହୁପଡା,ମନ୍ଦାରବସ୍ତ ହନୁମାନଙ୍କ ମନ୍ଦିରରେ ଶହ ଶହ ସଂଖ୍ୟାରେ ଭକ୍ତ କଦଳୀ, କ୍ଷିର, ଛେନା, ନବାତ, ଗୋଲମରିଚ ଗୁଣ୍ଡ,ସେଓ,ଅଙ୍ଗୁର,ଗୁଜୁରାତି ଗୁଣ୍ଡ,ବଟା ଭାଙ୍ଗ ପକାଇ ପଣା କରି ମହାବୀରଙ୍କୁ ଲାଗି କରିବା ପରେ ପ୍ରସାଦ ଭାବେ ସେବନ କରୁଛନ୍ତି ଓ ବିଭିନ୍ନ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

## ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ

ଧର୍ମଶାଳା (ଭାସ୍କର ନ୍ୟୁଜ୍): ଜେନାପୁର ପୋଲିସ୍ ଶନିବାର ରାତିରେ ପେଟ୍ରୋଲିଂ କରୁଥିବା ବେଳେ ଆଜି ଭୋର୍ ସମୟରେ ମାଳହାଟ ନିକଟରୁ ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍‌କୁ ଜବତ କରିଛି । ଓଆର୍୦୪ ସି ୮୨୧୬ ନମ୍ବର ଟ୍ରକ୍ ବେଆଇନ୍ ଭାବେ ମାଙ୍କଡ଼ା ପଥର ବୋଝେଇ କରି ମାଳହାଟ ଯାଉଥିବା ବେଳେ ପୋଲିସ୍ ସନ୍ଦେହରେ ପିଛା କରିଥିଲା । ମାତ୍ର ଟ୍ରକ୍ ଡ୍ରାଇଭର ଜାଣି ଟ୍ରକ୍ ଛାନି ଫେରାର୍ ହୋଇଯାଇଥିଲା । ପୋଲିସ୍ ଜବତ ଗାଡ଼ିକୁ ଚଢ଼େଇଧରା ଫାଣ୍ଡିରେ ଅଟକ ରଖି ଏକ କେଶ୍ ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବ ଜେନାପୁର ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି ।

## ବଜରଙ୍ଗ ଦଳର ହନୁମାନ ଜୟନ୍ତୀ ଶୋଭାଯାତ୍ରା



କଣାସ(ଭାସ୍କର ନ୍ୟୁଜ୍): ସାରା ରାଜ୍ୟରେ ଆଜି ହନୁମାନଙ୍କ ଜୟନ୍ତୀ ଧୂମଧାମରେ ପାଳିତ ହେଉଥିବା ବେଳେ କଣାସ ବ୍ଲକର ବଜରଙ୍ଗ ଦଳ ପକ୍ଷରୁ ବହୁ ଉତ୍ତାପ ସତ୍ତ୍ୱେ ଦୋକନ୍ଦା ମେଳଣ ପଡିଆ ଠାରୁ ଏକ ଶୋଭାଯାତ୍ରା ବାହାରି ଗୋଲାବଜାର,ବସଷ୍ଟାଣ୍ଡ,ମା କୁଞ୍ଜେଶ୍ୱରୀ ଛକ,ବାଲିଘାଇ ଥାନା ଛକ,କଣାସ କଲେଜ ଛକ, ଚାନ୍ଦପଡା, ନୂଆପଡା, ମାନପୁର, ଗାଉପଡା, ରାଣୀପଡା, ବେଲପଡା, ଚଞ୍ଚେଇପଡା, ନୀଳକଣ୍ଠପୁର ଦେଇ କାତପଡା ମହାବିର ମନ୍ଦିରଠାରେ ଦୀର୍ଘ ୫ କିମି ଅତିକ୍ରମ କରି ପୂଜା ଅର୍ଚ୍ଚନା କରିଥିଲେ । ଶାନ୍ତିଶୃଙ୍ଖଳା କରିବା ପାଇଁ କଣାସ ଥାନା ଆଇଆଇସି ପ୍ରଦୀପ କୁମାର ଜୁଝାରସିଂହ ଓ ଥାନାର ସମସ୍ତ କର୍ମଚାରୀ ଅସହ୍ୟ ରୌଦ୍ରତାପ ସତେ ଶୋଭାଯାତ୍ରାରେ ଯାଇଥିଲେ ।

## ନୂତନ ବର୍ଷ ଓ ହନୁମାନ ଜୟନ୍ତୀ ପାଳିତ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବିଭିନ୍ନ ପଂଚାୟତ ରେ ଥିବା ହନୁମାନ ମନ୍ଦିର ସହିତ ବିଭିନ୍ନ ଦେବାଦେବୀଙ୍କ ପୀଠରେ ପବିତ୍ର ହନୁମାନ ଜୟନ୍ତୀ, ଓଡ଼ିଆ ନବବର୍ଷ ଓ ମହାବିଷୁବ ପଣାସଂକ୍ରାନ୍ତି ମହାସମାରୋହରେ ପାଳନ କରାଯାଇଛି। ହନୁମାନ ମନ୍ଦିର ସମେତ ବିଭିନ୍ନ ଦେବୀ ପୀଠ ଶହ ଅସ୍ତରଙ୍ଗ ଅଂଚଳ ଜଗତଜନନୀ ମା' ତାରିଣୀଙ୍କ ପୀଠରେ ସ୍ୱତନ୍ତ୍ର ଉତ୍ସବ ସାଙ୍ଗକୁ ରୀତିନୀତି ଅନୁସାରେ ପୂଜାପାଠ କରାଯାଇଛି। ଏହି ଅବସରରେ ହନୁମାନ ମନ୍ଦିର ନିକଟରେ ପୂଜକ ରୀତିନୀତି ଅନୁଯାୟୀ ପୂଜା ପାଠ ସହ ହୋମଯଜ୍ଞ, ହନୁମାନ ଚାଳିଶା ପାଠ କରିଥିଲେ। ଭକ୍ତମାନେ ବିଭିନ୍ନ ମନ୍ଦିର ବୁଲିବା ସହ ମନ୍ଦିର କମିଟି ତରଫରୁ ପାଚିଲା କଦଳୀ, ବେଲ, ଗୁଡ଼, ଚିନି, ଛେନା, ଆମ୍ବ, ନଡ଼ିଆ ଦହି ବିଭିନ୍ନ ପ୍ରକାର ପାଚିଲା ଫଳ ମିଶାଇ ସୁସ୍ୱାଦୁ ପଣା ପ୍ରସ୍ତୁତ କରି ରୀତିନୀତି ଅନୁଯାୟୀ ପୂଜା କରିବା ପରେ ଆସିଥିବା ଭକ୍ତଙ୍କୁ ବଣ୍ଟନ କରିଥିଲେ। ପବିତ୍ର ଓଡ଼ିଆ ନବବର୍ଷ ଓଡ଼ିଆ ପଞ୍ଜିକା ପୂଜକଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ପ୍ରତ୍ୟେକ ଓଡ଼ିଆ ଘରମାନଙ୍କ ରେ ଦାଣ୍ଡ ଅଗଣାରେ ରଙ୍ଗବେରଙ୍ଗ ମୁରୁଜରେ ଝୋଟି ଆଙ୍କି ନୂତନବର୍ଷକୁ ସ୍ୱାଗତ କରିଥିଲେ। ଅସ୍ତରଙ୍ଗ ବ୍ଲକର ଅସ୍ତରଙ୍ଗ ଭଗବତୀ ପୀଠ, ତାରିଣୀ ମନ୍ଦିର, ନଗର ହନୁମାନ ମନ୍ଦିର, ନଈଗୁଆଁ ହନୁମାନ ମନ୍ଦିର, ସମେତ ବିଭିନ୍ନ ମନ୍ଦିରରେ ଧୂମଧାମରେ ପୂଜାର୍ଚ୍ଚନା ହୋଇଥିଲା। ଓଡ଼ିଆ ପରମ୍ପରାରେ ଏହି ଦିନକୁ ପ୍ରତିଟି ଓଡ଼ିଆ ପାଳନ କରିଥାଏ। ଏକ ଛୋଟ ମାଠିଆରେ ପଣା ରଖି ତୁଳସୀ ଚଉରା ମୂଳରେ ବାନ୍ଧି ଦିଆଯାଏ। ମାଠିଆରେ ଥିବା ଛୋଟ ରନ୍ଧ୍ର ଦେଇ ଧୀରେ ଧୀରେ ପାଣି ଝରେ ଯାହା ବର୍ଷାକୁ ସୂଚାଇଥାଏ, ଏହି ଠେକିକୁ ବସୁନ୍ଧରା ଠେକି କୁହାଯାଏ।

## ଟାଟାଷ୍ଟିଲ କଳିଙ୍ଗନଗର ପକ୍ଷରୁ ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳିତ



ବ୍ୟାସନଗର(ଭାସ୍କର ନ୍ୟୁଜ୍): ଜୀବନ ଓ ସମ୍ପତ୍ତି ରକ୍ଷା କରିବାରେ ସର୍ବୋଚ୍ଚ ବଳିଦାନ ଦେଇଥିବା ବୀର ଅଗ୍ନିଶମ ବାହିନୀକୁ ଶ୍ରଦ୍ଧାଞ୍ଜଳି ଓ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗର ଠାରେ ସୋମବାର 'ଜାତୀୟ ଅଗ୍ନିଶମ ସେବା ସପ୍ତାହ'ର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଅଗ୍ନିଶମ ସେବା ସପ୍ତାହର ଏହି ଉଦଘାଟନୀ ଉତ୍ସବରେ ଟାଟା ଷ୍ଟିଲ କଳିଙ୍ଗନଗର (ଟିଏସକେ) ଏବଂ ଟାଟା ଷ୍ଟିଲ ମେରମଣ୍ଡଳୀ (ଟିଏସଏମ)ର ମୁଖ୍ୟ ସୁରକ୍ଷା ପ୍ରକାଶ ସଞ୍ଜୟଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାରଖାନା ପରିସରରେ ଥିବା ସେଣ୍ଟ୍ରାଲ୍ ଫାୟାର ଷ୍ଟେସନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଟାଟା ଷ୍ଟିଲ କଳିଙ୍ଗନଗରର ସୁରକ୍ଷା ବିଭାଗ ସଂଯୋଜନା କରିଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧିକାରୀ ଅଗ୍ନି ନିରାପତ୍ତା ପାଇଁ ଶପଥ ନେବା ପରେ ଅଗ୍ନିଶମ ନିରାପତ୍ତା ଓ ଉଦ୍ଧାର କାର୍ଯ୍ୟକୁ ଅଗ୍ନି ନିରାପତ୍ତା ଓ ଉଦ୍ଧାର କର୍ମୀଙ୍କ ଦ୍ୱାରା ଏକ ଉଚ୍ଚସ୍ତରୀୟ ଅଗ୍ନିନିର୍ବାପକ ଅଭ୍ୟାସ ଓ ଉଦ୍ଧାର କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସପ୍ତାହବ୍ୟାପୀ ପାଳନ ହେବ। ଏଥିରେ କମ୍ପାନୀ କର୍ମଚାରୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକଙ୍କ ପାଇଁ କୁଇଜ୍, ସଚେତନତା କାର୍ଯ୍ୟକ୍ରମ, ସୂଚନା ଲିଫ୍ଲେଟ୍ ବଣ୍ଟନ ସମେତ ବିଭିନ୍ନ କାର୍ଯ୍ୟକ୍ରମ ରଖାଯାଇଛି। ପ୍ରତିବର୍ଷ ଏପ୍ରିଲ ୧୪ ତାରିଖରେ ପାଳନ କରାଯାଉଥିବା ଏହି ଜାତୀୟ ଅଗ୍ନିଶମ ସେବା ଦିବସରେ ଅଗ୍ନିଶମ କର୍ମଚାରୀଙ୍କ ଦୃଷ୍ଟାନ୍ତମୂଳକ ସାହସିକତା ଏବଂ ଅତୁଟ ସମର୍ପଣକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥାଏ। ବିଶେଷକରି ୧୯୪୪ ମସିହାରେ ମୁମ୍ବାଇ ବନ୍ଦରରେ ଘଟିଥିବା ଦୁଃଖଦ ଏସ୍ ଏସ୍‌ଫୋର୍ଟ ଷ୍ଟିକିନ ଘଟଣାର ସ୍ମୃତିରେ ଜାହାଜ ବିସ୍ଫୋରଣ ଯୋଗୁଁ ହୋଇଥିବା ଭୟଙ୍କର ଅଗ୍ନିକାଣ୍ଡରେ ଅନେକ ଅଗ୍ନିଶମ କର୍ମଚାରୀ ପ୍ରାଣ ହରାଇଥିଲେ। ଯେଉଁମାନେ ଅତ୍ୟଧିକ ବିପଦର ସମ୍ମୁଖୀନ ହୋଇ ଅସାଧାରଣ ସାହସ ପ୍ରଦର୍ଶନ କରିଥିଲେ। ଡ୍ୟୁଟି ସମୟରେ ଅଗ୍ନିଶମ କର୍ମଚାରୀଙ୍କ ବଳିଦାନକୁ ଏହି ଦିବସ ସ୍ମରଣ କରାଇଥାଏ।

## ଗଞ୍ଜାମର ପ୍ରସିଦ୍ଧ ଦଣ୍ଡନାଚ ଉଦ୍‌ଯାପିତ



**ମେରୁ ଯାତ୍ରାରେ ସ୍ଥାନେ ସ୍ଥାନେ ପଣା ବଣ୍ଟନ**

ପୁରୁଷୋତ୍ତମପୁର(ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ର ପ୍ରସିଦ୍ଧ ଦଣ୍ଡ ନାଚ ଆଜି ପବିତ୍ର ମହା ବିଷୁବ ସଂକ୍ରାନ୍ତି ରେ ଉଦଯାପିତ ହୋଇଯାଉଛି । ୨୧ ଦିନ ସାରା ଗଞ୍ଜାମ ଜିଲ୍ଲାରେ ଭ୍ରମଣ କରି ମାନସିକ ଧାରିଙ୍କ ଦାଣ୍ଡ ସମ୍ମୁଖରେ ଧୁଳି ଦଣ୍ଡ, ,ରାତ୍ରରେ ଅଗ୍ନି ଦଣ୍ଡ, ପାରେ ଦଣ୍ଡ ନୃତ୍ୟ କରି ମାନସିକଧାରୀଙ୍କ ମନୋବାଞ୍ଛା ପୂରଣ କରିଥାନ୍ତି । ଦଣ୍ଡ ନୃତ୍ୟ ବାହାରିଲେ ସାରା ଜିଲ୍ଲା ମା' ଦଣ୍ଡ କାଳୀଙ୍କୁ ଭଜ ହେ ନାରା ସହ ଢୋଲ, ମହୁରୀ, ଗିନି, ଘଣ୍ଟ ଶବ୍ଦର ପ୍ରକମ୍ପିତ ରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ । ଚୈତ୍ର ମାସରେ ମେରୁ ସଂକ୍ରାନ୍ତୀ ଦିନ ତାହା ସମାପନ ହୁଏ । ମେରୁ ସଂକ୍ରାନ୍ତୀରେ ପାଟ ଭୁକୁତାକୁ ମେରୁ ଖୁଣ୍ଟରେ ଝୁଲାଇ ମେରୁପର୍ବ ପାଳନ ଦେଖିବା ପାଇଁ ହଜାର ହଜାର ଭକ୍ତ ଉକ୍ତ ସମୟକୁ ଚାହିଁ ବସିଥାନ୍ତି । ସହରରେ ଚାରି ଗୋଟି ଦଣ୍ଡ ନୃତ୍ୟ ଦଳ ଥିବାରୁ ହଜାର ହଜାର ଲୋକ ମେରୁ ଯାତ୍ରା ଦେଖିବାକୁ ଆସିଥାନ୍ତି । ପୁରୁଷୋତ୍ତମପୁର ଗୌଡ଼ ପାଟ ମେରୁ ପର୍ବରେ ଜନ ଗହଳିର ପ୍ରବଳ ଭିଡ଼ ହେବା ନଜରରେ ରଖି । ସ୍ୱତନ୍ତ୍ର ଭାବେ ଅନ୍ନ ପ୍ରସାଦ ସେବନ ର ବ୍ୟବସ୍ଥା କରିଥିଲେ। ପଣା ସଂକ୍ରାନ୍ତି ଯୋଗୁ ସହରର ସ୍ଥାନେ ସ୍ଥାନେ ଦାତା ମାନଙ୍କ ଦ୍ୱାରା ପଣା ବଣ୍ଟନର ବ୍ୟବସ୍ଥା କରିଥିଲେ। ମା' କନକା ଅଟୋ ମୋବାଇଲ ସଙ୍ଘ ତତଫରୁ କାଳୀମନ୍ଦିର ଛକ ଓ କଲେଜ ଛକ ଠାରେ ପଣା ବଣ୍ଟନ କରିଥିବା ବେଳେ , ମୋଟର ଗାଡି ଚାଳକ ସଂଘ ତରଫର ଗୋପାଳ ବନ୍ଧ ଛକ, ପୁଣି ସ୍ଥାନେ ସ୍ଥାନେ ବିଭିନ୍ନ ଅନୁଷ୍ଠାନ ତରଫର ପଣା ବଣ୍ଟନ କରିଥିଲେ । ଶ୍ରୀ ହନୁମାନ ଙ୍କ ଜୟନ୍ତୀ ଦିବସରେ ମନ୍ଦିର ପରିସରରେ ୧୦୮ ଚାଳିଶା ପାଠ କରି ଆଧାତ୍ମିକ ପରିବେଶକୁ ଦ୍ୱିଗୁଣିତ କରିଥିଲେ । ଏନଏସି ନଗର ପାଳ, ଆସ୍କା ସଂସଦୀୟ କ୍ଷେତ୍ର ବିଜେପି ସଙ୍ଗଠକ ଯଜ୍ଞ ନାରାୟଣ ଦାସ, କାଉନସିଲର ଭାସ୍କର ବେହେରା, କାଉନସିଲର ପ୍ରତିନିଧି ବିଶ୍ୱ ଭୁଷଣ ମହାପାତ୍ର, ପ୍ରତିନିଧି ବିପ୍ର ବେହେରା, ଅଟୋ ସଂଘ ସଭାପତି ସଂଜୟ ଗୌଡ଼, ସଂଘ କାର୍ଯ୍ୟକାରି ସଭାପତି କେ. ବାଲେଶ୍ୱର ରାଓ, କୋଷାଧ୍ୟକ୍ଷ ଅରୁଣ ବେହେରା, ପୂର୍ବତନ କାଉନସିଲର ଈଶ୍ୱର ଗୌଡ଼, ରବି ମହାରଣା, କୋକିଳ ବେହେରା ଅନ୍ନ ପ୍ରସାଦ ବଣ୍ଟନ ଓ ପଣା ବଣ୍ଟନ କାର୍ଯ୍ୟକ୍ରମରେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।

## ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଅଚାନକ ମୃତ୍ୟୁ

ରଘୁନାଥପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକର ୪ର୍ଥ ଶ୍ରେଣୀ କର୍ମଚାରୀ ବିଜୟ ମଲ୍ଲିକଙ୍କର ସୋମବାର ଅଚାନକ ମୃତ୍ୟୁ ଘଟିଛି। ତାଙ୍କର ସାମାନ୍ୟତମ ଦେହ ଅସୁସ୍ଥଥିଲା ପରିବାର ଲୋକେ ତାଙ୍କୁ କଟକ ସ୍ଥିତ ଏକ ଘରୋଇ ମେଡିକାଲ କୁ ନେଇଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ବିଜୟ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତି ହୋଇଥିବାରୁ ଅଞ୍ଚଳରେ ଶୋକର ଛାୟାଖେଳିଯାଇଛି। ବିଜୟଙ୍କ ମୃତ୍ୟୁ ଖବର ପାଇ ସମିତି ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ରଘୁନାଥପୁର ସରପଞ୍ଚ ସୁଚିତ୍ରା ପଣ୍ଡା, ପ୍ରତିନିଧି ଚନ୍ଦ୍ରକାନ୍ତ ପଣ୍ଡା, ନ୍ୟାୟବ ସରପଞ୍ଚ ଶ୍ରୀନିବାସ ପଣ୍ଡା, ବିଡିଓ ବିରଞ୍ଚି ନାରାୟଣ ବେହେରା, ପୂର୍ବତନ ବିଡିଓ ନମିତା ବାରିକ, ଅତିରିକ୍ତ ବିଡିଓ ଜ୍ଞାନଦା ନାୟକ,ସେକ୍ସନ ଅଫିସର ବିଜୟ କୁମାର ମଲ୍ଲିକ, କ୍ୟାସିୟର ଭବେଶ ଚନ୍ଦ୍ର ବେହେରା,ଦୁଷ୍ମନ୍ତ ଦାସ, ପିଓ ସୁଚିତ୍ରା ନନ୍ଦ ପାଲ, ବିଭବ ଦାସ, ସୁନିଲ ମହାପାତ୍ର, ମନୋଜ ଭୋଇ ବିଜୟଙ୍କ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରି ବା ସହିତ ଶୋକ ସନ୍ତପ ପରିବାରଙ୍କୁ ସମବେଦନା ଜଣାଇଥିଲେ। ଶେଷରେ ତାଙ୍କ ମରାଶରୀର କୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉପଲକ୍ଷେ ପଣାବଣ୍ଟନ

ଭଞ୍ଜନଗର(ଭାସ୍କର ନ୍ୟୁଜ୍): ସୋମବାର ମହା ବିଷୁବ ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉପଲକ୍ଷେ ଭଞ୍ଜନଗର ଥାନା ପକ୍ଷରୁ ଥାନା ଛକରେ ଛେନା ପଣା ସହ ଲଡୁ ଥାନା ପକ୍ଷରୁ ବଣ୍ଟନ କରାଯାଇଛି। ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁଜିତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣା ବଣ୍ଟନ ଉଦଘାଟନ କରିଥିଲେ। ଏହା ସହ ନିଜେ ଏସଡିପିଓ ଶ୍ରୀ ନାୟକ ବାଟୋଇଙ୍କୁ ପଣା ଓ ଲଡୁ ବାଣ୍ଟିଥିଲେ। ଉକ୍ତକାର୍ଯ୍ୟକ୍ରମରେ ଥାନାଧିକାରୀ ଜୀବନାନନ୍ଦ ଜେନା, ଏସଆଇ ସମୀର କୁମାର ସେଠୀ, ଲକ୍ଷ୍ମୀଧର ମାହାନ୍ତି, ଲିପିନା ବିଶ୍ୱାଳ, ଏଏସଆଇ ସୁଶାନ୍ତ ପଟ୍ଟନାୟକ,କେ. ପ୍ରଶାନ୍ତ ରେଡି ସମେତ ଥାନା କର୍ମଚାରୀ ଉପସ୍ଥିତ ରହି ପଣା ବଣ୍ଟନରେ ସହଯୋଗ କରିଥିଲେ ।



ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର
ପୃଷ୍ଠା-୩
Page-3
ଭୁବନେଶ୍ୱର
Bhubaneswar
୧୫.୦୪.୨୦୨୫
15.04.2025




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୋମବାର ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର କେନ୍ଦ୍ରୀୟ କାର୍ଯ୍ୟାଳୟରେ ଓଡ଼ିଆ ନବବର୍ଷ ପାଳନ ହୋଇଯାଇଛି । ସମ୍ମିଳନୀର ସଦସ୍ୟ ସଦସ୍ୟା ମାନେ ପ୍ରଥମେ ନବବର୍ଷ ଉପଲକ୍ଷେ କବିତା ପାଠ କରିବା ପରେ ଅନୁଷ୍ଠିତ ବୈଠକରେ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିଲେ ଓ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିକ୍ଷାକ୍ଷେତ୍ର ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା ସଭା ପରିଚାଳନା କରିଥିଲେ । ଏହି ବୈଠକରେ ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ମଞ୍ଚେଶ୍ୱର ଶାଖା ସୁଗ୍ମ-ସମ୍ପାଦକ କ୍ଷୀରୋଦ ଶେଖର ଗଡନାୟକ ଓ ଅକ୍ଷୟ ଜେଠୀ, ସୁରଜିତ ପରିଡ଼ା, ଶଶି ଭୂଷଣ ଦାସ, ଧରଣୀଧର ରାଉତ, ପ୍ରିୟ ରଞ୍ଜନ ସାହୁ, ଅରୁଣ କୁମାର ବେହେରା, ନିତ୍ୟାନନ୍ଦ ନନ୍ଦ, ବାସନ୍ତୀ ତ୍ରିପାଠୀ, ଦିବ୍ୟାମୟୀ ନାୟକ, ଅନୁପମା ବେହେରା, ସରସ୍ୱତୀ ପାତ୍ର, ଶିବାନୀ ବେହେରା, ନାରାୟଣ ସୁତାର ଓ ରଜନୀକାନ୍ତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ମଞ୍ଚେଶ୍ୱର ଶାଖା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଧନ୍ୟବାଦ ପ୍ରଦାନ କରିଥିଲେ ।

### ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ପାଳିତ

# ସବୁଠି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପୂଜାର୍ଚ୍ଚନା



ଭୁବନେଶ୍ୱର/କଟକ(ଭାସ୍କର ନ୍ୟୁଜ): ମହାବିଷୁବ ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ଏବଂ ଓଡ଼ିଆ ନବବର୍ଷ ଟ୍ୱିନସିଟିରେ ଧୁମ୍‌ଧାମରେ ପାଳିତ ହୋଇଯାଇଛି । ହିନ୍ଦୁଧର୍ମର ଓଡ଼ିଆ ନବବର୍ଷ ମହାବିଷୁବ ସଂକ୍ରାନ୍ତିରୁ ଆରମ୍ଭ ହୋଇଥାଏ । ସମସ୍ତ ପଞ୍ଜିକା ମଧ୍ୟ ଏହିଦିନଠାରୁ କାର୍ଯ୍ୟକାରୀ କରାଯାଇଥାଏ । ତେଣୁ ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ଓଡ଼ିଆ ନବବର୍ଷକୁ ପ୍ରତ୍ୟେକ ହିନ୍ଦୁ ସମ୍ପ୍ରଦାୟର ଲୋକମାନେ ଧୁମ୍‌ଧାମରେ ପାଳନ କରିଥାନ୍ତି । ଚଳିତବର୍ଷ ଏହି ପର୍ବ ସୋମବାର ପାଳିତ ହୋଇଥିବାରୁ ପ୍ରତ୍ୟେକ ମଠ ଓ ମନ୍ଦିରରେ ସହରବାସୀଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ସକାଳୁ ରାତିତମାମ ଏହିସବୁ ମଠ ମନ୍ଦିରଗୁଡ଼ିକରେ ପୂଜାର୍ଚ୍ଚନା ଲାଗି ରହିବା ସହ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ସକାଳ ପ୍ରହରରେ ପ୍ରତ୍ୟେକ ଓଡ଼ିଆ ସାତ୍ତ୍ୱିକ ଧର୍ମରେ ମହାବୀର ମନ୍ଦିର ଅଭିମୁଖେ ଯାତ୍ରା କରି ପୂଜାର୍ଚ୍ଚନା କରିବା ସହ ହନୁମାନ ଚାଳିସା ପାଠ କରି ନିଜ ପରିବାର ଓ ରାଜ୍ୟ ତଥା ଦେଶର ମଙ୍ଗଳକାମନା କରିଥିଲେ । ଏଥିପାଇଁ ରାଜଧାନୀରେ ଥିବା ପ୍ରତ୍ୟେକ ହନୁମାନ ମନ୍ଦିରରେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ଏଥିସହ ବିଭିନ୍ନ ମନ୍ଦିରରେ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ସବୁଠି ମହାବୀର ହନୁମାନଙ୍କୁ ଆବାହନ କରିବା ସହ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ୧୦୮ ହନୁମାନ ଚାଳିଶା ପାଠ କରିଥିବା ଦେଖିବାକୁ ମିଳିଛି । ୟୁନିଟ୍-୩ ରାମମନ୍ଦିରଠାରୁ ଆରମ୍ଭ କରି ମାଷ୍ଟରକ୍ୟାଣ୍ଟିନ, ରାଜମହଲ, ଜଗନ୍ନା, ଶିଶୁଭବନ ଛକ, କଟକ ରୋଡ, ଲକ୍ଷ୍ମୀସାଗର, ଝାରପଡ଼ା, କିଳିପି କଲୋନୀ, ରସୁଲଗଡ଼, ନୟାପଲ୍ଲୀ, ଖଣ୍ଡଗିରି, ଚନ୍ଦ୍ରଶେଖରପୁର, ପଟିଆ ଆଦି ଅଞ୍ଚଳର ବିଭିନ୍ନ କଲୋନୀରେ ଥିବା ହନୁମାନ ମନ୍ଦିରଗୁଡ଼ିକରେ ଭକ୍ତଙ୍କ ପ୍ରବଳ ସମାଗମ ହେବା ସହ ସମସ୍ତେ ପୂଜାର୍ଚ୍ଚନାରେ ଲାଗି ପଡ଼ିଥିଲେ । ଏହିସବୁ ସ୍ଥାନଗୁଡ଼ିକରେ ଜନଗହଳିକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା । ରାଜ୍ୟରେ ପ୍ରାୟ ୨୦୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ସୂଚନା ମିଳିଛି । ଅପରପକ୍ଷରେ ଐତିହ୍ୟସମ୍ପନ୍ନ କଟକ ସହରରେ ମହାବିଷୁବ ସଂକ୍ରାନ୍ତି ବା ହନୁମାନ ଜୟନ୍ତୀ ଏବଂ ଓଡ଼ିଆ ନବବର୍ଷ ଉପଲକ୍ଷେ ବାଉନବଜାର ତେଲେଙ୍ଗା ଗଳିରେ ପାଳନ କରାଯାଇଥିବା ଦେଖିବାକୁ ମିଳିଛି । କଟକର ମହାନଦୀ କିନାରରେ ଥିବା ମହାବୀର ମନ୍ଦିରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଏହିପରି ଭାବେ ଟ୍ୱିନ୍‌ସିଟିରେ ମହାବିଷୁବ ସଂକ୍ରାନ୍ତି ଅର୍ଥାତ୍ ହନୁମାନ ଜୟନ୍ତୀ ଏବଂ ଓଡ଼ିଆ ନବବର୍ଷ ପାଳିତ ହୋଇଥିବା ଦେଖିବାକୁ ମିଳିଛି ।

## ରାଜଭବନରେ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତର ମହାନ ସମ୍ବିଧାନର ଜନକ ଭାରତ ରତ୍ନ ବାବାସାହେବ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ତ୍ୟାଗ ଓ ଆଦର୍ଶ ଦେଶ ପାଇଁ ସର୍ବଦା ଆଲୋକବର୍ତ୍ତିକା ହୋଇ ରହିବ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି କହିଛନ୍ତି । ସୋମବାର ରାଜଭବନର ଅଭିଷେକ ହଲ୍‌ଠାରେ ଡ. ଆମ୍ବେଦକରଙ୍କ ଜୟନ୍ତୀ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ଆମ୍ବେଦକରଙ୍କ ଚିତ୍ରପଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ରାଜ୍ୟପାଳ ଏହା କହିଛନ୍ତି । କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଯୋଗଜନ୍ମା ବାବାସାହେବ ଡ. ଆମ୍ବେଦକର ନବ ଭାରତର ଅନ୍ୟତମ ନିର୍ମାତା ଓ ଭାରତର ମହାନ ସମ୍ବିଧାନର ଜନକ । ଡ୍ରାଫ୍ଟ କମିଟିର ଅଧ୍ୟକ୍ଷ ଭାବେ ବିଶ୍ୱର ସର୍ବବୃହତ ସମ୍ବିଧାନ ପ୍ରଣୟନରେ ତାଙ୍କର ବିଚକ୍ଷଣତା, ତ୍ୟାଗ, ନିଷ୍ଠା ଓ ସମର୍ପଣ ତାଙ୍କୁ ଚିର ଅମର କରି ରଖିବ । ତତ୍କାଳୀନ ସମାଜରେ ରହିଥିବା ଅସମାନତା, ଅସ୍ପୃଶ୍ୟତା ଦୂର କରି ଏକ ଭେଦଭାବ ବିହୀନ ସମାଜ ଓ ଦେଶ ଗଠନ ପାଇଁ ଆମ୍ବେଦକର ଜୀବନତମାମ ସଂଗ୍ରାମ କରିଥିଲେ । ସାମାଜିକ ବୈଷମ୍ୟକୁ ଦୂର କରି ଏକ ସୁସ୍ଥ ଓ ଭେଦଭାବହୀନ ସମାଜ ଗଠନ ପାଇଁ ସମ୍ବିଧାନରେ ବ୍ୟବସ୍ଥା କରିବାରେ ଡ. ଆମ୍ବେଦକରଙ୍କ ଅବିସ୍ମରଣୀୟ ଭୂମିକା ରହିଥିଲା । ସମାଜର ଦଳିତ ଓ ପଛୁଆ ବର୍ଗଙ୍କ ସାମଗ୍ରିକ ବିକାଶ ନିମନ୍ତେ କେନ୍ଦ୍ର ସରକାର ତଥା ରାଜ୍ୟ ସରକାରମାନେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ପ୍ରଣୟନ କରିଥାନ୍ତି । ଡ. ଆମ୍ବେଦକରଙ୍କ ନୀତି, ଆଦର୍ଶ ଓ ଚିନ୍ତାଧାରାକୁ ଅନୁସରଣ କରିଛନ୍ତି ବୋଲି ରାଜ୍ୟପାଳ କହିଥିଲେ । ଆମ୍ବେଦକରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ ସମାଜ ଓ ଦେଶର ପ୍ରକୃତ ଉନ୍ନତି ସାଧନ ହୋଇପାରିବ ବୋଲି ରାଜ୍ୟପାଳ ଡ. କମ୍ଭମ୍ପାଟି କହିଥିଲେ । ଏହି କାର୍ଯ୍ୟକ୍ରମରେ ରାଜଭବନର ଅଧିକାରୀ / କର୍ମଚାରୀମାନେ ଯୋଗ ଦେଇଥିଲେ ।

## ଏଫ୍‌ଏଫ୍‌ସିର ମହାବିଷୁବ ମିଳନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୱାକର୍ସ୍ ଇଣ୍ଟରନେସନାଲ୍ ଦ୍ୱାରା ୨୦୨୩ ଓ ୨୦୨୪ ମସିହାରେ, ଓଡ଼ିଶା, ଛତିଶଗଡ଼ ଓ ପଶ୍ଚିମ ବଙ୍ଗ ରେଜିଅନରେ ଶ୍ରେଷ୍ଠକ୍ଲବ ମାନ୍ୟତା ପାଇଥିବା ପ୍ରାତଃ ଭ୍ରମଣକାରୀ ସଂଗଠନ ଫନ୍ ଆଣ୍ଡ ଫିଟନେସ୍ ୱାକରସ କ୍ଲବ, ଏନ୍-୩ ପାର୍କରେ ମହାବିଷୁବ ମିଳନ ଏବଂ ମହାବୀର ସଂକ୍ରାନ୍ତି ପାଳନ କରିଅଛି । ଆଜି ଠାରୁ ସୂର୍ଯ୍ୟ ବିଷୁବ ରେଖାରୁ ଉତ୍ତରାୟଣ ଗତି କରୁଥିବାରୁ ପ୍ରଚଣ୍ଡ ରୌଦ୍ରତାପର ପ୍ରଭାବ ଯୋଗୁ ପଣା, ପାଣିର ଆବଶ୍ୟକତା ଥିବାରୁ ମହାବିଷୁବ ମିଳନ ଆୟୋଜନ କରାଯାଇ ସମସ୍ତ ସଭ୍ୟ ଓ ପଥଚାରୀଙ୍କୁ ପଣାବଣ୍ଟନ ହୋଇଥିଲା ଏବଂ ଉପସ୍ଥିତ ଥିବା ସମସ୍ତ ସଭ୍ୟ ପକ୍ଷୀମାନଙ୍କ ପାଇଁ ନିଜ ଘର ଛାତରେ ମାଟି ପାତ୍ରରେ ପାଣି ଏବଂ ପଶୁମାନଙ୍କ ଉଦ୍ଦେଶ୍ୟରେ ରାସ୍ତା କଡ଼ରେ ପାଣିକୁଣ୍ଡ ସ୍ଥାପନ କରାଯିବ ବୋଲି କ୍ଲବର ସଭାପତି, ଆଶିଷ ପଟ୍ଟନାୟକ ପ୍ରକାଶ କରିଥିଲେ । ଆଜି ପାର୍କରେ ଓଡ଼ିଆ ନବବର୍ଷ ଓ ମହାବୀର ଜୟନ୍ତି ଉପଲକ୍ଷେ ମହାବିଷୁବ ମିଳନ କ୍ଲବର ସଭ୍ୟ ପୂର୍ବତନ ସଭାପତି କେଦାର ପଟ୍ଟନାୟକ, ସଂପାଦକ ସୁଧାକର ଷଡ଼ଙ୍ଗୀ, ବରିଷ୍ଠ ଉପଦେଷ୍ଟା ନିକୁ ଛୋଟରାୟ, ଭବାନୀ ପଟ୍ଟନାୟକ, ରିୟା ଖାନ, ପ୍ରଦୀପ ରାଉତ, ସୁରେନ୍ଦ୍ର ନାଥ ସେଠୀ, ବୈଷ୍ଣବ ଓଝା, ପ୍ରଦୀପ ପଣ୍ଡା, ସିର୍ଦ୍ଧାର୍ଥ ଚୌଧୁରୀ, ଅମିତା ଜେନା, ସଲମାନ ଖାନ, ପ୍ରେମାନନ୍ଦ ପୃଷ୍ଟି, ପ୍ରତାପ ରାଉତରାୟ, ମଧୁସ୍ମିତା ପ୍ରିୟଦର୍ଶିନୀ, ବାବୁରାମ ସେଠୀ, ସସ୍ମିତା ସାହୁ, ସତ୍ୟବ୍ରତ କାଳିଆ, ଅବନି ପଟ୍ଟନାୟକ, ଦୁର୍ଗା ସାହୁ, ବିନୋଦ ଜେନା, ଅଶ୍ୱିନୀ ପଟ୍ଟନାୟକ ସନ୍ତୋଷ ଗଡ଼ନାୟକ, ଡ଼ଃ ଗଂଗାଧର ସାହୁ, ଡ଼ଃ ଗୋବିନ୍ଦ ଦାସ ମୁନିରାମ ମୁଣ୍ଡାରୀ, ଅଜୟ ଦାସ, ଶ୍ରୀଲତା ଚୌଧୁରି, ଶିଶିର ଷଡ଼ଙ୍ଗି, ସାରଦା ପ୍ରସନ୍ନ କର ଅରବିନ୍ଦ ମହାପାତ୍ର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ତତ୍ତ୍ୱାବଧାନରେ ସଂପାଦିତ ହୋଇଛି ।

## ନମାମି ମନ୍ଦାକିନୀ ଉଦ୍‌ଘାଟିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଓଡ଼ିଶା ନାଗରିକ ମହାମଂଚ ଓ ନମାମି ମନ୍ଦାକିନୀ ପରିଷଦ ପକ୍ଷରୁ ନବବର୍ଷ, ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ପ୍ରାତଃ ସମୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସହିତ ରାଜଧାନୀରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିଠାରେ ନଡ଼ିଆ ବାଡ୍ଡେଇବା ସହିତ ଉତ୍କଳର ମହାନ କଳା, ସଂସ୍କୃତି, ପରମ୍ପରା ସଂକୀର୍ତନ ଦ୍ୱାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଭିଯାନର ଅଧ୍ୟକ୍ଷ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନା ଓ ସଂସ୍କୃତି ପୁରୁଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ସଭାପତିତ୍ୱରେ ନିଖିଳ ଉତ୍କଳ ଆଞ୍ଚଳିକ ସଂକୀର୍ତନ ହଟକେଶ୍ୱର ଖୋର୍ଦ୍ଧା ମଣ୍ଡଳ ପକ୍ଷରୁ ସଭାପତି ମାଧବ ବେହେରା ପ୍ରମୁଖ ପଦଯାତ୍ରା କରି ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

## ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ମାଲ୍ୟାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତରତ୍ନ ବାବାସାହେବ ଡଃ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଜି ଛକସ୍ଥିତ ଭାରତରତ୍ନ ଡଃ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମାଲ୍ୟାର୍ପଣ କରିଛନ୍ତି । ସମ୍ବିଧାନ ପ୍ରଣେତା ବାବାସାହେବଙ୍କୁ ଜଣେ ସମାଜ ସଂସ୍କାରକ, ଆଇନଜ୍ଞ, ଅର୍ଥନୀତିଜ୍ଞ ଓ ରାଷ୍ଟ୍ର ନିର୍ମାତା ଭାବେ ମୁଖ୍ୟମନ୍ତ୍ରୀ ଅଭିହିତ କରିଥିଲେ । ମାନସିକ ଦୃଢ଼ତା, ପ୍ରଜ୍ଞା, ସତ୍ୟ ନିଷ୍ଠାର ମୂର୍ତ୍ତିବନ୍ତ ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଦେଶ ଗଠନରେ ଆମ୍ବେଦକରଙ୍କ ତ୍ୟାଗର ସ୍ମୃତିଚାରଣ କରିଥିଲେ । ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ଯାଜପୁର ସାଂସଦ ଡ. ରବିନ୍ଦ୍ର ନାରାୟଣ ବେହେରା, ଏକାମ୍ର ବିଧାୟକ ବାବୁ ସିଂ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାବିତ ପ୍ରମୁଖ ଉପସ୍ଥିତ ରହି ମାଲ୍ୟାର୍ପଣ ପୂର୍ବକ ଆମ୍ବେଦକରଙ୍କ ସ୍ମୃତିଚାରଣ କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ବିଭାଗ ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡା, ଉପ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପବିତ୍ର ହନୁମାନ ଜୟନ୍ତୀର ଶୁଭକାମନା ଜଣାଇଲେ ନବୀନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପବିତ୍ର ହନୁମାନ ଜୟନ୍ତୀର ଶୁଭକାମନା ଜଣାଇଛନ୍ତି ନବୀନ ପଟ୍ଟନାୟକ । ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ପବିତ୍ର ହନୁମାନ ଜୟନ୍ତୀର ଶୁଭକାମନା ଜଣାଉଛି । ସଙ୍କଟମୋଚନଙ୍କ ଆଶୀର୍ବାଦରୁ ସଭିଙ୍କ ଜୀବନ ମଙ୍ଗଳମୟ ହେଉ ଏହାହିଁ କାମନା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ।

## ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜଣାଇଲେ କେଭି ସିଂହଦେଓ

ଭୁବନେଶ୍ୱର(ଭାସ୍କର ନ୍ୟୁଜ):ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ । ସୋସିଆଲ ମିଡିଆ ଏକ୍ସରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତିର ଶୁଭେଚ୍ଛା ଓ ଅଭିନନ୍ଦନ । ମହାପ୍ରଭୁ ଜଗନ୍ନାଥଙ୍କ କୃପା ଓ ଆଶୀର୍ବାଦରୁ ନବବର୍ଷଟି ସମସ୍ତଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ ଏହାହିଁ କାମନା କରିଛନ୍ତି କନକ ବର୍ଦ୍ଧନ ସିଂହଦେଓ ।

### କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଭେଟିଲା ବିଜେଇଏମ୍ ସ୍କୁଲ ଅଭିଭାବକ ସଂଘ

# ୨୪ ବର୍ଷର ଆର୍ଥିକ ଅନିୟମତା ନେଇ ଇଡି ତଦନ୍ତ ଦାବି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ରେଳ ଷ୍ଟେସନ ଭିଆଇପି ରୁମ୍‌ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ସାକ୍ଷାତ ସ୍କୁଲ ଅନିୟମିତତାର ଆଲୋଚନା କରିଛି ବିଜେଇଏମ ସ୍କୁଲ ଅଭିଭାବକ ସଂଘର ୫୦ ଜଣିଆ ପ୍ରତିନିଧି ଦଳ । ସ୍କୁଲ ଅଭିଭାବକ ସଂଘ ସଭାପତି ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ବହୁ ସଂଖ୍ୟାର ଅଭିଭାବକଙ୍କୁ ଦେଖି ସମସ୍ତଙ୍କ କଥା ଶୁଣି ଥିଲେ । ପ୍ରତ୍ୟେକ ବର୍ଷ ୨୦% ବେଆଇନ ଫି ବୃଦ୍ଧି ବନ୍ଦ ପାଇଁ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା । ପ୍ରତ୍ୟେକ ବର୍ଷ ୨୦% ଫି ବୃଦ୍ଧି କଥା ଶୁଣି ଆଶ୍ଚର୍ଯ୍ୟ ହୋଇ ପୂର୍ବ ଅଭିଯୋଗ ତଦନ୍ତ ସ୍ଥିତି ପଚାରି ଥିଲେ । ବିଧାୟକ ବାବୁ ସିଂ ନିଜେ ସ୍କୁଲ ଯାଇ ପ୍ରଥମ ପର୍ଯ୍ୟାୟ ଆଲୋଚନା କରିବା ସମ୍ପର୍କରେ ଅବଗତ ହୋଇଥିଲେ । ସିବିଏସ୍‌ସି ଗାଇଡଲାଇନକୁ ସ୍କୁଲ ମାନୁ ନଥିବାରୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଉଚ୍ଚସ୍ତରୀୟ ତଦନ୍ତ ସିବିଏସ୍‌ସି ଦ୍ୱାରା କରିବା ପାଇଁ ସଂଘ ମନ୍ତ୍ରୀଙ୍କୁ ଦାବି କରିଥିଲା । ଗୋଟିଏ ସ୍କୁଲ ଦୁଇଟି ପରିଚାଳନା ସୋସାଇଟର ସାର୍ବଜନିନ କରିବା ପାଇଁ ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ଦାବି କରାଯାଇଥିଲା । ଦୁଇଟି ସୋସାଇଟିର ସ୍କୁଲରେ କାମ କ'ଣ ବୋଲି ମନ୍ତ୍ରୀ ଜାଣିବା ପାଇଁ ଚାହିଁଥିଲେ ? ସ୍କୁଲ ଆରମ୍ଭ ୧୯୭୪ମସହାରେ ହୋଇଥିବା ବେଳେ ବକ୍ସି ଜଗବନ୍ଧୁ ଏଜୁକେସନ ସୋସାଇଟି ୧୯୮୪ରେ କାହିଁକି ଆସିଲା ବୋଲି ଓଲଟା ପ୍ରଶ୍ନ କରିଥିଲେ କେନ୍ଦ୍ରମନ୍ତ୍ରୀ ? ଏବେ ସୋସାଇଟି ଅଧିନରେ ସ୍କୁଲ ଚାଲୁଛି କିମିତି ? ମିଥ୍ୟା କାଗଜ ପତ୍ର ଜରିଆରେ କୋଟି କୋଟି ଟଙ୍କାର ମହାଦୁର୍ନୀତି ହେଇଥିବା ଅଭିଯୋଗ ଅଭିଭାବକ କରିବା ସହ ଇଡି ଦ୍ୱାରା ତଦନ୍ତ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି । କେନ୍ଦ୍ରମନ୍ତ୍ରୀ ଖୁବ୍‌ଶୀଘ୍ର ଦୃଷ୍ଟାନ୍ତ ମୂଳକ ପଦକ୍ଷେପର ପ୍ରତିଶୃତି ଦେଇଥିଲେ । ଦିଲ୍ଲୀ ଆସନ୍ତୁ ମୁଁ ଶିକ୍ଷା ମନ୍ତ୍ରାଳୟରେ ନିଜେ ବସି ତଦନ୍ତର ନିରୀକ୍ଷଣ ସହ ସିବିଏସ୍‌ସି ନିୟମକୁ କଡା କଡ଼ି ଲାଗୁ ପାଇଁ ପଦକ୍ଷେପ ନେବାକୁ କହିଥିଲେ । ଅଭିଭାବକଙ୍କ ସମସ୍ତ କଥାକୁ ଧର୍ଯ୍ୟର ସହ ଶୁଣିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ କହିଥିବାରୁ ସଂଘ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା । କେନ୍ଦ୍ରମନ୍ତ୍ରୀ ଧର୍ଯ୍ୟର ସହ ଅଭିଯୋଗ ଶୁଣାଣି ପାଇଁ କୃତଜ୍ଞତା ପ୍ରକାଶ ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ତ୍ୱରିତ ପଦକ୍ଷେପ ଆଶା କରୁଛି ବୋଲି କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି ।

## ୧୬ରୁ ସ୍ନାତକ ଶ୍ରେଣୀ ପାଠ୍ୟକ୍ରମ ପାଇଁ ଆବେଦନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସନ୍ତା ଶିକ୍ଷାବର୍ଷ ୨୦୨୫-୨୬ ନିମନ୍ତେ ସ୍ନାତୋକାତ୍ତର ଏବଂ ଦୁଇବର୍ଷିଆ ବି.ଏଡ/ ଏମ.ଏଡ /ବି.ଏଚ.ଏଡ ପାଠ୍ୟକ୍ରମରେ ନାମଲେଖା ପ୍ରକିୟାକୁ ଶୀଘ୍ର ଆରମ୍ଭ କରିବା ପାଇଁ ପୂର୍ବରୁ ସରକାରଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି । ଏହିକ୍ରମରେ ଶିକ୍ଷାବର୍ଷ ୨୦୨୫-୨୬ ନିମନ୍ତେ ସ୍ନାତକ ଶ୍ରେଣୀ ପାଠ୍ୟକ୍ରମରେ ମଧ୍ୟ ନାମଲେଖା ପ୍ରକ୍ରିୟାକୁ ଶୀଘ୍ର ଆରମ୍ଭ କରାଯିବା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ଏବଂ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ସ୍ନାତକ ଶ୍ରେଣୀ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଆବେଦନକାରୀଙ୍କ ପାଇଁ ଆସନ୍ତା ଏପ୍ରିଲ ୧୬ ତାରିଖ (୧୬. ୦୪. ୨୦୨୫) ଠାରୁ ସାଧାରଣ ଆପ୍ଲିକେସନ ଫର୍ମ ପୂରଣ ପ୍ରକ୍ରିୟା ଆରମ୍ଭ ହେବ । ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ସ୍ନାତକ ଶ୍ରେଣୀରେ ନାମଲେଖା ପ୍ରକ୍ରିୟା ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ କରାଯିବ ।

## କଂଗ୍ରେସ ଭବନରେ ମିଶ୍ରଣ ପର୍ବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୋମବାର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ଅବସରରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ ଗୁଡାରୀ ବ୍ଲକ ଚେୟାରମ୍ୟାନ ଲକ୍ଷ୍ମୀ ଶବର ଏବଂ ତିନିଶହରୁ ଉର୍ଦ୍ଧ୍ୱ ବିଜେଡ଼ି କର୍ମୀ ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ଯୋଗଦେଇଛନ୍ତି । ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଦାସ କହିଲେ ଯେ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼ଗେଙ୍କ ନେତୃତ୍ୱ ଜନନାୟକ ତଥା ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀଜୀ ଆଦର୍ଶ ଓ ସଂଗ୍ରାମ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ତ୍ୟାଗରେ ଅନୁପ୍ରାଣିତ ହୋଇ ଗୁଣୁପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୁଡ଼ାରି ବ୍ଲକ ଅଧ୍ୟକ୍ଷ, ଉପସଭାପତି, ଯୁବ ସଭାପତି, ଛାତ୍ର ସଭାପତି, ସମିତି ସଭ୍ୟ, ସରପଞ୍ଚ ଓ ତିନିଶହରୁ ଉର୍ଦ୍ଧ୍ୱ ବିଜେଡ଼ି କର୍ମୀ କଂଗ୍ରେସ ଦଳରେ ଯୋଗଦେଇଛନ୍ତି । କୋରାପୁଟ ସାସଂଦ ସପ୍ତଗିରି ଉଲ୍ଲାକାଙ୍କର ଜନସେବା, ରାୟଗଡ଼ା ଏବଂ କୋରାପୁଟ ଜିଲ୍ଲାର ବିକାଶ ପାଇଁ ତାଙ୍କର ସଂକଳ୍ପ ଓ ନିର୍ଭର ପ୍ରତିଶ୍ରୁତି ହିଁ କଂଗ୍ରେସରେ ଯୋଗଦେବାକୁ ସେମାନଙ୍କୁ ଉତ୍ସାହିତ କରିଥିଲା । ସେହିପରି ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ନିଷ୍ଠାପର ସାଧାରଣ ଜନତା ଓ ବିଶେଷ କରି ମହିଳା, ଯୁବକ, କୃଷକ, ଛାତ୍ର ଏବଂ ଆଦିବାସୀ ଓ ଦଳିତଙ୍କ ସ୍ୱାର୍ଥରକ୍ଷା ପାଇଁ ଯେଉଁ ନିଷ୍ଠାପର ସଂଗ୍ରାମ କରିଆସୁଛନ୍ତି ସେଥିରେ ତାଙ୍କ ଜନଆଦୃତି ବଢ଼ିଛି । ଗୁଣୁପୁର ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ଶ୍ରୀ ଗମାଙ୍ଗଙ୍କ ଉପରେ ଆସ୍ଥା ପ୍ରକଟ କରି ଆମେ ବିଜେଡ଼ି ପରିତ୍ୟାଗ କରି କଂଗ୍ରେସ ଦଳରେ ଯୋଗ ଦେଇଛୁ ବୋଲି କହିଥିଲେ । ଅନ୍ୟ ନେତୃବୃନ୍ଦଙ୍କ ମଧ୍ୟରେ ଗୁଡ଼ାରି ବ୍ଲକ ସଭାପତି କାଶି ବଳିଆରସିଂ, ବାସ୍ମା ଶବର, ପ୍ରହଲ୍ଲାଦ ହିକାବାଡ଼ି ସେହିପରି ପଦ୍ମପୁର ବ୍ଲକରୁ ରମାକାନ୍ତ ମାଝୀ, ଶଣ୍ଢ ଗମାଙ୍ଗୋ, ଅଗାଧୁ ଶବର, ପୁନି ଗମାଙ୍ଗୋ, ଅନନ୍ତ ମାଝୀ, ଯୁଗଳ ମାଝୀ, ରାଜେଶ ଶବର, ଟିଟଳ ମାଝୀ, କୈଳାସ ମାଝୀ, ପୁରସ୍ତମ ମାଝୀ, ପ୍ରଦୀପ କୁମାର ମାଝୀ, ଭାରତ ଉମରଙ୍ଗା, ରମାକାନ୍ତ ଲିମା, ରାଜା ମାଝୀ, ମାଥ୍ୟୁ ଲିମା, ସୁବାଷ ମାଝୀ ସେହିପରି ପଦ୍ମପୁର ଗ୍ରାମପଞ୍ଚାୟତରୁ ମିଡିକା ସାହୁ, କାହ୍ନୁଚରଣ ମହାପାତ୍ର, ଲାସା ଶବର ପ୍ରମୁଖ ବିଜେଡ଼ି ଛାତ୍ର, ଯୁବ, ମହିଳା, ଛାମୁଆ ସାଂଗଠନିକ ପଦପଦବୀରେ ଥିବା କର୍ମୀଙ୍କୁ ଶ୍ରୀ ଦାସ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ କଂଗ୍ରେସ ଦଳରେ ଆନୁଷ୍ଠାନିକ ଭାବେ ସାମିଲ କରିଥିଲେ ।

## କଂଗ୍ରେସ କାର୍ଯ୍ୟାଳୟରେ ଆମ୍ବେଦକର ଜୟନ୍ତୀ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତର ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡ. ବି.ଆର ଆମ୍ବେଦକରଙ୍କ ଜୟନ୍ତୀ ଉତ୍ସବ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ମହା ସମାରୋହରେ ପାଳିତ ହୋଇଯାଇଛି । ସକାଳେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତାଗଣ ଭୁବନେଶ୍ୱର ଏଜି ଛକ ସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ପିସିସି କାର୍ଯ୍ୟାଳୟରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହି ଅବସରରେ ପିସିସି ସଭାପତି ଶ୍ରୀ ଦାସଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନରେ ସ୍ୱର୍ଗତ ଆମ୍ବେଦକରଙ୍କ ଉଦ୍ଦେଶ୍ୟରେଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା । ଉଦ୍‌ବୋଧନ ଦେଇ ପିସିସି ସଭାପତି ଶ୍ରୀ ଦାସ କହିଲେ ଯେ ଭାରତୀୟ ସମ୍ବିଧାନର ରଚୟିତା ଡ. ଭୀମରାଓ ଆମ୍ବେଦକରଙ୍କ ସଂଘର୍ଷମୟ ଜୀବନ କଥା ଓ ଜୀବନ ଦର୍ଶନ ରାଜନୀତି ଓ ସମାଜସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତଙ୍କ ପାଇଁ ପାଥେୟ । ମହିଳାଙ୍କ ଶିକ୍ଷା, ସୁରକ୍ଷା, ସ୍ୱାବଲମ୍ବନ ଏବଂ ଅର୍ଥନୈତିକ ଉନ୍ନତି ପାଇଁ ଆମ୍ବେଦକରଜୀ ଅଧିକ ଗୁରୁତ୍ୱ ଦେଉଥିଲେ । ଓଡ଼ିଶାରେ ମହିଳା ଉପେକ୍ଷିତା, ଅତ୍ୟାଚାରିତା ଓ ଦୁଷ୍କର୍ମପୀଡ଼ିତା । ପ୍ରଦେଶ କଂଗ୍ରେସର ନାରୀନ୍ୟାୟ ଆନ୍ଦୋଳନ ଆମ୍ବେଦକରଙ୍କ ଦିଗଦର୍ଶନ, ଉପଦେଶ ଏବଂ ନୀତିର ପ୍ରେରଣାରେ ଜାରି ରହିଛି ଏବଂ ଏହା ଜନ ଆନ୍ଦୋଳନରେ ପରିଣତ ହେବ । ଆମ୍ବେଦକର ସମସ୍ତ ଭାରତୀୟ ଶିକ୍ଷିତ ହେବାପାଇଁ ସ୍ୱପ୍ନ ଦେଖୁଥିଲେ । ଉପେକ୍ଷିତ, ଅତ୍ୟାଚାରିତ, ଅବହେଳିତ ଓ ପୀଡ଼ିତ ଜନତାଙ୍କର ସେ ପ୍ରେରଣା । ଆମ୍ବେଦକରଙ୍କ ସ୍ୱପ୍ନ ୧୦ ପ୍ରତିଶତ ବି ସାକାର ହୋଇପାରି ନାହିଁ । ଏବେବି ଜାତି, ଧର୍ମ, ବର୍ଣ୍ଣର ବ୍ୟାଧିରେ ସମାଜ ବ୍ୟାଧିଗ୍ରସ୍ତ । ଜାତୀୟ ଶିକ୍ଷାନୀତି-୨୦୨୦ ଆମ୍ବେଦକରଙ୍କ ବିଚାରଧାରାର ପରିପନ୍ଥି । ଏହା ଭାରତର ସାଧାରଣ ଜନତାଙ୍କ ପାଇଁ ନୁହେଁ ଆରଏସଏସ ଏବଂ ଭାରତୀୟ ଜନତାପାର୍ଟିର ମନମୁଖୀ ନୀତିରେ ପ୍ରସ୍ତୁତ । ସମ୍ବିଧାନକୁ ସୁରକ୍ଷିତ ଓ ସଶକ୍ତ କରିବା ଦାୟିତ୍ୱ ହିଁ ଆମର । ଏଥିପାଇଁ ହୃଦୟ ଭିତରେ ଆମ୍ବେଦକରଙ୍କ ପ୍ରତି ସମର୍ପଣ ଭାବ ଆସିବା ଦରକାର । ଏକ ସରକାର ଗଢ଼ିବା ସହଜ କିନ୍ତୁ ଏକ କ୍ରାନ୍ତି ଆଣିବା ଅସହଜ ।

### ବିଜେପି ରାଜ୍ୟ କାର୍ଯ୍ୟାଳୟରେ ୧୩୫ତମ ଆମ୍ବେଦକର ଜୟନ୍ତୀ ପାଳିତ


# ଭାରତବର୍ଷକୁ ସମୃଦ୍ଧ କରି ଆମ୍ବେଦକରଙ୍କ ସ୍ୱପ୍ନକୁ ସାକାର କରିବା: ମନମୋହନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ ଭାରତରତ୍ନ ବାବାସାହେବ ଡା. ଭୀମରାଓ ଆମ୍ବେଦକରଙ୍କ ଆଜି ହେଉଛି ୧୩୫ତମ ଜନ୍ମ ଜୟନ୍ତୀ । ସମାଜକୁ ନୂଆ ଦିଗ୍‌ଦର୍ଶନ ଦେବାରେ ବାବାସାହେବ ଅନ୍ୟ ନେତାମାନଙ୍କ ଠାରୁ ଆଗରେ ଥିଲେ । ଦେଶର ସମ୍ବିଧାନ ପ୍ରଣୟନରେ ବାବାସାହେବଙ୍କ ଭୂମିକା ପାଇଁ ସାରା ଦେଶ ତାଙ୍କ ପାଖରେ ଋଣୀ । ବିଭିନ୍ନ ସାମାଜିକ ଓ ରାଜନୈତିକ ଦିଗ ଉପରେ ତାଙ୍କର ଦୃଷ୍ଟିକୋଣ ଆଜି ବି ଉପଯୋଗୀ । ଦଳିତ, ଶୋଷିତ, ଅବହେଳିତ, ଅତ୍ୟାଚାରିତ ଓ ଲାଞ୍ଛିତ ଲୋକମାନଙ୍କୁ ଆଗଧାଡିକୁ ଆଣିବା ପାଇଁ ଅହରଣ ଉଦ୍ୟମ କରିଥିଲେ ଡା. ଆମ୍ବେଦକର । ଆମେ ସମସ୍ତେ ଏକ ହୋଇ କାମ କରିବା । ଭାରତବର୍ଷ ତଥା ଓଡିଶାକୁ ସମୃଦ୍ଧ ଓ ବିକଶିତ କରି ଆମ୍ବେଦକରଜୀଙ୍କର ସ୍ୱପ୍ନକୁ ସାକାର କରିବା ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଆଜି ଏକ ପବିତ୍ର ଦିବସ । ଆଜି ଦେଶବ୍ୟାପୀ ଆମ୍ବେଦକର ଜୟନ୍ତୀ ପାଳନ ସହିତ ରାଜ୍ୟରେ ଓଡିଆ ନବବର୍ଷ ଓ ହନୁମାନ ଜୟନ୍ତି ପାଳନ କରାଯାଉଛି । ଗତ କାଲି ଭାରତରତ୍ନ ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତିମର୍ତ୍ତୀକୁ ସଫା କରି ପରିସରକୁ ସଜାଯାଇ ସନ୍ଧ୍ୟାରେ ଦୀପୋତ୍ସବର ଆୟୋଜନ କରାଯାଇଥିଲା । ଆଜି ଭାରତରତ୍ନ ଡ. ଭୀମରାଓ ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ମିଷ୍ଟାନ୍ନ ବଣ୍ଟନ କରାଯାଇଛି । ବିଜେପି ରାଜ୍ୟ କାର୍ଯ୍ୟାଳୟରେ ୧୩୫ତମ ଆମ୍ବେଦକର ଜୟନ୍ତୀ ପାଳନ ହୋଇଯାଇଛି । ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମର, ରାଜ୍ୟ ସହ-ପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡୀ, ଅନୁସୁଚିତ ମୋର୍ଚ୍ଚା ରାଜ୍ୟ ସଭାପତି ତଥା ସାଂସଦ ବିଭୁପ୍ରସାଦ ତରାଇ, ଯାଜପୁର ସାଂସଦ ରବିନାରାୟଣ ବେହେରା, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥୀ, ବରିଷ୍ଠ ନେତା ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ମଲ୍ଲିକ, ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କ ସମେତ ରାଜ୍ୟ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ବାବାସାହେବଙ୍କ ଫଟୋରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ଅବସରରେ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର କହିଛନ୍ତି, ଦେଶର ସମ୍ବିଧାନ ପ୍ରଣୟନରେ ବାବାସାହେବ ଡା.ଭୀମରାଓ ଆମ୍ବେଦକର ଭାରତ ବର୍ଷର ଅମୂଲ୍ୟ ରତ୍ନ ଥିଲେ । ଡା. ଭୀମରାଓ ସମସ୍ତ ଦେଶର ସମ୍ବିଧାନକୁ ଅନୁସନ୍ଧାନ କରି ଆମ ଦେଶ ପାଇଁ ଏକ ନୂତନ ସମ୍ବିଧାନ କରିଛନ୍ତି ।



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"
-ଡକ୍ଟର ରାଧାକ୍ରିଷ୍ଣନ୍



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"
-ମୁନ୍‌ସୀ ପ୍ରେମଚନ୍ଦ



### ୱାକଫ୍ ବିରୋଧୀ ହିଂସାର ନିଆଁ

# ମମତାଙ୍କ ପାଇଁ ପୁଣି ଏକ ଅଡୁଆ

ବହୁ ଚର୍ଚ୍ଚିତ ୱାକଫ୍ ବିଲ୍ ସଂସଦର ଉଭୟ ସଦନରେ ପାରିତ ହୋଇ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିବା ପରେ ଏବେ ଆଇନ୍‌ରେ ପରିଣତ ହୋଇଛି। ମାତ୍ର ଏହି ଆଇନ୍ ବିରୋଧରେ ଦେଶର ବହୁ ଅଞ୍ଚଳରେ ବର୍ତ୍ତମାନ ହିଂସାର ତାଣ୍ଡବ ଦେଖିବାକୁ ମିଳିଛି। ସଂଖ୍ୟାଲଘୁ ମୁସଲିମ୍ ସଂପ୍ରଦାୟର ଲୋକେ ୱାକଫ୍ ବିଲ୍ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ କରି ଏହା ବିରୋଧରେ ବିକ୍ଷୋଭ ଓ ପ୍ରତିବାଦ ଜାରି ରଖିଛନ୍ତି, ଯାହା କେତେକ ରାଜ୍ୟରେ ହିଂସାର ରୂପ ଧାରଣ କରିଛି। ପଶ୍ଚିମବଙ୍ଗ ୱାକଫ୍ ବିରୋଧୀ ନିଆଁରେ ଦୁଇଦିନ ଧରି ଜଳୁଥିବା ବେଳେ ସ୍ଥିତି ଅଣାୟତ୍ତ ହୋଇପଡିଛି। ଏହି ରାଜ୍ୟର ମୁର୍ଶିଦାବାଦ୍‌ରେ ଭୟାନକ ହିଂସା ଯୋଗୁଁ ବିସ୍ଫୋରକ ଅବସ୍ଥା ଦେଖାଦେଇଛି ଏବଂ ସଂଖ୍ୟାଲଘୁ ମୁସଲିମ୍‌ଙ୍କ ଦ୍ୱାରା ହିନ୍ଦୁ ପରିବାର ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଉତ୍ତେଜନାମୂଳକ ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ପୋଲିସକୁ ସହାୟତା ଯୋଗାଇ ଦେବା ପାଇଁ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀକୁ ନିୟୋଜିତ କରାଯାଇଛି। ସୀମା ସୁରକ୍ଷା ବାହିନୀ (ବି.ଏସ୍.ଏଫ୍) ଏବଂ ସି.ଏପି.ଏଫ୍ ଯବାନ ମୁତୟନ ହେବା ପରେ କୌଣସି ନୂଆ ହିଂସାକାଣ୍ଡ ଘଟିନଥିଲେ ମଧ ମୁର୍ଶିଦାବାଦ୍ ସମେତ ଏକାଧିକ ଜିଲ୍ଲାରେ ଘଟିଥିବା ହିଂସାରେ ୩ଜଣଙ୍କ ମୃତ୍ୟୁ ଘଟିଛି। ପୋଲିସ ପକ୍ଷରୁ ଏଯାବତ୍ ୧୧୮ଜଣଙ୍କୁ ଗିରଫ କରାଯାଇଛି। ବିକ୍ଷୋଭକାରୀମାନେ ହିନ୍ଦୁ ସଂପ୍ରଦାୟର ଲୋକଙ୍କ ଘର ଓ ଦୋକାନରେ ଲୁଟ୍‌ପାଟ୍ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଆକ୍ରମଣ କରିବାକୁ ପଛାଉ ନଥିବା ଅଭିଯୋଗ ହୋଇଛି। ରାଜ୍ୟର ମାଲଦା, ନଦିଆ, ମୁର୍ଶିଦାବାଦ୍ ଓ ଦକ୍ଷିଣ ଚବିଶପ୍ରଗଣା ଆଦି ୪ଟି ଜିଲ୍ଲାରେ 'ଆଫ୍‌ସା' ଲାଗୁ କରିବାକୁ ବିଜେପି ଦାବି କରିବା ସହିତ ହିନ୍ଦୁଙ୍କ ଉପରେ ଆକ୍ରମଣ ନେଇ ଉଦ୍‌ବେଗ ପ୍ରକାଶ କରିଛି। ପଶ୍ଚିମବଙ୍ଗରେ ହିନ୍ଦୁ ସଂପ୍ରଦାୟ ଲୋକମାନେ ଏବେ କାଶ୍ମୀର ପଣ୍ଡିତଙ୍କ ଦଶା ଭୋଗୁଥିବାର ଦଳ ପକ୍ଷରୁ ଅଭିଯୋଗ ହୋଇଛି। ସର୍ବଶେଷ ତଥ୍ୟ ଅନୁଯାୟୀ ପଶ୍ଚିମବଙ୍ଗ ପରେ ୱାକଫ୍ ବିରୋଧୀ ହିଂସା ଏବେ ପଡ଼ୋଶୀ ତ୍ରିପୁରା ଓ ଆସାମ୍‌କୁ ବ୍ୟାପି ଯାଇଛି। ରବିବାର ଆସାମର କାଚାର ଜିଲ୍ଲାରେ ବିକ୍ଷୋଭକାରୀମାନେ ପୋଲିସ ଉପରେ ଟେକାପଥର ମାଡ଼ କରିବା ସହିତ ଏକାଧିକ ଯାନବାହନରେ ନିଆଁ ଲଗାଇ ଦେଇଥିଲେ। ଉତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବା ଲାଗି ପୋଲିସ ଲାଠି ଚାଳନା କରିଥିଲା। ରାଜ୍ୟର ସିଲଚର ଜିଲ୍ଲାରେ ମଧ ପ୍ରତିବାଦର ସ୍ୱର ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗ ସମେତ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ମୁଣ୍ଡ ଟେକିଥିବା ୱାକଫ୍ ବିରୋଧୀ ହିଂସାକାଣ୍ଡରୁ ଫାଇଦା ଉଠାଇବାକୁ ପଡ଼ୋଶୀ ରାଷ୍ଟ୍ର ବାଂଲାଦେଶର ଆତଙ୍କବାଦୀ ସଂଗଠନ ଗୁଡ଼ିକ ଏବେ ବେଶ୍ ସକ୍ରିୟ ହୋଇଥିବାର ଲକ୍ଷ୍ୟ କରାଯାଉଛି। ପଶ୍ଚିମବଙ୍ଗରେ ମୁଣ୍ଡ ଟେକିଥିବା ଅଶାନ୍ତିର ନିଆଁକୁ ପ୍ରଶମିତ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମମତା ପୁଣି ଏକ ନୂଆ ରଣନୀତି ପ୍ରସ୍ତୁତ କରିଛନ୍ତି। ତାଙ୍କ ରାଜ୍ୟରେ ୱାକଫ୍ ଆଇନ୍‌କୁ କୌଣସିମତେ କାର୍ଯ୍ୟକାରୀ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ ଭାବରେ ଘୋଷଣା କରି ସଂଖ୍ୟାଲଘୁ ମୁସଲିମ୍‌ଙ୍କୁ ସନ୍ତୁଷ୍ଟ କରିବାକୁ ପ୍ରୟାସ କରିଛନ୍ତି। ଅଳ୍ପଦିନ ପୂର୍ବେ ରାଜ୍ୟରେ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ହୋଇଥିବା ଜାଲିଆତି ନେଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ମମତାଙ୍କୁ ଅଡୁଆ ସ୍ଥିତିରେ ପକାଇଥିବା ବେଳେ ଏବେ ପୁଣି ରାଜ୍ୟର ଅଣାୟତ୍ତ ହିଂସାକାଣ୍ଡ ଓ ଆଇନ ଶୃଙ୍ଖଳା ପରିସ୍ଥିତି ତାଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏଥିରୁ ବର୍ତ୍ତିବା ଲାଗି ଆଗାମୀ ଦିନରେ ସେ କିପରି ଗୋଟିଚାଳନା କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଓଡ଼ିଆ ଭାଷା - ସ୍ଥିତି, ଗତି ଓ ପ୍ରଗତି



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ: ୯୯୩୭୧୫୧୦୫୨

କୁହାଯାଏ ଭାଷା ହିଁ ଜାତିର ପରିଚୟ। ଭାଷା ମରିଗଲେ ଜାତି ମରିଯିବ। ଭାରତ ପରି ବହୁଭାଷାଭାଷୀ ଦେଶରେ ପ୍ରତ୍ୟେକ ରାଜ୍ୟ ତା'ର ମାତୃଭାଷାକୁ ସମଭାବରେ ସମ୍ମାନ ଦେଲେ ରାଜ୍ୟରାଜ୍ୟ ମଧରେ ତଥା ଦେଶରେ ସ୍ନେହ, ଭାଇଚାରା ଓ ସ୍ୱଦେଶପ୍ରେମ ଜାଗ୍ରତ ହେବ। ଭାରତ ପରି ବହୁଭାଷାଭାଷୀ ଦେଶରେ ପ୍ରତ୍ୟେକ ରାଜ୍ୟ ତା'ର ମାତୃଭାଷାକୁ ସମଭାବରେ ସମ୍ମାନ ଦେଲେ ରାଜ୍ୟରାଜ୍ୟ ମଧ୍ୟରେ ତଥା ଦେଶରେ ସେହ୍ନ, ଭାଇଚାରା ଓ ସ୍ୱଦେଶ ପ୍ରେମ ଜାଗ୍ରତ ହେବ। ଏପରି ହେଲେ ରାଜ୍ୟର ସମୃଦ୍ଧି ହେବ ଓ ସାମଗ୍ରିକ ଭାବେ ଦେଶର ମଧ୍ୟ ସମୃଦ୍ଧି ହେବ। ଏହା ଯେଭଳି ଭାରତ ପାଇଁ ପ୍ରଯୁଜ୍ୟ ପୃଥିବୀର ଅନ୍ୟ ଦେଶମାନଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ଭାବେ ପ୍ରଯୁଜ୍ୟ। ସମୀକ୍ଷକମାନଙ୍କ ମତରେ ଏବେ ବିଶ୍ୱରେ ପ୍ରାୟ ୬ରୁ ୭ ହଜାର ଭାଷା ରହିଛି। କିନ୍ତୁ ଆଗାମୀ ଏକବିଂଶ ଶତାବ୍ଦୀ ଶେଷ ସୁଦ୍ଧା ହୁଏତ ଏଥିରୁ ୯୦ ଭାଗ ଭାଷାର ଅସ୍ତିତ୍ୱ ଲୋପ ପାଇବ। କାରଣ ଅଧୁନା ବିଶ୍ୱର ଶତକଡା ୯୫ ଭାଗ ଲୋକ ମାତ୍ର ୧୦୦ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି। ଆହୁରି ଆଶ୍ଚର୍ଯ୍ୟର କଥା ଯେ ବିଶ୍ୱରେ ପ୍ରାୟ ଅର୍ଦ୍ଧେକ ଲୋକ ମାତ୍ର ୮ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି ଯଥା: ଚୀନ, ଇଂରାଜୀ, ହିନ୍ଦୀ, ସ୍ପେନିଶ୍, ରୁଷ, ବଙ୍ଗଳା, ଆରବୀ ଓ ପର୍ତ୍ତୁଗୀଜ।

ବର୍ତ୍ତମାନ ଆମ ମାତୃଭାଷା ଓଡ଼ିଆର ସ୍ଥିତି କେଉଁଠି ତାହା ନକହିବା ଭଲ। ୧୯୩୬ ମସିହା ଏପ୍ରିଲ୍ ପହିଲା ଦିନ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବା ଏକ ଐତିହାସିକ ଘଟଣା। ବହୁ ଘାତ ପ୍ରତିଘାତ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ ଦାସ, ପାରଳା ରାଜା କୃଷ୍ଣଚନ୍ଦ୍ର ଦେବ ପ୍ରମୁଖ ମହାନ୍ ବରପୁତ୍ରମାନଙ୍କ ଉଦ୍ୟମ ଫଳରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏଇ ସ୍ୱପ୍ନ ସାକାର ହେଲା। ମାତ୍ର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୯ବର୍ଷ ପରେ ବି ଦିନକୁ ଦିନ ଆମ ଭାଷାର ଅବକ୍ଷୟ ଘଟୁଛି। ଆମ ଭାଷା ପ୍ରତି ଆମର ମମତା ନାହିଁ, ନାହିଁ ମଧ୍ୟ ଆନ୍ତରିକତା। ଭାଷାର ପ୍ରସାର ପ୍ରଚାର ତ ଦୂରର କଥା, ଓଡ଼ିଆ ଭାଷାରେ କଥାବାର୍ତ୍ତା ହେଉଥିବା ଲୋକଙ୍କ ସଂଖ୍ୟା ବେଳକୁ ବେଳ କମିବାରେ ଲାଗିଛି। କେବଳ ସେତିକି ନୁହେଁ, ଆମ ଓଡ଼ିଆ ଭାଷାରେ ପ୍ରକାଶିତ ଦୁର୍ଲଭ ଗ୍ରନ୍ଥ ସବୁ ପଢିବାରେ ଆମର ଆଗ୍ରହ ନାହିଁ। ପତ୍ରପତ୍ରିକା, ନାଟକ, ଉପନ୍ୟାସ,ଗଳ୍ପ ଓ କବିତା କଥା ପଚାରେ କିଏ ? ହିନ୍ଦୀ, ବଙ୍ଗଳା, ଇଂରାଜୀ ପତ୍ରପତ୍ରିକା ପ୍ରେମରେ ଆମେ ପଡିଯାଇଛୁ। ଅଥଚ ଓଡ଼ିଆ ସାହିତ୍ୟ ଭାରତ ବର୍ଷର ଅନ୍ୟତମ ପ୍ରାଚୀନ ସାହିତ୍ୟ। ଏ ମାଟିର କବି ସାରଳା ଦାସ ମହାଭାରତ ଲେଖି ବେଦବ୍ୟାସ ପାଲଟି ଯାଇଛନ୍ତି। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଲଳିତ ପଦାବଳୀର କବି ଜୟଦେବ, କଥା ସମ୍ରାଟ ଫକୀର ମୋହନ, ଭାଗବତ ପ୍ରଣେତା ଜଗନ୍ନାଥ ଦାସଙ୍କ ସୃଷ୍ଟି ସମ୍ଭାର ଭାରତୀୟ ଭାଷା ସାହିତ୍ୟରେ ଦୁର୍ଲଭ।

ଏସବୁ ସତ୍ତ୍ୱେ ଆଧୁନିକ ଭାରତରେ ଅନ୍ୟାନ୍ୟ ରାଜ୍ୟ ଓ ଭାଷା ତୁଳନାରେ ଆମ ଭାଷାର ପ୍ରଚାର ଓ ପ୍ରସାର ଆଶାନୁରୂପ ହୋଇପାରିନାହିଁ। ଏହାର ମୂଳ କାରଣ ହେଉଛି ଏ ପର୍ଯ୍ୟନ୍ତ ଓଡ଼ିଆ ଭାଷା ସଂପୂର୍ଣ୍ଣ ଭାବେ ସରକାରୀ ଭାଷାର ପୂର୍ଣ୍ଣ ମାନ୍ୟତା ପାଇନାହିଁ। ୧୯୫୪ ମସିହାରେ ତତ୍କାଳୀନ ରାଜ୍ୟ ସରକାର ଓଡ଼ିଆ ଭାଷାକୁ ସରକାରୀ ଭାଷା କରିବା ପାଇଁ ଅଧିନିୟମ ପ୍ରଣୟନ କରିଥିଲେ। ଏଥିପାଇଁ ଶବ୍ଦକୋଷ ସଂକଳନ କରାଯାଇଥିଲା। ମାତ୍ର ତାହା ଅଧାପନ୍ତରିଆ ହୋଇରହିଗଲା। ପୁନଶ୍ଚ ୧୯୮୫ ମସିହାରେ ଓଡ଼ିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେବା ପାଇଁ ତତ୍କାଳୀନ ସରକାର ନିଷ୍ପତି ଗ୍ରହଣ କରିଥିଲେ। ଏଥିପାଇଁ ଆବଶ୍ୟକୀୟ ପଦକ୍ଷେପ ମଧ୍ୟ ନିଆଯାଇଥିଲା। ଏପରିକି ଓଡ଼ିଆ ଟାଇପ୍ ମେସିନ୍ କିଣାଯାଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯୋଗାଇ ଦିଆଯାଇଥିଲା। କିନ୍ତୁ ଆନ୍ତରିକତା ଓ ଇଚ୍ଛାଶକ୍ତି ଅଭାବରୁ ତାହା ମଧ୍ୟ ଆଗେଇ ପାରିଲା ନାହିଁ। ଖୁସିର କଥା ସରକାର "ଓରିଆ କୁ ଓଡ଼ିଆ" ଓ "ଓରିଶା କୁ ଓଡ଼ିଶା" କରିବାର ଠିକଣା ପଦକ୍ଷେପ ନେଇଛନ୍ତି। ଇତିମଧ୍ୟରେ ଓଡ଼ିଆ ଭାଷା ୬ଷ୍ଠ ଭାରତୀୟ ଭାଷା ଓ ପ୍ରଥମ ଆର୍ଯ୍ୟଭାଷା ଭାବେ ଶାସ୍ତ୍ରୀୟ ମାନ୍ୟତା ପାଇଛି। ଯେଉଁ ଭାଷାକୁ ଦିନେ ଅନ୍ୟମାନେ ଆଡନଜରରେ ଦେଖୁଥିଲେ ଓ ଓଡ଼ିଆ ଭାଷା ଏକ ଭାଷା ନୁହେଁ ବୋଲି କହୁଥିଲେ ସେ ଭାଷା ଆଜି ଜାତୀୟ ସ୍ୱୀକୃତି ଲାଭ କରିଛି। ଇତିମଧ୍ୟରେ ରାଜ୍ୟ ସରକାର ୧୯୫୪ ଭାଷା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେବା ସହିତ ଗତ ୨୦୧୮ ମସିହା ଏପ୍ରିଲ ପହିଲା ଉତ୍କଳ ଦିବସରୁ ସାରା ରାଜ୍ୟରେ ଓଡ଼ିଆ ଭାଷାରେ ସବୁ ସରକାରୀ କାର୍ଯ୍ୟକ୍ରମ ହେବ ବୋଲି ସେହିବର୍ଷ ଡିସେମ୍ବର ୨୬ ତାରିଖରେ ପୁରୀ ଠାରେ ମୁଖ୍ୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ଓଡ଼ିଆ ଭାଷାର ବ୍ୟାପକ ପ୍ରସାର ଓ ପ୍ରଚାର ପାଇଁ ବିଂଶ ସୂତ୍ରୀ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଗତ ରାଜ୍ୟ ସରକାର ପର୍ଯ୍ୟଟନ ବିଭାଗରୁ ସଂସ୍କୃତି ବିଭାଗକୁ ଅଲଗା କରିଥିଲେ। ଇତିମଧ୍ୟରେ ଏବର ଓଡ଼ିଶା ସରକାର ଓଡ଼ିଆ ଅସ୍ମିତା ଓ ଓଡ଼ିଆ ଭାଷାର ପ୍ରସାର ପ୍ରଚାର ପାଇଁ ଗତ ଏପ୍ରିଲ ୧ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆପକ୍ଷ ପାଳନ କରୁଛନ୍ତି। ସମୟ କହିବ ଏ ଦିଗରେ ସରକାର ଓଡ଼ିଆ ଭାଷାର ପ୍ରସାର ପ୍ରଚାର ପାଇଁ କେତେ ସମର୍ଥ ହେବେ ?

ଏକ ତଥ୍ୟ ମୁତାବକ, ସମଗ୍ର ଓଡ଼ିଶାରେ ୫୮ ପ୍ରକାର କଥିତ ଭାଷା ପ୍ରଚଳିତ ଅଛି। ତେବେ ଓଡ଼ିଶାରେ ଓଡ଼ିଆ ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ। ରାଜ୍ୟର ପ୍ରାନ୍ତୀୟ କ୍ଷେତ୍ର ପଶ୍ଚିମ ଓଡ଼ିଶାରେ ସମ୍ବଲପୁରୀ (କୋଶଳି) ଓ ମିଶ୍ର ହିନ୍ଦୀ ଭାଷା, ଦକ୍ଷିଣ ଓଡିଶାରେ ବ୍ରହ୍ମପୁରୀ ଓ ମିଶ୍ର ତେଲଗୁ ଭାଷା, ଉତ୍ତର ଓଡ଼ିଶାରେ ମିଶ୍ର ବଙ୍ଗଳା ଭାଷାର ପ୍ରଚଳନ ଦେଖାଯାଏ। ରାଜ୍ୟରେ ଥିବା ଆଦିବାସୀ ମାନଙ୍କର ନିଜସ୍ୱ ଭାଷା ଯଥା: ସାନ୍ତାଳି, ମୁଣ୍ଡା, କନ୍ଧ, କୋୟା, ବଣ୍ଡା ଇତ୍ୟାଦି ରହିଛି। ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଭାଷା ମଧ୍ୟରେ ଅସମୀୟା, ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ, ତେଲଗୁ ଆଦି ଭାଷା ମଧ୍ୟ ବ୍ୟବହୃତ ହୁଏ। ପରିବର୍ତ୍ତିତ ପରସ୍ଥିତିରେ ଭାଷାର ପ୍ରସାର-ପ୍ରଚାର ତ ଦୂରର କଥା ଓଡ଼ିଆ ଭାଷାରେ କଥାବାର୍ତ୍ତା ହେଉଥିବା ଲୋକଙ୍କ ସଂଖ୍ୟା ବେଳକୁ ବେଳ କମିବାରେ ଲାଗିଛି। ମା'ର ଭାଷା, ମାଟିର ଭାଷା ଆମ ପାଇଁ ଅଲୋଡା ହୋଇଯାଇଅଛି। ମହାତ୍ମା ଗାନ୍ଧି କହିଥିଲେ, "ଜଣେ ଭାରତବାସୀ ନିଜ ମାତୃଭାଷା ଭୁଲିଯିବା, ଅବହେଳା କରିବା ବା ନିଜର ମାତୃଭାଷା ବ୍ୟବହାର କରୁଛି ବୋଲି ଲଜ୍ଜ୍ୟା ଅନୁଭବ କରିବା, ନିଜ ମାତୃଭାଷାରେ ଶ୍ରେଷ୍ଠ ଚିନ୍ତା ପ୍ରକାଶ କରିବାକୁ ଅସମର୍ଥ ହେବା ଏ କଥା ମୁଁ ସେମାନଙ୍କୁ ଅନୁଭବ କରିବାକୁ ଦେବିନାହିଁ"।

ଗତବର୍ଷ ଆନ୍ତର୍ଜାତିକ ମାତୃଭାଷା ଦିବସର ବିଷୟବସ୍ତୁ ରହିଥିଲା- ଶିକ୍ଷା ଓ ସମାଜରେ ଅର୍ନ୍ତଭୁକ୍ତ ପାଇଁ ବହୁଭାଷିତା ପ୍ରଦାନ। ଅର୍ଥାତ ଆମକୁ ବହୁଭାଷୀ ଶିକ୍ଷାରେ ଦକ୍ଷତା ହାସଲ କରିବାକୁ ହେବ। ଏହା ହିଁ ସମୟର ଆହ୍ୱାନ। କିନ୍ତୁ ଆମକୁ ପ୍ରଥମେ ଆମ ମାତୃଭାଷା ଶିଖିବାକୁ ହେବ, ଠିକ୍ ଭାବରେ ଲେଖିବାକୁ ହେବ ଏବଂ ମାତୃଭାଷାରେ ଲିଖିତ ପୁସ୍ତକ ଅଧ୍ୟୟନ କରି ଆମ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଚିହ୍ନିବାକୁ ହେବ। ତା'ହେଲେ ଯାଇ ଆମେ ସଗର୍ବେ କହିପାରିବା "ଓଡ଼ିଆ" ବୋଲି। ଏଥିପାଇଁ ଆମ ଭିତରେ ଥିବା ହୀନମନ୍ୟତାକୁ ଦୂର କରିବାକୁ ହେବ। ମାତୃଭୂମି ଓ ମାତୃଭାଷାକୁ ଉପେକ୍ଷା କରି କେହି କେବେ ବଡ଼ ହୋଇନାହିଁ। ଯେଉଁ ଦେଶର ମାତୃଭାଷା ଯେତେ ଉନ୍ନତ ସେଦେଶ ସେତେ ଉନ୍ନତ। ଏକ ସଭ୍ୟ ସମାଜ ଗଠନରେ ମାତୃଭାଷାର ବଡ ଯୋଗଦାନ ରହିଛି। ଏବେ ନୂତନ ଶିକ୍ଷା ନୀତି -୨୦୨୦ କାର୍ଯ୍ୟକାରୀ ହେବାକୁ ଯାଉଛି। ଏଥିରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ପାଠପଢାକୁ ବାଧ୍ୟତାମୂଳକ କରାଯାଇଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଏହା ଆମ ମାତୃଭାଷା ପ୍ରତି ଆଦର ଭାବ ସୃଷ୍ଟି କରିବାରେ କେତେ ସଫଳ ହେବ ତାହା ସମୟ କହିବ !

# ଶ୍ରୀକୃଷ୍ଣ ହିଁ ସବୁକିଛି

ରାଇଚରଣ ବିଶ୍ୱାଳ
ସାମନ୍ତରାୟପୁର, ପିରହାଟ, ଭଦ୍ରକ
ମୋ: ୮୬୩୭୨୪୪୧୧୫

ମହାପୁରୁଷ ଶ୍ରୀ ଶ୍ରୀ ନିଗମାନନ୍ଦ ପରମହଂସଙ୍କ ସତ୍ୟବାଣୀ ହେଉଛି ପରମାତ୍ମା ପରମେଶ୍ୱର ଭଗବାନ ଶ୍ରୀକୃଷ୍ଣ ହିଁ ସବୁକିଛି। ତାଙ୍କ ମତରେ- 'ସେଇ ମାଆ ତ ଆମରି ଯୁଗ ଅନୁସରି ଶ୍ୟାମ ଶ୍ୟାମା ରୂପ ଧରେ। ଅବୋଧ ମାନବ ବିଷୟାନ୍ଧ ଜୀବ ତାଙ୍କୁ ଆନ ଆନ ମନେକରେ ॥ କିଏ କହେ ସେ ଯେ ଶ୍ୟାମ ନଟବର, ଶ୍ୟାମା ବୋଲି କେହୁ ପୂଜେ ତା' ପୟର ॥ ଜ୍ଞାନୀ ଦେଖେ ସେହି ସତତ ରାଜଇ ବ୍ରହ୍ମ ରୂପେ ଚରାଚରେ ॥ ଶକ୍ତି ରୂପେ ଯେହୁ ବୋଲାନ୍ତି ଶିବାନୀ, ଲକ୍ଷ୍ମୀ ରୂପେ ସେହି ସେବେ ଚିନ୍ତାମଣୀ, ପୁଣି ଶୁଣେ ସେହି ଥିଲେ ଗର୍ଭ ବାସେ ମିଶି ଅଭେଦ ଭାବରେ ॥ ଆଦ୍ୟାଶକ୍ତି ଦେବ ଦୁଃଖ ଦୂର ପାଇଁ, ଆସିପାଶାଙ୍କୁଶ ଚତୁଷ୍କରେ ନେଇ, ଦ୍ୱୈତ୍ୟବଳ ନାଶିବାକୁ ଲୋଳଜିହ୍ୱା ଲମ୍ବୋଦରୀ ମୂର୍ତ୍ତି ଧରେ ॥ ପୁଣି ସେ ଭୂଭାର ହରଣ କାରଣେ, ଅସି ତେଜି ବଂଶୀ ଧରି ବୃନ୍ଦାବନେ, ଗୋପାଳ ରୂପରେ ଗୋପାଳ ଭବନେ ଧେନୁ ଚରାଇଲେ ନୀପ ମୂଳେ ॥ ଏ ଦୀନ ନଳିନୀ କହେ ଯୋଡ କରେ, ସତ୍ତ୍ୱ ରଜ ତମ ଅଭେଦ ବିଶ୍ୱରେ, ଭେଦାଭେଦ ଜ୍ଞାନ କରେ ଯେ ବିଶ୍ୱରେ, ଠାବ ତା'ର ନରକରେ ॥ ହୃଦୟରେ ମୋର ଲାଗିଅଛି କାଳୀ, ଏଣୁ ମୁଁ ଆଦରେ ସୁଖ ପାଏ କାଳୀ, କୁତୁହଳେ ସଦା ରହେ କାଳୀ କାଳୀ, କାଳି ଦେବାକୁ କାଳ ମୁଖରେ ॥' ଏହି ଚରମ ସତ୍ୟର ଆବିଷ୍କାରକ ହେଉଛନ୍ତି ନିଗମାନନ୍ଦ ପରମହଂସ, ନଣ୍ଡାବାବା, ବାମାକ୍ଷେପା ଓ ରାମକୃଷ୍ଣ ପରମହଂସଙ୍କ ପରି ମହାପୁରୁଷଗଣ। ସତରେ ଲୀଳାପୁରୁଷୋତ୍ତମ ଭଗବାନ ଶ୍ରୀକୃଷ୍ଣ ହିଁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର। ସେ ହିଁ ଆଦ୍ୟାଶକ୍ତି ଓ ଦଶ ମହାବିଦ୍ୟାଙ୍କ ସ୍ୱରୂପ। କେବଳ ତାଙ୍କରି ପୂଜନ ବନ୍ଦନ ଓ ଭଜନ କଲେ ସର୍ବ ଦେବଦେବୀ ପ୍ରୀତ ହୋଇଥା'ନ୍ତି। ଯେପରି ବୃକ୍ଷର ମୂଳରେ ଜଳ ଢାଳିଲେ, ଗଛର ପତ୍ର, ଫୁଲ ଓ ଶାଖା ଜଳ ଗ୍ରହଣ କରିଥା'ନ୍ତି, ଠିକ୍ ସେହିପରି କେବଳ ଶ୍ରୀକୃଷ୍ଣଙ୍କ ପୂଜନରେ ସମସ୍ତ ଦେବାଦେବୀ ସନ୍ତୁଷ୍ଟ ହୋଇ ଆମକୁ ଆଶୀର୍ବାଦ ଓ ବର ପ୍ରଦାନ କରିଥା'ନ୍ତି। ଦ୍ୱାପର ଯୁଗରେ ପାଣ୍ଡବଙ୍କ ବନବାସ କାଳରେ ଦ୍ରୌପଦୀଙ୍କ ପ୍ରଦତ୍ତ ଏକମାତ୍ର ଅନ୍ନ ଦାନାକୁ ପାଣ୍ଡବଙ୍କ ସଖା ଭଗବାନଶ୍ରୀକୃଷ୍ଣ ଭକ୍ଷଣ କରିବା ପରେ, କ୍ଷୁଧାର୍ତ୍ତ ଦୁର୍ବାସାଦି ଋଷିଗଣ ସ୍ନାନ ପରେ ତତ୍କାଳ ପେଟପୂରା କ୍ଷୀରି ଖାଇଥିବାର ଅନୁଭବ କରି ପାଣ୍ଡବମାନଙ୍କୁ ଯୁଦ୍ଧ ବିଜୟୀ ହେବାର ଆଶୀର୍ବାଦ ପ୍ରଦାନ କରି ଲୁଜ୍ଜିତ ଭାବେ ପଳାୟନ କରିଥିଲେ। ସୁତରାଂ, ସର୍ବଶ୍ରେଷ୍ଠ ଜୀବ ମନୁଷ୍ୟ ଇହ ଜନ୍ମରେ ନିଗମାନନ୍ଦଙ୍କ ପରି ଯୋଗ ମାର୍ଗ, ଧ୍ରୁବ ଓ ପ୍ରହ୍ଲାଦଙ୍କ ପରି ଭକ୍ତିମାର୍ଗ ଅଥବା ମୀରାଙ୍କ ପରି ପ୍ରେମ ମାର୍ଗକୁ ଆପଣାଇ ଅତୁଟ ଭକ୍ତି, ବିଶ୍ୱାସ ଓ ଆତ୍ମସମର୍ପଣ ପୂର୍ବକ କେବଳ ଶ୍ରୀକୃଷ୍ଣଙ୍କ ଭଜନ କୀର୍ତ୍ତନ କରି ମୋକ୍ଷପ୍ରାପ୍ତ ହେବା ଉଚିତ୍।

# ସ୍ମାର୍ଟ ସିଟି ମିଶନ କେତେ ସଫଳ ?



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଦେଶର ୧୦୦ଟି ସହରକୁ 'ସ୍ମାର୍ଟ' ସିଟି ଭାବେ ଗଢି ତୋଳିବା ପାଇଁ ଇତିମଧ୍ୟରେ ଗୋଟିଏ ଦଶନ୍ଧି ବିତିଯାଇଥିବାବେଳେ ୧,୫୦,୦୦୦ କୋଟି ଟଙ୍କା ବ୍ୟୟ ହୋଇସାରିଛି। କିନ୍ତୁ ସ୍ମାର୍ଟ ସିଟି ମିଶନର ମୂଲ୍ୟାୟନ ଯାହାକି ଗତ ମାର୍ଚ୍ଚ ୩୧ ତାରିଖ ଦିନ ଶେଷ ହୋଇଥିଲା, କେତେକ ନୈରାଶ୍ୟଜନକ ତଥ୍ୟ ଦେଇଛି। କହିବା ବାହୁଲ୍ୟ ଯେ, ଦେଶର ୧୦୦ଟି ସହରକୁ ସ୍ମାର୍ଟ ସିଟି କରିବା ପାଇଁ ୨୦୧୫ରେ ବର୍ତ୍ତମାନର କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ଏଥିରେ ଦେଶର ୧୦୦ଟି ସହରକୁ ବଛା ଯାଇଥିଲା। ଯେଉଁଥିରେ ଭୁବନେଶ୍ୱର ଏକ ନମ୍ବର ସ୍ଥାନରେ ରହିଥିଲା। ମନୋନୀତ ସହରଗୁଡିକୁ ଚାକଚକ୍ୟ କରିବା ସହ ସମସ୍ତ ପ୍ରକାରର ଅତ୍ୟାଧୁନିକ ସୁବିଧା ସୁଯୋଗ ସହ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଯେଉଁଭଳି ଭାବେ ମନ୍ଥର ଗତିରେ କାର୍ଯ୍ୟ ଚାଲିଥିଲା, ଏଥିଲାଗି ତିନି ତିନିଥର ସମୟ ସୀମା ସମ୍ପ୍ରସାରଣ କରାଯାଇଥିଲା। ଇତିମଧ୍ୟରେ ଏକ ଦଶନ୍ଧି ବିତିଯାଇଥିବାବେଳେ ୧୦୦ଟି ସହର ମଧ୍ୟରୁ ମାତ୍ର ୧୬ଟି ସହର ସ୍ମାର୍ଟ ସିଟି ପାଇଁ ଯୋଜନା କରାଯାଇଥିବା ସମସ୍ତ ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ ହୋଇଥିବାବେଳେ ଅବଶିଷ୍ଟ ୮୪ଟି ସହରର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ରିପୋର୍ଟ ପ୍ରକାଶ ପାଇଛି ଯେ, ଏହି ୮୪ଟି ସହରରେ ୧୪,୦୦୦ କୋଟି ଟଙ୍କାର ମୂଲ୍ୟର କାର୍ଯ୍ୟ ଏବେ ବି ବାକି ରହିଛି। ଅନ୍ୟପକ୍ଷରେ ପାଞ୍ଚବର୍ଷରେ ସ୍ମାର୍ଟ ସିଟି ପ୍ରକଳ୍ପ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲାବେଳେ, ଏବେ ଏକ ଦଶନ୍ଧି ପୂରିସାରିଥିବା ସତ୍ତ୍ୱେ କାମ ଶେଷ ହୋଇନାହିଁ। ପ୍ରକଳ୍ପର ଅବଧି ଯେତିକି ଯେତିକି ବଢି ଚାଲିଛି, ବ୍ୟୟ ଭାର ମଧ ସେତିକ ସେତିକି ବଢିଚାଲିଛି। ଗୋଟିଏ ସହର ପାଇଁ ୫ବର୍ଷରେ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ୫୦୦କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରାଥମିକ ପର୍ଯ୍ୟାୟରେ ଥିବାବେଳେ ଇତିମଧ୍ୟରେ ୧,୫୦୦ କୋଟି ଟଙ୍କାରେ ପହଞ୍ଚିଥିବା କୁହାଯାଏ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ୧୦୦ଟି ନୂତନ ସ୍ମାର୍ଟସିଟି ତଥା ବିଶ୍ୱସ୍ତରୀୟ ସହର ନିର୍ମାଣ କରିବା ପାଇଁ ମୂଳ ପ୍ରୋଜେକ୍ଟରେ କଳ୍ପନା କରାଯାଇଥିଲା। କିନ୍ତୁ ବ୍ୟୟ ଭାରର ବାଧ୍ୟବାଧକତା ଯୋଗୁଁ ମୂଳ ପ୍ରୋଜେକ୍ଟ ପରିବର୍ତ୍ତନ କରାଯାଇ ଦେଶର ୧୦୦ଟି ବଛା ବଛା ସହରକୁ ସ୍ମାର୍ଟ ସିଟି କରିବା ଲାଗି ମନୋନୀତ କରାଯାଇଥିଲା। ଏହା ସତ୍ତ୍ୱେ ପରିବର୍ତ୍ତିତ ସ୍ମାର୍ଟ ସିଟି ମିଶନ ପାଇଁ ପୂର୍ବତନ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଜବାହାରଲାଲ ନେହେରୁ ନ୍ୟାସନାଲ ରେନେଓ୍ୱାଲ ମିଶନ, ଅଟଳ ମିଶନ ଫର ରିଜୁଭେନସନ ଆଣ୍ଡ ଅର୍ବାନ ଟ୍ରାନ୍ସଫରମେସନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ନ୍ୟାସନାଲ ଅର୍ବାନ ଲର୍ଣ୍ଣିଂ ପ୍ଲାଟଫର୍ମରୁ ହଜାର ହଜାର କୋଟି ଟଙ୍କା ଧାର ସୂତ୍ରରେ ଅଣାଯାଇଥିଲା। ସ୍ମାର୍ଟ ସିଟି ମିଶନ ତଥା ଦେଶର ୧୦୦ଟି ସହରକୁ ସ୍ମାର୍ଟ ସହରରେ ରୂପାନ୍ତରିତ କରିବା ତଥା ଚାକଚକ୍ୟ ଠାରୁ ଆରମ୍ଭ କରି ନୂତନ ଶୈଳୀରେ ରାସ୍ତାଘାଟର ବିକାଶ ସହ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳଯୋଗାଣ, ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ଉପଲବ୍ଧ ସହ ସମସ୍ତ ପ୍ରକାରର ସୁବିଧାସୁଯୋଗ ଉପଲବ୍ଧ ଥିବା ସହର ନିର୍ମାଣ ଲାଗି ୧,୫୦,୦୦୦ କୋଟି ଟଙ୍କା ବ୍ୟୟ ହୋଇଥିବାବେଳେ କେତେଦୂର ମିଶନ ସଫଳ ହୋଇଛି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ। ଉଦାହରଣ ସ୍ୱରୂପ ଗୁଜରାଟ 'ସୁରଟ' ସହର, ବିଚାରକୁ ନିଆଯାଉ। ଯେଉଁ ସହର ଗତ କିଛିବର୍ଷ ଧରି ସରକାରୀ ସର୍ଭେ ରିପୋର୍ଟରେ ଦେଶର ସବୁଠୁ ସ୍ମାର୍ଟ ସହର ଭାବେ ମର୍ଯ୍ୟାଦା ହାସଲ କରିଆସିଛି। କିନ୍ତୁ ଗତବର୍ଷ ପ୍ରବଳ ବର୍ଷାରେ ସହରରେ ବନ୍ୟାର ଭ୍ରମ ସୃଷ୍ଟି ହୋଇଥିଲା। ଆବଶ୍ୟକୀୟ ଡ୍ରେନେଜ ବ୍ୟବସ୍ଥା ଅଭାବରୁ ସହରରେ କେବଳ କୃତ୍ରିମ ବନ୍ୟା ସୃଷ୍ଟି ହୋଇନଥିଲା, ରାସ୍ତାଘାଟ ଧୋଇ ହୋଇଯାଇଥିଲା। ଏପରିକି ମୁଖ୍ୟରାସ୍ତାରେ ୨୦ଫୁଟର ଗାତ ସୃଷ୍ଟି ହୋଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଆମ ରାଜଧାନୀ ଭୁବନେଶ୍ୱରରେ ସହରରେ ବର୍ଷା ଦିନରେ କୃତ୍ରିମ ବନ୍ୟାର ପ୍ରକୋପ କାହାରିକୁ ଅଛପା ନାହିଁ। କେବଳ ସୁରଟ କିମ୍ବା ଭୁବନେଶ୍ୱର ନୁହେଁ, ଜାତୀୟ ରାଜଧାନୀ ଦିଲ୍ଲୀଠାରୁ ଆରମ୍ଭ କରି ଦେଶର ବଡ଼ ବଡ଼ ସହରରେ କୃତ୍ରିମ ବନ୍ୟା ଏବେ ବର୍ଷାଦିନେ ଜନସାଧାରଣଙ୍କ ପାଇଁ ଅଭିଶାପ ପାଲଟିଛି। ଦିଲ୍ଲୀରେ ବର୍ଷା ପାଣିରେ ଘର ଭିତରେ ବୁଡି ୩ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ବାଙ୍ଗାଲୋରରେ ରାସ୍ତାରେ ବର୍ଷା ପାଣି ସ୍ରୋତରେ ଭାସିଯାଇ ଜଣେ ଆଇଟି ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଥିଲା। ଦେଶର କେତେକ ସହରରେ ବର୍ଷା ଦିନେ ରାସ୍ତାରେ ଡଙ୍ଗା ବୁଲିବା ଏବେ ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ଡ୍ରେନେଜ ଓ ରାସ୍ତାଘାଟ ସ୍ମାର୍ଟ ସିଟି ମିଶନର ଏକ ଅଂଶ ବିଶେଷ ହୋଇଥିବାବେଳେ ମିଶନ କେତେ ସଫଳ ଅନୁମାନ କରାଯାଇ ପାରେ। ଆହୁରି ମଧ ବାୟୁ ପ୍ରଦୁଷଣ ଏବେ ଭାରତୀୟ ସହର ଗୁଡିକରେ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଥିବାବେଳେ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହୋଇପାରିନି। କେବଳ କାଗଜପତ୍ରରେ ସ୍ମାର୍ଟ ସିଟି ମିଶନ ସୀମିତ ଥିବା କହିଲେ ଅତିରଞ୍ଜିତ ହୋଇନପାରେ।

# କୋଟି ପ୍ରଣାମ ଯାହା ତୁଳନାରେ ନଗଣ୍ୟ



ଇଂ. ସଚ୍ଚିଦାନନ୍ଦ ନନ୍ଦ
ସମ୍ପାଦକ, 'ଶ୍ରୀ ସତ୍ୟସାଇ ବାଳବିକାଶ'
ଅଲିଶା ବଜାର, କଟକ
ମୋ : ୯୪୩୭୫୧୧୨୩୦

ଭଗବାନ ଶ୍ରୀସତ୍ୟସାଇ ବାବା ମହାସମାଧି ଗ୍ରହଣ କରିବାର ଚଉଦତମ ବର୍ଷ ଆସି ଉପସ୍ଥିତ। ସେ ତାଙ୍କ ସ୍ଥୁଳ ଶରୀର ତ୍ୟାଗ କରିଛନ୍ତି ସତ କିନ୍ତୁ ଆଶ୍ରିତ ମାନଙ୍କୁ ତ୍ୟାଗ କରିନାହାନ୍ତି। ଏବେ ମଧ ସୂକ୍ଷ୍ମରେ ସମସ୍ତ ଦୈବୀକର୍ତ୍ତବ୍ୟ ମାନ ପୂର୍ବବତ୍ ସମ୍ପାଦନ କରିଚାଲିଛନ୍ତି। ଏଥିରୁ ସୂଚିତ ହେଉଛି ଯେ ଅବତାରଙ୍କ ଉପସ୍ଥିତି ଓ ଅନୁପସ୍ଥିତି ଭକ୍ତ ବା ଆଶ୍ରିତମାନଙ୍କ ପକ୍ଷରେ ସମାନ କଥା। ସେମାନଙ୍କ ବଳ ତାଙ୍କ ପ୍ରାର୍ଥନା ଓ ଅନ୍ତରର ପବିତ୍ରତା ଯାହାକୁ ନିର୍ଭର କରି ସେମାନେ ନିଶ୍ଚିନ୍ତରେ ରହିପାରନ୍ତି ଓ ଭଗବତ୍ କୃପା ଲାଭ କରିପାରନ୍ତି। ସେ ସ୍ଥୁଳ ଶରୀରରେ ଥିଲାବେଳେ କହୁଥିଲେ- "ମୋ କଥା ମାନିବା ହିଁ ମୋ କୃପା ପାଇବାର ଉପାୟ"। ମହାସମାଧି ଗ୍ରହଣ କରିବା ପରେ ମଧ ତାଙ୍କ ପୂର୍ବ ପ୍ରଦତ୍ତ ବାକ୍ୟ ରକ୍ଷା କରିବାରେ ସେ ପୂର୍ଣ୍ଣମାତ୍ରାରେ ସମର୍ଥ। ତାଙ୍କ ଅଲୌକିକ କାର୍ଯ୍ୟମାନ ତାଙ୍କ ବଡ଼ଭାଇଙ୍କ ମନରେ ସନ୍ଦେହ ଆଣୁଥିଲା। ୧୯୪୭ ମସିହା ମେ ମାସ ୨୫ ତାରିଖରେ ବାବା ବଡ଼ ଭାଇଙ୍କୁ ଯେଉଁ କ୍ଷୁଦ୍ର ପତ୍ରଟି ଲେଖିଥିଲେ ସେଥିରେ ତାଙ୍କ ସଂକଳ୍ପ, ତାଙ୍କ ଜୀବନର ଉଦ୍ଦେଶ୍ୟ ଓ ସଂସାରର ଜନସାଧାରଣଙ୍କ ପାଇଁ ସେ ଯେଉଁ ଯୋଜନା ଧରି ଅବତାର ଗ୍ରହଣ କରିଛନ୍ତି ତାହା ଅତି ସୁସ୍ପଷ୍ଟ। କେବଳ ପତ୍ର ଲେଖି ଭାଇଙ୍କୁ ସନ୍ତୁଷ୍ଟ କରି ଦେଇନଥିଲେ ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ। ଅବତାରମାନଙ୍କ କଥା ଓ କର୍ମ ଭିତରେ କୌଣସି ପାର୍ଥକ୍ୟ ନଥାଏ। ଚିଠିଟି ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ଲେଖିଥିଲେ ସମଗ୍ର ମାନବ ଜାତି ପାଇଁ ମୁଁ ଗୋଟିଏ ଗୁରୁଦାୟିତ୍ୱ ବହନ କରି ଆସିଛି ତାହା ହେଉଛି ସାରା ଜଗତକୁ ପରିପାଳନ କରି ସମସ୍ତଙ୍କ ଅନ୍ତରରେ ପବିତ୍ର ଆନନ୍ଦ ଭରିଦେବ। ମୋର ଗୋଟିଏ ସଂକଳ୍ପ ଅଛି, ତାହା ହେଉଛି ସତ୍ ମାର୍ଗରୁ ବିଚ୍ୟୁତ୍ ହୋଇଯାଇଥିବା ସମସ୍ତଙ୍କୁ ପୁନର୍ବାର ସତ୍‌ପଥକୁ ଘେନି ଆସି ତାଙ୍କୁ ଉଦ୍ଧାର କରିଦେବ। ଆଉ ଗୋଟିଏ କର୍ମ ମୋତେ ଭାରି ଭଲ ଲାଗେ, ତା ହେଉଛି ଦୀନ ଦରିଦ୍ର ମାନଙ୍କର ଥିବା ଅଭାବକୁ ପୂରଣ କରିବା। ମୁଁ ନିଜକୁ ଗୌରବାନ୍ୱିତ ମନେକରିବାର ଗୋଟିଏ ହେତୁ ଅଛି ତା'ହେଉଛି ମୋତେ ସଠିକ୍ ଭାବେ ଭଲ ପାଉଥିବା ସଭିଙ୍କୁ ମୁଁ ରକ୍ଷା କରିଥାଏ। ମୋତେ ସଠିକ୍ ଭାବେ ଭଲପାଇବାର ଉପଯୁକ୍ତ ଅର୍ଥ ହେଉଛି ଦୁଃଖରେ ସୁଖରେ, ଲାଭରେ କ୍ଷତିରେ ସମଚିତ୍ତ ବିଶିଷ୍ଟ ରହି ମୋତେ ନଛାଡ଼ିବା। ଯେଉଁମାନେ ନିଜକୁ ମୋ ସହ ସଂଯୁକ୍ତ କରି ଜୀବନ ଯାପନ କରନ୍ତି ମୁଁ ସେମାନଙ୍କୁ କେବେହେଲେ ପରିତ୍ୟାଗ କରେନାହିଁ।

ଦିବ୍ୟସମ୍ଭାଷଣ ଓ ସେ ନିଜର ଦୈବୀଶକ୍ତି, ଦିବ୍ୟପ୍ରେମ, ଦିବ୍ୟ ଆନନ୍ଦକୁ ବ୍ୟବହାର କରି କୋଟି କୋଟି ବ୍ୟକ୍ତିଙ୍କ ଅନ୍ତରରେ ଆନନ୍ଦ ଖେଳାଇ ପାରିଛନ୍ତି। ସେବାକାର୍ଯ୍ୟରେ ନିୟୋଜିତ କରି ସହସ୍ର ସହସ୍ର ବ୍ୟକ୍ତିଙ୍କୁ ସ୍ୱାଭାବିକ ଆନନ୍ଦ ଉପଲବ୍ଧି କରାଇପାରିଛନ୍ତି। ଭଜନ ଓ ନାମ ସ୍ମରଣ ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ନରନାରୀଙ୍କ ଠାରେ ଆନନ୍ଦ ପ୍ଲାବନ କରିପାରିଛନ୍ତି। ଦିବ୍ୟ ସମ୍ଭାଷଣ ମାଧ୍ୟମରେ ପ୍ରଦାନ କରୁଥିବା ଭାବାତୀତ ଶିକ୍ଷାକୁ ଜୀବନରେ ଯେଉଁମାନେ ବ୍ୟବହାର କରିଛନ୍ତି ସେ ସମସ୍ତେ ଅପାର ଆନନ୍ଦ ଲାଭ କରିଛନ୍ତି। ସର୍ବୋପରି ଏଭଳି ଐଶ୍ୱରିକ ଶକ୍ତି ସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ଚର୍ମ ଚକ୍ଷୁରେ ଦର୍ଶନ ପୂର୍ବକ ନିଜର ଭାଗ୍ୟକୁ ପ୍ରଶଂସା କରି ସମଗ୍ର ମାନବଜାତି ନିଜକୁ ଧନ୍ୟ ମନେକରୁଛି। ସମୟର ପ୍ରଭାବ, ଯୁଗ ଧର୍ମ, ଅଜ୍ଞାନ ଓ ଅହଂକାରର ବଶବର୍ତ୍ତୀ ହୋଇ ଆଜି ମଣିଷ ଅମଣିଷ ପାଲଟି ଯାଉଛି। ଦୈନିକ ସମ୍ବାଦପତ୍ର ତାହାର ପ୍ରମାଣ। ମଣିଷ ଜାଣିପାରୁନାହିଁ କ'ଣ କରଣୀୟ, କ'ଣ ଅକରଣୀୟ, ବିବେଚନାଶକ୍ତି ହରାଇ ମଣିଷ ତାହାଠାରୁ ନିମ୍ନ ପ୍ରବୃତ୍ତି ସମ୍ପନ୍ନ କର୍ମମାନ କରିବସୁଛି। ବିବେକ କ'ଣ, କେଉଁଠି ଥାଏ, ସେ କ'ଣ କରେ, ତାହା ଜାଣିଥିବା ଲୋକେ ଆଜି ବିରଳ। ଜୀବନଯାପନ କରିବାର ସଠିକ ମାର୍ଗ ଆଜି ବିସ୍ମୃତ ଏବଂ ତାହାର ପରିଣାମ କି କଷ୍ଟଦାୟକ ! ଅଧିକାଂଶ ଏକ ଉତପ୍ତ, ଅନୁତପ୍ତ ଓ ଚାପଗ୍ରସ୍ତ ଜୀବନର ଅସହ୍ୟ ଦୁଃଖରେ ବଞ୍ଚିବାକୁ ବାଧ ହେଉଛନ୍ତି। ବାବା କିନ୍ତୁ ଏଥିରୁ ଉଦ୍ଧାର ପାଇବା ପାଇଁ ପ୍ରାୟଶ୍ଚିତ କରିବାକୁ କହନ୍ତିନାହିଁ। ତାଙ୍କର ପ୍ରଚଣ୍ଡ କ୍ଷମାଶକ୍ତି ବ୍ୟବହାର କରି କହନ୍ତି 'ତୁମେ କିଛିଟା ଭୁଲ କରିଦେଇଛ ମୁଁ, ସେସବୁକୁ କ୍ଷମା କରିଦେଉଛି, ଅତୀତକୁ ଭୁଲିଯାଅ, ନୂଆ କରି ଏକ ଜୀବନ ଆରମ୍ଭ କର। ସେ ସ୍ନେହରେ ଆମ ହାତକୁ ଧରି ସତ୍ ପଥକୁ ଘେନି ଆସନ୍ତି, ଅନ୍ତରରେ ସଂସ୍କାର ଭରି ଦିଅନ୍ତି, ମନରେ ଦୃଢ଼ତା ବୃଦ୍ଧି କରି ନୂତନ ଜୀବନ ପଥରେ ଆମକୁ କେବଳ ଛାଡ଼ି ଦିଅନ୍ତି ନାହିଁ, ଆମ ସହିତ ନିଜେ ମଧ ଚାଲନ୍ତି। ନୈତିକ ଜୀବନର ସ୍ୱାଦ ଚଖାଇ ଅନୈତିକ ମାର୍ଗର ତିକ୍ତତା ଅନୁଭବ କରାଇ ଦିଅନ୍ତି। ଶୃଙ୍ଖଳିତ ଜୀବନର ନିରାପତ୍ତାଭୋଗ କରାଇ ବିଶୃଙ୍ଖଳିତ ଜୀବନ ପାଇଁ ଅରୁଚି ସୃଷ୍ଟିକରି ଦିଅନ୍ତି। ତାଙ୍କ ଦିବ୍ୟଜୀବନର ନିଦର୍ଶନ ମାଧ୍ୟମରେ ମଣିଷ ଠାରେ ଦିବ୍ୟ ଜ୍ଞାନ ଉଦ୍ରେକ କରାଇ ଦିଅନ୍ତି ଯାହାଫଳରେ ଲୋକେ ପ୍ରେୟ ମାର୍ଗ ଛାଡ଼ି ଶ୍ରେୟ ମାର୍ଗ ଅବଲମ୍ବନ କରିଥାନ୍ତି ଏବଂ ସ୍ୱଅର୍ଜିତ ଆନନ୍ଦ ଉପଭୋଗ କରିପାରନ୍ତି। ଅଭାବୀ ଲୋକଙ୍କର ଅଭାବ ପୂରଣ କରିବା ଭଗବାନଙ୍କ ପାଇଁ ଖୁବ୍ ସହଜ, ସେମାନଙ୍କର ନିତାନ୍ତ ଆବଶ୍ୟକ ହୁଏ, ଖାଦ୍ୟ, ବସ୍ତ୍ର ଓ ବାସଗୃହ। ଏଗୁଡ଼ିକ ଯିଏ ପୂରଣ କରେ ସେମାନେ ପୁଣ୍ୟ ଅର୍ଜନ କରନ୍ତି। ଅନ୍ୟପକ୍ଷରେ ଅଭାବର ଅଭାବ ଦୂର ହୁଏ। ଅଭାବ ମୁଖ୍ୟତଃ ଦୁଇପ୍ରକାରର। ପ୍ରଥମଟି ପ୍ରକୃତ ଅଭାବ ଓ ଦ୍ୱିତୀୟଟି ଲୋଭ ଜନିତ ଅଭାବ, ଯାହା କେବେହେଲେ ପୂରଣ ହୋଇପାରିବ ନାହିଁ।

ସଂସାରରେ ଏଭଳି ଲୋକ ଅଛନ୍ତି ଯେଉଁମାନେ ଦରିଦ୍ରମାନଙ୍କ ଆବଶ୍ୟକତା ପୂରଣ କରିପାରିବେ କିନ୍ତୁ ଲୋଭଜନିତ ଅଭାବର ପରିସମାପ୍ତି ନଥାଏ। ସଂଗଠନ ମାଧ୍ୟମରେ ତାଙ୍କ ଆଶ୍ରିତମାନଙ୍କୁ ଶିକ୍ଷା ଦେଇ ବାବା ଲୋଭ କମାଇବା ଓ ତ୍ୟାଗଭାବ ବଢ଼ାଇବାର ଶିକ୍ଷା ଦେଇ ଅଭାବ ମାନଙ୍କ ଇଛା ପୂରଣ କରିଦେଇଥାନ୍ତି। ଗତ ୨୦୦୮ ବନ୍ୟାରେ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ଅକଥନୀୟ କ୍ଷତି ଘଟିଲା। ଭଗବାନ ଏଥିରେ ବାସଗୃହ ହରାଇଥିବା ଲୋକଙ୍କ ପାଇଁ ଏକ ହଜାର ପକ୍କା ବାସଗୃହ ନିର୍ମାଣ କରି ଦେଇଛନ୍ତି। ସେଥିପାଇଁ ତାଙ୍କ କୋଡାଇସ୍ଥିତ ଆଶ୍ରମର କିଛି ଅଂଶ ବିକ୍ରି କରିବାକୁ ପଡ଼ିଥିଲା। ଆନ୍ଧ୍ରପ୍ରଦେଶର ରୟାଲସୀମା ଅନ୍ତର୍ଗତ ଅନନ୍ତପୁର, ମେହବୁବ୍ ନଗର, ଯେତକ ଜିଲ୍ଲା ପ୍ରଭୃତିରେ ଘୋର ଜଳକଷ୍ଟ ଥାଏ। ଚେନ୍ନାଇରେ ମଧ ଘୋର ଜଳଭାବ ଥିଲା। ଭଗବାନ ବାବା ସେ ଅଭାବ ଦୂରକରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସେ ଅଞ୍ଚଳର ଜଳାଭାବ ଦୂର କରିଛନ୍ତି। ସଂଗଠନ ମାଧ୍ୟମରେ ବି ବିଭିନ୍ନ ଜଳାଭାବ ଥିବା ସ୍ଥାନରେ ଜଳଯୋଗାଣ କରାଯାଇପାରିଛି। ଦୂରାରୋଗ୍ୟ ବ୍ୟାଧିରେ ପ୍ରପୀଡ଼ିତ ବ୍ୟକ୍ତିମାନେ ଚିକିତ୍ସା ସୁବିଧା ପାଇପାରୁ ନାହାନ୍ତି। ସେ କଷ୍ଟରେ ବ୍ୟଥିତ ହୋଇ ପୁଟ୍ଟାପର୍ତ୍ତୀ ଓ ହ୍ୱାଇଟ୍ ଫିଲଡ୍ ଠାରେ ଦୁଇଟି ବଡ଼ ବଡ଼ ଡାକ୍ତରଖାନା ଓ ଅତି ବିଶିଷ୍ଟ ଚିକିତ୍ସା ଯୋଗାଇ ଦେବା ପାଇଁ ସୁପରସ୍ପେଶାଲିଟି ହସ୍‌ପିଟାଲ ନିର୍ମାଣ କରି, ସମସ୍ତଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣାରେ ବଡ଼ ବଡ଼ ଖର୍ଚ୍ଚ ବହୁଳ ଚିକିତ୍ସା ପ୍ରଦାନ କରୁଛନ୍ତି। ଏହାସଙ୍ଗେ ସଙ୍ଗେ ସଂଗଠନର ଶହ ଶହ ଶାଖାରେ ସେ ଅଞ୍ଚଳର ରୋଗୀମାନଙ୍କ ପାଇଁ ମାଗଣା ଡାକ୍ତରୀ ପରାମର୍ଶ ସହ ଔଷଧ ପ୍ରଦାନ କାମ ଚାଲିଛି।

ନିତ୍ୟନାରାୟଣ ସେବା ଯୋଜନାରେ ସହସ୍ର ସହସ୍ର ନିରନ୍ନ ବ୍ୟକ୍ତିଙ୍କୁ ମାଗଣାରେ ଅନ୍ନଦାନ ପ୍ରତିଦିନ ଦିଆଯାଇପାରୁଛି। ଗ୍ରାମାଞ୍ଚଳର ଅତ୍ୟନ୍ତ ନିଃସହାୟ ମାନଙ୍କ ପାଇଁ ନିଶୁଳ୍କ ସାଇ କୁଟୀର ମାନ ଯୋଗାଇ ଦିଆଯାଇ ପାରୁଛି। ଶୀତଦିନେ ସଂଗଠର କର୍ମୀମାନେ ନିଶାର୍ଦ୍ଧରେ ବୁଲି ବୁଲି ଶୀତବସ୍ତ୍ର ନଥିବା ଲୋକଙ୍କୁ କମ୍ବଳ ଓ ଚାଦର ବାଣ୍ଟି ଦେଇଥାନ୍ତି। ଯେଉଁମାନଙ୍କର ପାଠପଢ଼ା ଦିଗରେ ଅସୁବିଧା ଅଛି ସେ ପିଲା ମାନଙ୍କୁ ମାଗଣାରେ ଟିଉସନ କରୁଛନ୍ତି ସଂଗଠନର ବିଜ୍ଞବ୍ୟକ୍ତି ମାନେ। ବାବା ତାଙ୍କ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଅନ୍ତର୍ଭୁକ୍ତ ସ୍କୁଲ ଓ କଲେଜମାନଙ୍କରେ ସମ୍ପୂର୍ଣ୍ଣ ମାଗଣାରେ କେଜି ରୁ ପିଜି ପର୍ଯ୍ୟନ୍ତ ଉଚ୍ଚତର ଶିକ୍ଷା ପ୍ରଦାନ କରି ଆସୁଛନ୍ତି ଦୀର୍ଘ ପଇଁତିରିଶ ବର୍ଷ ଧରି। ସବୁଠାରୁ ବଡ଼କଥା ହେଲା ପରିସ୍ଥିତିର ଦାସ ହୋଇ ମଣିଷ ଯେତେବେଳେ ବିପଦର ସମ୍ମୁଖୀନ ହୋଇଛି କେବଳ ଗୋଟିଏ ନିଷ୍ପାପର ପ୍ରାର୍ଥନା ବଦଳରେ ସେ ପାଇଛି ଅଭୟ ଏବଂ ସକାରାତ୍ମକ ପ୍ରତିଶ୍ରୁତି। ଦୁର୍ଘଟଣାରୁ ଉଦ୍ଧାର ପାଇବା, ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ଓ ଦୂରାତ୍ମାଙ୍କ କବଳରୁ ବର୍ତ୍ତିଯିବାର ଉଦାହରଣ ଅସଂଖ୍ୟ। ନିଜ ଜୀବନର ଦୃଷ୍ଟାନ୍ତ ଦେଇ ସମଗ୍ର ମାନବ ଜାତିକୁ ପ୍ରେମ ଓ ସେବା ମନ୍ତ୍ରରେ ଦୀକ୍ଷିତ କରାଇ ଭଗବାନ ବାବା ଆଶ୍ରିତ ମାନଙ୍କ ସହ ଆଣ ଆଶ୍ରିତମାନଙ୍କ ବହୁ ଉପକାର ଏପରିକି ଆତ୍ମଜ୍ଞାନ ସାଧନ କରାଇଛନ୍ତି। ସର୍ବଧର୍ମ ସମନ୍ୱୟ ପ୍ରତିଷ୍ଠା କରି ଧର୍ମ ଧର୍ମ ଭିତରେ ଥିବା ବିଦ୍ୱେଷ ଭାବ ଦୂରକରି ସମାଜରେ ସହାବସ୍ଥାନ ସମ୍ଭବ କରାଇ ପାରିଛନ୍ତି। ତାଙ୍କ ଦିବ୍ୟ ପ୍ରେମର ପ୍ରସାର ଘଟାଇ ଲୋକ ମାନଙ୍କ ପ୍ରେମ ବଳୟକୁ ଅଧିକ ସମ୍ପ୍ରସାରିତ କରାଇବା ସହ ଜୀବନକୁ ସରଳ, ତରଳ ଓ ଉପଭୋଗ୍ୟ କରାଇ ପାରିଛନ୍ତି। ତାଙ୍କ ପାଇଁ ଯେତେ କୋଟି ଜୟକାର ଦେଲେ ବି ତାହା ଯଥେଷ୍ଟ ନୁହେଁ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲାର ତେଲକୋଇ ବ୍ଲକ ଅନ୍ତର୍ଗତ ଜଗମୋହନପୁର ନିକଟସ୍ଥ ସିଙ୍ଗୁଡ଼ାବାହାଳ ଗ୍ରାମର ଗ୍ରାମଦେବୀ ମା' ଚର୍ଚ୍ଚିକା ଠାକୁରାଣୀଙ୍କ ବାର୍ଷିକ ପଣା ସଂକ୍ରାନ୍ତି ଉତ୍ସବ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି । ସଂକ୍ରାନ୍ତି ପୂର୍ବଦିନ ଗ୍ରାମଦେବୀଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା । ଗ୍ରାମ ସଂଲଗ୍ନ ସରୁଆଳି, ଟୁଙ୍ଗୁରୁହାଳ, ଅଙ୍ଗଦଦରଆଳି ଗ୍ରାମ ପରିକ୍ରମା ସମୟରେ ଗ୍ରାମରେ ଗ୍ରାମରେ ଉତ୍ସବମୟ ପରିବେଶ ସୃଷ୍ଟି ହୋଇଥିଲା । ପଣା ସଂକ୍ରାନ୍ତିରେ ନୀତିକାନ୍ତି ସହ ମା' ଚର୍ଚ୍ଚିକାଙ୍କ ପୂଜାବିଧି କାର୍ଯ୍ୟ ଦେହୁରୀ ନିରାକାର ନାୟକ ସଂପାଦନ କରିଥିଲେ । ପାଠକ ଆଗନ୍ତୁକ ଶ୍ରଦ୍ଧାଳୁ ଓ ମାନସିକଧାରୀଙ୍କୁ ପଣା ବଣ୍ଟନ କରାଯାଇଥିଲା । ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ମା' ଚର୍ଚ୍ଚିକାଙ୍କ ବାର୍ଷିକ ପଣାସଂକ୍ରାନ୍ତି ଉତ୍ସବ ମୁଖରିତ କରିଥିଲା । ପଣାସଂକ୍ରାନ୍ତି ଯୋଗୁଁ ଶିଙ୍ଗୁଡ଼ାବାହାଳ ଗ୍ରାମ ଉତ୍ସବ ମୁଖର ହୋଇଥିଲା । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅପେରା ପରିବେଶଣ କରାଯାଇଥିଲା ।




# ଶ୍ରୀରାମ ନବମୀରେ ବିଧାୟକ ପ୍ରାର୍ଥୀ ଖଣ୍ଡା ବୁଲାଇବା ନେଇ ଥାନାରେ ଏତଲା



କାକଟପୁର(ଭାସ୍କର ନ୍ୟୁଜ): ଗତ ୬ ତାରିଖ ଦିନ ପବିତ୍ର ଶ୍ରୀରାମ ନବମୀ ଅବସରରେ ସ୍ଥାନୀୟ ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ହିନ୍ଦୁ ଜାଗରଣ ଶୋଭାଯାତ୍ରା ଚାଲୁଥିବାବେଳେ ଅଶାନ୍ତ ହୋଇ ପଡ଼ିଥିଲା କାକଟପୁର । ଏହି ଶୋଭାଯାତ୍ରାରେ ବିଜେପି ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକ, ସୁଦର୍ଶନ ସ୍ୱାଇଁ, ସିଲୁ ପଡ଼ିଆରୀଙ୍କ ସହିତ ତାଙ୍କ ଅନୁଗାମୀ ମାନେ ଉପସ୍ଥିତ ରହି ରାଜରାସ୍ତା ଉପରେ ଖଣ୍ଡା ବୁଲାଇବାକୁ ନେଇ କାକଟପୁର ଅଞ୍ଚଳ ରେ ଚର୍ଚ୍ଚା ଜୋର ଧରିଥିବା ବେଳେ ରାଜନୈତିକ ଚହଟଚାଟ ସୃଷ୍ଟି ହୋଇଛି । ରବିବାର ପୂର୍ବାହ୍ନରେ ସ୍ଥାନୀୟ ବିଜୁ ଯୁବ ଜନତା ଦଳ ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ତୀବ୍ର ନିନ୍ଦା କରାଯିବା ସହିତ ବିଧାୟକ ପ୍ରାର୍ଥୀ ଶ୍ରୀ ମଲ୍ଲିକ ଏବଂ ତାଙ୍କର ଅନୁଗାମୀମାନଙ୍କ ବିରୁଦ୍ଧରେ କାକଟପୁର ନିର୍ବାଚନ ମଣ୍ଡଳର ଯୁବ ବିଜେଡି ସଭାପତି ରଞ୍ଜନ ନାୟକ ଏବଂ ତାଙ୍କର ସହକର୍ମୀ ମାନେ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାଇ କାକଟପୁର ଏକ ଶାନ୍ତିପୂର୍ଣ୍ଣ ଓ ଧାର୍ମିକ ଅଞ୍ଚଳ ହୋଇଥିବା ବେଳେ ସମସ୍ତ ଅଧିବାସୀ ରାଜନୀତିର ଉର୍ଦ୍ଧରେ ରହି ଜାତି, ଧର୍ମ ଓ ଭାଇଚାରା ମଧ୍ୟରେ ରହି ଚଳି ଆସୁଛନ୍ତି । ଏଭଳି ଘଟଣା ପାଇଁ କାକଟପୁର ଅଞ୍ଚଳ ଦିନକୁ ଦିନ ଅଶାନ୍ତ ହୋଇପଡ଼ିଛି । କାକଟପୁର ଅଞ୍ଚଳରେ ରହିଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନେ ଅଧିକ ଭୟଭୀତ ହୋଇ ପଡ଼ିଥିବା ସହ କାକଟପୁର ଅଞ୍ଚଳରେ ଆଗାମୀ ଦିନରେ ଅଶାନ୍ତର ବାତାବରଣ ଦାନା ବାନ୍ଧିଥିବା ସେ ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ତେଣୁ ଉକ୍ତ ଖଣ୍ଡା ବୁଲାଇବା ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ କାକଟପୁର ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କାକଟପୁର ବିଜୁ ଯୁବ ଜନତା ଦଳ ପକ୍ଷରୁ ବିଶ୍ୱଜିତ ଦାଶ, ଦୀପକ ଶତପଥି, ପ୍ରକାଶ ମହାରଣା, ହିମାଂଶୁ ଭୂଷଣ ଦୀକ୍ଷିତ, ରୁଦ୍ର ନାରାୟଣ ଲେଙ୍କା, ପ୍ରଶାନ୍ତ ନାୟକ, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଶତାଧିକ କର୍ମୀ ଦାବି କରିଛନ୍ତି ।

# ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଜାତୀୟ ଅଗ୍ନି ସେବା ସପ୍ତାହ ପାଳିତ



ପାରାଦୀପ(ଭାସ୍କର ନ୍ୟୁଜ): ୧୯୪୪ ମସିହା ଅପ୍ରେଲ ୧୪ ତାରିଖରେ ବମ୍ବେ ଡକ ବିସ୍ଫୋରଣ ଘଟଣାରେ ମୃତ ଅଗ୍ନିଶମ କର୍ମଚାରୀ ଓ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅପ୍ରେଲ ୧୪ ତାରିଖରେ ଜାତୀୟ ଅଗ୍ନି ସେବା ଦିବସ ପାଳିତ ହୋଇଆସୁଛି । ଏହି ଦିବସ ପାଳନ ପରିପ୍ରେକ୍ଷୀରେ ବନ୍ଦର ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଅପ୍ରେଲ ୨ରୁ ୨୦ ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପି ଅଗ୍ନି ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଏହି ଅବସରରେ ବନ୍ଦର ସିଆଇଏସଏଫ ମୁଖ୍ୟ ଅଗ୍ନିଶମ କେନ୍ଦ୍ର ପରିସରରେ ସୋମବାର ଦିନ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବନ୍ଦର କର୍ମଚାରୀ ଓ ବ୍ୟବହାରକାରୀଙ୍କ ମଧ୍ୟରେ ଅଗ୍ନି ସୁରକ୍ଷା ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା ସହ ଦେଶର ୧୧୪ ଅଗ୍ନିଶମ କେନ୍ଦ୍ର ମଧ୍ୟରେ ପାରାଦୀପ ସିଆଇଏସଏଫ ଅଗ୍ନିଶମ ବିଭାଗ ଦ୍ୱିତୀୟ ସର୍ବଶ୍ରେଷ୍ଠ ଅଗ୍ନିଶମ କେନ୍ଦ୍ର ଭାବେ ପୁରସ୍କୃତ ହେବା ନେଇ ବନ୍ଦରାଧ୍ୟକ୍ଷ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ସିଆଇଏସଏଫ କମାଣ୍ଡାଣ୍ଟ ସନତ କୁମାର ପଟେଲ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଆକାଶ ଜଏସଓ୍ୱାଲ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଗ୍ନିଶମ ବିଭାଗ କମ୍ପାନୀ କମାଣ୍ଡର ଇନ୍ସପେକ୍ଟର ଅମରେଶ କୁମାର ପରିଚାଳନା କରିଥିଲେ ।

# ଓଡ଼ିଆ ପକ୍ଷ ଶେଷରେ ଓଡ଼ିଆ ନବବର୍ଷ ପାଳିତ



ଭୁବନ(ଭାସ୍କର ନ୍ୟୁଜ): ଓଡ଼ିଆ ପକ୍ଷ ଶେଷ ପର୍ଯ୍ୟାୟରେ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଓଡ଼ିଆ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ୱୟଂସହାୟକ ଦଳର ସଦସ୍ୟା, ସ୍ୱଚ୍ଛ ସାଥୀ ଓ ମା' ଭଉଣୀମାନଙ୍କ ମଧ୍ୟରେ ହୁଳହୁଳି, ଝୋଟି, ମୁରୁଜ, ଚିତା ଓ ପାରମ୍ପରିକ ପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜ ବିଜେତାମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କାଉନସିଲର ପପୁ କୁମାର ସାହୁ, ମନ ମୋହନ ସାହୁଙ୍କ ସମେତ କନିଷ୍ଠ ଯନ୍ତ୍ରୀ ଓ ସମସ୍ତ କର୍ମଚାରୀ ମାନେ ଯୋଗଦେଇ ପରସ୍ପରକୁ ଓଡ଼ିଆ ନବ ବର୍ଷ ର ଅଭିନନ୍ଦନ, ଶୁଭେଚ୍ଛା ଜଣାଇବା ସହ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ପାରାଦୀପ ବନ୍ଦର ପକ୍ଷରୁ ଡ଼ଃ. ଆମ୍ବେଦକରଙ୍କ ୧୩୪ତମ ଜୟନ୍ତୀ ପାଳିତ

ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡ଼ଃ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ୧୩୪ତମ ଜନ୍ମ ଜୟନ୍ତୀ (ଭୀମ ଜୟନ୍ତୀ) ସୋମବାର ମହା ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଦିନ ପାଳିତ ହୋଇଯାଇଛି । ଏହି ଅବସରରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପ୍ରଦାନ କରି ତାଙ୍କ ସ୍ମରଣୀୟ ଅବଦାନ ଉପରେ ଆଲୋକପାତ କରିଥିଲେ । ଏହି ପରିପ୍ରେକ୍ଷୀରେ ସନ୍ଧ୍ୟାରେ ଜୟଦେବ ସଦନ ପରିସରରେ ଆୟୋଜିତ ସ୍ମୃତି ସଭାରେ ଜଗତସିଂହପୁର ସାଂସଦ ଡ଼ଃ. ବିଭୁ ପ୍ରସାଦ ତରାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆମ୍ବେଦକରଙ୍କ ଜୀବନୀ ଓ ଦେଶ ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ବନ୍ଦରର ଉପ ସରଂକ୍ଷକ କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ



ସ୍ୱତନ୍ତ୍ର ଅତିଥି ଭାବେ ବନ୍ଦରର ପୂର୍ବତନ ଟ୍ରଷ୍ଟି ପରେଶ ମୁର୍ମୁ, ମୁଖ୍ୟବକ୍ତା ଭାବେ ବିଜେବି କଲେଜର ଅବସରପ୍ରାପ୍ତ ପ୍ରଧ୍ୟାପକ ଧନେଶ୍ୱର ସାହୁ ଓ ଜାତୀୟ ମାନବ ଅଧିକାର ସଭାର ଉପ ସଭାପତି ପ୍ରଶାନ୍ତ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଆମ୍ବେଦକରଙ୍କ ଚିନ୍ତାଧାରା ଓ ସାମାଜିକ ଅନ୍ୟାୟ ବିରୁଦ୍ଧରେ ତାଙ୍କର ସଂଗ୍ରାମ ସମ୍ପର୍କରେ ଆଲୋଚନା କରିଥିଲେ କ୍ଷ ଶେଷରେ ବନ୍ଦର ଉପ ସଚିବ ପାରାଉ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୩୭ ଫୁଟ୍ ଉଚ୍ଚତା ହନୁମାନ ମୂର୍ତ୍ତି ଲୋକାର୍ପଣ ଉତ୍ସବ ଉଦ୍‌ଯାପିତ



ଭୁବନ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ଏକତାଳି ପଞ୍ଚାୟତର ନୟା ନିଳକଣ୍ଠପୁର ଗ୍ରାମରେ ଗତ ଶୁକ୍ରବାରଠାରୁ ଚାଲିଥିବା ୩୭ ଫୁଟ ଉଚ୍ଚତାର ହନୁମାନ ମୂର୍ତ୍ତି ଲୋକାର୍ପଣ ଉତ୍ସବ ସୋମବାର ଅପରାହ୍ନରେ ଉଦଯାପିତ ହୋଇଯାଇଛି । ପ୍ରତ୍ୟହ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା । ଗତ ଶୁକ୍ରବାର କଳସ ଶୋଭାଯାତ୍ରାରେ ୫୦୦ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ସାମିଲ ହୋଇ ଗ୍ରାମ ପରିକ୍ରମା କରି ଯଜ୍ଞ ସ୍ଥଳରେ କଳସ ସ୍ଥାପନ କରିଥିଲେ । ସୋମବାର ପବିତ୍ର ହନୁମାନ ଜୟନ୍ତୀ ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏଥିରେ ସହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇ ପ୍ରଭୁ ହନୁମାନଙ୍କ କୃପାଲାଭ କରିଥିଲେ । ମାୟାଧର ସାହୁ, ମିନାକ୍ଷୀ ସାହୁ, ପ୍ରଦୀପ ସାହୁ, ଜଲି ସାହୁ, ସୋମନାଥ ସାହୁ, ବାସନ୍ତୀ ସାହୁ, କୁନା ସାହୁ, ସୁଭଦ୍ରା ସାହୁ କର୍ତ୍ତା ଭାବେ ଯୋଗଦେଇ ଥିଲେ । ହନୁମାନ ବାଟିକା ସଭାପତି ଶଙ୍କର୍ଷଣ ରାଉତ, ଉପ ସଭାପତି ମିହିର କୁମାର ସାହୁଙ୍କ ସମେତ ରଞ୍ଜିତ ସାହୁ, ରାକେଶ ବେହୁରା, ନୀଶିଥ ରଞ୍ଜନ ସ୍ୱାଇଁ, ବାପୁନ ସାହୁ, ଲିପୁନ ସାହୁ, କୁନୁ ସାହୁ, ଯତୀନ ସ୍ୱାଇଁ, ଅବିନାଶ ସ୍ୱାଇଁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଏହି ହନୁମାନ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ୧୨ ବର୍ଷ ଲାଗିଥିଲା ।

# ହନୁମାନ ହୁଡ଼ାରେ ଆଇନମନ୍ତ୍ରୀଙ୍କ ପୂଜାର୍ଚ୍ଚନା



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ହନୁମାନ ଜୟନ୍ତୀ ଅବସରରେ ଆଇନ୍ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ସସ୍ତ୍ରିକ କଟକ ଜିଲ୍ଲା ଆଗ୍ରାହାଟ ପଞ୍ଚାୟତ କୁଜିବରସ୍ଥିତି ପୁରାଣ ପ୍ରସିଦ୍ଧ ହନୁମାନ ହୁଡ଼ାସ୍ଥିତ ହନୁମାନ ମନ୍ଦିରରେ ପହଞ୍ଚି କଳସ ବୁଡ଼ାଇବା ସହିତ ପୂଜାର୍ଚ୍ଚନା କରି ମହାଯଜ୍ଞରେ ଅଂଶଗ୍ରହଣ କରିଥିଲେ । ବହୁ ପୁରାତନ ଏହି ପୀଠର ବିଶେଷ ମହାତ୍ମ୍ୟ ଥିବା ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପ୍ରକାଶ କରିଥିଲେ । ପ୍ରାୟ ୪୦ ବର୍ଷଧରି ଗୁପ୍ତରେ ପୂଜା ପାଇ ଆସୁଥିବା ମହାବୀରଙ୍କ ଆଶୀର୍ବାଦରେ ମାନସିକଧାରୀମାନଙ୍କ ମାନସିକ ପୂରଣ ହୋଇଥାଏ ବୋଲି ସୂଚନା ଦେଇ ଏହି ପୀଠ ତଥା ହୁଡ଼ାର ବିକାଶ ଦିଗରେ ସରକାର ଗୁରୁତ୍ୱ ଦେବେ ବୋଲି ସେ ପ୍ରକାଶ କରିଥିଲେ ।

# ନିମାପଡ଼ା ଥାନା ପକ୍ଷରୁ ଗୋଧନ ବାହୁଡ଼ା ପର୍ବ ପାଳିତ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ପୂର୍ବ ପରମ୍ପରା ଅନୁଯାୟୀ ଗୋଧନ ବାହୁଡ଼ା ପର୍ବ ନିମାପଡ଼ା ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ପର୍ବ ବହୁ ପୁରାତନ ହୋଇଥିବା ବେଳେ ଅନେକ ଆଡୁ ଠାକୁରମାନେ ଏଠାରେ ବିଜେ କରନ୍ତି । ସହର ସାରା ବୁଲି ଠାକୁର ପନ୍ତି ଭୋଗ ଖାଇ ଥାନା ସମ୍ମୁଖରେ ଭୋଗ ଖାଇ ଗୋଧନ ବାହୁଡ଼ା ମେଳଣରେ ବିଜେ କରିଛନ୍ତି । ଥାନା ପକ୍ଷରୁ ଏହି ପର୍ବ ଆୟୋଜନ କରାଯାଇଥିବା ବେଳେ ଏଠାରେ ଭଜନ ସମାରୋହ ମନୋରଂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଥାନାର ବହୁ ପରମ୍ପରା ଗୋଧନ ବାହୁଡ଼ା ପର୍ବ ମହା ସମାରୋହରେ ପାଳନ କରାଯାଇଛି । ଏହି ପର୍ବରେ ହଜାର ହଜାର ସଂଖ୍ୟକ ଜନ ସମାଗମ ଦେଖିବାକୁ ମିଳିଥିଲା । ଥାନାଧିକାରୀ ବାମଦେବ ସ୍ୱାଇଁ ଏହି କାର୍ଯ୍ୟକୁ ପରିଚାଳନା କରିଥିଲେ । ଥାନା ସମ୍ମୁଖରେ ଥିବା ଗିରି ଗୋବର୍ଦ୍ଧନ ମନ୍ଦିର ସମ୍ମୁଖରେ ହୋମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ପର୍ବ କେଉଁ କାଳରୁ ପାଳନ କରାଯାଉଛି ଏହା ଏକ ନିମାପଡ଼ା ପାଇଁ ମୁଖ୍ୟ ପର୍ବ ଭାବେ ବିବେଚନା କରାଯାଏ । ଓଡ଼ିଶାରେ ଅନେକ ଥାନା ମଧ୍ୟରୁ ନିମାପଡ଼ା ଥାନା ଅନ୍ୟତମ ହୋଇଥିବା ବେଳେ ଏହି ଗୋଧନ ବାହୁଡ଼ା ପର୍ବ ମଧ୍ୟ ଅନ୍ୟତମ । ଏହି ପର୍ବରେ ପୋଲିସ ଓ ଜନସାଧାରଣ ନିକଟତର ହୋଇଥାନ୍ତି । ଥାନା ପକ୍ଷରୁ ଆୟୋଜନ କରାଯାଇଥିବା ଏହି ପର୍ବରେ ହଜାର ହଜାର ସଂଖ୍ୟକ ଜନସାଧାରଣ ପ୍ରସାଦ ସେବନ କରିଥାନ୍ତି । ଚଳିତବର୍ଷ ଥାନା ପକ୍ଷରୁ ଆୟୋଜନ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ବଛା ବଛା ସଂଗୀତ ଶିଳ୍ପୀ ସହ ଟିଭି ପରିଚାଳିକା ମଧ୍ୟ ଯୋଗ ଦେଇଛନ୍ତି । ଲୋକମାନେ ଏହି ଗୋଧନ ବାହୁଡ଼ା ସଂଧ୍ୟାକୁ ମନଭରି ଉପଭୋଗ କରିଛନ୍ତି ।

# ସେଲେଦା ଝାମୁ ଯାତ୍ରାରେ ବିଧାୟକ ସାମିଲ୍



ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକ ଅଧିନସ୍ତ ଶଗଡ଼ାଇଲୋ ଗ୍ରାମପଞ୍ଚାୟତ ଅଧୀନରେ ଥିବା ସେଲଦା ଗ୍ରାମରେ ଆଜିକୁ ୫୦ ବର୍ଷ ରୂ ଉର୍ଦ୍ଧ ହେବ ମା' ମଙ୍ଗଳାଙ୍କ ପବିତ୍ର ପୀଠ ନିକଟରେ ତୋଟାରେ ଝାମୁଯାତ୍ରା ପୂର୍ବବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ କାଳିସୀ ଲାଗିଛି । ଯଜ୍ଞ, ଡ୍ରାମା, ପାଲ. ଲଉଡ଼ି ନାଚ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ । ପୂର୍ବ ବର୍ଷ ମଧ୍ୟ ୧୦ ତାରିଖରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ୧୯ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲୁ ରହିବ । ଗ୍ରାମରେ ପ୍ରତେକ ଲୋକ ସହଯୋଗ କରି ଆସୁଛନ୍ତି । ଗ୍ରାମର ଯୁବକମାନଙ୍କ ଦ୍ୱାରା ବଜାରଙ୍ଗି ୟୁଥ କ୍ଲବ ଗଠନ କରାଯାଇଛି । ଏହି କ୍ଲବର ସଭାପତି ସରୋଜ କୁମାର ସ୍ୱାଇଁ, ସମ୍ପାଦକ ରତିକାନ୍ତ ଲେଙ୍କା ଓ କୋଷାଧ୍ୟକ୍ଷ ପବିର କୁମାର ସ୍ୱାଇଁ ଅଟନ୍ତି । ଏହି ଟ୍ରଷ୍ଟ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି । ଆଜି ଅପରାହ୍ନରେ କାଳିସୀ ମାନେ ଅତ୍ୟନ୍ତ ଚମତ୍କାର ଭାବେ ନିଆଁରେ ଚାଲିଥିବା ବେଳେ ଲୋକମାନେ ମାନସିକ ପାଇଁ କାଷ୍ଠା ରଖିଥିଲେ । ଗ୍ରାମବାସୀଙ୍କ ପକ୍ଷରୁ ନିରଞ୍ଜନ ବେହେରା, ଶ୍ରୀଧର ସ୍ୱାଇଁ, ଜଳଧର ମହାନ୍ତି,ଙ୍କ ସମେତ ଅନେକ ଗ୍ରାମବାସୀ ସହଯୋଗ କରିଥିଲେ । ପ୍ରତେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି । ନିଆଳି ବିଧାୟକ ଛବି ମଲିକ୍ ଝାମୁ ଯାତ୍ରାରେ ସାମିଲ ହୋଇଥିଲେ ।

# ଗ୍ରୀନ ପାରାଦୀପ ଟ୍ରଷ୍ଟ ପ୍ରତିଷ୍ଠା ଦିବସରେ ପଣା ଓ ଚାରା ବଣ୍ଟନ



ପାରାଦୀପ(ଭାସ୍କର ନ୍ୟୁଜ): କାର୍ଯ୍ୟରତ ସାମ୍ବାଦିକଙ୍କ ଦ୍ୱାରା ପ୍ରତିଷ୍ଠିତ ପାରାଦୀପର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଗ୍ରୀନ ପାରାଦୀପ ଟ୍ରଷ୍ଟର ପ୍ରଥମ ବାର୍ଷିକ ଓ ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ବଡପଡ଼ିଆସ୍ଥିତ ପ୍ରେସ ଛକଠାରେ ସୋମବାର ପୂର୍ବାହ୍ନରେ ମହାବିଷୁବ ସଂକ୍ରାନ୍ତି ପରିପ୍ରେକ୍ଷୀରେ ଜନସାଧାରଣଙ୍କୁ ପଣା ଓ ଚାରା ବଣ୍ଟନ କରାଯାଇଥିଲା । ଏହି ଉପଲକ୍ଷେ ଟ୍ରଷ୍ଟର ସଭାପତି ରାକେଶ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରାଦୀପ ପୌର ପରିଷଦ ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣା ଓ ଚାରା ବଣ୍ଟନର ଶୁଭାରମ୍ଭ କରିଥିଲେ । ଉକ୍ତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକ, ଶ୍ରମିକ ନେତା ପ୍ରକାଶ ତ୍ରିପାଠି, ପୌର ପାରିଷଦ ସୁବ୍ରତ ପ୍ରଧାନ, ଶିକ୍ଷମନ୍ତ୍ରୀଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିଆରସିଂ, ବିଜୁ ମେମୋରିଆଲ ଟ୍ରଷ୍ଟର ଉପସଭାପତି କୁମରବର୍ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରୀନ ପାରାଦୀପ ଟ୍ରଷ୍ଟର ଏଭଳି ମହତ୍ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହିତ ସଂଗଠନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ନିଭାଇଥିଲେ ଟ୍ରଷ୍ଟର ସଭାପତି ରାକେଶ କୁମାର ପଟ୍ଟନାୟକ, ଶୁକଦେବ ଜେନା, ଶଶାଙ୍କ ଶେଖର ଆଚାର୍ଯ୍ୟ, ସୁଧାଂଶୁ ନାୟକ, ପ୍ରୀତି ରଞ୍ଜନ ମହାପାତ୍ର, କୈଳାଶ ସାହୁ, ଦୀପକ ଦାସ, ପ୍ରଶାନ୍ତ ସ୍ୱାଇଁ, ସଞ୍ଜୟ ରାଉତ, ବିବେକାନନ୍ଦ ରାଉତ, ପ୍ରଭାକର ସାହୁ, ସଞ୍ଜୟ ମିଶ୍ର, ସୁରେଶ ସ୍ୱାଇଁ, ମନୋଜ ସାହୁ, ଲିପୁ ସାହୁ, ସନ୍ତୋଷ ଭାରତୀ, ପ୍ରଦୀପ ଜେନା, ଗୌରାଙ୍ଗ, ଟୁନା ଓ ସହାୟତା କରିଥିଲେ ଅସହାୟ କଲ୍ୟାଣ ସମିତିର ସଦସ୍ୟ, ସଦସ୍ୟା ବୃନ୍ଦ ।

# ଟାଙ୍ଗୀ-ଚୌଦ୍ୱାରର ବିଭିନ୍ନ ସ୍ଥାନରେ ଝାମୁ ଯାତ୍ରା ପାଳିତ


ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ପବିତ୍ର ପଣାସଂକ୍ରାନ୍ତି ଅବସରରେ ଚୌଦ୍ୱାରରେ ବିଭିନ୍ନ ଦେବୀ ମନ୍ଦିରରେ ଝାମୁଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ପୌରପାଳିକା ୧୭ନଂ ୱାର୍ଡ ସ୍ଥିତ ବିଜୁ ଆଦର୍ଶ କଲୋନୀ ବସ୍ତିରେ ଥିବା ଗ୍ରାମଦେବତୀ ମଙ୍ଗଳାଙ୍କ ପୀଠରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାଟୁଆ ମାନେ ସୋମବାର ଅପରାହ୍ନରେ ରୀତିନୀତି ଅନୁଯାୟୀ ମାଙ୍କ ସମସ୍ତ ପୁଜାର୍ଚ୍ଚନା ପରେ ମଙ୍ଗଳାଙ୍କ ନିକଟରେ ତିଆରି ହୋଇଥିବା ଝାମୁ ନିଆଁରେ ଚାଲିବା ଦୃଶ୍ୟକୁ ଶ୍ରଦ୍ଧାଳୁ ମାନେ ଦେଖିବା ସହ ମା'ଙ୍କୁ ପୁଜାର୍ଚ୍ଚନା କରିଥିଲେ । ମୁଖ୍ୟ କାଳିସୀ ମାୟାଧର ନାଏକ,ରୀନା ନାଏକ,ରେଖା ନାଏକ,ମାଧବ ନାଏକ, ବୈକୁଣ୍ଠ ନାଏକ ଓ ନରେଶ ନାଏକ ପ୍ରମୁଖ କାର୍ଯ୍ୟକ୍ର ପରିଚାଳନା କରିଥରଲେ । ବିଶ୍ୱାସ ଅଛି ମାନସିକଧାରୀ ମାନେ ଯାହା ମାନସିକ କରିଥାନ୍ତି ମାଙ୍କ ଆର୍ଶୀବାଦରୁ ତାହା ପୁରଣ ହୋଇଥାଏ । କାଳିସୀ ମାନେ ମାଙ୍କ ସ୍ୱରୁପ ହୋଇଥିବାରୁ ଶ୍ରଦ୍ଧାଳୁ ଭକ୍ତ ମାନେ ନିଜର ସମସ୍ୟା କାଳିସୀ ମାନଙ୍କୁ ଜଣାଉଥିବା ଦେଖିବାକୁ ମିଳିଥିଲା । ସେହିପରି



ହରିଅନ୍ତା ପଞ୍ଚାୟତର ଦପ୍ତରୀ ଗ୍ରାମରେ ଲାଗିଥିବା କାଳିସୀମାନେ ଅଗ୍ନିରେ ଚାଲିବା, ଖଣ୍ଡା ଓ ତ୍ରିଶୁଳରେ ଛିଡା ହେବା ସହିତ କଣ୍ଟାରେ ଗଡିବା ଭଳି ଦୃଶ୍ୟ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ସହସ୍ରାଧିକ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା । ଅନୁରୂପ ଭାବେ ଇନ୍ଦ୍ରାଣୀପାଟଣା ପଞ୍ଚାୟତର ଚଷାପଡା ଓ ନଖରା ପଞ୍ଚାୟତର ଅଙ୍ଗଦରାଡିହ ଗ୍ରାମରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

# ନିଖିଳ ଜନହିତକାରୀ ଭାଗବତ ପାରାୟଣ

ଆଳି(ଭାସ୍କର ନ୍ୟୁଜ): ବ୍ଲକ ଅଟାଳ ପଞ୍ଚାୟତର କୋଚିଲା ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଶ୍ରୀମଦ ଭାଗବତ ପରିଷଦ ପକ୍ଷରୁ ସାତଦିନ ବ୍ୟାପି ନିଖିଳ ଜନହିତକାରୀ ନବମ ବାର୍ଷିକ ଶ୍ରୀମଦ ଭାଗବତ ପାରାୟଣ, ଜ୍ଞାନଯଜ୍ଞ, ପ୍ରବଚନ ଓ ସତସଙ୍ଗ ଯଥା ବିଧି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟହ ଗୁରୁପୂଜା, ସୂର୍ଯ୍ୟ ପୂଜା, ବାସୁଦେବ ପୂଜା, ଭାଗବତ ପାରାୟଣ ସହିତ ପ୍ରଥମ ଦିନ କଳସ ଯାତ୍ରା ମଧ୍ୟରେ ବିଶେଷ ଆକର୍ଷଣ ବଳିବାମନ ଯାତ୍ରାରେ ନଗର ପରିକ୍ରମା ଓ ଶେଷଦିନ ହନୁମାନ ଜୟନ୍ତୀ ପାଳନ ସହ ପୂର୍ଣ୍ଣାହୁତି କରାଯାଇଥିଲା । ପ୍ରତ୍ୟକ ଦିନ ସନ୍ଧ୍ୟାରେ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର, ସନ୍ଥ ନିରଂଙ୍କାରୀ ମଣ୍ଡଳ, ବାଣିଶ୍ରୀ ଭଜନ ସନ୍ଧ୍ୟା, ପ୍ରଜାପତି ବ୍ରମ୍ହାକୁମାରୀ ନିଆଳଙ୍କ ସହିତ ପାଟକୁରା ଅଭିରାମ ମଠର ପ୍ରବଚିକା ଗଙ୍ଗାମାତାଙ୍କ ପ୍ରବଚନ ଆଦି ବିଭିନ୍ନ ଅନୁଷ୍ଠାନ ତରଫରୁ ସତସଙ୍ଗ ଓ ଭଜନ ସନ୍ଧ୍ୟାର ଆୟୋଜନ ମଧ୍ୟ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଶ୍ରୀମଦ ଭାଗବତ ପରିଷଦର କର୍ମକର୍ତ୍ତାମାନେ ପରିଚାଳନା କରିବା ସହ ଗ୍ରାମର ଯୁବକମାନେ ସହଯୋଗ କରିଥିଲେ ।



# ଚୋରି ମାମଲାରେ ୭ ଦିନ ହାଜତରେ ରଖି ନିର୍ଯାତନା ଦେଲା ପୋଲିସ

କଣ୍ଟାପଡା(ଭାସ୍କର ନ୍ୟୁଜ): ଗୋବିନ୍ଦ ପୂର ଥାନା ପୋଲିସ ପାଟସୁନ୍ଦରପୂର ଅଞ୍ଚଳର ଦୁଇ ଯୁବକଙ୍କୁ ଏକ ଚୋରି ମାମଲାରେ ତଦନ୍ତ କରିବାକୁ ନେଇ ୭ ଦିନ କାଳ ଥାନା ହାଜତ ଓ ଥାନା ବାହାରେ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିବା ପୀଡିତା ଅଭିଯୋଗ ଆଣିଛନ୍ତି । ସୂଚନା ମୁତାବକ ଉକ୍ତ ଥାନା ଅଧିନସ୍ତ ଝାରପଡା ଗ୍ରାମର ଅନ୍ତର୍ଯ୍ୟାମୀ ଜେନା ସୁନା ଜିନିଷ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ । ଗୋବିନ୍ଦପୂର ପୋଲିସ ଉକ୍ତ ଆଧାରରେ ତଦନ୍ତ କରି ଦଳିତ ପିଲା ମିଥୁନ ଭୋଇ, ରାଜେଶ ବେହେରା, ବୈଦ୍ୟନାଥ ବେହେରାଙ୍କୁ ସନ୍ଦେହରେ ଆଣି ୭ ଦିନ କାଳ ଥାନାରେ ରଖି ନିର୍ଧୂମ ପିଟିବା ସହ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗକୁ ଖଣ୍ଡିଆ ଖାବରା କରିବା ଓ ଥାନା ଅଧିକାରୀ ବନ୍ଧୁକ ପାଟିରେ ପୁରେଇ ଫୁଟେଇଦେବା ଧମକ ଦବା ଓ ଏନକାଉଣ୍ଟର କରି ମାରିଦେବା ଧମକ ଦେଖାଇଥିଲେ । ରାତିସାରା ୭ ଦିନ ଯାକ ଯୁବକମାନଙ୍କୁ ପୋଲିସ ପିଟିଥିବା ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ପୀଡିତା । ଯୁବକଙ୍କ ଦେହରେ ବହୁତ କ୍ଷତବିକ୍ଷତ ସହ ସେମାନେ ଚାଲି ପାରୁନାହାନ୍ତି । କଣ୍ଟାପଡା ବ୍ଲକରେ ଜିଲ୍ଲାପାଳଙ୍କ ଜନସୁଣା ଣିରେ ଗ୍ରାମାଞ୍ଚଳ ଏସପିଙ୍କୁ ଭେଟି ଅଭିଯୋଗ କରିବେ ବୋଲି ପୀଡିତାଙ୍କ ପରିବାର କହିଛନ୍ତି । ଏ ନେଇ ଗୋବିନ୍ଦପୂର ପୋଲିସର ପ୍ରତିକ୍ରିୟା ମିଳିପାରିନାହିଁ ।

## ଦୁର୍ଘଟଣାରେ ଯୁବକ ଗୁରୁତର

ଭାପୁର(ଭାସ୍କର ନ୍ୟୁଜ): ଭାପୁର ବ୍ଲକ ଗୋଳାପୋଖରୀ ଗ୍ରାମର ଘନଶ୍ୟାମ ପାତ୍ରଙ୍କ ପୁଅ ବଂଶୀଧର ପାତ୍ର (୨୬) କାର ଦୁର୍ଘଟଣାରେ ଗୁରୁତର ହୋଇ ଭୁବନେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡିଛି । ଘଟଣାରୁ ପ୍ରକାଶ, ସୋମବାର ଅପରାହ୍ନରେ ବଂଶୀଧର ନିଜ ଗ୍ରାମରୁ ଭାପୁର ଆସୁଥିବାବେଳେ ମଝିରେ ଅବସ୍ଥିତ ତାରିଣୀ ମନ୍ଦିର ନିକଟରେ ଭାରସାମ୍ୟ ହରେଇ କାରକୁ ଗଛରେ ପିଟି ଦେଇଥିଲେ । ଖବରପାଇ, ପରିବାର ଲୋକ ଦୁର୍ଘଟଣା ସ୍ଥଳରେ ପହଞ୍ଚି ବଂଶୀଧରଙ୍କୁ ଉଦ୍ଧାରକରି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ କାର୍ଯ୍ୟରତ ଡାକ୍ତର ସତ୍ୟସୁନ୍ଦର ସାହୁ ପ୍ରାଥମିକ ଚିକିତ୍ସା କରିବାପରେ ବଂଶୀଧରଙ୍କ ଦୁଇଟି ଯାକ ଗୋଡ଼ ଭାଙ୍ଗି ଯାଇଥିବାରୁ ଅବସ୍ଥା ଗୁରୁତର ରହିଥିବାବେଳେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ପଠେଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ପ୍ରକାଶ ।

# ଚୌଦ୍ୱାର ସହରରେ ଖୋଲିଲା ଜଳଦାନ କେନ୍ଦ୍ର



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ସହରର ବିଭିନ୍ନ ସ୍ଥାନରେ ଜଳଦାନ କେନ୍ଦମାନ ପ୍ରତିଷ୍ଠା କରାଯାଇଛି । ପୌରପାଳିକାର କଳିଙ୍ଗ ଛକ,ଚାରବାଟିଆ ବଜାର,ବିରୂପା ନଦୀ କୁଳ, ଓଟିଏମ ବଜାର, ଓଟିଏମ କଲୋନୀ, ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଜଳଦାନ କେନ୍ଦ୍ର ଖୋଲାଯାଇଛି । ପୌରପାଳିକା ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଖୋଲାଯାଇଥିବା ଏହି କେନ୍ଦ୍ର ଗୁଡିକର ଉଦ୍‌ଘାଟନ ଉତ୍ସବରେ କାଉନସିଲର ବିଜୟ କୁମାର ମଲ୍ଲିକ, ଅଜୟ କୁମାର ବେହେରା, ଅଜିନୀ ବେହେରା, ପୌର କର୍ମଚାରୀ ଦେବାଶିଷ ମହାପାତ୍ର, ଦୁର୍ଗା ଚରଣ ମହାନ୍ତି, ଅନିରୁଦ୍ଧ ସାହୁ, ବିଚିତ୍ରାନନ୍ଦ ସ୍ୱାଇଁ, ପିୟୁଷ ସାହୁ, ଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ତପନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନୁରୂପ ଭାବେ ପାଇକରାପୁରସ୍ଥିତ ଶ୍ରୀ ଶ୍ରୀ ପଞ୍ଚସଖା ସେବା ପରିଷଦ ପକ୍ଷରୁ କଳିଙ୍ଗ ଛକ ନିକଟରେ ଏକ ଜଳଦାନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ସାମାଜିକକର୍ମୀ କିଶୋର କୁମାର ସାହୁ ଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ । ସଭାପତି ସଂଗ୍ରାମ କୁମାର ଗିରି,ନୃସିଂହ ଚରଣ ସାହୁ,ଭୋଳାନାଥ ନାୟକ, ସୌମ୍ୟ ରଞ୍ଜନ ବାରିକ୍,ଲିଙ୍ଗରାଜ ସାହୁ,ମାୟାଧର ପ୍ରଧାନ,ତ୍ରିଲୋଚନ ମହାନ୍ତି,ପ୍ରସନ୍ନ କୁମାର ସାହୁ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ନିମାପଡ଼ାରେ ଓଡ଼ିଆ ନବବର୍ଷ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ପାଳିତ

ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ନିମାପଡ଼ା ଅଂଚଳରେ ବିଭିନ୍ନ ସ୍ଥାନରେ ଏହି ପର୍ବ ପାଳନ କରାଯାଇଛି । ଓଡ଼ିଆ ନବବର୍ଷ ଅବସରରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଶୋଭାଯାତ୍ରା କରାଯାଇ ରାମଧୂନ୍‌ରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଉଠିଛି । ପ୍ରତ୍ୟେକ ମନ୍ଦିରରେ ଏହି ଓଡ଼ିଆ ନବବର୍ଷ ପାଳନ ହୋଇଥିବା ବେଳେ ବିଶେଷ କରି ରାମମନ୍ଦିର ଓ ହନୁମାନ ମନ୍ଦିରରେ ମହା ଜାକଜମକରେ ପର୍ବ ପାଳନ ହୋଇଛି । ହଜାର ହଜାର ସଂଖ୍ୟକ ଭକ୍ତ ଠାକୁରଙ୍କ ଦର୍ଶନ କରିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ାରେ ଓଡ଼ିଆ ନବବର୍ଷ ପାଳନ କରାଯାଇଥିବା ବେଳେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ନୂଆ ବସ୍‌ଷ୍ଟାଣ୍ଡରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା



ସହ ପୂର୍ଣ୍ଣେଶ୍ୱର ଦେବଙ୍କ ମନ୍ଦିରରେ ପହଞ୍ଚିଥିଲା । ଏହି ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ହରିବୋଲ ସାଙ୍ଗକୁ ରାମଧୂନ୍‌ରେ ସହର କମ୍ପି ଉଠିଥିଲା । ଓଡ଼ିଆମାନେ ଏହି ବର୍ଷକୁ ନବବର୍ଷ ଭାବେ ପାଳନ କରିଥାନ୍ତି । ପ୍ରତ୍ୟେକଙ୍କ ଘର ଆଗରେ ଥିବା ବୃନ୍ଦାବତୀ ଚଉରା ମୂଳରେ ଠାକୁରଙ୍କୁ ପଣା ଅର୍ପଣ କରାଯାଇ ମାନସିକ ଲୋକମାନେ କରିଥାନ୍ତି । ପ୍ରତ୍ୟେକ ମନ୍ଦିର ଆଗରେ ପଣା ବଂଟା ଯାଇଥାଏ । ନିମାପଡ଼ାରେ ମଧ୍ୟ ଅନେକ ସ୍ଥାନରେ ପଣା ବଣ୍ଟନ କରାଯାଇଥିବା ଜଣାପଡ଼ିଛି । ସେହିପରି ନିମାପଡ଼ା ବ୍ଲକ୍ ବିଶିମାତ୍ରୀ ଗ୍ରାମ ମା' ହରଚଣ୍ଡୀଙ୍କ ପୀଠରେ ପଣା ସଂକ୍ରାନ୍ତି ଅବସରରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥିଲା । ରାତ୍ରରୁ ମା'ଙ୍କ ସମସ୍ତ ପୂଜା ନୀତି ଯଥାବିଧି ଅନୁଷ୍ଠିତ ହୋଇଥିବା ବେଳେ ମଧ୍ୟାହ୍ନ ସମୟରେ ଠାକୁରଙ୍କ ପ୍ରସାଦକୁ ଲୋକମାନଙ୍କୁ ବାଣ୍ଟି ଦିଆ ଯାଇଥିଲା । ପ୍ରଭୁ ଚନ୍ଦ୍ର ଶେଖରଙ୍କର ଚଳନ୍ତି ପ୍ରତିମାକୁ ସେବକମାନେ ମନ୍ଦିର ବେଢ଼ା ପରିକ୍ରମା କରାଇଥିଲେ । ଅପରାହ୍ନ ସମୟରେ ମା' କାଳେଶୀ ଗୋପାଳପୁର ଗ୍ରାମର ଭରତ ବାରିକ ଏକ ବିରାଟ ଶୋଭାଯାତ୍ରାରେ ଭୋଦର ଗ୍ରାମର ମଳଉ ପୋଖରୀକୁ ଯାଇ ସ୍ନାନ କରିବା ପରେ ମନ୍ଦିରକୁ ଫେରିଥିଲେ । ପୂଜକମାନେ ଆଜ୍ଞାମାଳ ପ୍ରଦାନ କରିବା ପରେ ମନ୍ଦିର ସମ୍ମୁଖରେ ପୂର୍ବ ପ୍ରସ୍ତୁତ ଅନୁଯାୟୀ ରଡ଼ ନିଆଁ ଗର୍ତ୍ତରେ ଖାଲି ପାଦରେ କାଳିଶୀ ୩ ଥର ପରିକ୍ରମା କରିଥିଲେ । ସେଠାରେ ଗୁହାରୀଆ ପଡ଼ିଥିବା ଶ୍ରଦ୍ଧାଳୁମାନଙ୍କୁ କାଳିଶୀ ଆଶୀର୍ବାଦ ପ୍ରଦାନ କରିଥିଲେ । ୨୧ଜଣ ଦଳିତ ପାଟୁଆ ମଧ୍ୟ ଝାମୁରେ ଚାଲି ଥିଲେ । ନିକଟସ୍ଥ ଓରପଟ, ଗୋପାଳପୁର, ବ୍ରହ୍ମକୁଣ୍ଡି, ଭୋଦର, ଜୁଣ୍ଣପୁର, ଗଡ଼ଝିଙ୍କିରିଆ, ଲାଲବାଗ, କଂଟିଲୋ, ଓଳାଂଶ, ଅସୁରଢ଼ିପ, ସୁଧବାରିମୂଳର ଜନସାଧାରଣ ଏହି ଝାମୁ ଯାତ୍ରାରେ ଯୋଗ ଦେଇଥିଲେ ।



ଉମରକୋଟ, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲାର ଉମରକୋଟ ଅନ୍ତର୍ଗତ ବେହେଡା ଠାରେ ମାଙ୍କ ଯାତ୍ରା ଗତ ବୁଧବାର ଠାରୁ ଆରମ୍ଭ ହୋଇ ୧୪ ପର୍ଯ୍ୟନ୍ତ ମା ଘଟଗାଁ ତାରିଣୀ ପୀଠ ବିଧି ଅନୁଯାୟୀ ପାଳିତ ହେଲା। ଗତ ୦୯ତାରିଖରେ ଏକ ଶୋଭାଯାତ୍ରାରେ ମାନସିକ ଧାରୀ ମାନେ ତେଲନଦୀରୁ ପାଣି ଧରି ମନ୍ଦିର ନିକଟରେ ଅର୍ପଣ କରିଥିଲେ। ସୂର୍ଯ୍ୟପୂଜା, ଘଟପୂଜା, ବନଦୁର୍ଗା, କାଳୀ ବେଶ, ଚଣ୍ଡୀବେଶ, ଅପରାଜିତା ବେଶ, ଗାୟତ୍ରୀ ବେଶ ଏହିପରି ମା' ପ୍ରତ୍ୟେକ ଦିନ ନୂଆ ବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ। ଯାହାକୁ ଦେଖିବାକୁ ବହୁତ ଲୋକ ସମାଗମ ହୋଇଥିଲା। ପଣା ସଂକ୍ରାନ୍ତି ଦିନ ସକାଳୁ ପଣା ଭୋଗ ଭକ୍ତ ପାଇଥିଲେ। ପରେ ଦିନ ୧୨ଘଣ୍ଟିକା ସମୟରେ କମିଟି ତରଫରୁ ଅନ୍ନ ଭୋଗର ବ୍ୟବସ୍ଥା ହୋଇଥିଲା। ଏଥିରେ ହଜାର ହଜାର ଭକ୍ତ ଆସି ମାଙ୍କ କୃପା ଲାଭ ଶହ କମିଟି ତରଫରୁ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ କରି ଏତେ ବଡ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଦିନବେଳେ ଭଳିକି ଭଳି ପସରା ସହ ସବୁ ଜିନିଷ କିଣା କିଣି କରିଥିଲେ। ରାତ୍ରରେ କମିଟି ତରଫରୁ ଦେଶିଆ ନାଟ ପରିବେଷଣ ହୋଇଛି। ସନ୍ଧ୍ୟା ସମୟରେ ମାଙ୍କ ଆଳତିରେ ସବୁ ଭକ୍ତମାନେ ଭାଗ ନେଇଥିଲେ, ପୂଜାରୀ ସୁଦାମ ମିଶ୍ର ଆଳତିକୁ ମନ୍ଦିର ପରିକ୍ରମା ସମୟରେ ଭକ୍ତମାନେ ନିଜେ ଇଚ୍ଛାରେ ପରିକ୍ରମାରେ ସମ୍ପୂର୍ଣ୍ଣ ଭାବବିହ୍ୱଳ ଭକ୍ତି ଜାଗ୍ରତ ହୋଇଥିଲା। ଲୋକଙ୍କ କହିବା ଅନୁସାରେ ଦକ୍ଷିଣ ଓଡିଶାରେ ମା ତାରିଣୀଙ୍କୁ ଦର୍ଶନ କଲେ ମା ଘଟଗାଁ ଭଳି ଅନୁଭୂତି ମିଳିଥାଏ। କମିଟି ଓ ପ୍ରଶାସନ ପୁରାପୁରି ଭାବରେ ସହଯୋଗ କରି ବହୁତ ସୁନ୍ଦର ଦର୍ଶନ ବ୍ୟବସ୍ଥା ସହ ପ୍ରସାଦ ସେବନ ବି ଶୃଙ୍ଖଳା ଭାବରେ ହୋଇପାରିଛି।

# ଅଗ୍ନିଶମ ସେବା ସପ୍ତାହରେ ଅଗ୍ନି ନିରାପତ୍ତାକୁ ନେଇ ଜନ ସଚେତନତା

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍ ) : ୧୯୯୪ ମସିହା ଏପ୍ରିଲ ୧୪ ତାରିଖ ଦିନ ମୁମ୍ବାଇସ୍ଥିତ ଭିକ୍ଟୋରିଆ ଡକସିପରେ ଭୟାବହ ଅଗ୍ନିକାଣ୍ଡ ଘଟି ୬୬ ଜଣ ଅଗ୍ନିଶମ କର୍ମଚାରୀଙ୍କ ଶୋଚନୀୟ ମୃତ୍ୟୁବରଣ କରିଥିଲେ। ଏହି ଦିନଟିକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଏପ୍ରିଲ ୧୪ ତାରିଖରୁ ୨୦ ତାରିଖ ଯାଏ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ ହୋଇଥାଏ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଗ୍ନିଶମ ବିଭାଗ ପକ୍ଷରୁ ଜାତୀୟ ଅଗ୍ନିଶମ ସେବା ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ସେବା ସପ୍ତାହ ଅବସରରେ ଅସ୍ତରଙ୍ଗ ଅଗ୍ନିଶମ ବିଭାଗ ପକ୍ଷରୁ ଅସ୍ତରଙ୍ଗ ଜାଗୁଲାଇ ପଡିଆରେ ଜନସାଧାରଣଙ୍କ ସଚେତନତା ଉଦ୍ଦେଶ୍ୟରେ ଏକ ନିଆରା ପ୍ରୟାସ କରାଯାଇଛି। ସବୁ



ଜରୁରୀ ପରିସ୍ଥିତିରେ ଅଗ୍ନିଶମ ବିଭାଗର ଆବଶ୍ୟକତା ପଡିଥାଏ। ଏଣୁ ଅଗ୍ନିଶମ ସେବା ସପ୍ତାହ ଅବସରରେ ଲୋକ ମାନଙ୍କୁ ଆବଶ୍ୟକୀୟ ଅଗ୍ନି ନିର୍ବାପକ ସମ୍ପର୍କରେ ଅବଗତ କରାଇବା ପାଇଁ ନିଆରା ପଦକ୍ଷେପ ଗ୍ରହଣ କରାଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ୨ଟି ଦମ୍ କଳ ଗାଡ଼ି ବାହାରି ଅସ୍ତରଙ୍ଗ ବଜାର ପରିକ୍ରମା ସହ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ଅଗ୍ନି ନିରାପତ୍ତା ବିଷୟରେ ସଚେତନ କରାଇବା ସହିତ ବର୍ତ୍ତମାନ କାର୍ଯ୍ୟକ୍ଷମ ହେଉଥିବା ଜରୁରୀ ଯୋଗାଯୋଗ ନଂ ୧୦୧ବଦଳରେ ୧୧୨ବ୍ୟବହାର କରିବାକୁ ଲୋକମାନଙ୍କୁ ସଚେତନ କରାଯାଇଛି। ଏଥି ସହ ଅଗ୍ନିସୁରକ୍ଷା ପାଇଁ ବ୍ୟବହୃତ ଉପକରଣକୁ କିପରି ସଠିକ ଭାବେ ରକ୍ଷଣାବେକ୍ଷଣ କରାଯାଇ ପାରିବ ସେ ନେଇ ମଧ୍ୟ ସଚେତନ କରାଯାଇଛି। ସୁରକ୍ଷା ପାଇଁ ଉପକରଣ ସୁରକ୍ଷା ନିତାନ୍ତ ଆବଶ୍ୟକ। ଏହି ସପ୍ତାହ ମଧ୍ୟରେ ଅସ୍ତରଙ୍ଗ ଅଗ୍ନିଶମ ସେବା କେନ୍ଦ୍ର ପକ୍ଷରୁ ବ୍ଲକର ବିଭିନ୍ନ ସ୍ଥାନରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ କରାଯିବ ବୋଲି ଅଗ୍ନିଶମ କେନ୍ଦ୍ରର ଷ୍ଟେସନ ଅଫିସର ପ୍ରହଲ୍ଲାଦ ରାୟ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ହାବିଲଦାର (ଗାଡି ଚାଳକ )ତାପସ ରାଉତ, ଦୀପକ ବେହେରା, ଆଗ୍ନୀକ ସାରଦା ପ୍ରସନ୍ନ ସ୍ୱାଇଁ, ନିରଞ୍ଜନ ମାନ ସିଂ, ସୁବ୍ରତ ସାମଲ ଓ ଅନ୍ୟ ସମସ୍ତ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ।

# କାମ କରୁନି ପଲିଥିନ ନିଷେଧ ଆଇନ

# ପରିବେଶ ସନ୍ତୁଳନ ବିଗୁଡୁଛି, ପ୍ରଶାସନ ସାଜିଛି ନିରବ ଦ୍ରଷ୍ଟା

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଲୋକମାନଙ୍କ ହିତ ପାଇଁ ଅନେକ ବର୍ଜ୍ୟବସ୍ତୁକୁ ବ୍ୟବହାର ଉପରେ କଟକଣା ଲାଗୁ କରି ବିଭିନ୍ନ ସମୟରେ ନିର୍ଦ୍ଦେଶନାମା ଜାରି କରିଥିବା ବେଳେ ଏହା କେବଳ ଘୋଷଣାନାମାରେ ରହିଯାଉଛି । ଏବେ ପଲିଥିନ ବ୍ୟବହାର ଉପରେ କଟକଣା ୨୦୨୧ ମସିହାରୁ ସରକାର ଲାଗୁ କରିଥିବା ସତ୍ତ୍ୱେ କାର୍ଯ୍ୟକାରୀ ସଂସ୍ଥା ଯଥା ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ, ମୁନିସିପାଲିଟି ଓ ଏନଏସି, ବ୍ଲକ ଓ ପଞ୍ଚାୟତ ପ୍ରଭୃତି ଏଜେନ୍ସି ଏହି କଟକଣାକୁ ନିଜ ନିଜର କ୍ଷମତା କ୍ଷେତ୍ର ମଧ୍ୟରେ ତଳସ୍ତରରେ କାର୍ଯ୍ୟ ସମ୍ପାଦନ କରୁନାହାଁନ୍ତି। ସରକାରଙ୍କର ନିର୍ଦ୍ଦେଶନାମା ଚିଠି ପାଇ ଫାଇଲ ଭିତରେ ବର୍ଷ ବର୍ଷ ଧରି ରହିଯାଉଛି ହେଲେ କାର୍ଯ୍ୟକାରୀ ହେଉନଥିବା ବୁଦ୍ଧିଜୀବୀ ନିତ୍ୟାନନ୍ଦ ଦାଶ କ୍ଷୋଭର ସହିତ ପ୍ରକାଶ କରିଛନ୍ତି।



ଏପରିକି ଏ ସଂକ୍ରାନ୍ତରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କରଙ୍କୁ ପଚାରିଲେ ସେ କୁହନ୍ତି ତାଙ୍କ ବିଭାଗ ଏହି ଆଇନକୁ କାର୍ଯ୍ୟକାରୀ କରିବା ସଂସ୍ଥା ସହ ମିଶି ବଡ଼ ଧରଣର ଚଢ଼ାଉ କରାଯିବ। ତେବେ ଏହି ଗୋଟିଏ ଉତ୍ତର ଦୀର୍ଘ ଛଅ ମାସ ହେଲା ଶୁଣିବାକୁ ମିଳୁଛି ବୋଲି ଅଭିଯୋଗ ହେଉଛି । ଏହା କାର୍ଯ୍ୟକାରୀ ସଂସ୍ଥା ଉପରେ ଦୋଷ ଲଦି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ନିଜର ପ୍ରମୁଖ ଭୂମିକାରୁ ଦୂରେଇ ଯିବାର ଏକ ବାହାନା ବୋଲି ସୁଶାନ୍ତ କୁମାର ସାହୁ ଅଭିଯୋଗ କରିଛନ୍ତି। ସେହିପରି କେନ୍ଦୁଝର ମୁନିସିପାଲିଟି ନିର୍ବାହୀ ଅଧିକାରୀ ଲଳିତ ନାୟକଙ୍କୁ ପଚାରିବାରୁ ଖୁବଶୀଘ୍ର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୨୦ ମାଇକ୍ରନ ତଳର ପଲିଥିନର ବେଆଇନ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ମୁନିସିପାଲିଟି ଚେଷ୍ଟା କରିବ ବୋଲି ସେ କହିଛନ୍ତି। ଏ ବାବଦରେ ନଗରପାଳିକା ଉପାଧ୍ୟକ୍ଷ ବରଦା ଦାସଙ୍କୁ ପଚାରିବାରୁ ପଲିଥିନ କଟକଣାକୁ କିପରି ସଠିକ ଭାବରେ କାର୍ଯ୍ୟକାରୀ ପାଇଁ କାଉନ୍ସିଲ ମିଟିଂରେ ଅତୀତରେ ରିଜୋଲୁସନ ହୋଇଛି। ଏହା ବ୍ୟତୀତ ରିଜୋଲୁସନ କରାଯାଇ ତାହା କେବଳ ସେଇଥିରେ ରହିଯାଉଛି। କାଁଭାଁ କେତେବେଳେ କେମିତି ବର୍ଷରେ ଥରେ ଦୁଇ ଥର ଛୋଟ ମୋଟ ରିଟେଲର ବ୍ୟବସାୟୀଙ୍କ ଉପରେ ଚଢ଼ାଉ କରାଯାଉଛି ସେଥିପାଇଁ ବ୍ୟବସାୟୀ ମାନଙ୍କ ଡର ରହୁନାହିଁ। ଚଢ଼ାଉ ନିୟମିତ, ତାହା ପୁଣି ପଲିଥିନ ହୋଲସେଲରଙ୍କ ଉପରେ କରାଯାଇ ଦଣ୍ଡବିଧାନ କରାଗଲେ ଏହା ଫଳପ୍ରଦ ହୋଇ ପାରନ୍ତା ବୋଲି କାଉନସିଲର ପଙ୍କଜ ଦ୍ୱିବେଦୀ ପ୍ରକାଶ କରିଛନ୍ତି ।

# ଦୁର୍ଘଟଣାରେ ସ୍କୁଟି ଚାଳକ ମୃତ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍ ) : ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ କୁଲାଡ଼ ମୁଖ୍ୟ ରାସ୍ତାରେ ରବିବାର ରାତିରେ ଏକ ମୋଟର ସାଇକେଲ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣଙ୍କ କୁଲାଡ ଗ୍ରାମର ଦିଗବାସ ପାଣ୍ଡବଙ୍କ ପତ୍ନୀ ସୁଷମା ପାଣ୍ଡବ (୫୪) ବୋଲି ଜଣାପଡିଛି। ଖବର ନେବାରେ ରବିବାର ସୁଷମା ମା' କାଳୀଙ୍କ ଦର୍ଶନ ସାରି ଘରକୁ ସ୍କୁଟିରେ ଫେରୁଥିବା ସମୟରେ କୋଟି ବିରାଡି ପଟୁ ଓଡି୩୨ବି୨୫୬୮ ନମ୍ବର ବିଶିଷ୍ଟ ଏକ ବାଇକ୍ ତାଙ୍କୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସୁଷମା ଗୁରୁତର ହୋଇ ପଡିଥିଲେ। ତାଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସୁଷମା ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଭଞ୍ଜନଗର ପୋଲିସ ଖବର ପାଇ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ତଦନ୍ତ କରି ବ୍ୟବଚ୍ଛେଦ ଗୃହକୁ ପଠାଇ ଦିଆଯାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ମାମଲା ରୁଜୁ କରି ଭଞ୍ଜନଗର ପୋଲିସ ତଦନ୍ତ ଚଳାଇଛି।

# ହନୁମାନ ଜୟନ୍ତୀ ଓ ମହା ବିଷୁବ ସଂକ୍ରାନ୍ତି ଅବସରରେ ଜମିଛି ପଣାର ଆସର



ଉମରକୋଟ, (ଭାସ୍କର ନ୍ୟୁଜ୍ ) : ମହା ବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ଉମରକୋଟ ଝାଡ଼େଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ନିଖିଳ ଉତ୍କଳ ଖତୁରା ସମାଜ, ଉମରକୋଟ ପେଣ୍ଠ ତରଫରୁ ଭକ୍ତ ବୃନ୍ଦଙ୍କୁ ପଣା ବଣ୍ଟନ କରାଯାଇଥିଲା। ପେଣ୍ଠର ସଭାପତି ସୁରେନ୍ଦ୍ର ନାୟକ, ସମ୍ପାଦକ ତ୍ରିପତି ମହାପାତ୍ର ଓ କାର୍ଯ୍ୟକାରୀ ସମ୍ପାଦକ ସନ୍ତୋଷ କୁମାର ନାୟକଙ୍କ ନେତୃତ୍ୱରେ ଅନ୍ୟାନ୍ୟ ସଦସ୍ୟ ବୃନ୍ଦ ଯଥା ଶିବ ପ୍ରସାଦ ସୁବୁଦ୍ଧି, ଧବଳେଶ୍ୱର ନାୟକ, ସୁନୀଲ ନାୟକ, ମିଟୁ ମହାପାତ୍ର, ରମେଶ ନାୟକ, ପ୍ରବୀର ସାହୁ, ଶିବ ଶଙ୍କର ବେହେରା, ପ୍ରଭାକର ମହାପାତ୍ର, ନାଗେଶ୍ୱର ନାୟକ, ସୁଧୀର ସାହୁ, ଅମୀୟ ସାହୁ, ପେଣ୍ଡରା ସାହୁ, କାହ୍ନୁ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଟିକୁ ସାଫଲ୍ୟ ମଣ୍ଡିତ କରାଇଥିଲେ।

ଭଞ୍ଜନଗର, (ଭାସ୍କର ନ୍ୟୁଜ୍ ): ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ, ଏବଂ ଓଡିଆ ନବବର୍ଷ ତଥା ପଣା ସଂକ୍ରାନ୍ତି ଅବସରରେ ଜଗନ୍ନାଥ ପ୍ରସାଦ ବ୍ଲକ ଅଧିନସ୍ଥ ବିଡ଼ିପୁର ଗ୍ରାମ ପଂଚାୟତ ଠାରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପଂଚାୟତ ଭବନର ସେବାକେନ୍ଦ୍ର ଠାରେ ବହୁ ଆଡମ୍ବର ସହକାରେ ପିଠା, ମିଠା, ପଣାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରୁପ ମହିଳା ସଦସ୍ୟା ଓ ଏମବିକେ, ସିଆରପି ମାନଙ୍କୁ ନେଇ ବହୁ ସୁନ୍ଦର ଭାବେ କାକରା, ଆଡିସା, ମୁଗ ଫେଣୀ, ପୁଳି ବିଭିନ୍ନ ବ୍ୟଞ୍ଜନ ସାଙ୍ଗକୁ ନବାଦ, ଗୁଡ଼, ଦହି ପଣା ଆୟୋଜନ କରାଯାଇଥିଲା । ପଂଚାୟତ ତରଫରୁ ସାଧାରଣ ଲୋକ, ବହୁ ବୁଦ୍ଧିଜୀବୀ, ଗୁରୁଜନ, ଯୁବକ, ମହିଳା ମାନଙ୍କୁ ପଂଚାୟତ ଭବନ ଠାରେ ମିଠା ସହିତ ବିଭିନ୍ନ ବ୍ୟଞ୍ଜନ ସାଙ୍ଗକୁ ପଣା ଦେଇ ଆପ୍ୟାୟତ କରିବା ସହ ଓଡିଆ ନବବର୍ଷ ବହୁ ଆନନ୍ଦ ଉଲ୍ଲାସ ପାଳନ କରିବା ସାଙ୍ଗକୁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପଂଚାୟତ ବାସୀଙ୍କ ମଙ୍ଗଳ କାମନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମିତି ସଦସ୍ୟାଙ୍କ ପ୍ରତିନିଧି ତଥା ବରିଷ୍ଠ ସମାଜସେବୀ ବିପ୍ର ଚରଣ ବାରିକ, ସରପଞ୍ଚ ରଶ୍ମିତା ସାହୁ, ସରପଞ୍ଚ ପ୍ରତିନିଧି ଶ୍ରୀଯୁକ୍ତ ଶିଶିର କାନ୍ତ ସାହୁ, ନାୟବ ସରପଞ୍ଚଙ୍କ ପ୍ରତିନିଧି ଖଦଳ ସ୍ୱାଇଁ, ବରିଷ୍ଠ ବୁଦ୍ଧିଜୀବୀ ଗୋବିନ୍ଦ ଚନ୍ଦ୍ର ବାରିକ, ଚକ୍ରଧର ପାଣିଗ୍ରାହୀ, ଦିଲ୍ଲୀପ କୁମାର ସେଠି, ପ୍ରଭାତ ବାରିକ, କାହ୍ନୁ ଚରଣ ପରିଛା, ବିଦେଶୀ ଖଟେଇ, ବିଜୟ ପ୍ରଧାନ, କୃଷ୍ଣ ଚନ୍ଦ୍ର ସ୍ୱାଇଁ, ଜିତେନ୍ଦ୍ର ରଥ, ମହେଶ ପ୍ରସାଦ ରଥ, ମଧୁସୂଦନ କର, ସନ୍ତୋଷ କୁମାର ଡାକୁଆ, ଗୌରୀ ହରି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମା' କୁତାମଚଣ୍ଡିଙ୍କ ଅଷ୍ଟମ ପ୍ରହର ନାମଯଜ୍ଞ



ରଘୁନାଥପୁର, (ଭାସ୍କର ନ୍ୟୁଜ୍ ) : ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତ ତଥା ଧରାରପୁର ବସନ୍ତା ଗ୍ରାମର ଆରାଧ୍ୟା ଦେବୀ ଶ୍ରୀ ମା' କୁତାମଚଣ୍ଡିଙ୍କ ପ୍ରତିବର୍ଷ ଭଳି ମାଙ୍କ ପିଠସ୍ଥଳୀରେ ଏକତ୍ରିଂଶତମ ଅଷ୍ଟମ ପ୍ରହର ନାମଯଜ୍ଞ ରବିବାର ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ଶୁଭାଧିବାସ, ଘଟସ୍ଥାପନ କରାଯାଇ ରବିବାର ଅହୋରାତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇ ସୋମବାର ଏହାର ନଗର କିର୍ତ୍ତନ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତ ଏଠାରେ ରୁଣ୍ଡ ହୋଇ ହରିନାମ ସୁଧାରସ ପାନକରି ନିଜକୁ କୃତାର୍ଥ କରିଥିଲେ। ସମସ୍ତ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବସନ୍ତା, କୋଟକଣା, ଧରାଧରପୁର ତଥା ଅଞ୍ଚଳର ସମସ୍ତ ଭକ୍ତ ମାନଙ୍କ ସହଯୋଗରେ ଶାନ୍ତି ପୂର୍ଣ୍ଣଭାବେ ସମାପନ ହୋଇଥିଲା।

# ଦୁର୍ଗମ ଅଞ୍ଚଳରେ ମଧୁ ବର୍ଣ୍ଣବୋଧ ବଣ୍ଟନ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍ ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରର 'ଗଛ ମଣିଷ' ରୂପେ ପରିଚିତ ଗ୍ରୀନ ଇଣ୍ଡିଆ ଗ୍ରୁପ ମୁଖ୍ୟ ଗୋପେଶ୍ୱର ଗରଡ଼ା ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ନିମନ୍ତେ ସୁଦୂର ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି। ମାଲକାନଗିରି ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମଗିରି ପଞ୍ଚାୟତର ଯଦୁଗୁଡା, କାଞ୍ଜିଲି, ଏମ୍ଭି-୮୩, ଏମ୍ଭି-୮୪ ଓ ପାଣ୍ଡ୍ରିପାଣି ସଦର ପଞ୍ଚାୟତରେ ପ୍ରଥମରୁ ପଞ୍ଚମ ଯାଏଁ ପାଠ ପଢୁଥିବା ୨୮୦ ଜଣ ଗରିବ ପିଲାଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ଓ ଷଷ୍ଠରୁ ଦଶମ ଯାଏଁ ପଢୁଥିବା ପିଲାଙ୍କୁ ପେନ ପେନସିଲ ଖାତା ବଣ୍ଟନ କରି ଫେରିଆସିଛନ୍ତି। ଏହି ଭଳି ସଚେତନ କାର୍ଯ୍ୟକ୍ରମ ଅନେକ ଦିନ ହେଲାଣି ଚଳେଇ ଆସୁ ଥିବାରୁ ତାଙ୍କୁ ସବୁ ମହଲରେ ପ୍ରଶଂସା କରାଯାଉଛି। ଏହି କାର୍ଯ୍ୟକ୍ରମରେ ସୁବାସ ମାଝି, ଲିଙ୍ଗରାଜ ଗରଡ଼ା ଓ ହେମନ୍ତ ମହାନନ୍ଦିଆ ସବୁ ବେଳେ ସହଯୋଗ କରି ଆସୁଛନ୍ତି।



# ବିଭିନ୍ନ ସ୍ଥାନରେ ବାବା ସାହେବ୍ ଭୀମ ରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ଭାରତୀୟ ସମ୍ବିଧାନର ବିଶିଷ୍ଟ ରୂପକାର, ସମାଜ ବିଜ୍ଞାନୀ, ଶିକ୍ଷାବିତ୍, ଆଇନଜୀବୀ, ସମାଜ ସଂସ୍କାରକ, ସୁଲେଖକ ଓ ମାନବିକ ଅଧିକାରର ବଡ଼ ପ୍ରବକ୍ତା ଡଃ ଭୀମ ରାଓ ରାମଜୀ ଆମ୍ବେଦକରଙ୍କ ଜିଲ୍ଲାସ୍ତରୀୟ ୧୩୩ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବସଷ୍ଟାଣ୍ଡ ସ୍ଥିତ ଭାରତରତ୍ନ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ଭାରପ୍ରାପ୍ତ ପୌର ପରିଷଦ ନିର୍ବାହୀ ଅଧିକାରୀ ଅଶୋକ ଚକ୍ରବର୍ତ୍ତୀ ଉପସ୍ଥିତ ରହି ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେପରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଏକ ସଭା ଆୟୋଜନ



କରାଯାଇ ସ୍ମୃତିଚାରଣ କରାଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ହୋଇଥିବା ବକ୍ତୃତା ପ୍ରତିଯୋଗୀତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରଯାଇଥିଲା। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସତ୍ୟ ନାରାୟଣ କଲେଜର ଛାତ୍ରମାନେ ଉପସ୍ଥିତ ଥିଲେ। ସେହିପରି ସ୍ମୃତିଚାରଣ ସଭାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ କର୍ମଚାରୀ ହରେକୃଷ୍ଣ କିର୍ତ୍ତନିଆ ଓ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ।

ଜଗତସିଂହପୁର (ଭାସ୍କର ନ୍ୟୁଜ) : ଜଗତସିଂହପୁର 'ପୌରାଞ୍ଚଳ ଆମ୍ବେଦକର ସ୍ମୃତି ପରିଷଦ 'ତରଫରୁ ଡ ବି ଆର ଆମ୍ବେଦକରଙ୍କ ଜୟନ୍ତୀ ନିରାଡମ୍ବର ଭାବେ ପାଳନ କରାଯାଇଛି । ଏହି ଅବସରରେ ସ୍ମୃତି ପରିଷଦ ନିକଟରୁ ପରିଷଦର ସମସ୍ତ ସଦସ୍ୟ ଏକ ବାଇକ ଶୋଭାଯାତ୍ରାରେ ଗାନ୍ଧିଛକ ଅଭିମୁଖେ ଯାଇ ସେଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ସେଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଇ ସେଠାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ସ୍ମୃତିପରିସଦର ସଭାପତି ତ୍ରିପୁରେଶ୍ୱର୍ ମଲ୍ଲିକ ବି ଆର ଆମ୍ବେଦକରଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିବାସହ ସେ କିଭଳି ଶିକ୍ଷିତ ହେବା ସହ ସମାଜରେ ସଂଗ୍ରାମ କରି ବଞ୍ଚିବା ଓ ସମାଜରେ ସମସ୍ତ ଅନଗ୍ରସର ଅବହେଳିତ ବର୍ଗର ଲୋକ ମାନଙ୍କ ପାଇଁ ଲଢେଇ ଜାରି ରଖିବା ସମସ୍ତଙ୍କୁ ସେମାନଙ୍କର ନ୍ୟାର୍ଯ୍ୟାଧିକାର ପାଇ ପାରିବେ ତାରି ଉପରେ ଆଲଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିଷଦର ସମସ୍ତ ସଦସ୍ୟ ଯଥା ସଞ୍ଜୟ ଗୋଚ୍ଛାୟତ, ବିଷ୍ଣୁ ଚରଣ ଗୋଚ୍ଛାୟତ, ସୁଦର୍ଶନ ଗୋଚ୍ଛାୟତ, ହେମନ୍ତ ଗୋଛୟତ, ପ୍ରଭାତ କୁମାର ବେହେରା, ରାଜେଶ୍ ସେଠୀ, ମିର୍ଜା ଇନ୍ତିହାଜ୍ ବେଗ୍, କୈଳାସ ଚନ୍ଦ୍ର ଧଡା, ଶରତ ଗୋଚ୍ଛାୟତ ଓ ଅଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ନବରଙ୍ଗପୁର, (ଭାସ୍କର ନ୍ୟୁଜ) : ସ୍ଥାନୀୟ ରାଜା ଚୈତନ୍ୟ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଡ. ବି ଆର୍ ଆମ୍ବେଦକରଙ୍କ ୧୩୫ତମ ଜନ୍ମ ଜୟନ୍ତୀ ସ୍ମୃତିସଭା, ଆଲୋଚନାଚକ୍ର ଓ ମୁକ୍ତ ପ୍ରଶ୍ନ ମଂଚର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଜନ୍ମ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ରାଜ୍ୟସଭା ସାଂସଦ ମୁଜିବୁଲା ଖାଁ, ସମ୍ମାନିତ ଅତିଥି ରୂପେ ଉପ ଜିଲ୍ଲାପାଳ, ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ପୌରପାଳିକା, ନବରଙ୍ଗପୁର ଅଧକ୍ଷ କୁନୁ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଓ ମୁଖ୍ୟବକ୍ତା ରୂପେ ଉପ ସଭାପତି, ନିଖିଳ ଉତ୍କଳ ଆଇନଜିବି ପରିଷଦ ନରସିଂହନାଥ ତ୍ରୀପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ସଭାର ଆୟୋଜନ ଓ ସଂଚାଳନ କରିଥିଲେ। ଅତିଥିଗଣ ଡ ଆମ୍ବେଦକରଙ୍କୁ ବିଶିଷ୍ଟ ଜନନେତା, ସମାଜ ସଂସ୍କାରକ, ଅସାଧାରଣ ବ୍ୟକ୍ତିତ୍ୱ, ସମ୍ବିଧାନ ପ୍ରଣେତା , ଗଣତନ୍ତ୍ରର ମୁଖ୍ୟ ପୁରୋଧା, ବିଶିଷ୍ଟ ରାଜନୀତିଜ୍ଞ, ମହିଳାମାନଙ୍କ ଅଧିକାରରେ ସମାନତା, ସାମାଜିକ ନ୍ୟାୟର ପ୍ରତିଷ୍ଠାତା, ଦଳିତ ଓ ନିଷ୍ପେସିତଙ୍କ ପ୍ରାଣକର୍ତ୍ତା ରୂପେ ଅଭିହିତ କରି ତାଙ୍କର ଆଦର୍ଶ ଓ ଜୀବନୀକୁ ପାଠ କରି ଆଗାମୀ ପିଢ଼ି ଏକ ସଶକ୍ତ, ବଳିଷ୍ଠ ଗଣତନ୍ତ୍ରରେ ଭାରତବର୍ଷ କୁ ଦେଖିବା ଓ ସମସ୍ତେ ସାମାଜିକ ନ୍ୟାୟ ପ୍ରତି ଅଙ୍ଗୀକାର ହେବାକୁ ଆହ୍ୱାନ କରିଥିଲେ। ସଭାକାର୍ଯ୍ୟ ପରେ ଡ ଆମ୍ବେଦକରଙ୍କ ଜୀବନୀ ଓ ଦର୍ଶନ ଉପରେ ଏକ ମୁକ୍ତ ପ୍ରଶ୍ନ ମଞ୍ଚ ଅନୁଷ୍ଠିତ ହୋଇଥିଲା ଏବଂ ଏହାକୁ ଶିକ୍ଷକ ପ୍ରଣବ ମିଶ୍ର ଏବଂ ସ୍ମରଣ ଜେନା ପରିଚାଳନା କରିଥିଲେ। ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ଅତିଥି ଗଣ ପୁରସ୍କାର ପ୍ରଦାନ କରିଥିଲେ। ସଭାରେ ବିଭିନ୍ନ ବିଦ୍ୟାଳୟ ଆର୍ ସି ଡି ସ୍କୁଲ, ଏକସ୍ ବୋର୍ଡ, କସ୍ତୁରବା ଗାନ୍ଧୀ ଆଶ୍ରମ ସ୍କୁଲ, ପାରେଣ୍ଟସ ପ୍ରାଇଡ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି,ଅନୁଷ୍ଠାନ କର୍ମକର୍ତ୍ତା, ସରକାରୀ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍ ) : ଏହି ବ୍ଲକର ଆଖୁଆପଦା କୈବର୍ତ୍ତ ଭବନରେ କୈବର୍ତ୍ତ ସମାଜ ଆନୁକୂଲ୍ୟରେ ସୋମବାର ଆମ୍ବେଦକରଙ୍କ ୧୩୫ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲା କୈବର୍ତ୍ତ ସମାଜ ସଭାପତି ରମେଶ ଚନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ନିଖିଳ ଓଡିଶା କୈବର୍ତ୍ତ ମହାସଭା ଉପସଭାପତି ଜଗନ୍ନାଥ ମାଝୀ ମୁଖ୍ୟ ଅତିଥି, ଘୋଡାନାଚ ଗାୟକ ଉମାକାନ୍ତ ମାଝୀ, ପ୍ରଧାନଶିକ୍ଷୟତ୍ରୀ ସତ୍ୟଭାମା ପରିଡା ଓ ଶିକ୍ଷକ ମନୋଜ କୁମାର ସାହୁ, ଶିବପ୍ରସାଦ ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରମୁଖ ଯୋଗଦେଇ ଦଳିତ ସମାଜର ସଂସ୍କାର, ସ୍ୱାଭିମାନ ଓ ଅଧିକାର ପାଇଁ ବାବାସାହେବ ଦେଓରସ ଆମ୍ବେଦକରଙ୍କ ଜୀବନବ୍ୟାପୀ ସଂଗ୍ରାମ ଓ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲା କୈବର୍ତ୍ତ ସଭା ଓ ଜିଲ୍ଲା କୈବର୍ତ୍ତ ସମାଜ ଭାଇଭଉଣୀମାନେ ଉପସ୍ଥିତ ଥିଲେ। ପୂର୍ବତନ ଜିଲ୍ଲା ବିଶ୍ୱନାଥ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦିବାସୀଙ୍କ ପରିଶ୍ରମରେ ମୁନାଫା କମାଉଛନ୍ତି ବ୍ୟବସାୟୀ

ମାଲକାନଗିରି (ଭାସ୍କର ନ୍ୟୁଜ୍): ପରିଶ୍ରମ କରୁଛନ୍ତି ଆଦିବାସୀ । ମାତ୍ର ମୁନାଫା କମାଉଛନ୍ତି ବ୍ୟବସାୟୀ। ପ୍ରଚଣ୍ଡ ଖରାରେ ବଣ ପାହାଡ଼ ବୁଲି ମହୁଲ ସଂଗ୍ରହ କରୁଛନ୍ତି ଆଦିବାସୀ ମାନେ। ହେଲେ ସେମାନଙ୍କର ପରିଶ୍ରମର ଉଚିତ ମୂଲ୍ୟ ମିଳୁନାହିଁ। ମହୁଲର ଅଭାବୀ ବିକ୍ରି ଯୋଗୁଁ ସେମାନେ ସର୍ବଦା ଶୋଷଣର ଶିକାର ହେଉଛନ୍ତି, ଏଥିପାଇଁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ମଧ୍ୟ କରାଯାଇନାହିଁ। ଏଭଳି କ୍ଷେତ୍ରରେ ଜଙ୍ଗଲ ପାହାଡ଼ରୁ ମିଳୁଥିବା ପ୍ରଚୁର ପରିମାଣର ମହୁଲକୁ କେତେଜଣ ମୁନାଫା ଖୋର ବ୍ୟବସାୟୀଙ୍କୁ ଅନିଚ୍ଛା ସତ୍ତ୍ୱେ ସେମାନେ ଅତି କମ୍ ଦରରେ ବିକିବାକୁ ବାଧ ହେଉଛନ୍ତି। ବଣ ପାହାଡ଼ ଘେରା ମାଲକାନଗିରି ଜିଲାର ବିଭିନ୍ନ ଅଞ୍ଚଳରେ ଅଧିକାଂଶ ଆଦିବାସୀ ପରିବାର ବସବାସ କରୁଛନ୍ତି। ଏମାନେ ଜଙ୍ଗଲରୁ ମିଳୁଥିବା ମହୁଲ ଉପରେ ନିର୍ଭରଶୀଳ। ପ୍ରତିବର୍ଷ ୨/୩ ମାସ ମହୁଲ ଭଳି ଲଘୁବନଜାତ ଦ୍ରବ୍ୟ ଜଙ୍ଗଲରୁ ସଂଗ୍ରହକରି ଏହାକୁ ବଜାରରେ ବିକି ପରିବାର ପୋଷଣ କରିଥାନ୍ତି ଓ ମୁଖ୍ୟତଃ ମାର୍ଚ୍ଚ ଓ ଏପ୍ରିଲରେ ମହୁଲ ଫୁଲ ଝଡ଼ିଥାଏ। ତେବେ ଗଛରୁ ଝଡୁଥିବା ଫୁଲ ଗୋଟାଇବା ପାଇଁ ରାତି ପାଇଲେ ଜଙ୍ଗଲରେ ଲୋକଙ୍କର ପ୍ରବଳ ଭିଡ଼ ଜମିଥାଏ ଓ ଗଛ ମୂଳେ ପଡ଼ିଥିବା ଫୁଲକୁ ପରିବାରର ସମସ୍ତ ସଦସ୍ୟ ମିଳିତ ଭାବେ ସଂଗ୍ରହକରି ଘରକୁ ଫେରିଥାନ୍ତି। ସଂଗୃହୀତ ମହୁଲକୁ ଘରେ ପ୍ରାୟ ୧ ସପ୍ତାହରୁ ଉର୍ଦ୍ଧ୍ୱ ଦିନ ଖରାରେ ଶୁଖାନ୍ତି, ପରେ ଏହାକୁ ବିକିଥାନ୍ତି। ମାଲକାନଗିରି ଜିଲାର ବିଭିନ୍ନ ଅଞ୍ଚଳରେ ଲଘୁ ବନଜାତ



ଦ୍ରବ୍ୟ ବିକ୍ରିର କୌଣସି ବଜାର ସୁବିଧା ନ ଥିବାରୁ ସେମାନଙ୍କର ଘର ନିକଟର। ଥିବା କେତେଜଣ ବ୍ୟବସାୟୀ ଏହି ମହୁଲକୁ ସେମାନଙ୍କ ଠାରୁ ବହୁ କମ୍ ମୂଲ୍ୟରେ କିଣି ନେଇ ଅନ୍ୟତ୍ର ଅଧିକ ଦରରେ ବିକ୍ରି କରି ମାଲାମାଲ ହେଉଛନ୍ତି । ଅନ୍ୟପକ୍ଷରେ ପଞ୍ଚାୟତ ସମିତିଗୁଡିକ ନିଜ ନିଜ ଅଞ୍ଚଳରେ ଲଘୁ ବନଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ନିୟମ ରହିଥିଲେ ମଧ୍ୟ ଏଠାରେ ଏହି ନିୟମ ଆଦୌ କାର୍ଯ୍ୟକାରୀ ହେଉନାହିଁ। ଏହାଦ୍ୱାରା ମହୁଲ ଗୋଟାଳିଙ୍କୁ ଏହାର ଦର ସମ୍ପର୍କରେ ସୂଚନା ମିଳିପାରୁନାହିଁ। ଏହା ବାହାର ରାଜ୍ୟ ବ୍ୟବସାୟୀଙ୍କୁ ପ୍ରୋତ୍ସାହନ ଦେଉଛି । ଆଦିବାସୀ ସମ୍ପ୍ରଦାୟ ଲୋକଙ୍କୁ ସଶକ୍ତି କରଣ କରାଯାଉଥିବା ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଓ ସରକାର ଦୃଷ୍ଟିଦେବାକୁ ଅଞ୍ଚଳବାସଙ୍କ ପକ୍ଷରୁ ଦାବି ହେଉଛି। ସେହିପରି ମହୁଲ ଦର ନିର୍ଦ୍ଧାରଣ କରିବା ସହ ବଜାର ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି ।

# ଓଡ଼ିଆ ନବ ବର୍ଷ ଉପଲକ୍ଷେ ନିଆଳି ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ

ନିଆଳି, (ଭାସ୍କର ନ୍ୟୁଜ୍ ) : ପଣା ସଂକ୍ରାନ୍ତି ନବ ବର୍ଷ ଉପଲକ୍ଷେ ନିଆଳି ଥାନା ପକ୍ଷରୁ ବିଭିନ୍ନ ଜାଗାରେ ଫ୍ଲାଗ ମାର୍ଚ୍ଚ ହୋଇଛି। ସଦର ଏସ୍‌ଡିପିଓଙ୍କ ନିର୍ଦ୍ଦେଶରେ, ନିଆଳି ଥାନା ଆଇଆଇସି ବିଜୟ କୁମାର ମଲିକଙ୍କ ତତ୍ତ୍ୱାବଧାନରେ ଉକ୍ତ ଥାନା ଅଧିନସ୍ତ ବିଳାଶୁଣୀ ବଜାରରୁ ଅଥଙ୍ଗା ବସ୍ତି ପର୍ଯ୍ୟନ୍ତ ଏକ ବିଶାଳ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ନିଆଳି ଥାନା ଏସ୍‌ଆଇ ଜଗନ୍ନାଥ ପାଣିଗ୍ରାହୀ, ଏସ୍‌ଆଇ ଅମ୍ବିକା ପ୍ରଧାନ, ପ୍ରଶାନ୍ତ କୁମାର ବେହେରା, ଏଏସ୍‌ଆଇ ରାଜୀବ ଲୋଚନ ଦାଶ, ଏଏସ୍‌ଆଇ ମମତା ରାଣୀଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ଫ୍ଲାଗ ମାର୍ଚ୍ଚରେ ସାମିଲ ହୋଇଥିଲେ।

# ଜିଲ୍ଲାରେ ଛାତ୍ର ପରିଭ୍ରମଣ ଯୋଜନା ବାଟବଣା

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଜ୍ଞାନର ପରିସରକୁ ପରିବ୍ୟାପ୍ତ କରିବା, ନୂତନ କଥା ଜାଣି ମନରେ ବୈଜ୍ଞାନିକ ଚିନ୍ତାଧାରା ଉଦ୍ରେକ କରିବା ପାଇଁ ସରକାର ଛାତ୍ର ପରିଭ୍ରମଣ ନାମକ ଏକ ଯୋଜନା ଚାଲୁ କରିଛନ୍ତି । ଏହି ଯୋଜନା ଅନୁସାରେ କେନ୍ଦୁଝର ଜିଲ୍ଲାରେ ୨୨୫୮ଟି ପ୍ରାଥମିକ ବିଦ୍ୟାଳୟରୁ ପ୍ରତ୍ୟେକ ବିଦ୍ୟାଳୟରୁ ୩ ଜଣ ଲେଖାଁଏ ଛାତ୍ରଛାତ୍ରୀଙ୍କୁ ବଡ ବଡ ଶିକ୍ଷାନୁଷ୍ଠାନ, ବିଜ୍ଞାନ ସଂଗ୍ରହାଳୟ, ଇଞ୍ଜିନିୟରିଂ ବା ମେଡିକାଲ କଲେଜ ଇତ୍ୟାଦି ପରିଭ୍ରମଣ କରାଯାଉଛି। ଏଥିପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପିଛା ସରକାର ୬୬୬ ଟଙ୍କାର ବଜେଟ ବ୍ୟବସ୍ଥା କରିଛନ୍ତି। ଏହି ବଜେଟ ଅନୁସାରେ ଛାତ୍ରଛାତ୍ରୀଙ୍କ ଯାତାୟତ ଖର୍ଚ୍ଚ ପାଇଁ ୪୦୦ ଟଙ୍କା, ଖାଦ୍ୟ ପାଇଁ ୮୦ଟଙ୍କା, ଦୁଇ ଓଳି ଜଳଖିଆ ପାଇଁ ୬୦ଟଙ୍କା, କଲମ, ପ୍ୟାଡ ଏବଂ ଆଇକାର୍ଡ ପାଇଁ ୧୦୦ ଟଙ୍କା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ୨୬ଟଙ୍କା ବ୍ୟବସ୍ଥା କରାଯାଇଛି। କେତେକ ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁସାରେ ଛାତ୍ରଛାତ୍ରୀମାନଙ୍କୁ କେବଳ ଘଟଗାଁ ନିକଟସ୍ଥ କୁସୁନପୁର ପ୍ଲାନେଟୋରିୟମ ଏବଂ ବିଜ୍ଞାନ କେନ୍ଦ୍ର ନେଇ ନିମ୍ନମାନର ଖାଦ୍ୟ ଦେଇ କମ୍ ମୂଲ୍ୟର କଲମ, ପ୍ୟାଡ ଇତ୍ୟାଦି ଦେଇ ୬୬୬ଟଙ୍କାର ଖର୍ଚ୍ଚ ଦେଖାଇ ଦିଆଯାଉଛି। କେନ୍ଦୁଝର ଜିଲ୍ଲାର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ କେବଳ କ'ଣ ଘଟଗାଁ ନେବାର ନିୟମ ଅଛି ବୋଲି ଅନେକ ଅଭିଯୋଗ କରିଛନ୍ତି। ଯେଉଁ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ନେଇ ସରକାର ଆରମ୍ଭ କରିଥିବା ଛାତ୍ର ପରିଭ୍ରମଣ ଯୋଜନା ଜିଲ୍ଲାରେ ଫେଲ ମାରିଛି । ଏହି ବ୍ୟବସ୍ଥାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଅନ୍ୟ ଅଧିକାରୀ ପ୍ରତ୍ୟକ୍ଷ ଭାବରେ ତଦାରଖ କରିବାର ବ୍ୟବସ୍ଥା ଥିଲେ ମଧ୍ୟ ଉପଯୁକ୍ତ ତଦାରଖ ଅଭାବରୁ ପରିଚାଳନାଗତ ତ୍ରୁଟି ଦେଖାଯାଉଛି ବୋଲି ଜଣାପଡିଛି।



ବୋଲଗଡ (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ୍‌ର ବିଭିନ୍ନ ହନୁମାନ ମନ୍ଦିର ଓ ରାମ ମନ୍ଦିର ପୀଠରେ ସଙ୍କଟ ମୋଚନ ହନୁମାନଙ୍କ ଜନ୍ମ ଜୟନ୍ତୀ ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଇଷ୍ଟଖଣ୍ଡନ ଓ ସଙ୍କଟ ମୋଚନ ବୀର ହନୁମାନ ଠାକୁରଙ୍କ ଜନ୍ମ ଜୟନ୍ତୀ ଅବସରରେ ଭଗବାନ ଶ୍ରୀ ଶ୍ରୀ ହନୁମାନ ଠାକୁରଙ୍କୁ ପ୍ରାତଃ ସମୟରେ ଶୁଦ୍ଧ ସ୍ନାନ, ନୂତନ ବସ୍ତ୍ର ପରିଧାନ, ବଜରଙ୍ଗ ଚନ୍ଦନ ପ୍ରଲେପନ, ପୁଷ୍ପ ମାଳା ପ୍ରଦାନ ଓ ବିଧି ମୁତାବକ ଅଖଣ୍ଡ ଦୀପ ସ୍ଥାପନ କରି ପୂଜା ପାଠ କରାଯାଇଥିଲା। ପରେ ୧୦୮ ହନୁମାନ ଚାଳିଶା ପାଠ ସମାପନ, ଅପରାହ୍ନରେ ହୋମ କାର୍ଯ୍ୟ ଆଦି କରାଯାଇଥିଲା। କ୍ଷୀର ଏବଂ ବିଭିନ୍ନ ଫଳ ମୂଳ ମିଶ୍ରଣରେ ପ୍ରସ୍ତୁତ ପଣାକୁ ପ୍ରଭୂ ବଜରଙ୍ଗୀ ଭଗବାନଙ୍କ ନିକଟରେ ଲାଗି କରି ଭକ୍ତଙ୍କ ନିକଟରେ ବଣ୍ଟନ ଓ ଅପରାହ୍ନରେ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ବୋଲଗଡ ବ୍ଲକ୍ ସ୍ଥିତ ସଂପୁର ପଥରଚକଡ଼ା ହନୁମାନ ମନ୍ଦିର, ବଡ଼ସାହି ହନୁମାନ ମନ୍ଦିର, ତାଳଦଣ୍ଡା ହନୁମାନ ମନ୍ଦିର, ଗବଡିହ ଗ୍ରାମ ସ୍ଥିତ ଜଖଲା ମହାବୀର, ମାଣିବନ୍ଧ ସ୍ଥିତ ପ୍ରସିଦ୍ଧ ସିଦ୍ଧ ମହାବୀର ଆଶ୍ରମ ଓ ବୋଲଗଡ଼ ସଦମହକୁମା ସ୍ଥିତ ଗୋପବନ୍ଧୁ ବିହାର ହନୁମାନ ମନ୍ଦିର ଯୋଡ଼ାପଡ଼ା ସ୍ଥିତ ରାମ ମନ୍ଦିର , ଦିଘିରୀ ସ୍ଥିତ ଝିକିମିକି, ରାସୋଳ ଗ୍ରାମ ମହାବୀର ପୀଠ, କପାଶିଆ ହନୁମାନ ମନ୍ଦିର, ବ୍ରଜମୋହନ ଦେବ ହନୁମାନ ମନ୍ଦିର କୁମ୍ଭାରି ହନୁମାନ ପୀଠ ଗୁଡ଼ିକରେ ପ୍ରଭୂ ହନୁମାନ ଜୟନ୍ତୀ ପାଳନ କରାଯାଇଛି।

# ଜଗଦମ୍ବା ରୂପେ ପୂଜା ପାଇଲେ ମା'ତାରିଣୀ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍ ): ଶାନ୍ତି ଶୃଙ୍ଖଳାରେ ଆଗେଇ ଚାଲିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାରରେ ପ୍ରସିଦ୍ଧ ଶକ୍ତିପୀଠ ମା 'ତାରିଣୀଙ୍କ ଚଇତି ପର୍ବ। ମା'ଙ୍କ ସାନିଧ୍ୟ ପାଇବାକୁ ଦୈନିକ ଛୁଟୁଛନ୍ତି ଶ୍ରଦ୍ଧାଳୁ। ଚଇତି ପର୍ବ ପାଇଁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ କରାଯାଇ କଳସ ଯାତ୍ରା ହେବା ପରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା।ଧୂପ, ଦୀପ, କର୍ପୁର ବାସ୍ନାରେ ମନ୍ଦିର ମହମହ ବାସି ଉଠୁଛି। ଶଙ୍ଖ, ହୁଳହୁଳି, ଯୋଡି ନାଗରା ଓ ମହୁରୀ ଶବ୍ଦରେ ପ୍ରକମ୍ପିତ ହେଉଛି ଅସ୍ତରଙ୍ଗ। ମା' ଙ୍କ ନୀତି ପୂଜା ସହିତ ପୀଠରେ ଚଣ୍ଡୀପାଠ, ହୋମ ଯଜ୍ଞ ପୂଜା ନୀତି ଅନୁଷ୍ଠିତ ହୋଇଛି। ମା' ଙ୍କ ଚଇତି ପର୍ବରେ ମା'ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେଉଛନ୍ତି। ଚଇତି ପର୍ବର ପ୍ରଥମ ଦିନରେ ସକାଳୁ ମା'ଙ୍କ ସ୍ନାନ କାର୍ଯ୍ୟ ସମାପନ ସହ ଯଥାବିଧି ପୂଜା ସହ ମଙ୍ଗଳ ଆଳତୀ ପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଚଇତି ପୂଜାରେ ମା 'ଙ୍କୁ ସୁନାବେଶରେ ଦର୍ଶନ କଲେ ସମସ୍ତଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଚଇତି ପର୍ବକୁ ମା ତାରିଣୀଙ୍କ ବାର୍ଷିକ ଉତ୍ସବ ଭାବେ ପାଳନ କରାଯିବା ସହ ପାଲା, ପ୍ରବଚନ ପରି ଆଧାତ୍ମିକ କାର୍ଯ୍ୟକ୍ରମ ସହ ଭଂଜନ, ସଂକୀର୍ତନ ପରି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଚଇତି ପର୍ବରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ମାନେ ଭକ୍ତମାନଙ୍କୁ ବିଭିନ୍ନ ସେବା ଯୋଗାଇବା ଓ ମାଗଣାରେ ଅନ୍ନ ପ୍ରସାଦ ବିତରଣ କରିବା ପାଇଁ ଆଗେଇ ଆସିଥାନ୍ତି।

# ଜଳଛତ୍ର ନାଁରେ ଚାଲିଛି ପ୍ରହସନ




ଆଳି(ଭାସ୍କର ନ୍ୟୁଜ):ସରକାର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟି ଆଗରେ ରଖି ପୁର ରୁ ପଲ୍ଲୀ ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ରାସ୍ତାଘାଟରେ ଛକମାନଙ୍କ ରେ ଜଳଛତ୍ର କରିବା ପାଇଁ ସୁବ୍ୟବସ୍ଥା କରିଥିବାବେଳେ ତୃଣମୂଳ ସ୍ତରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଏଭଳି ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଅରେହିକଣା ପଞ୍ଚାୟତର ଅରେହିକଣା ଗ୍ରାମରେ। ପଞ୍ଚାୟତ ସମ୍ମୁଖରେ ପଞ୍ଚାୟତ ତରଫରୁ ରାସ୍ତା ଘାଟରେ ଏବଂ ପଞ୍ଚାୟତ ଅଫିସକୁ ଆସୁଥିବା ସାଧାରଣ ଲୋକଙ୍କ ହିତ ଉଦ୍ଦେଶ୍ୟରେ ଜଳଛତ୍ରର ବ୍ୟବସ୍ଥା କରାଯାଇଥିବାବେଳେ ଦିନ ଦ୍ୱିପ୍ରହର ରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପଞ୍ଚାୟତ ଅଫିସରେ ଉପସ୍ଥିତ ଥିବା ସମୟରେ ବି ଜଳଛତ୍ର ପାତ୍ରରେ ପାଣି ନଥିବା ଦେଖିବାକୁ ମିଳିଛି । ଜଳଛତ୍ର ପାଇଁ ପଞ୍ଚାୟତ ତରଫରୁ ସୁବନ୍ଦୋବସ୍ତ କରାଯାଇଥିଲେ ମଧ୍ୟ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଠି ପ୍ରଶ୍ନ ଉଠେ କାର୍ଯ୍ୟନିର୍ବାହୀ ଅଧିକାରୀ ଙ୍କ ଉପସ୍ଥିତି ରେ ପଞ୍ଚାୟତରୁ ୫୦ମିଟରରୁ ବି କମ ଦୂରତା ରେ ଯଦି ଜଳଛତ୍ରର ପାତ୍ରରେ ପାଣି ମିଳୁନାହିଁ ତା ହେଲେ ଏହି ପଞ୍ଚାୟତ ପରି ଆଳି ବ୍ଲକର ଅନ୍ୟ ପଞ୍ଚାୟତ ମାନଙ୍କରେ ଜଳଛତ୍ରର ଅବସ୍ଥା କଣ ହୋଇଥିବ। ଏନେଇ ଅରେହିକଣାର କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ତାଙ୍କ ଠାରୁ ସନ୍ତୋଷଜନକ ଉତ୍ତର ମିଳି ପାରିନାହିଁ। ତେବେ ସରକାର ଙ୍କ ଜଳଛତ୍ର କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କ ହିତ ଉଦ୍ଦେଶ୍ୟରେ ନା କେବଳ କାଗଜପତ୍ରରେ ସୀମିତ? ତେବେ ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ ଉକ୍ତ ପଞ୍ଚାୟତ ସହିତ ଆଳି ବ୍ଲକ ର ଅନ୍ୟ ପଞ୍ଚାୟତର ଜଳଛତ୍ରମାନଙ୍କରେ ତତ୍ପରତା ଦେଖାଯିବା ସହିତ ଦୈନିକ ପାଣି ଭରାଯାଉଛି ନା ନାହିଁ ।

## ବାଇକ୍‌ରେ ବିଲୁଆ ପଶିଯିବାରୁ ଆରୋହୀ ଗୁରୁତର



କଣ୍ଟାପଡ଼ା (ଭାସ୍କର ନ୍ୟୁଜ) : ଓଲଟପୁର ଥାନା ଅଧିନସ୍ତ ଅଡଶପୁର ଶିଶୁ ମନ୍ଦିର ଛକରେ ନିଆଳିରୁ ଫୁଲନଖରା ଯାଉଥିବା ଏକ ବାଇକ ଆରୋହୀ ଆଗରେ ଏକ ବିଲୁଆ ପଶିଯିବାରୁ ବାଇକଟି ଛିଟିକି ପଡ଼ିଥିଲା। ବାଇକ ଆରୋହୀ ଜଣକ ପିଚୁ ଦେହରେ ଘଷି ହୋଇ ଗୁରୁତର ହୋଇପଡ଼ିଥିଲେ। ପ୍ରବଳ ରକ୍ତସ୍ରାବ ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଉଦ୍ଧାର କରି ଅଡ଼ଶପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଛନ୍ତି। ଯୁବକଙ୍କର ଚିକିତ୍ସା ଚାଲିଥିବା ବେଳେ ଯୁବକଙ୍କର ପରିଚୟ ମିଳିପାରିନାହିଁ।

## ପାରମ୍ପରିକ ଖାଦ୍ୟ ଦିବସ ପାଳିଲେ ଅଙ୍ଗନବାଡି କର୍ମୀ



କାକଟପୁର, (ଭାସ୍କର ନ୍ୟୁଜ୍ ): ପୁରୀ ଜିଲ୍ଲା କାକଟପୁର ମହିଳା ଶିଶୁ ବିକାଶ ଅଧିନସ୍ଥ ସମସ୍ତ ପଂଚାୟତ ଅଙ୍ଗନବାଡି କର୍ମୀମାନେ ଆଜି ପାରମ୍ପରିକ ଖାଦ୍ୟ ଦିବସ ମହାଆଡମ୍ବରରେ ପାଳନ କରିଛନ୍ତି । ଓଡ଼ିଆ ଘରର ଖାଦ୍ୟ କେବଳ ସ୍ୱାଦ ଦୃଷ୍ଟିରୁ ନୁହେଁ ବରଂ ସ୍ୱାସ୍ଥ୍ୟ ଓ ଶରୀର ପାଇଁ ଆବଶ୍ୟକ ପ୍ରତ୍ୟେକ ପୋଷକତତ୍ତ୍ୱରେ ଭରପୂର। ବୈଜ୍ଞାନିକ, ଜୈବିକ ତଥା ଆୟୁର୍ବେଦିକ ଉପାଦାନ ଗୁଡିକର ଆବଶ୍ୟକତା ଦୃଷ୍ଟିରୁ ଅନେକ ଓଡ଼ିଆ ବ୍ୟଞ୍ଜନ ଆମର ଉପଯୋଗୀ। ଆଜିର ବ୍ୟସ୍ତ ବହୁଳ ଜୀବନରେ ଆମ ହାଣ୍ଡିଶାଳରୁ ହଜିଯାଉଥିବା ବ୍ୟଞ୍ଜନ ଗୁଡିକୁ ଓ ଆମ ପାରମ୍ପରିକ ଓଡ଼ିଆ ଘରର ପିଠା ପଣା ଆଦିକୁ ଆଜିର ପିଢ଼ିମଧ୍ୟରେ ପୁନଃ ଆଦୃତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ କାକଟପୁର ପଞ୍ଚାୟତର ସମସ୍ତ ଅଙ୍ଗନବାଡି କର୍ମୀ ମାନେ ଏକତ୍ରିତ ହୋଇ ଏହି ପାରମ୍ପରିକ ଦିବସକୁ ମହାଡମ୍ବରରେ ପାଳନ କରିଛନ୍ତି । ଆମ ଓଡ଼ିଆ ପକ୍ଷ ପାଳନ ଅବସରରେ ଆମ ପାରମ୍ପରିକ ଓଡ଼ିଆ ହାଣ୍ଡିଶାଳ ଖାଦ୍ୟ ଯଥା,ପଖାଳ, ଖେଚୁଡ଼ି, ଡାଲମା, ବାରିବଗିଚାରେ ମିଳୁଥିବା ବିଭିନ୍ନ ଶାଗ, ସଜନା ଛୁଇଁ ଭଜା, ନିମ୍ବ କଡ଼ ଭଜା, ବଡି ଚୁରା, କଞ୍ଚା ଆମ୍ବ ଚଟଣି, ବାଇଗଣ ଭର୍ତ୍ତା, ପଣସ କଠା ତରକାରୀ, ଭୁରସଙ୍ଗ ପତ୍ର ଚଟଣି, କଖାରୁ ଫୁଲ ପିଠା, ବିଭିନ୍ନ ପିଠା, ଇତ୍ୟାଦି ପ୍ରସ୍ତୁତ କରି ଏହି ଖାଦ୍ୟ ଦିବସକୁ ସରସ ସୁନ୍ଦର କରିବାକୁ ପ୍ରୟାସ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ କୁ କାକଟପୁର ସେକ୍ଟର ସୁପର ଭାଇଜର ରାଜଲକ୍ଷ୍ମୀ ଦେଇ ଉଦଘାଟନ କରିଥିବା ବେଳେ, ସଂଘ ସଭାପତି ପ୍ରିୟମ୍ବଦା ମିଶ୍ରଙ୍କ ସହିତ ମିନାକ୍ଷୀ ପଣ୍ଡା, ଦେଶ ପ୍ରିୟା, ଅହଲ୍ୟା ସୁନ୍ଦରୀ,ଜୟଶ୍ରୀ ତ୍ରିପାଠୀ, ସୁମିତ୍ରା, ରଶ୍ମି ରେଖା, ସୁକାନ୍ତି ପ୍ରମୁଖ ଅଙ୍ଗନବାଡି କର୍ମୀ ମାନେ ସହଯୋଗ କରିଥିଲେ ।

# ରାସ୍ତା ପାଲଟିଛି ଗାଡିଆ, ଗ୍ରାମ୍ୟଜଳ ଓ ପୂର୍ତ୍ତ ବିଭାଗର ଟଣା ଓଟରା



କଣ୍ଟାପଡା(ଭାସ୍କର ନ୍ୟୁଜ୍ ) : କଣ୍ଟାପଡା ବ୍ଲକ ଅନ୍ତର୍ଗତ ଡ଼ିମିରି ଗ୍ରାମପଞ୍ଚାୟତ ଅଧୀନ ଡ଼ିମିରି ଫାଣ୍ଡି ସାମ୍ନାରେ ରାସ୍ତାରେ ସୃଷ୍ଟି ହୋଇଛି ଗାଡିଆ। ଏହି ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ଥିବା ବେଳେ ଏଠାରେ ଗ୍ରାମ୍ୟଜଳ ପରିମଳ ବିଭାଗ ପକ୍ଷରୁ ସ୍ୱଜଳ ଧାରା ଯୋଜନାରେ ଯାଇଥିବା ପାଣି ପାଇପଟି ଫାଟିଯାଇଛି। ଦୀର୍ଘ ଦିନ ହେବ ଏହି ପାଇପ ଫାଟି ପାଣି ଜମୁଥିବାରୁ ରାସ୍ତା ନଷ୍ଟ ହେବା ସହ ଗର୍ତ୍ତ ସୃଷ୍ଟି ହେଉଛି। ଏହି ଗର୍ତ୍ତରେ ପାଣି ଜମିରହୁଛି। ପୂର୍ତ୍ତ ବିଭାଗ ବାରମ୍ବାର ଗ୍ରାମ୍ୟଜଳ ଓ ପରିମଳ ବିଭାଗକୁ ପାଇପ ମରାମତି ପାଇଁ ଚିଠି ଲେଖିଲେ ମଧ୍ୟ ଏହାକୁ କର୍ଣ୍ଣପାତ କରୁନାହାନ୍ତି ଉକ୍ତ ବିଭାଗର କର୍ମଚାରୀମାନେ। ଏଭଳି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ପୂର୍ତ୍ତ ବିଭାଗର ଯନ୍ତ୍ରୀ। ଏଠାରେ ପ୍ରଶ୍ନ ଉଠୁଛି ଦୁଇ ବିଭାଗର ଟଣା ଓଟରା ଯୋଗୁ ସାଧାରଣ ଲୋକ ଯାତାୟାତ ନିମନ୍ତେ ନାହିଁ ନଥିବା ଅସୁବିଧାର ସମୁଖୀନ ହେଉଛନ୍ତି। ଯଥାଶୀଘ୍ର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣ ଲୋକମାନେ ଦାବି କରିଛନ୍ତି। ୭ ଦିନ ମଧ୍ୟରେ ଯଦି ରାସ୍ତା ମରାମତି କରାନଯାଏ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ଅନ୍ତର୍ଜାତୀୟ ମାନବ ଅଧିକାର ପରିଷଦର ନୂତନ ଜିଲ୍ଲା ସଭାପତି ନିଯୁକ୍ତ

ବୋଲଗଡ଼, (ଭାସ୍କର ନ୍ୟୁଜ୍ ): ଆନ୍ତର୍ଜାତୀୟ ମାନବ ଅଧିକାର ପରିଷଦର ନୟାଗଡ଼ ଜିଲ୍ଲା ସଭାପତି ଭାବେ ରଣପୁର ବ୍ଲକ କୋଟଗଡ ଗ୍ରାମର ରବି ଦୋରା ନୂତନ ଭାବେ ନିଯୁକ୍ତ ହୋଇଛନ୍ତି।ଶ୍ରୀଯୁକ୍ତ ଦୋରା ପୂର୍ବରୁ ଆଇଆରଏଚସି ନୟାଗଡ଼ ଜିଲ୍ଲା ବୋର୍ଡର ସଦସ୍ୟ ଥାଇ ସାମାଜିକ ନ୍ୟାୟ କ୍ଷେତ୍ରରେ ଦକ୍ଷତାର ସହ କାର୍ଯ୍ୟ କରି ଉଲ୍ଲେଖନୀୟ ସଫଳତା ହାସଲ କରିପାରିଥିଲେ।ଏହାକୁ ଦୃଷ୍ଟିରେ ରଖି ପରିଷଦର ଜାତୀୟ ସଭାପତି ନିଶିଥ୍ ଆଫ୍ରୋଜ୍ ଏହି ନିଯୁକ୍ତି ପ୍ରଦାନ କରିଥିବାବେଳେ ଏହି ପଦବୀ ରେ ରହି ଆଗାମୀ ଦିନରେ ସଂଗଠନର ମର୍ଯ୍ୟାଦାକୁ ଉତ୍ତରୋତ୍ତର ବୃଦ୍ଧି କରିବା ସହ ବୃହତ ସଫଳତା ହାସଲ ପାଇଁ କାର୍ଯ୍ୟ କରିବେ ବୋଲି ଆଶା ପ୍ରକଟ କରିଛନ୍ତି।

# ବ୍ଲକସ୍ତରୀୟ କଂଗ୍ରେସ ଦଳର ପ୍ରସ୍ତୁତି ବୈଠକ



ବୋଲଗଡ଼, (ଭାସ୍କର ନ୍ୟୁଜ୍ ) : ବୋଲଗଡ ବ୍ଲକ କଂଗ୍ରେସ ସଭାପତି ସଞ୍ଜୟ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଓ ପ୍ରଦେଶ କଂଗ୍ରେସ କମିଟି ର କାର୍ଯ୍ୟକାରିନି ସଦସ୍ୟ ପୃଥିବୀବଲ୍ଲଭ ପଟ୍ଟନାୟକଙ୍କ ଆବାହତ୍ୱରେ ରବିବାର ଦିନ ବୋଲଗଡ ବ୍ଲକ ସ୍ତରୀୟ କଂଗ୍ରେସ ପ୍ରସ୍ତୁତି ବୈଠକ ଚୂଡା ସ୍ଥିତ ଗେଡି ମୁଣ୍ଡିଆ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପ୍ରଭାରୀ ବାଙ୍କ ବିହାରୀ ବେହେରା. ମୁଖ୍ୟ ବକ୍ତା ଭାବେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ଓ ସାନମାନିତ ଅତିଥି ଭାବେ ସଦାନନ୍ଦ ମହାପାତ୍ର, ତାରା ପଟ୍ଟନାୟକ ଓ ନାରୀ ନେତ୍ରୀ ଜୟଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ବୋଲଗଡ ବ୍ଲକର ୧୯.ଟି ଗ୍ରାମପଞ୍ଚାୟତର ସମସ୍ତ କଂଗ୍ରେସ ସଭାପତି ଓ ବରିଷ୍ଠ କଂଗ୍ରେସ କର୍ମୀ ପ୍ୟାରୀ ଦାସ। ରମେଶ ପଟ୍ଟନାୟକ, ସିମାଞ୍ଚଳ ଖଣ୍ଡା ଇ, ନବକିଶୋର ପଣ୍ଡା. ସରପଞ୍ଚ ବିଜୟ ସେଠି,ପୂର୍ବତନ ସରପଞ୍ଚ ରଘୁନାଥ ସାହୁ, ଜୟକୃଷ୍ଣ ପ୍ରହରାଜ, ଦିବାକର ରାଉତ, ପ୍ରକାଶ ରଥ,ଯୋଗୀ ଶ୍ରୀଚନ୍ଦନ ପ୍ରମୁଖ ଯୋଗ ଦେଉ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।ରାଜ୍ୟରୁ ନାରୀ ନିର୍ଯାତନା ବନ୍ଦ କରିବା ଓ ନାରୀ ମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଦାବିରେ ଆଗାମୀ ୧୫ରିଖ ଦିନବ୍ଲକ କଂଗ୍ରେସ ଦଳ ତରଫରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ବୋଲଗଡ ନନ୍ଦିଘୋଷ ଭବନ ଠାରୁ ବାହାରି ବଜାର ପରିକ୍ରମା କରି ମଙ୍ଗଳା ମନ୍ଦିର ଦେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ରେ ପହଞ୍ଚି ଏକ ପ୍ରତିବାଦ ଶୋଭା କରାଯିବ ବୋଲି ବୈଠକରେ ନିଷ୍ପତି ନିଆଗଲା। ଏହି ମଶାଲ ଶୋଭାଯାତ୍ରାରେ ବୋଲଗଡ ବ୍ଲକ ଅଂଚଳର ସମସ୍ତ କଂଗ୍ରେସ କର୍ମୀ ମାନେ ଯୋଗ ଦେବେ ବୋଲି ଗ୍ରାମପଞ୍ଚାୟତ କଂଗ୍ରେସ ସଭାପତି ମାନେ ଘୋଷଣା କରିଥିଲେ। ବୋଲଗଡର ସମସ୍ତ କଂଗ୍ରେସ ସାଂଗଠନିକ କାର୍ଯ୍ୟ ପୃଥିବୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ କରାଯିବ ବୋଲି ନିଷ୍ପତି ନିଆଗଲା। ପରିଶେଷରେ ପ୍ରକାଶ ରଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୟାନଦୀରେ ଚାପ ଖେଳିଲେ ଗ୍ରାମେଶ୍ୱର ଦେବ



କଣାସ,(ଭାସ୍କର ନ୍ୟୁଜ୍ ) : କଣାସ ଅଞ୍ଚଳର ବିଭିନ୍ନ ଶୈବ ପୀଠରେ ମେରୁ ପର୍ବ ପାଳିତ ହୋଇଯାଇଛି । ବ୍ଲକର କଣାସ, ବଡାସ, ଟିଗିରିଆ, ଝାରଡା, ସିରେଇ, ଜଗନ୍ନାଥପୁର, ଜାଗୁଳାଇ ପଦର, ଗୋପୀନାଥପୁର, କଳାପଦର ଓ ବାଦୁରାବର ପ୍ରଭୃତି ଅଞ୍ଚଳର ଶୈବପୀଠରେ ମେରୁ ଉତ୍ସବ ଅନୁଷ୍ଠିତ ହୋଇଛି । କୋଠୀରେ ୧୩ ଦିନ ଧରି ଅନୁଷ୍ଠିତ ହେଉଥିବା ଝାମୁଯାତ୍ରାରେ ମାନସିକଧାରୀମାନେ ଦିନ ସାରା ଉପବାସ ରହି ସନ୍ଧ୍ୟାରେ ପଣା ଭୋଗ ସାରିଥାନ୍ତି । ଆଜି ମେରୁ ପର୍ବ ଉପଲକ୍ଷେ ସକାଳୁ ସକାଳୁ ଗୋପୀନାଥପୁର, କଳାପଦର ଓ ଜାଗୁଳାଇପଦରଠାରେ ଦୟା ନଦୀରେ ଡଙ୍ଗାରେ ଠାକୁର ଚାପ ଖେଳିଥିଲେ । ଅପରାହ୍ନରେ ଶିବଙ୍କ କୋଠୀ ଆଗରେ ମାନସିକଧାରୀ ମାନେ ଦଣ୍ଡ ଖେଳିବା ପରେ ବିରାଟ ପଟୁଆରରେ ଠାକୁରଙ୍କୁ ତୁଠକୁ ନିଆ ଯାଇଥିଲା ସେଠାରେ ଠାକୁର ଓ ମାନସିକ ଧାରୀ ସ୍ନାନ କରିବା ପରେ ଠାକୁରଙ୍କୁ ବେଶ କରାଯାଇଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରଦ୍ଧାଳୁ ଠାକୁରଙ୍କ ନିକଟରେ ଫଳମୂଳ ଓ ଡାଲି ଭୋଗ ଅର୍ପଣ କରିଥିଲେ । ସନ୍ଧ୍ୟାରେ ଠାକୁରଙ୍କ କୋଠୀକୁ ଫେରିଥିଲେ । ଏହି ଅବସରରେ ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

## ଶିକ୍ଷାବିତ ଗୋଲକ ବିହାରୀଙ୍କୁ ଶ୍ରଦ୍ଧାଞ୍ଜଳି

କଣାସ, (ଭାସ୍କର ନ୍ୟୁଜ୍ ) : କଣାସ ବ୍ଲକ ଅନ୍ତର୍ଗତ କାଦୁଆ ଗ୍ରାମ ପଞ୍ଚାୟତ ସାହସପୁର ଗ୍ରାମର ଶିକ୍ଷାବିତ ଗୋଲକ ବିହାରୀ ସାମନ୍ତରାୟଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ବାସୁଦେବ ହରିଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ଶିକ୍ଷାବିତ ନାରାୟଣ ରାଉତରାୟ, ସୁଶାନ୍ତ କୁମାର ଶତପଥୀ, ଗୋବର୍ଦ୍ଧନ ବେହେରା, ପ୍ରଭାତିଳତା ପ୍ରଧାନ, ବିଜୟ ପ୍ରଧାନ, ଅଜୟ ବେହେରା, ଗୋବିନ୍ଦ ଚନ୍ଦ୍ର ସାହୁ, ଧୂଳିରାମ ବେହେରା, ରବିନାରାୟଣ ହେମ୍ବ୍ରମ, ସମିତି ସଭ୍ୟ ବୃନ୍ଦାବନ ପ୍ରଧାନ ପ୍ରମୁଖ କଣାସ ବ୍ରହ୍ମଗିରି, ନିରାକାରପୁର ଅଞ୍ଚଳର ବହୁଶିକ୍ଷକ ଓ ବୁଦ୍ଧିଜୀବ ସ୍ୱର୍ଗତ ଶିକ୍ଷାବିତ ଗୋଲକ ବିହାରୀଙ୍କର ନିଷ୍ଠା, ଛାତ୍ର ବତ୍ସଳତା, କଳାଅନୁରାଗ, ସାମାଜିକ ସଚେତନାତା ପ୍ରଭୃତି, ଗୁଣାବଳୀ ସଂପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶିକ୍ଷାବିତ ହେମନ୍ତ କୁମାର ପ୍ରଧାନ। ଧନ୍ୟବାଦ ଅର୍ପଣ କରିଥିଲେ ସ୍ୱର୍ଗତ ଶ୍ରୀ ସାମନ୍ତରାୟଙ୍କ କନିଷ୍ଠ କନ୍ୟା ଶିକ୍ଷୟତ୍ରୀ କବିତା ସାମନ୍ତରାୟ।

# ହତ୍ୟା ଧମକଦେଇ ଅଭିଯୁକ୍ତ ଗିରଫ, ବନ୍ଧୁକ ଜବତ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍ ) : ଗଞ୍ଜାମ ଜିଲା ଭଞ୍ଜନଗର ପୋଲିସ ରବିବାର ବାଇବାଲିର ପଞ୍ଚାନନ ନାଇକଙ୍କୁ ଏକ ହତ୍ୟା ଧମକ ମାମଲାରେ ଗିରଫ କରିଛି ଭଞ୍ଜନଗର ପୋଲିସ । ତାଙ୍କଠାରୁ ପୋଲିସ ଏକ ଦେଶୀ ବନ୍ଧୁକ ଜବତ କରିଛି। ପଞ୍ଚାନନଙ୍କୁ ଭଞ୍ଜନଗର କୋର୍ଟ ଚାଲାଣ କରାଯାଇ ଥିବା ଭଞ୍ଜନଗର ଥାନା ଅଧିକାରୀ ଜୀବନ ନନ୍ଦ ଜେନା ସୁଚନା ଦେଇଛନ୍ତି । ଘଟଣାରୁ ପ୍ରକାଶ ଯେ, ବାଇବାଲିର ଉଦୟ ନାଇକ ଓ ପଞ୍ଚାନନ ମଧ୍ୟରେ ପୂର୍ବରୁ ଉଦୟ ରହୁଥିବା ଘରକୁ ନେଇ ବିବାଦ ଥିଲା। ଗତକାଲି ପଞ୍ଚାନନ ଉଦୟଙ୍କ ଘରକୁ ବନ୍ଧୁକ ଧରି ଯାଇ ତାକୁ ଏବଂ ତାଙ୍କ ପରିବାରର ସଦସ୍ୟମାନଙ୍କୁ ହତ୍ୟା ଧମକ ଦେଇଥିଲେ। ଏଥିସହ ଘରୁ ବାହାରି ଯିବାକୁ ଧମକ ଦେଇଥିଲେ। ଯାହାକୁ ନେଇ ଉଦୟ ପରିବାର ଆତଙ୍କିତ ଅବସ୍ଥାରେ ଥିଲେ। ଏହାପରେ ଗତକାଲି ରାତିରେ ଉଦୟ ଭଞ୍ଜନଗର ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ୩୮୫/ ୨୫ରେ ଏକ ମାମଲା ରୁଜୁ କରି ରବିବାର ଅଭିଯୁକ୍ତ ପଞ୍ଚାନନଙ୍କୁ ଗିରଫ କରିଛି।

# ପୂର୍ବତନ ବିଧାୟକଙ୍କୁ ଆକ୍ରମଣ




ଧର୍ମଶାଳା, (ଭାସ୍କର ନ୍ୟୁଜ୍) : ଧର୍ମଶାଳା ନିର୍ବାଚନମଣ୍ଡଳୀରେ ରାଜନୈତିକ ହିଂସା ଦେଖିବାକୁ ମିଳିଛି। ରବିବାର ଦିନ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଧର୍ମଶାଳା ବ୍ଲକର ଆରୁହା ଗ୍ରାମରେ ହେଉଥିବା ହିଙ୍ଗୁଳା ଯଜ୍ଞକୁ ନିମନ୍ତ୍ରୀତ ଅତିଥିଭାବେ ମାଙ୍କ ଦର୍ଶନ କରିବାକୁ ନିଜର ସମର୍ଥକ ମାନଙ୍କ ସହ ଯାଇଥିଲେ। କିନ୍ତୁ ଯଜ୍ଞକୁ ଯିବା ପୂର୍ବରୁ କିଛି ଅସାମାଜିକ ଯୁବକ ଠେଙ୍ଗା ବାଡି ଓ ମାରଣାସ୍ତ୍ର ଧରି ପୂର୍ବତନ ବିଧାୟକଙ୍କୁ ଅଟକାଇବା ଫଳରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଣବଙ୍କ ସମର୍ଥକମାନେ ମଧ୍ୟ ଏପରି ଘଟଣାକୁ ପ୍ରତିବାଦ କରିଥିଲେ। ପ୍ରଣବଙ୍କୁ ଅଟକାଇବାକୁ ଆସିଥିବା ଯୁବକମାନେ ଠେଙ୍ଗାରେ ପ୍ରଣବଙ୍କ ଗାଡିକୁ ପିଟିବା ଫଳରେ ତାଙ୍କ ଗାଡିର ବନେଟ ଚେପା ହୋଇଯାଇଛି। ଏପଟେ ପୂର୍ବତନ ବିଧାୟକ ତାଙ୍କୁ ଜୀବନରୁ ମାରିଦେବାକୁ ପ୍ରି ପ୍ଲାନ କରାଯାଇଥିବା ଅଭିଯୋଗ କରିଛନ୍ତି। ବର୍ତ୍ତମାନର ବିଧାୟକଙ୍କ ସମର୍ଥକମାନେ ଏଭଳି କାଣ୍ଡ ଭିଆଇଥିବା ସେ ଅଭିଯୋଗ କରିଛନ୍ତି। ଯିବା ପୂର୍ବରୁ ଗଣ୍ଡଗୋଳର ଆଶଙ୍କା କରି ଦିନ ୧୧ଟା ବେଳେ ପ୍ରଣବ ଯାଜପୁର ଏସପିଙ୍କୁ ଅବଗତ କରିଥିଲେ। ମାତ୍ର ପୋଲିସ ଉପସ୍ଥିତିରେ ଏଭଳି କାଣ୍ଡ ଘଟିଥିବା ପ୍ରଣବ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଗ୍ରାମବାସୀ ଓ ହେଙ୍ଗୁଳା କମିଟି ସଭ୍ୟଙ୍କ ଗହଣରେ ଯାଇ ପ୍ରଣବ ପୂର୍ବ ଯୋଜନା ଅନୁସାରେ ଯଜ୍ଞ ସ୍ଥଳରେ ମା'ଙ୍କ ଦର୍ଶନ କରି ଫେରିଥିଲେ। ପୋଲିସ୍ ଗଣ୍ଡଗୋଳରେ ବ୍ୟବହୃତ ହୋଇଥିବା ଠେଙ୍ଗା, ଛୁରା ଓ ଖଣ୍ଡା ଜବତ କରିଛି। ଏନେଇ ଧର୍ମଶାଳା ବିଜେଡ଼ି ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି ।

# ରାଶିଫଳ


**ମଙ୍ଗଳବାର, ୧୫ ଏପ୍ରିଲ ୨୦୨୫**




**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା। ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ। ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ।




**ବୃଷ:** ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି। ଆର୍ଥିକ ବିନିଯୋଗ ଲାଭଦାୟକ ହେବ। ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ। ମାନସିକ ଶାନ୍ତି ଅନ୍ୱେଷଣରେ ଆଧାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି।



**ମିଥୁନ:** ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ। ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ। ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ। ଯାହାଫଳରେ ତୁମେ ସତେଜ ଅନୁଭବ କରିପାରିବ। ଆପଣ ଆପଣଙ୍କର ଜୀବନଦେଶୈଳୀକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରନ୍ତୁ।



**କର୍କଟ:** ଆଜି ଏକ ସାଧାରଣ ଦିନ ହେବ। ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି। ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ। ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍।



**ସିଂହ:** ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ। ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ। ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ, ନଚେତ୍ ହଜମ ପ୍ରକ୍ରିୟା ଖରାପ ହୋଇପାରେ। ଜୀବନ ସାଥୀଙ୍କ ସ୍ୱାସ୍ଥ୍ୟ ମଧ୍ୟ ଏକ ଚିନ୍ତାର ବିଷୟ ହୋଇ ରହିବ।



**କନ୍ୟା:** ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ। ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ। ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ଏକ ଦୁର୍ଘଟଣା ମଧ୍ୟ ହୋଇପାରେ, ତେଣୁ ଯାନକୁ ଯତ୍ନର ସହିତ ଚଳାନ୍ତୁ।



**ତୁଳା:** ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ। ପରିବାରରେ ଖୁସିର ବାତାବରଣ ରହିବ। ସ୍ୱାସ୍ଥ୍ୟଗତ ଅଭିଯୋଗ ଥାଇପାରେ, ତେଣୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶ୍ଚିତ ହୁଅନ୍ତୁ।



**ବିଛା:** କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ। ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ। କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ। ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ।




**ଧନୁ:** ଆଜି ଏକ ସାଧାରଣ ଦିନ ହେବ । ବ୍ୟବସାୟରେ ଭଲ ଲାଭ ହେବ। କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ। କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ। ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ।



**ମକର:** ଆଜି ଏକ ଭଲ ଦିନ ହେବ । ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ । ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ । ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ପିଲାମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଭ୍ରମଣରୁ ଦୂରେଇ ରୁହନ୍ତୁ ।



**କୁମ୍ଭ:** ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ । ଚାକିରିକୁ ପଦୋନ୍ନତି ମିଳିପାରେ । ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ। ପରିବାର ସହିତ ସମୟ ଭଲ ବ୍ୟବହାର ହେବ।



**ମୀନ:** ଆଜି ଏକ ଭଲ ଦିନ ହେବ । ବ୍ୟବସାୟରେ ଭଲ ଲାଭ ହେବ । ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ । ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ। ଚାକିରିରେ ପଦୋନ୍ନତି ହୋଇପାରେ । ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ । ଧାର୍ମିକ ଯାତ୍ରାକୁ ଯାଇପାରନ୍ତି । ସ୍ୱାସ୍ଥ୍ୟ ଭଲ ହେବ। ଖାଦ୍ୟର ଯତ୍ନ ନିଅନ୍ତୁ ଏବଂ କ୍ରୋଧରୁ ଦୂରେଇ ରୁହନ୍ତୁ।



ଜ୍ୟୋତିର୍ବିତ୍

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବରଗଡ(ଭାସ୍କର ନ୍ୟୁଜ) :ବରଗଡ଼ସ୍ଥିତ କ୍ରିଷ୍ଣା ବିକାଶ ଗ୍ରୁପ୍ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟ, ବରାହଗୁଡ଼। ଅଡିଟୋରିଅମଠାରେ ଚାଲିଥିବା ଆଇଆଇଏମ୍ୟୁଏନ୍‌ର ଦି ବରଗଡ଼ କନ୍‌ଫରେନ୍ସ କାର୍ଯ୍ୟକ୍ରମ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମେନ୍ ଦାଶରୀ ମୂରଲୀ କ୍ରିଷ୍ଣା ଯୋଗଦେଇ ନିଜର ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ ନିଜର ଆଭ୍ୟନ୍ତରୀଣ ଗୁଣାବଳୀକୁ ବିକଶିତ କରି ଦକ୍ଷତାର ବୃଦ୍ଧି, କଠିନ ପରିଶ୍ରମ ଓ ସାଧୁତା ଦ୍ୱାରା ସମାଜରେ ଏକ ପ୍ରତିଷ୍ଠିତ ନାଗରିକ ହୋଇପାରିବ ବୋଲି କହିବା ସହିତ ଦେଶଗଠନରେ ଯୁବସମାଜର ଆବଶ୍ୟକତା ରହିଛି ବୋଲି ନିଜର ସୁଚିନ୍ତିତ ମତ ପ୍ରଦାନ କରିଥିଲେ। ବିକାଶ ଗ୍ରୁପର ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା, ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷ ଶ୍ରୀ ଶିଶିର ପ୍ରସାଦ ରାଉଳ, ସିନିୟର୍ ସେକେଣ୍ଡାରୀ ଅଧକ୍ଷ ଚିତରଞ୍ଜନ ପତି, ଉଚ୍ଚମାଧମିକ ବିଦ୍ୟାଳୟର ଅଧକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧକ୍ଷ ପ୍ରଦୀପ କୁମାର ସାହୁ ଏବଂ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ସମୂହ, ବରଗଡ଼ର ସମସ୍ତ ଶାଖାର ଶିକ୍ଷକ-ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ।



# ବଢ଼ି ଚାଲିଛି କୋରେସ ବେପାର

## ଅବକାରୀ ବିଭାଗର ହାତ ଖାଲି



ଖଡ଼ିଆଳ ( ଭାସ୍କର ନ୍ୟୁଜ୍ ) : ନୂଆପଡ଼ା ଜିଲ୍ଲା ଅବକାରୀ ବିଭାଗ ଅଧିନସ୍ଥ ଖଡ଼ିଆଳ ଆଦର୍ଶ ଅବକାରୀ ଥାନାରୁ ମାତ୍ର ଶହେ ମିଟର ଦୂରରେ ବିକ୍ରି ହେଉଛି ମାଳ ମାଳ କୋରେସ। ଆଦର୍ଶ ଅବକାରୀ ଥାନା ବୋଲାଉଥିବା ଖଡ଼ିଆଳ ଅବକାରୀ ବିଭାଗର ଚତୁଃପାର୍ଶ୍ୱରେ ବିକ୍ରି ହେଉଛି କୋରେସ। ଯେପରି କୋରେସ ପ୍ରତି ହାତ ଟେକିଦେଇଛି ଖଡ଼ିଆଳ ଅବକାରୀ ବିଭାଗ। ସହରରେ ଥିବା ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି ଖାଲି କୋରେସ ଶିଶି। ଜାଣି ଶୁଣି ଚୁପ ରହିଛି ଖଡ଼ିଆଳ ଅବକାରୀ ବିଭାଗ। ଗୋଟିଏ କୋରେସ ୩୦୦ ରୁ ୩୫୦ ଟଙ୍କାରେ ବିକ୍ରି ହେଉଥିବା କହୁଛନ୍ତି କୋରେସ ପିଉଥିବା ମତୁଆଲା। କୋରେସ ପ୍ରତି ଆଦୌ ଧ୍ୟାନ ଦେଉନାହାନ୍ତି ଖଡ଼ିଆଳ ଅବକାରୀ ବିଭାଗ ଅଧିକାରୀ। କୋରେସ ପିଇ ଯୁବକମାନଙ୍କର କମ ବୟସରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟୁଛି। ପ୍ରାୟତଃ ଯୁବ ଶ୍ରେଣୀର ପାଠୁଆ ପିଲାମାନେ କୋରେସ ହିଁ ବେଶି ପିଉଥିବା ଦେଖିବାକୁ ମିଳୁଛି। କୋରେସର ବାସନା ନାହିଁ କି ଗନ୍ଧ ନାହିଁ। ଅଧିକ ମାତ୍ରାରେ ପିଉଥିବା ଲୋକଙ୍କ ଦେହ ଶୁଖି ପତଳା ହୋଇ ଧୀରେ ଧୀରେ କିଡ଼ନୀ ଖରାପ ହୋଇ ମୃତ୍ୟୁ ସହ ସଂଗ୍ରାମ କରି ଜୀବନ ବଞ୍ଚେ, ଯାହା ନଥିବା ସାଙ୍ଗେ ସମାନ। କୋରେସ ପିଇ ଅଞ୍ଚଳରେ ଅସାମାଜିକ କାମ ସବୁ କରୁଛନ୍ତି। ଖଡ଼ିଆଳ ସହରର ବିଭିନ୍ନ ସ୍ଥାନମାନଙ୍କରେ କୋରେସ ବୋତଲ ଗୁଡିକ ପଡ଼ିଥିବା ଦେଖିବାକୁ ମିଳୁଛି। ଫଳରେ ଛୁଆ ପିଲା ସାଧାରଣ ଲୋକମାନଙ୍କ ପ୍ରତି ଖରାପ ପ୍ରଭାବ ପଡୁଛି। ଏନେଇ ଖଡ଼ିଆଳ ଆଦର୍ଶ ଅବକାରୀ ବିଭାଗ ଅଧିକାରୀ ଅଲେଖ ପୁଟେଲଙ୍କୁ ବୁଝିବାରୁ ଆଜ୍ଞା ସେମାନଙ୍କୁ ଆଣିଲେ ଆମ ପାଖରେ କପଡା ଖୋଲିଦେବେ ବୋଲି ପ୍ରକାଶ କରିଥିଲେ। ଅନ୍ୟ ପଟେ ବେପାରୀମାନେ ଅଭିଯୋଗ କରୁଛନ୍ତି ଯେ ଅବକାରୀ ଅଧିକାରୀଙ୍କ ସମ୍ପର୍କୀୟ ଲୋକେ ଅଂଚଳରେ ଥିବାରୁ ତାଙ୍କୁ ଧରିଲେ ଛାଡି ଦେଉଛନ୍ତି ଓ ଅନ୍ୟ ବେପାରୀଙ୍କୁ ଧରିଲେ କେସ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ହେଲେ ଅଭିଯୋଗ କରୁଥିବା ଲୋକେ ତାଙ୍କ ନାମ ଗୋପନ ରଖିବାକୁ କହୁଛନ୍ତି କାଳେ ନାମ ଜାଣିଗଲେ ଆମକୁ ବହୁତ ହଇରାଣ କରିବେ ଓ ଆମ ନାମରେ ବଡ ବଡ ମଦ, ଗଂଜେଇ, କୋରେସ କେସ କରିବେ କହି ଡରି ନାମ ପ୍ରକାଶ କରିବାକୁ ମନା କରିଛନ୍ତି। ଏ ନେଇ ଖଡ଼ିଆଳ ଆଦର୍ଶ ଅବକାରୀ ବିଭାଗର ଅଧିକାରୀ ପୁଟେଲଙ୍କୁ ପଚାରିବାରୁ ଯେଉଁ ମାନେ ଚୋର ମଦ କିମ୍ବା ନିଶା ଦ୍ରବ୍ୟ ବେଆଇନ ଭାବେ ବିକୁଛନ୍ତି ସେମାନଙ୍କ ନାମରେ କେସ ହେଉଛି ବୋଲି କହିଥିଲେ।

# କୁଦାଳ ଡୁଙ୍ଗୁରି ଠାରୁ ବିକ୍ରମପୁର ରାସ୍ତାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ



ଖଡ଼ିଆଳ(ଭାସ୍କର ନ୍ୟୁଜ) : ନୂଆପଡା ଜିଲ୍ଲା ଖଡ଼ିଆଳ ପୂର୍ତ୍ତ ବିଭାଗ ଅଧୀନରେ ଚାଲିଥିବା ବିରିଘାଟ ଠାରୁ ବିକ୍ରମପୁର ଭୟା କୁଦାଲ ଡୁଙ୍ଗୁରି ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ରାସ୍ତା କାର୍ଯ୍ୟ ନିମ୍ନମାନର କାମ ହେଉଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ରାସ୍ତା ନିର୍ମାଣ ଚାଲୁଥିବା ବେଳେ କିଛି ସ୍ଥାନରେ ପିଚୁ ଉଠିଯାଇଥିବାରୁ ମରାମତି କାର୍ଯ୍ୟ ହେଉଛି । ଫଳରେ ରାସ୍ତା ନିର୍ମାଣରେ ନିମ୍ନମାନର କାର୍ଯ୍ୟ କରି ସମ୍ପୃକ୍ତ ଠିକା ସଂସ୍ଥା ବ୍ୟାପକ ଦୁର୍ନୀତିକୁ ପ୍ରମାଣିତ କରୁଥିବା ଚର୍ଚ୍ଚା ହେଉଛି। ସୂଚନା ଅନୁଯାୟୀ ୩, କିମି ୮୬୧ ମିଟର ବିଶିଷ୍ଟ ବିରିଘାଟ ଠାରୁ ବିକ୍ରମପୁର ରାସ୍ତା ନିର୍ମାଣ ପାଇଁ ୨୭ ଡିସେମ୍ବର ୨୦୨୩ ମସିହାରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଶେଷ ଅବଧି ୨୬ ସେପ୍ଟେମ୍ବର ୨୦୨୪ ଓ ରକ୍ଷଣାବେକ୍ଷଣ ୨୬ ସେପ୍ଟେମ୍ବର ୨୦୨୯ ବୋଲି ସୂଚନା ଫଳକରୁ ଜଣାପଡ଼ିଛି । ଏହି ରାସ୍ତା ନିର୍ମାଣ ପାଇଁ ଅଟକଳ ୩୬୭ ଲକ୍ଷ ହଜାର ଟଙ୍କା ମଞ୍ଜୁର ହୋଇଛି । ନିମ୍ନମାନର କାର୍ଯ୍ୟ ଯୋଗୁଁ ସେହି ଟଙ୍କା ପାଣିରେ ପଡ଼ିବା ଆଶଙ୍କା ପ୍ରକାଶ ପାଇଛି । ରାସ୍ତାର ଟେଣ୍ଡର ପାଇଛି ଏମଏସ ରଣଜିତ କଷ୍ଟ୍ରାକସନ ନାମକ ଠିକାସଂସ୍ଥା ରାସ୍ତା ନିର୍ମାଣ କାମ କରୁଛି। କାର୍ଯ୍ୟନିର୍ବାହୀ ଅଧିକାରୀ ଅଧିକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ନିର୍ମାଣ ବିଭାଜନ ଖଡ଼ିଆଳ । ଏହି ରାସ୍ତା ନିର୍ମାଣରେ ନିମ୍ନମାନର ଧଳା ମେଟାଲ ବ୍ୟବହାର କରାଯାଉଥିବାବେଳେ ଏଷ୍ଟିମେଟ ଅନୁଯାୟୀ ପିଚୁ ନପକାଇ ଅତି ପତଳା ଭାବରେ ପିଚୁ କାମ ହେଉଛି । ଫଳରେ ରାସ୍ତାରେ ପିଚୁ ଢଳାଇ କାମ ଚାଲୁଥିବା ବେଳେ ରାସ୍ତାର ଅନେକ ସ୍ଥାନରେ ରାସ୍ତା ଫାଟି ଯାଇଥିବାରୁ ମରାମତି କରିଥିବା ଦେଖାଦେଇଛି । ଅନ୍ୟ ପକ୍ଷରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ୱେଲ ଓ ପୋଲ କାର୍ଯ୍ୟ ଅତି ନିମ୍ନମାନର ହେଉଛି । ସେଥିରେ ମଧ ଧଳା ମେଟାଲ ବ୍ୟବହାର କରିବା ସହିତ କମ ସିମେଣ୍ଟ ଦେଇ କାର୍ଯ୍ୟ ହେଉଛି ଓ ଲୁହା ରଡ଼ ଏକ ଫୁଟ ବ୍ୟବଧାନରେ ଦେବାର ନିୟମ ଥିବାବେଳେ ଦୁଇ ଫୁଟରୁ ଅଧିକ ବ୍ୟବଧାନରେ ବନ୍ଧା ଯାଉଛି । ସିମେଣ୍ଟ କାର୍ଯ୍ୟରେ କେବଳ ମେଟାଲ ଭର୍ତ୍ତି କରାଯାଇଛି ଓ ପାଣି ସିଞ୍ଚନ ହେଉନାହିଁ। ଗାଡ଼ୱେଲର ଖାଲି ସ୍ଥାନରେ ବାଲି ଭର୍ତ୍ତି କରିବାର ନିୟମ ଥିବାବେଳେ ଚିଟିକା ମାଟିକୁ ଭର୍ତ୍ତି କରୁଛନ୍ତି । ରାସ୍ତାରେ ପଡୁଥିବା ମେଟାଲ, ମାଟି, ପିଚୁ ଓ ସୁରକି ରାସ୍ତାରେ ପଡିବା ଆଗରୁ ଚେକିଂ ହୋଇଛି କିନାହିଁ ତାହା ର କୌଣସି ତଥ୍ୟ ବାଭାଗ ପାଖରେ ଥିବା କି ନାହିଁ ପ୍ରଶ୍ନବାଚୀ ସୃଷ୍ଟି କରୁଛି ଲୋକଙ୍କ ମନରେ ।ଫଳରେ ରାସ୍ତାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଉଛି । ଦାୟିତ୍ୱରେ ଥିବା ଯନ୍ତ୍ରୀ କାର୍ଯ୍ୟସ୍ଥଳ କେବେ ମଧ ପରିଦର୍ଶନ କରୁନଥିବାରୁ ସମ୍ପୃକ୍ତ ଠିକାସଂସ୍ଥା ନିଜ ଇଚ୍ଛାରେ ନିମ୍ନମାନର କାର୍ଯ୍ୟ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଅନ୍ୟ ପକ୍ଷରେ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ଅବାଧରେ ମୁରୁମ ଆଣି ରାସ୍ତା କାର୍ଯ୍ୟରେ ବ୍ୟବହାର କରୁଛନ୍ତି । ଫଳରେ ସଂରକ୍ଷିତ ଜଙ୍ଗଲ ନଷ୍ଟ ହେଉଛି । ହେଲେ ଏଥିପ୍ରତି ସ୍ଥାନୀୟ ବନ ବିଭାଗ ଦୃଷ୍ଟି ଦେଉନଥିବା ଚର୍ଚ୍ଚା ହେଉଛି । ସେହିପରି ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ମହିଳା ଶ୍ରମିକମାନଙ୍କୁ ୨୫୦ ଟଙ୍କା ଓ ପୁରୁଷ ଶ୍ରମିକ ମାନଙ୍କୁ ୩୦୦ ଟଙ୍କା ଦୈନିକ ମଜୁରୀ ଦେଇ ଠିକାସଂସ୍ଥାର ଶୋଷଣ କରୁଛି । ଯାହାକି ସରକାରୀ ମଜୁରୀ ଠାରୁ ୧୦୦ ଟଙ୍କା କମ ବୋଲି ଜଣାଯାଉଛି । ଏନେଇ ଖଡ଼ିଆଳ ପୂର୍ତ୍ତ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ନିର୍ବାହୀ ଯନ୍ତ୍ରୀ ଗଜେନ୍ଦ୍ର ପ୍ରଧାନୀଙ୍କୁ ପଚାରିବାରୁ ବର୍ତ୍ତମାନ ରାସ୍ତା କାମ ଚାଲିଛି, ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ କାର୍ଯ୍ୟ ନିରୀକ୍ଷଣ କରିବାକୁ କହୁଛି ବୋଲି ପ୍ରକାଶ କରିଥିଲେ ।

# ୨୦ କେଜି ଗଞ୍ଜେଇ ଜବତ, ୨ ଗିରଫ



କୋରାପୁଟ(ଭାସ୍କର ନ୍ୟୁଜ): କୋରାପୁଟରୁ ଝାଡଖଣ୍ଡକୁ ହେଉଥିଲା ଗଞ୍ଜେଇ ଚାଲାଣ। କୋରାପୁଟ ରେଳ ଷ୍ଟେସନରେ ଚୋରାଚାଲଣ ବେଳେ ମାଡି ବସିଲା ଜିଆରପି ପୋଲିସ । ଚୋରାଚାଲାଣ ହେଉଥିବା ୨୦ କିଲୋ ଗଞ୍ଜେ ଜବତ କରାଯାଇଛି । ଏଥିସହ ଝାଡଖଣ୍ଡର ଦୁଇ ଭାଇଙ୍କୁ ଗିରଫ କରାଯାଇଥିବା ଜିଆରପି ଇନ୍ସପେକ୍ଟର ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି । କୋରାପୁଟ ଜିଲ୍ଲାରୁ ବିଶାଖାପାଟଣା ଦେଇ ଝାଡଖଣ୍ଡକୁ ଚାଲାଣ ହେଉଥିଲା ଗଞ୍ଜେଇ। ମଧ୍ୟାହ୍ନ ୨ଟା ବେଳେ କୋରାପୁଟ ଷ୍ଟେସନ କିରଣ୍ଡୁଲ-ବିଶାଖାପାଟଣା ଟ୍ରେନରେ ଚଢିବା ସମୟରେ ବିଶେଷ ସୂତ୍ରର ଖବର ପାଇ ଏହି ଯୁବକ ଦ୍ୱୟଙ୍କୁ ଅଟକାଇଥିଲା ଜିଆରପି ଓ ଆରପିଏଫ । ଏମାନଙ୍କ ନିକଟରେ ଥିବା ବ୍ୟାଗ୍ ଯାଞ୍ଚ କରିବାରୁ ଏଥିରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା । ମାଜିଷ୍ଟ୍ରେଟ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯିବାରୁ ୨୦କିଲୋ ବୋଲି ଜଣାପଡିଥିଲା । ଏନେଇ କୋରାପୁଟ ଜିଆରପି ଥାନାରେ ଏକ ମାମଲା ରୁଜୁ କରି ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି କହିଛନ୍ତି ଜିଆରପି ଥାନା ଅଧିକାରୀ ସନ୍ତୋଷୀ ମହନ୍ତ ।

# ବୁଦ୍ଧ ଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ



ମାଲକାନଗିରି (ଭାସ୍କର ନ୍ୟୁଜ): ମହା ବିଷୁବ ସଂକ୍ରାନ୍ତିର ପବିତ୍ର ଅବସରରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଏମ୍.ପି.ଭି.-୫୩ ପ୍ରାଙ୍ଗଣରେ ଭଗବାନ ବୁଦ୍ଧ ଓ ସମ୍ବିଧାନ ପ୍ରଣେତା ଡଃ ବି.ଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ମହା ଆଡମ୍ବରରେ ସମ୍ପନ୍ନ ହୋଇଯାଇଛି। ପ୍ରଧାନ ଶିକ୍ଷକ କୃଷ୍ଣ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଦୀପ କୁମାର କର (ଗୋଷ୍ଠୀ ଉନ୍ନୟନ ଅଧିକାରୀ, କାଲିମେଳା) ଓ ଅସିତ ମିସ୍ତ୍ରୀ (ଗୋଷ୍ଠୀ ଶିକ୍ଷା ଅଧିକାରୀ, କାଲିମେଳା) ଯୋଗ ଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଗୋଦାବରୀଶ ଦାସ (ପ୍ରଧାନ ଶିକ୍ଷକ, ସ୍ୱାମୀ ବିବେକାନନ୍ଦ ବିଦ୍ୟାପୀଠ) ଭଗବାନ ବୁଦ୍ଧଙ୍କ ଶାନ୍ତିର ବାର୍ତ୍ତା ଓ ଡଃ ଆମ୍ବେଦକରଙ୍କ ସମାଜ ସଂସ୍କାର ଆଦର୍ଶ ଉପରେ ଆଲୋକପାତ କରିଥିଲେ। ସମ୍ମାନୀୟ ଅତିଥି ଭାବେ ନିମାଇଁ ଚନ୍ଦ୍ର ପାଲ (ପୂର୍ବତନ ଜିଲ୍ଲା ସଭାପତି, ଭାରତୀୟ ଜନତା ପାର୍ଟି), ପ୍ରଦୀପ ତାପାଲି (ସଭାପତି, ପ୍ରାଥମିକ ଶିକ୍ଷକ ସଂଘ, କାଲିମେଳା), ରମେଶ ମିସ୍ତ୍ରୀ (ସି.ଆଇ.ସି., ଲୁଗେଲ), ପ୍ରେମାନନ୍ଦ ବିଶ୍ୱାସ (ସଭାପତି, ପଲ୍ଲୀମଙ୍ଗଳ କମିଟି, ଏମ୍.ପି.ଭି.-୫୩) ଓ ଶ୍ରୀ ଗୋବିନ୍ଦ ଭଟ୍ଟାଚାର୍ଯ୍ୟ (ଏସ୍.ଏମ୍.ସି. ସଭାପତି) ଉପସ୍ଥିତ ଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ବୁଦ୍ଧଙ୍କ ଅହିଂସା ଓ ଆମ୍ବେଦକରଙ୍କ ସମତାମୂଳକ ଆଦର୍ଶ ଅନୁସରଣ କରିବାକୁ ପ୍ରେରଣା ଦେଇଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ମଣ୍ଡଳ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଏହି ପ୍ରତିମୂର୍ତ୍ତି ବିଦ୍ୟାଳୟ ପରିସରରେ ନୂତନ ପିଢ଼ୀଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ। ପ୍ରଶାନ୍ତ ସରଦାର ମଞ୍ଚ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ତାପସ ସରଦାର, ମଣିମୋହନ ବିଶ୍ୱାସ, ନୃସିଂହ ଚରଣ ସ୍ୱାଇଁ, ଶ୍ରୀ ନିରଞ୍ଜନ ସାହୁ, ସଚିନ କୃଷ୍ଣ ସାନା, ହିମାଂଶୁ ମଣ୍ଡଳ ଉପସ୍ଥିତ ଥିଲେ। ଏହାସହ ଛାତ୍ରଛାତ୍ରୀ ଓ ଅଞ୍ଚଳବାସୀଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ମଧ ସାମିଲ ହୋଇଥିଲେ।

# ଆମ ରୁଚି ଓ ଆମ ଖାଦ୍ୟ ଉତ୍ସବ ପାଳିତ



ଉମରକୋଟ(ଭାସ୍କର ନ୍ୟୁଜ) :ଓଡ଼ିଆ ପକ୍ଷ ପାଳନ ଅବସରରେ, ଆମ ସଂସ୍କୃତି ଓ ପରମ୍ପରାକୁ ବଜାୟୀ ରଖିବା ନିମନ୍ତେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଉମରକୋଟ ମ୍ୟୁନିସିପାଲିଟି ଆନୁକୂଲ୍ୟରେ ଏକ ପାରମ୍ପରିକ ଖାଦ୍ୟ ପାଳନ ଅଭିଯାନ ତଥା ଆମ ରୁଚି ଓ ଆମ ଖାଦ୍ୟ ଉତ୍ସବ ପାଳନ କରାଯାଇଥିଲା। ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହି ଅଧିକାରୀ ଆଲୋକ କୁମାର ଅନୁଗଳିଆଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ମାନଙ୍କର ପରମ୍ପରା ଅନୁସାରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତି କରାଯାଇଥିଲା। ଏଥିରେ ଓଡ଼ିଆ ମାନଙ୍କର ପଖାଳ କଂସା, ଆଳୁ ଭରତା,ବାଇଗଣ ଭରତା, ନବରଙ୍ଗପୁର ଆଦିବାସୀଙ୍କ ପାରମ୍ପରିକ ଖାଦ୍ୟ ଆମଟ, ଜାଉ, ପେଜ, ଶାଗ, ମାଛ, ବିରିଡାଲି, ଦେଶୀ କୁକୁଡ଼ା ମାଂସ, ବଡ଼ିଚୁରା, ଭଳି ଅନେକ ଖାଦ୍ୟ ବ୍ୟଞ୍ଜନ କରି ଅତିଥି ମାନଙ୍କୁ ଖାଦ୍ୟ ପରଷା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ୟାବିନେଟ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ ଓ ନବରଙ୍ଗପୁର ସଂସଦ ବଳଭଦ୍ର ମାଝୀଙ୍କ ପ୍ରତିନିଧି ଶ୍ରୀ ରାମ ନାୟକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ମୁନିସିପାଲିଟିର ଅଧକ୍ଷା ରାଧା ଭତ୍ରା, ବିଜ୍ଞପିତ ଅଞ୍ଚଳ ପରିଷଦର ପୂର୍ବତନ ଅଧକ୍ଷ ଝାଡ଼େଶ୍ୱର ମହାନ୍ତି,ଉପାଧକ୍ଷା ଗୌରୀ ପଟ୍ଟନାୟକ, କାଉନସିଲର ଅକ୍ଷୟ କୁମାର ସାହୁ, ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ ଯୋଗ ଦେଇଥିଲେ। ସେହିପରି ଅତିଥିଭାବେ ମ୍ୟୁନିସିପାଲିଟିର କାଉନସିଲର,ମୁନା ପାଢ଼ୀ, ମନୋଜ ନାୟକ, ଇତିଶ୍ରୀ ଦଳାଇ, କୁମାରୀ ନିଲମ ହରିଜନ, କୁମାରୀ ସରୋଜିନୀ ଶବର, କନକଲତା ନାୟକ, ଶିଖାରାଣୀ ସରକାର, ଚିନ୍ମୟୀ ଠାକୁରଙ୍କ ସହ ସମସ୍ତ କାଉନସିଲର ମାନେ ଯୋଗ ଦେଇଥିଲେ। ଏଥିରେ ଓଡ଼ିଆ ପରମ୍ପରାକୁ ଆଖି ଆଗରେ ରଖି ରନ୍ଧା ଯାଇଥିବା ଖାଦ୍ୟକୁ ମୁଖ୍ୟ ଅତିଥିମାନଙ୍କ ଦ୍ୱାରା ନିମନ୍ତ୍ରିତ ଅତିଥିମାନଙ୍କୁ ପରଷା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ନିମନ୍ତ୍ରିତ ଅତିଥି ମାନେ ଖାଦ୍ୟ ଖାଇସାରିବା ପରେ ଖାଦ୍ୟ ଗୁଡିକର ସ୍ୱାଦ, ସୁବାସ ସମ୍ପର୍କରେ ଭୂରି ଭୂରି ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମଟିକୁ ସହଯୋଗ କରିଥିଲେ ମ୍ୟୁନିସିପାଲିଟିରେ କାର୍ଯ୍ୟରତ କର୍ମଚାରୀ ଡମ୍ବୁରୁ ମାଝୀ, ମୁଖ୍ୟ କିରାଣୀ ନାଗେଶ୍ୱର ରାଓ, ଲକ୍ଷ୍ମୀନାରାୟଣ ଗୌଡ଼, ସିଭି ରାଓ ଓ ଅନ୍ୟମାନେ। ଶେଷରେ ଯୋଗ ଦେଇଥିବା ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ଅନୁଗୁଳିଆ।

# ଯୁବ ପ୍ରଫେସର ଦେବବ୍ରତଙ୍କ ଡକ୍ଟରେଟ ଲାଭ



ବରଗଡ(ଭାସ୍କର ନ୍ୟୁଜ) : ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବଲାଙ୍ଗୀର , କମ୍ପୁଟର ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ରୂପେ କାର୍ଯ୍ୟରତ ଦେବବ୍ରତ ଡନସେନ ଉତ୍କଳ ବିଶ୍ୱବିଦ୍ୟାଳୟର କମ୍ପୁଟର ବିଜ୍ଞାନ ବିଭାଗର ଡ଼ ପ୍ରଫୁଲ୍ଲ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରି କମ୍ପ୍ୟୁଟର ବିଜ୍ଞାନରେ ସମ୍ମାନଜନକ ଡକ୍ଟରେଟ ଉପାଧି ଲାଭ କରିଛନ୍ତି । ଡ଼. ଦେବବ୍ରତ ଡ଼ନସେନା , ଗ୍ରାମ ଆମ୍ଲିପାଲି, ପୋ ଭେଡେନ, ଜିଲ୍ଲା - ବରଗଡ଼ ନିବାସୀ ସ୍ୱର୍ଗତ ବିଳାସିନୀ ଡ଼ନସେନା ଓ ଗଣେଷ ଡନସେନାଙ୍କ କନିଷ୍ଠ ପୁତ୍ର ଅଟନ୍ତି । ଡ଼ ଡନସେନା ତାଙ୍କ ସଫଳତା ପାଇଁ ତାଙ୍କ ମାର୍ଗଦର୍ଶକ, ମାତା ପିତା , ପତ୍ନୀ ତଥା ପରିବାରର ସମସ୍ତ ସଦସ୍ୟ, ବନ୍ଧୁ ବାନ୍ଧବ, ପରିବର୍ତନ ଟ୍ରଷ୍ଟ , ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କର୍ମଚାରୀ ତଥା ସର୍ବୋପରି ମା' ସମଲେଶ୍ୱରୀ ଓ ଜଗତ ର ନାଥ ଜଗନ୍ନାଥଙ୍କୁ କୃତଜ୍ଞ ଜ୍ଞାପନ କରିଛନ୍ତି ।

# ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଠାରେ ବିଜେପି ପକ୍ଷରୁ ଜିଲ୍ଲାସ୍ତରୀୟ ଭାରତ ରତ୍ନ, ସମ୍ବିଧାନ ପ୍ରଣେତା ଡ ଭୀମରାଓ ଆମ୍ବେଦକରଙ୍କ ୧୩୫ ତମ ଜୟନ୍ତୀ ଖଡ଼ିଆଳର ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଖଡ଼ିଆଳ ଉଗ୍ରସେନ ଭବନ ଠାରୁ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା ପରେ ଆମ୍ବେଦକର ଛକ ଠାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପଣ ପରେ ତାଙ୍କର ଭାରତ ପ୍ରତି ଦେଇ ଯାଇଥିବା ଅବଦାନକୁ ପ୍ରକାଶ କରିଥିଲେ। ବିଜେପି ଜିଲ୍ଲା ସଭାପତି କମଲେଶ ଦୀକ୍ଷିତ, ସୁବ୍ରତ ଠାକୁର, ଅଜିତ କିଶୋର ଚଳାନ, ଦେବ ଦେବ ସିଂ ଦେଓ, ରାତ୍ରନନ୍ଦ ମନହୀରା, ଶତାଧିକ ପୁରୁଷ ଓ ମହିଳା ସଦସ୍ୟ ଯୋଗ ଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

## ବିଜେଡିର ସାଙ୍ଗଠନିକ ନିର୍ବାଚନ କାର୍ଯ୍ୟକ୍ରମ

# ୫ମ ଥର ସଭାପତି ପାଇଁ ନାମାଙ୍କନ ଦାଖଲ କଲେ ପୂର୍ବତନ ବିଧାୟକ ମାନସ ମାଡକାମି



ମାଲକାନଗିରି(ଭାସ୍କର ନ୍ୟୁଜ) : ବିଜୁ ଜନତା ଦଳର ସାଙ୍ଗଠନିକ ନିର୍ବାଚନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ପଞ୍ଚାୟତ, ବ୍ଲକ ଏନ୍ଏସି ଏବଂ ପୌର ପରିଷଦ ସ୍ତରର ସାଙ୍ଗଠନିକ ନିର୍ବାଚନ କାର୍ଯ୍ୟକ୍ରମ ପୂର୍ବରୁ ସରିଯାଇଛି। ତେବେ ଜିଲ୍ଲା ସ୍ତରରେ ବିଜେଡି ସାଙ୍ଗଠନିକ ନିର୍ବାଚନ କାର୍ଯ୍ୟକ୍ରମର ଆଜି ନାମାଙ୍କନ ଦାଖଲ ହୋଇଯାଇଛି । ମାଲକାନଗିରି ଜିଲ୍ଲାର ପୂର୍ବତନ ବିଧାୟକ ମାନସ ମାଡକାମି ମାଲକାନଗିରି ଜିଲ୍ଲା ବିଜେଡି ନିର୍ବାଚନ ଅଧିକାରୀ ଘନଶ୍ୟାମ ମାଡକାମିଙ୍କ ଉପସ୍ଥିତି ରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସଭାପତି ଭାବେ ୫ମ ଥର ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ଏହି କାଳରେ ରାଜ୍ୟ ବିଜେଡି ନିର୍ବାଚନ ଅଧିକାରୀ ତଥା ବିରୋଧୀ ଦଳ ଉପମୁଖ୍ୟ ସଚେତକ ଶ୍ରୀ ପ୍ରତାପ କେଶରୀ ଦେବଙ୍କ ନିକଟରେ ରାଜ୍ୟ ବିଜେଡି ଶଙ୍ଖ ଭବନ ନିର୍ବାଚନ କାର୍ଯ୍ୟାଳୟ ଠାରେ ଉପସ୍ଥିତ ଥିଲେ ।ଏଥିରେ ପ୍ରସ୍ତାବକ ଥିଲେ ମାଲକାନଗିରି ଜିଲ୍ଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲ ଏବଂ ସମର୍ଥକ ଥିଲେ ମାଲକାନଗିରି ଜିଲ୍ଲା ବିଜେଡି ବରିଷ୍ଠ ନେତା ଗୋପାଳ କୃଷ୍ଣ ପଣ୍ଡା। ଆଜି ବିଜୁ ଜନତା ଦଳର ସାଙ୍ଗଠନିକ ନିର୍ବାଚନ ନାମାଙ୍କନ ପାଇଁ ଶେଷ ଦିନ ଥିବା ବେଳେ ମାଲକାନଗିରି ଜିଲ୍ଲା ବିଜେଡି ସଭାପତି ଭାବେ ଏକମାତ୍ର ମାନସ ମାଡକାମି ନାମାଙ୍କନ ଭରିଛନ୍ତି। ସେ ୫ମ ଥର ପାଇଁ ସଭାପତି ହେବେ। ରାଜ୍ୟ ସଭାପତିଙ୍କ ପ୍ରାର୍ଥୀପତ୍ର ଚୟନ ଆସନ୍ତା ୧୯ ତାରିଖ ରେ ଅଛି । ଏଥିରେ ରାଜ୍ୟ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ରାଜ୍ୟ ବିଜେଡି ନିର୍ବାଚନ ସହଯୋଗୀ ବିଜୟ ନାୟକ ମଧ ଉପସ୍ଥିତ ଥିଲେ ।

# ଦେଓମାଳିର ସୁରକ୍ଷା ଓ ସ୍ୱଚ୍ଛତା ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ ଓ ଏସ୍‌ପି




କୋରାପୁଟ (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲାର ପର୍ଯ୍ୟଟନସ୍ଥଳୀ ଦେଓମାଳିର ସୁରକ୍ଷା ଓ ସ୍ୱଚ୍ଛତା ନେଇ ଜିଲ୍ଲାପାଳ ଭି କୀର୍ତିଭାସନ ଓ ଏସପି ରୋହିତ ବର୍ମା ଦ୍ୱିତିୟ ଟାୱାର ପଏଣ୍ଟରେ ପହଂଚି ସ୍ଥିତ ଅନୁଧ୍ୟାନ କରିଛନ୍ତି । ପର୍ଯ୍ୟଟକମାନଙ୍କ ଉଦ୍ଦେଶ୍ୟରେ ଦୁଇଦିନ ପୂର୍ବେ ଚିଠି ମାଧ୍ୟମରେ ଜିଲ୍ଲାପାଳ ଭାସନ ବାର୍ତା ଜାରି କରିଥିଲେ । ଏହି ସମୟରେ ଉକ୍ତ ସ୍ଥାନରେ କେତେକ ଚାଷୀ ଷ୍ଟ୍ରବେରୀ ବିକ୍ରି କରୁଥିବା ଦେଖି ଜିଲ୍ଲାପାଳ ଭାସନ ସେମାନଙ୍କ ସହ ଆଲୋଚନା କରିଥଲେ। ଷ୍ଟ୍ରବେରୀ ବିକ୍ରି କରି କିପରି ଲାଭବାନ ହେଉଛନ୍ତି ବୋଲି ପଚାରି ବୁଝିଥିଲେ । ଏହାପରେ ସେଠାରୁ ତୃତୀୟ ଟାୱାରରେ ହୋଇଥିବା ଜଙ୍ଗଲ ବିଭାଗର କଟେଜ ପରିଦର୍ଶନ କରିଥିଲେ । ସେଠାରେ ମଧ୍ୟ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ଉପରେ ଅନୁଧ୍ୟାନ କରିଥିଲେ । ପର୍ଯ୍ୟଟନସ୍ଥଳୀକୁ ସୁରକ୍ଷା ଦେବା ଓ ସ୍ୱଚ୍ଛ ରଖିବା କେବଳ ଜିଲ୍ଲା ପ୍ରଶାସନର ନୁହେଁ, ଏହା ପର୍ଯ୍ୟଟକମାନଙ୍କ ଦାୟିତ୍ୱ ବୋଲି ଜିଲ୍ଲାପାଳ କହିଥିଲେ । ପର୍ଯ୍ୟଟକମାନେ ସଚେତନ ହେବା ସହ ଅନ୍ୟକୁ ସଚେତନତା କରିବା ଆବଶ୍ୟକ ବୋଲି ସେ କହିଥିଲେ । କଟେଜ୍ ପରିସରରେ ପୋଲିସ ବିଭାଗ ପାଇଁ ନିର୍ମାଣ ହୋଇଥିବା ନୂତନ ବିଟ୍ ହାଉସ, ପର୍ଯ୍ୟଟନସ୍ଥଳୀ ଚାଲିଥିବା ରାସ୍ତା ନିର୍ମାଣ କାର୍ଯ୍ୟର ତଦାରଖ କରିଥିଲେ । ଦେଓମାଳି ପର୍ଯ୍ୟଟନ ସ୍ଥଳୀ ସ୍ୱଚ୍ଛତା ରହିବା ପାଇଁ କଡାକଡି ଦୃଷ୍ଟି ରଖିବା ସହ ସମୟ କ୍ରମେ ଗସ୍ତ କରି ତଦାରଖ କରିବାକୁ ପଟାଙ୍ଗି ବ୍ଲକ ପ୍ରଶାସନ ତଥା ବିଡିଓ ରାମକୃଷ୍ଣ ନାୟକ ଓ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କୁ ପରାମର୍ଶ ଦେଇଥିଲେ । ଏଥିସହ ପର୍ଯ୍ୟଟନ ସ୍ଥଳୀକୁ ସୁରକ୍ଷିତ ରଖିବାକୁ ପୋଲିସ କର୍ମଚାରୀ ଓ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରି ତଦାରଖ କରିବାକୁ ଏସପି ବର୍ମା, ସୁନାବେଡା ଏସଡିପିଓ ସୁମିତ୍ରା ଜେନାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ଓ ଏସପିଙ୍କ ଅଚାନକ ଗସ୍ତ ମଧ୍ୟରେ ବିଧାୟକ ରାମଚନ୍ଦ୍ର କାଡାମ ମଧ୍ୟ ଦେଓମାଳିରେ ପହଞ୍ଚି ସ୍ୱଚ୍ଛତା ଉପରେ ତଦାରଖ କରିଥିଲେ । ପର୍ଯ୍ୟଟନର ସୁରକ୍ଷା ଏବଂ ସ୍ୱଚ୍ଛତା ପାଇଁ ଜିଲ୍ଲାପାଳ ଭାସନ ନେଇଥିବା ପଦକ୍ଷେପ ସ୍ୱାଗତ ଯୋଗ୍ୟ । ଆମେ ଓ ସମସ୍ତେ ପର୍ଯ୍ୟଟକ ଜିଲ୍ଲା ପ୍ରଶାସନର ପଦକ୍ଷେପକୁ ଅନୁସରଣ କରିବା ସହ ସଚେତନ ହେବା ଆବଶ୍ୟକ ବୋଲି ସେ କହିଥିଲେ । ଏହି ସମୟରେ ଜିଲ୍ଲା ଜଙ୍ଗଲ ବିଭାଗର ଡିଏଫଓ କେ. ଭି. ରାଓ, ଅନ୍ୟ କର୍ମଚାରୀ, ବ୍ଲକ ଏପିଓ ସୌମେନ୍ଦ୍ର ନାୟକ ଓ କୋଟିଆ ପଂଚାୟତ କନିଷ୍ଠ ଯନ୍ତ୍ରୀ ତରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ହନୁମାନ ଜୟନ୍ତୀ ଓ ଓଡ଼ିଆ ନବବର୍ଷ ପାଳିତ



କଲ୍ୟାଣସିଂହପୁର(ଭାସ୍କର ନ୍ୟୁଜ) : ଆଜି ହେଉଛି ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ।ଏଥି ପାଇଁ ଚଳ ଚଳଚଞ୍ଚଳ ପୁରରୁ ପଲ୍ଲୀ। ପୁରାଣ ଅନୁଯାୟୀ ମହାବିଷୁବ ସଂକ୍ରାନ୍ତି ବେଶ ଗୁରୁତ୍ୱପୂର୍ଣ୍ଣ। ଏହିଦିନ ଜଳବାୟୁରେ ଏକ ପରିବର୍ତ୍ତନ ହୋଇଥାଏ। ସୂର୍ଯ୍ୟ ମଧଭାଗକୁ ଚାଲି ଆସିଥାନ୍ତି। ଆଜି ହନୁମାନ ମନ୍ଦିରରେ ଭକ୍ତଙ୍କ ଲାଗିଛି ଭିଡ। ରାୟଗଡା କଲ୍ୟାଣସିଂହପୁର୍ ବ୍ଲକ ପଞ୍ଚମୁଖୀ ହନୁମାନ ମନ୍ଦିରରେ ଭକ୍ତ ଦୀପ ଜାଳି, ହନୁମାନ ଚାଲିସା ପଠନ କରିବା ସହିତ ଭକ୍ତିମୟ ପରିବେଶ ଏବଂ ହନୁମାନ ଧ୍ୱନୀରେ ଅଞ୍ଚଳ ଭକ୍ତିମୟ ହୋଇ ପୁରା ଧୂମ୍‌ଧାମରେ ପାଳିତ ହେଉଥିବାବେଳେ, ହନୁମାନ କ୍ଲବ ତରଫରୁ ମଧ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ପଣାଦାନ,ତରଭୁଜ ବଣ୍ଟନ ଭକ୍ତମାନଙ୍କୁ କରାଯାଇଥିଲା। ଏହି କ୍ଲବରେ ଆଉ ଚାରି ଦିନ ମଧରେ ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଳନ କରାଯିବ। ସଦସ୍ୟମାନେ କାର୍ଯ୍ୟକ୍ରମକୁ ପୂର୍ଣ୍ଣଭାବରେ ସାହାଯ୍ୟ ସହଯୋଗ କରୁଛନ୍ତି ।ଏହା ସହିତ ତ୍ରିପାଠୀ ସାହିର ଗୁଣ୍ଡିଚା ମନ୍ଦିର ଠାରେ ଯୁବ ସଂଗଠନ ତରଫରୁ ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା ଲୋକଙ୍କ ପାଇଁ କରାଯାଇଛି।



ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ସଦର ମୁଖ୍ୟାଳୟ ସମେତ ଏହାର ଅଂଚଳରେ ରବିବାର ଆନନ୍ଦ ଉଲ୍ଲାସର ମାହୋଲରେ ଝାମୁଯାତ୍ରା ପାଳିତ ହୋଇଯାଇଛି। ଦଣ୍ଡଯାତ୍ରା ଓଡ଼ିଆ ମାନଙ୍କର ଏକ ପ୍ରମୁଖ ପର୍ବ ଥିବାରେ ରାଜ୍ୟର ବିଭିର୍ଣ୍ଣ ଜିଲ୍ଲା ଅଂଚଳରେ ୭ଦିନିଆ, ୯, ୧୩ ଓ ୨୧ଦିନିଆ ନିଶାର୍ଦ୍ଧରେ ପାଣିତୋଳା ଯାଇ ଦଣ୍ଡ ଭାଗତାମାନେ ନିଷ୍ଠା, ଭକ୍ତି ଓ ଶୁଦ୍ଧପୂତ ଭାବେ କେବଳ ସନ୍ଧ୍ୟାରେ ଥରେ ମାତ୍ର ପଣା ସାରି ମହାବିଷ୍ଣୁବ ସଂକ୍ରାନ୍ତି ପର୍ଯ୍ୟନ୍ତ କାମନା ଠାକୁରଙ୍କର ରୀତିନୀତି ନିୟମର ସହ ରହିବାର କାହିଁ କେଉଁ ଆଦିମ କାଳରୁ ପରମ୍ପରା ଭାବେ ପାଳନ ହୋଇ ଆସୁଅଛି।ଏହି ଝାମୁଯାତ୍ରା ଅବସରରେ ଖୋର୍ଦ୍ଧା ଜିଲ୍ଲା ଅଞ୍ଚଳ ବୋଲଗଡ଼, ରାସୋଳ,ସଂପୁର, କଳାଙ୍ଗ, ଫିରିଫିରା, ମଣିକାଗୋଡ଼ା, ଭୀମପଡ଼ା, କୁମୁଟିସାହି, ଘୋରଡ଼ିଆ, ହାଟସାହି, ବାରବାଟି, ସୀମାପଲ୍ଲୀ, ରୋଳସିଂହ, ଚୁଡା, ତୃତୀୟାପଡା, ଠଣାପଲ୍ଲୀ, ଦିବ୍ୟସିଂହପୁର ଶାସନ, ଆରିକମା,ଦେଉଳି, ବଂ।କୋଇ,ମଣ୍ଡଳସିଂହ,ଅସରଳା ସମେତ ବ୍ଲକ ଅଂଚଳର ପ୍ରମୁଖ ଗାଁ ମାନଙ୍କରେ ଦଣ୍ଡ ବ୍ରତ ତଥା କାଳୀରୁଦ୍ର ଉପାସକ ବ୍ରତ ପାଳନ କରାଯାଇଛି।ପରମ୍ପରା ଅନୁଯାୟୀ କେତେକ କୋଠି ମାନଙ୍କରେ ନିଆଁ ଗର୍ତରେ ଭାଗତା ଚାଲିବାର ବ୍ୟବସ୍ଥା ରହିଥିବା ବେଳେ କେଉଁ ଠାରେ ଓହଳତୋପ, ପାଟଫୋଡା, କଣ୍ଟା ଅରଟି, ପାଣିଦଣ୍ଡ, ଧୂଳିଦଣ୍ଡ ଓ ଭକ୍ତିପୁତ ଭାବେ କେଉଁଠାରେ କେବଳ କଣ୍ଟାରେ ଭାଗତା ଗଡ଼ିବାର ବ୍ୟବସ୍ଥା ଆଦିମକାଳରୁ ରହି ଆସିଅଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଭାଗତାଙ୍କ ସମେତ ମା'କାଳୀ ଉପାସକ ମାନେ ବିରାଟ ଶୋଭାଯାତ୍ରାରେ ସ୍ଥାନୀୟ ପୁଷ୍କରିଣୀରୁ ସ୍ନାନ ସାରି କାମନା ମନ୍ଦିର ନିକଟରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ୩୨ହାତ ନିଆଁ ଗାଡ଼ରେ ଭାଗତା, କାଳେସୀ, ଓ ମାନସିକଧାରୀ ପ୍ରମୁଖମାନେ ଝାମୁ ଚାଲିଥିଲେ।ସନ୍ଧ୍ୟାରେ କେତେକ କାମନା ମନ୍ଦିର ନିକଟରେ ଆତସ ବାଜିର ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଅଛି।ଅନ୍ୟପକ୍ଷେ ମହାବିଷ୍ଣୁବ ସଂକ୍ରାନ୍ତି ଓଡ଼ିଆ ନବ ବର୍ଷର ଦିବସ ଭାବେ ପୁରପଲ୍ଲୀରେ ପାଳିତ ହୋଇଯାଇଛି ।

## ମହାବିଷ୍ଣୁବ ସଂକ୍ରାନ୍ତି ପାଳିତ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ଅଞ୍ଚଳରେ ମହାବିଷ୍ଣୁବ ପଣା ସଂକ୍ରାନ୍ତି,ଝାମୁ ଯାତ୍ରା ଓ ହନୁମାନ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ଭୁବନର ଆରାଧ୍ୟ ଦେବତା ବାବା ବୁଦ୍ଧେଶ୍ୱରଙ୍କ ପୀଠରେ ପ୍ରାତଃ ସମୟରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଭକ୍ତ ମାନେ ଧାଡ଼ିରେ ଠିଆ ହୋଇ ବାବା ବୁଦ୍ଧେଶ୍ୱର ଓ ପ୍ରଭୁ ହନୁମାନଙ୍କୁ ଦର୍ଶନ କରିଥିଲେ । ୧ ନମ୍ବର ୱାର୍ଡ ସ୍ଥିତ କାଶୀ ବିଶ୍ୱନାଥ ମନ୍ଦିର ପରିସରରେ ଥିବା ହନୁମାନ ମନ୍ଦିର,ପାଲା ମଣ୍ଡପ ସ୍ଥିତ ହନୁମାନ ମନ୍ଦିର,ସିନେମା ହଲ ଛକରେ ଥିବା ହନୁମାନ ମନ୍ଦିର ଓ ଶ୍ରୀରାମ ମନ୍ଦିର ରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁ ଭକ୍ତମାନେ ହନୁମାନ ଚାଳିଶା ପାଠ କରିଥିଲେ। ଦକ୍ଷିଣ କାଳୀ ମନ୍ଦିର,ବାଟ ମଙ୍ଗଳା ଓ ବାଟ ତାରିଣୀ ପୀଠରେ ଧୁମ୍‌ଧାମରେ ପଣା ସଂକ୍ରାନ୍ତି ପାଳିତ ହୋଇଥିଲା । ଭୁବନ ବ୍ଲକର ପ୍ରସିଦ୍ଧ ଶକ୍ତି ପୀଠ ବାରୁଆଁ ମା ମଙ୍ଗଳା ପୀଠ ଏବଂ ଓଡିଶ ମା ଚର୍ଚ୍ଚିକା ପୀଠରେ ମହାବିଷ୍ଣୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଧୁମଧାମରେ ପାଳିତ ହୋଇଯାଇଛି । ଶ୍ରଦ୍ଧାଳୁ ମାନେ ମା 'ଙ୍କ ଦର୍ଶନ କରିବା ସହିତ ପଣା ଭୋଗ ଲାଗି କରାଯିବା ସହ ମାନସିକ ଥିବା ମାଟି ଘୋଡା ମାଙ୍କୁ ଅର୍ପଣ କରିଥିଲେ । ବିଭିନ୍ନ ସ୍ଥାନରେ ଥିବା ହନୁମାନ ମନ୍ଦିର ସମେତ ଗାଁ ଗହଳିରେ ଥିବା ଦେବୀପୀଠରେ ମହାବିଷ୍ଣୁବ ଓ ପଣା ସଂକ୍ରାନ୍ତି ଧୁମ୍‌ଧାମରେ ପାଳିତ ହୋଇଯାଇଛି । ବାରୁଆଁରେ ମା ମଙ୍ଗଳାଙ୍କ ପୀଠରେ ଶହରୁ ଊର୍ଦ୍ଧ୍ୱ ଦୋକାନ ବଜାର ପଡ଼ିଥିବା ସହ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ମାନସିକଧାରୀମାନେ ଘଣ୍ଟପାଟୁଆଙ୍କ ଝାମୁ ଯାତ୍ରାରେ ଉପସ୍ଥିତ ହୋଇ ନିଜନିଜର ପିଲାଙ୍କ ମଙ୍ଗଳ କାମନା ପୂରଣ କରିଥିଲେ । ସେହିପରି ଓଡିଶ ଚର୍ଚ୍ଚିକା ପୀଠ ଓ ବଡକାଠିଆ ମଙ୍ଗଳା ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା । ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ସନ୍ଧ୍ୟାରେ ବଡ଼ହାଟ ଠାରେ ପାରମ୍ପରିକ ପାଟୁଆ ଯାତ୍ରା ଓ ଉଡା ପର୍ବ ରେ ମାନସିକ ବ୍ରତଧାରୀ ପାଟୁଆମାନେ ଚକ୍ରି ଦୋଳିରେ ଉଡ଼ିଥିଲେ ।

## ଟାଟା ଷ୍ଟିଲ୍ ମେରାମଣ୍ଡଳୀରେ ଓଡ଼ିଆ ନବବର୍ଷ ଓ ମହାବିଷ୍ଣୁବ ସଂକ୍ରାନ୍ତି ପାଳନ



ମେରାମଣ୍ଡଳୀ(ଭାସ୍କର ନ୍ୟୁଜ): ଟାଟାଷ୍ଟିଲ ମେରାମଣ୍ଡଳୀ (ଟିଏସଏମ) ପକ୍ଷର ଓଡ଼ିଆ ନବବର୍ଷ ଓ ମହାବିଷ୍ଣୁବ ସଂକ୍ରାନ୍ତିକୁ ମହା ଆଡମ୍ବରରେ ପାଳନ କରାଯାଇଛି। ଏହି ଉତ୍ସବରେ କମ୍ପାନୀ କର୍ମଚାରୀ ଓ ତାଙ୍କ ପରିବାର ଏବଂ ଆଖପାଖ ଗ୍ରାମାଞ୍ଚଳର ବାସିନ୍ଦାମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲାର ଅତିରିକ୍ତଜିଲ୍ଲା ମାଜିଷ୍ଟ୍ରେଟ ଉଦୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସୁସାହିତ୍ୟିକା, ଗବେଷିକା ତଥା ଅଧ୍ୟାପିକା ଡକ୍ଟର ପୁଷ୍ପଲତା ରଥ ଏବଂ ବକୁଳ ଫାଉଣ୍ଡେସନର ସଂସ୍ଥାପକ ସୁଜିତ ମହାପାତ୍ର ବକ୍ତା ଭାବେ ଯୋଗ ଦେଇଥିବା ବେଳେନୂଆହତା ସରପଂଚ ରେଣୁବାଳା ଧୀର, ନୂଆଗାଁ ସରପଂଚ ହରପ୍ରୀୟା ସେନାପତି, କୁସୁପୁଙ୍ଗା ସରପଂଚ ଅନୀତା ନାୟକ, ମଙ୍ଗଳପୁର ସରପଂଚ କନକବାଳା ରାଉତ, ଖଡ଼ଗପ୍ରସାଦ ସରପଂଚ ସାବିତ୍ରୀ ଦଳେଇ, ଶିବପୁର ସରପଞ୍ଚ ମାନସ ମହାକୁଡ,ସଞ୍ଚପଡ଼ା ସରପଂଚ ଶୈଳେନ୍ଦ୍ରୀ ଅମାତ ଓପାଇକ ପୁରୁଣା କୋଟ ସରପଂଚ ପ୍ରତାପଚନ୍ଦ୍ର ପ୍ରଧାନ ମଧ ଉପସ୍ଥିତ ଥିଲେ। ଟିଏସଏମର କର୍ପୋରେଟ ସର୍ଭିସେସ୍ ମୁଖ୍ୟ ମୋହିତ ଦାସ, ଟାଟା ଷ୍ଟିଲ୍ ଓଡ଼ିଶାର ସିଏସ୍ଆର୍ ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ, ଟିଏସଏମର ପରିବେଶ ବିଭାଗ ମୁଖ୍ୟ ଅନୁପ ଶ୍ରୀବାସ୍ତବ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବୃନ୍ଦ ମଧ ଉପସ୍ଥିତ ଥିଲେ । ଉତ୍ସବର ଅଂଶ ଭାବରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଆକର୍ଷଣୀୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଯେପରିକି ମହିଳାମାନଙ୍କ ପାଇଁ ଝୋଟି ଓ ପିଠା ପ୍ରସ୍ତୁତି, ପିଲାମାନଙ୍କପାଇଁ ଓଡ଼ିଆ ସଂସ୍କୃତି ଉପରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରଯାଇଥିଲା।ଏହିସାଂସ୍କୃତିକ କାର୍ଯ୍ୟକ୍ରମଗୁଡିକରେ ଟାଟାଷ୍ଟିଲ ଫାଉଣ୍ଡେସନ(ଟିଏସଏଫ୍) ଟିମ୍‌ଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଭାଗିତାରେ ସଂଚାଳିତ ହୋଇଥିଲା। ପ୍ରତିଯୋଗିତାରେ ଭାଗ ନେଇଥିବା କୃତିପ୍ରତିଯୋଗୀଙ୍କୁ ଉକ୍ତକାର୍ଯ୍ୟ କ୍ରମରେ ସମ୍ମାନିତ କରାଯାଇଥିଲା। ଟିଏସଏମ ହାଉସିଂ କଲୋନୀର କର୍ମଚାରୀ, ପରିବାବର୍ଗ ଓ ପିଲାମାନେ ମଧ୍ୟ ଓଡ଼ିଆ ନବବର୍ଷ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

AFFIDAVIT

By virtue of an affidavit sworn before The Executive Magistrate, Banki, dated: 11.04.2025, I Satyanarayan Bairiganjan, Address: village- Gobindpur (Kusunda), PO- Gobindpur (R), PS- Banki, Dist- Cuttack, Odisha, PIN- 754007, declare that I have changed my son's name from Sabgram Bairiganjan to Sangram Bairiganjan. Henceforth he shall be known as Sangram Bairiganjan for all purposes.

Sd/- Satyanarayan Bairiganjan

## ଶ୍ରୀମନ୍ଦିରରେ ଓଡ଼ିଆ ନବବର୍ଷ ପାଳିତ

ପୁରୀ (ଭାସ୍କର ନ୍ୟୁଜ) : ପବିତ୍ର ମହାବିଷ୍ଣୁବ ସଂକ୍ରାନ୍ତି ତଥା ମହାବୀର ଜୟନ୍ତୀ। ଏଥିସହ ଓଡ଼ିଆ ନବବର୍ଷ। ଏଥିପାଇଁ ଶ୍ରୀମନ୍ଦିରରେ ପାଳନ ହେଉଛି ସ୍ୱତନ୍ତ୍ର ନୀତିକାନ୍ତି। ଶ୍ରୀମନ୍ଦିରରେ ସକାଳଧୂପ ନୀତି ସରିବା ପରେ ଦକ୍ଷିଣ ଘରେ ଥିବା ଶ୍ରୀ ହନୁମାନଙ୍କୁ ରତ୍ନସିଂହାସନକୁ ଅଣାଯାଇ ପୂଜପଣ୍ଡା ସେବାୟତଙ୍କ ଦ୍ୱାରା ଆଜ୍ଞାମାଳ ପ୍ରଦାନ କରାଯିବ । ପରେ ବିମାନରେ ଶ୍ରୀ ହନୁମାନ ଶ୍ରୀମନ୍ଦିରର ପୂର୍ବ ଦ୍ୱାରରେ ଥିବା ହନୁମାନଙ୍କ ନିକଟକୁ ନିଆଯାଇ ପୂଜାର୍ଚ୍ଚନା କରାଯିବା ପରେ ଜଗନ୍ନାଥ ବଲ୍ଲଭ ମଠ ଓ ଦରିଆ ମହାବୀରଙ୍କ ନିକଟକୁ ନିଆଯିବ । ସେପଟେ ଶ୍ରୀକ୍ଷେତ୍ରର ଜାଗା ଆଖଡାରେ ପରମ୍ପରାକୁ ରକ୍ଷା ପାଇଁ ମହାବୀରଙ୍କ ପୂଜାର୍ଚ୍ଚନା, ପଣା ଓ ଛତୁଆ ଭୋଗ କରାଯାଏ। ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ଓଡିଆ ନବବର୍ଷ। ଏଥିସହ ମହାବୀର ଜୟନ୍ତୀ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ରହିଛି।ଆଜିର ପବିତ୍ର ଦିନକୁ ନେଇ ପ୍ରତି ଓଡିଆ ଘର ଚଳଚଞ୍ଚଳ ହୋଇପଡିଛି। ଶ୍ରୀମନ୍ଦିରରେ ପ୍ରବଳ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଛି। ଆଜି ମହାପ୍ରଭୁ ଙ୍କ ସକାଳ ଧୂପ ନୀତି ସରିବା ପରେ ଦକ୍ଷିଣ ଘରୁ ଶ୍ରୀ ହନୁମାନଙ୍କୁ ରତ୍ନ ସିଂହାସନକୁ ଅଣାଯାଇ ଆଜ୍ଞାମାଳ ପ୍ରଦାନ କରାଯାଇଥାଏ । ଏହା ପରେ ବିମାନରେ ଶ୍ରୀ ହନୁମାନଙ୍କୁ ଜଗନ୍ନାଥ ବଲ୍ଲଭ ନିଆଯାଇ ଆଳତୀ ବନ୍ଦାପନା କରାଯାଏ । ଓଡିଆ ପରମ୍ପରା ଅନୁଯାୟୀ ଆଜିଠାରୁ ନୂତନ ବର୍ଷ ଆରମ୍ଭ ହେବ। ଆଜି ଠାରୁ ଶ୍ରୀମନ୍ଦିର ପ୍ରଚଳନ ହେବ ନୂଆ ପାଞ୍ଜି। ଦୋଳ ପୂର୍ଣ୍ଣିମାରେ ଦୋଳ ଗୋବିନ୍ଦଙ୍କ ନିକଟରେ ସମର୍ପଣ ହୋଇଥିବା ପାଞ୍ଜିକୁ ଶ୍ରୀମନ୍ଦିରରେ ପ୍ରଚଳନ କରାଯିବ। ସେପଟେ ଶ୍ରୀକ୍ଷେତ୍ରର ଜାଗା ଆଖଡାରେ ପରମ୍ପରାକୁ ରକ୍ଷା କରିବା ପାଇଁ ମହାବୀରଙ୍କ ଜନ୍ମନୀତି ପୂଜାର୍ଚ୍ଚନା ପରେ ପଣା ଏବଂ ଛତୁଆ ଭୋଗ କରାଯାଇଛି। ଶ୍ରୀକ୍ଷେତ୍ରରେ ଥିବା ୫୦ରୁ ଊର୍ଦ୍ଧ୍ୱ ଜାଗା ଆଖଡାରେ ଦିନକୁ ବେଶ୍ ଆଡମ୍ବର ସହ ପାଳନ କରାଯାଇଥାଏ। ମଲ୍ଲଯୋଦ୍ଧା ଓ ଯୁବକ ମାନେ ନୂତନ ବସ୍ତ୍ର ପରିଧାନ କରି ମାଟିକୁସ୍ତି ସହ ମଲ୍ଲବିଦ୍ୟା,ବ୍ୟାୟମ କରିଥାନ୍ତି। ପବିତ୍ର ମହାବିଷ୍ଣୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନ ପାଇଁ ଚଳଚଞ୍ଚଳ ଓ ଉତ୍ସବମୁଖରିତ ଥାଏ ଶ୍ରୀକ୍ଷେତ୍ର।

AFFIDAVIT

By virtue of an affidavit sworn before The Executive Magistrate, Bhubaneswar, dated: 09.04.2025, I Rita Nayak, Address: At- Station Road, Kuhudi, Gopalprasad, Kuhuri, Khordha, Odisha, PIN-752027, declare that I have changed my son's name from Shriya Nayak to Sheryan Nayak. Henceforth he shall be known as Sheryan Nayak for all purposes.

Sd/- Rita Nayak

AFFIDAVIT

By virtue of an affidavit sworn before The Executive Magistrate, Bhubaneswar, dated: 08.04.2025, I Sasmita Mansingh, Address: At- Road No-8, Maa Mangala Basti, Back side of Siddharth Apartment, Bhoi Nagar, Bhubaneswar, Dist- Khordha, Odisha, PIN- 751022, declare that I have changed my name from Sasmita Baliyarsingh to Sasmita Mansingh. Henceforth, I shall be known as Sasmita Mansingh for all purposes.

Sd/- Sasmita Mansingh

## ସମ୍ବଲପୁର ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ଧର୍ମେନ୍ଦ୍ର
## ପ୍ରଭୁ ଶ୍ରୀହନୁମାନ ସମାଜ, ଦେଶର ମଙ୍ଗଳ କରନ୍ତୁ



ସମ୍ବଲପୁର (ଭାସ୍କର ନ୍ୟୁଜ): ପ୍ରଭୁ ଶ୍ରୀହନୁମାନ ଭକ୍ତି, ତ୍ୟାଗ, ନିଷ୍ଠା ଓ ସମର୍ପଣର ପ୍ରତୀକ ବୋଲି ସୋମବାର ହନୁମାନ ଜୟନ୍ତୀ ଅବସରରେ ସମ୍ବଲପୁରର ବିଭିନ୍ନ ସ୍ଥାନରେ ଆୟୋଜିତ ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ସମ୍ବଲପୁରର ବିଭିନ୍ନ ପଡାରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଓ ଅନ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ବୃକ୍ସହିଲ ସ୍ଥିତ ହନୁମାନ ମନ୍ଦିରରେ ଦର୍ଶନ କରିବା ସହ ଆଳତୀ କରିଥିଲେ। ଶ୍ରୀ ପ୍ରଧାନ କହିଥିଲେ ଆଜିର ଦିନ ଓଡ଼ିଆ ତଥା ସନାତନୀ ହିନ୍ଦୁଙ୍କ ପାଇଁ ଏକ ବଡ଼ ଦିନ । ଏଭଳି ଏକ ଦିନରେ ଏକ ଆଧ୍ୟାତ୍ମିକ ପରିବେଶରେ ସମ୍ବଲପୁରର ଜନସାଧାରଣଙ୍କ ସହ ହନୁମାନ ଜୟନ୍ତୀରେ ସାମିଲ ହେବା ମୋର ସୌଭାଗ୍ୟ । ହନୁମାନ ଜୟନ୍ତୀରେ ନାଗରିକମାନଙ୍କ ମଧ୍ୟରେ ଭକ୍ତିପୂର୍ଣ୍ଣ ଉତ୍ସାହ ରହିଛି । ଆମ ସମାଜରେ ଭାଇଚାରା ଓ ସମର୍ପଣ ଭାବନା ଆହୁରି ବଢୁ । ପ୍ରଭୁ ଶ୍ରୀରାମ ଓ ହନୁମାନଙ୍କ ପାଖରେ ସମ୍ବଲପୁର ସମେତ ଓଡ଼ିଶା ଓ ଦେଶର ବିକାଶ ପାଇଁ ଶ୍ରୀ ପ୍ରଧାନ କାମନା କରିଛନ୍ତି ।

## ବିଦେଶୀ ମଦ ଜବତ, ଜଣେ ଗିରଫ

କୋଷାଗୁମୁଡ଼ା (ଭାସ୍କର ନ୍ୟୁଜ): କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଜବାଗୁଡ଼ା ଗ୍ରାମ ନିକଟରେ ଗତକାଲି ଦିନ ଦ୍ୱିପ୍ରହରରେ କୋଡ଼ିଙ୍ଗା ପୁଲିସ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ପୁଲିସ ଗାଡ଼ିକୁ ଦେଖି ବିଦେଶୀ ମଦ ଚୋରା ଚାଲାଣ ଗାଡ଼ିର ଡ୍ରାଇଭର ଦ୍ରୁତଗତିରେ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ନିକଟସ୍ଥ କାଜୁ ଜଙ୍ଗଲରେ ଗାଡ଼ି ଓଲଟି ପଡ଼ିଥିଲା । ତେବେ ଡ୍ରାଇଭର ଗାଡ଼ି ଛାଡି ଫେରାର୍ ହୋଇଯାଇଥିଲା । ପୁଲିସ ପହଞ୍ଚି ଦେଖିଲା ବେଳକୁ ଗାଡ଼ିରେ ୮୮ ଲିଟର ବିଦେଶୀ ମଦ ରହିଥିଲା । ପରେ ମଦ ଓ ଗାଡ଼ିକୁ ଜବତ କରିଛି ପୁଲିସ। ତଦନ୍ତ ପରେ ମଦ ବୋଝେଇ ଗାଡ଼ି ଡ୍ରାଇଭର କପିଳାସ ଗଉଡ଼କୁ ଆଜି ଗିରଫ କରି କେସ୍ ନଂ-୭୨/୨୫ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଡ୍ରାଇଭର କପିଳାସ ଗୌଡ଼ଙ୍କ ସୂଚନା ଅନୁଯାୟୀ ରତାଖଣ୍ଡିଗୁଡ଼ାର ଲକ୍ଷ୍ମୀକାନ୍ତ ମାଝୀଙ୍କ ଏକ ଇକୋ ଭ୍ୟାନ୍ (ଓଡି-୨୪କେ-୫୭୯୫)ରେ ବିଦେଶୀ ମଦ ବୋଝେଇ କରି ଗାଁ ଗାଁ ବୁଲି ବିକ୍ରି କରିବା ପାଇଁ ନେଉଥିଲେ। କୋଡ଼ିଙ୍ଗା ଥାନା ଅଧିକାରୀ ଯୁଗଳ ଶବର ଅଧିକ ତଦନ୍ତ ଚାଲିଥିବା କହିଛନ୍ତି। ଏତେ ପରିମାଣର ବିଦେଶୀ ମଦ ଚୋରା ଚାଲାଣ ବହୁଦିନରୁ ଚାଲିଥିବା ଜଣାପଡ଼ିଛି।

GOVERNMENT OF ODISHA
O-42
OFFICE OF THE EXECUTIVE ENGINEER
RURAL WATER SUPPLY & SANITATION, DIVISION, BOUDH
E-mail eerwss_bou@nic.in / rwssboudh@gmail.com
INVITATION FOR BIDS (IFB)
BID Identification No. 01 / E.E. RWSS, Boudh of 2025-26
Letter No. 1068 // Dt. 10.04.2025

| | | |
|---|---|---|
| 1 | Nature of work | Building works |
| 2 | Estimated Cost | 344.23 lakhs |
| 3 | No. of works | 01 Nos |
| 4 | Tender Cost | 10000.00 |
| 5 | Class of contractor | "A" Class |
| 6 | Availability of Bid document in the portal | Dt. 28.04.2025 11.00 hours to 13.05.2025 17.00 hours |
| 7 | Date of seeking clarification | During the office hours of 28.04.2025 to 08.05.2025 |
| 8 | Last Date & time of receipt of Bids | Dt. 13.05.2025 at 17.00 hours |
| 9 | Date & time of opening Bids | Dt. 14.05.2025 at 11.30 hours |

Further details can be seen in the bidding documents which is available in the e-procurement portal https//www.tendersorissa.gov.in subsequent corrigendum if required shall be appeared in the website Authority reserves the right to reject any or all tenders without assigning any reason thereof.

Sd/-Executive Engineer,
RWS&S Division, Boudh

OIPR 25039/11/0006/2526

## ଗଡେଶ୍ୱର ହାଟ ବଣିକ ସଂଘ ପକ୍ଷରୁ ଓଡ଼ିଆ ନବବର୍ଷ ପାଳିତ




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ବୀର ସୁରେନ୍ଦ୍ରସାଏନଗର ଗଡେଶ୍ୱର ହାଟ ବଣିକ ସଂଘ ପକ୍ଷରୁ ଓଡ଼ିଆ ନବବର୍ଷ ଓ ପବିତ୍ର ମହାବିଷ୍ଣୁବ ସଂକ୍ରାନ୍ତି ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତିବର୍ଷ ଭଳି ଏହିବର୍ଷ ବଣିକ ସଂଘ ସଭାପତି ଲକ୍ଷ୍ମଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବଣିକସଂଘର ସମସ୍ତ ସଭ୍ୟ ଯୋଗଦାନ କରିଥିଲେ। ଓଡ଼ିଆ ପରମ୍ପରା, ଓଡ଼ିଆ ସଂସ୍କୃତି ଉପରେ ପାଇକ ମହାସଂଘ ସଭାପତି ଅଶୋକ କୁମାର ପାଲଟାସିଂ ଆଲୋକପାତ କରିଥିଲେ। ହନୁମାନ ଜୟନ୍ତୀ, ପଣା ଉତ୍ସବ ଓ ଓଡ଼ିଆ ସଂସ୍କୃତିର ମହାନତା ବିଶ୍ୱବିଦିତ। ଏହି ପଣା ଉତ୍ସବରେ ୫ହଜାର ଲୋକଙ୍କ ପାଇଁ ପଣାର ବନ୍ଦୋବସ୍ତ କରାଯାଇଥିଲା। ସ୍ଥାନୀୟ ଜନସାଧାରଣଙ୍କ ସହ ସଂଘର କର୍ମକର୍ତ୍ତା ଏହି ଉତ୍ସବରେ ସାମିଲ ହୋଇଥିଲେ। ବଣିକସଂଘ ସଭାପତି କୃଷ୍ଣଚନ୍ଦ୍ର ସାହୁ, ଦୀପକ କୁମାର ବାରିକ, ଗୋଲକଚନ୍ଦ୍ର ଦଳେଇ, ଉତ୍ତମ କୁମାର ମହାନ୍ତି, ବୁଲେଇ ସାହୁ, ପ୍ରତାପ ମଣ୍ଡଳ, କାର୍ତ୍ତିକ ପଣ୍ଡା, ରଞ୍ଜିତ କୁମାର ସାହୁ, ପ୍ରମୋଦ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଏମ୍‌ସିଏଲ ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ



ସମ୍ବଲପୁର(ଭାସ୍କର ନ୍ୟୁଜ): ମହାନଦୀ କୋଲଫିଲ୍ଡସ ପକ୍ଷରୁ ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡକ୍ଟର ବି.ଆର.ଆମ୍ବେଦକରଙ୍କ ଜୟନ୍ତୀ ପାଳନ କରାଯାଇଛି। କମ୍ପାନୀର ନିର୍ଦ୍ଦେଶକ (ମାନବସମ୍ବଳ) କେଶବ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସମ୍ବିଧାନ ପ୍ରଣେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ସିଏଲର ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଅନ୍ୟମାନେ ଯୋଗଦେଇ ଦେଶପ୍ରତି ଆମ୍ବେଦକରଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଆମ୍ବେଦକର ସାମାଜିକ ନ୍ୟାୟ ତଥା ଆଧୁନିକ ଭାରତର ବିକାଶ ପାଇଁ ନିଜକୁ ସମର୍ପଣ କରି ଦେଇଥିଲେ। ଏଥିସହ ତାଙ୍କ ଜୟନ୍ତୀ ଏମସିଏଲର ଅନୁଗୋଳ, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଥିବା ସ୍ଥାନୀୟ କାର୍ଯ୍ୟାଳୟରେ ମଧ୍ୟ ପାଳିତ ହୋଇଯାଇଛି।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ:(୦୬୭୪)୨୩୯୩୫୨୪,
ଏପିବିଏକ୍ସ:(୦୬୭୪)୨୩୯୧୫୪୨,୨୩୯୦୧୪୧
ଫାକ୍ସ:(୦୬୭୪)୨୩୯୩୯୫୨, ୱେବ ସାଇଟି: https://oshb.org
CAD-111

ବିଜ୍ଞାପନ

ପତ୍ର ସଂଖ୍ୟା: ୫୩ ତା:୨୭.୦୩.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ।

| କ୍ର.ନଂ | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-୰ଗଣେଶ୍ୱର ଶତପଥି, ପିତା-୰ବାଲକୃଷ୍ଣ ଶତପଥି, ସା ଖଣ୍ଡ କୋପାଳ, ପୋ-ଶ୍ରୀରାମପୁର, ଥାନା-ତିର୍ତୋଲ, ଜିଲ୍ଲା ଜଗତସିଂହପୁର | ଘର ନଂ-ଏଲ.ଆଇ.ଜି-୯୫୪ (LIG-954), ଚୁମୁଚୁମା ଦ୍ୱିତୀୟ ପର୍ଯ୍ୟାୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା | ୧.ସ୍ମିତାଶ୍ରୀ ଶତପଥି (ବି.କନ୍ୟା) ୨.ରଶ୍ମିତା ମିଶ୍ର (ବି.କନ୍ୟା) ୩.ମଧୁସ୍ମିତା ଶତପଥି (ବି.କନ୍ୟା) ୪.ସୁଶ୍ରୀ ସୁମିତା ଶତପଥି (ବି.କନ୍ୟା) |

ସ୍ୱା-
ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR 13030/11/0538/2526

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଝଲସିବ...

ମୋ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। କେନ୍ଦୁଝରକୁ ଖୁବ୍‌ଶୀଘ୍ର ଶିଳ୍ପର ହବ୍ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

### ପୀଡ଼ିତଙ୍କ...

୩୬ଘଣ୍ଟା ମଧ୍ୟରେ ମୁର୍ଶିଦାବାଦ ଜିଲ୍ଲାରେ ଗୋଟିଏ ବି ହିଂସା ଘଟଣା ସାମ୍ନାକୁ ଆସିନାହିଁ । ଖୁବ୍‌ଶୀଘ୍ର ଜିଲ୍ଲାରେ ପୂର୍ବସ୍ଥିତି ଫେରିଆସିବ ବୋଲି ପୋଲିସ ପୂର୍ବାନୁମାନ କରିଛନ୍ତି। ମୁର୍ଶିଦାବାଦରେ ଶାନ୍ତି ବଜାୟ ରଖିବା ପାଇଁ ଇଣ୍ଟରନେଟ୍ ସେବାକୁ ଅସ୍ଥାୟୀ ଭାବେ ବନ୍ଦ ରଖାଯାଇଛି । ଗୁଜବ ପ୍ରଚାର ନ କରିବାକୁ ପୋଲିସ ଲୋକଙ୍କୁ ଅପିଲ କରିଛି । ଶାନ୍ତି ସହ ପୂର୍ବସ୍ଥିତି ଫେରାଇ ଆଣିବା ଆମର ପ୍ରାଥମିକତା ବୋଲି ପୋଲିସ କହିଛି । ଉତ୍ତେଜନାପୂର୍ଣ୍ଣ ସ୍ଥାନରେ ରାଜ୍ୟ ପୋଲିସ ଓ କେନ୍ଦ୍ରୀୟ ସୁରକ୍ଷାବଳ ମିଳିତ ଭାବେ କାର୍ଯ୍ୟ କରୁଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସମ୍ବେଦନଶୀଳ ସ୍ଥାନରେ ପୋଲିସ ଫ୍ଲାଗମାର୍ଚ୍ଚ ଓ ପିକେଟିଂ କରୁଛି । ଅନ୍ୟପକ୍ଷରେ ହିଂସାରେ ସାମିଲ ଥିବା ୨୦୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଛି ।

### ବଫର ଜୋନ୍‌ରେ...

ମହାବଳ ବାଘ ସଂଖ୍ୟା ୬୦ ଟପିବ ବୋଲି ବନ ବିଭାଗ ପୂର୍ବାନୁମାନ କରିଛି। ରାଜ୍ୟରେ ମହାବଳ ବାଘ ସଂଖ୍ୟା ଶିମିଳିପାଳ ଅଭୟାରଣ୍ୟରେ ସର୍ବାଧିକ ରହିଛି। ରାଜ୍ୟର ୩୦ଟି ମହାବଳ ବାଘଙ୍କ ମଧ୍ୟରୁ ୨୭ଟି କେବଳ ଶିମିଳିପାଳରେ ଅଛନ୍ତି। ସେଥିମଧ୍ୟରୁ ୧୪ଟି ମାଈ ଓ ୧୩ଟି ଅଣ୍ଡିରା ବାଘ ଥିବା ସୂଚନା ଦିଆଯାଇଛି।

## ନିର୍ମାଲ୍ୟ ବରିଷ୍ଠ ନାଗରିକ ସଂଘ, ମଣି ତ୍ରିଭୁବନ ସିନିଅର ସିଟିଜେନ୍ ଫୋରମ୍ ପକ୍ଷରୁ ଜଳଛତ୍ର






ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଦୀର୍ଘ ୧୨ବର୍ଷ ହେବ ନିର୍ମାଲ୍ୟ ବରିଷ୍ଠ ନାଗରିକ ସଂଘ ତା'ର ସଦସ୍ୟମାନଙ୍କୁ ଆର୍ଥିକ ଓ କାୟିକ ସହଯୋଗରେ କେଶୁରାରେ ଗ୍ରୀଷ୍ମ ପ୍ରବାହ ସମୟରେ ଅପ୍ରେଲରୁ ଜୁନ୍ ପର୍ଯ୍ୟନ୍ତ ପଥଚାରୀମାନଙ୍କ ପାଇଁ ପାନୀୟ ଜଳ ବିତରଣର ବ୍ୟବସ୍ଥା କରିଛି। ଚଳିତ ବର୍ଷ ପଣା ସଂକ୍ରାନ୍ତୀରେ ଦହି ପଣାର ବ୍ୟବସ୍ଥା କରାଯାଇ ପ୍ରାୟ ୭୦୦ ପଥଚାରୀଙ୍କୁ ଦହି ପଣା ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଦୈନିକ ସମ୍ବାଦ ପତ୍ର ପ୍ରମେୟର ଡିଜିଏମ୍ ଗଜେନ୍ଦ୍ର ଦାସ ଶୁଭ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ଡ. ରମାକାନ୍ତ ମହାପାତ୍ର ପୌରୋହିତ୍ୟ କରିଥିଲେ। ସନ୍‌ସାଇନ୍ ହସ୍ପିଟାଲ, ଭୂମିକା ଚକ୍ଷୁ ହସ୍ପିଟାଲ, ରୋଟାରି କ୍ଲବ୍ ଭୁବନେଶ୍ୱର ହେରିଟେଜ୍, ସ୍ଥାନୀୟ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସଂଘର ସମ୍ପାଦକ ଡ. ଯୁଗଳ କିଶୋର ସାହୁ ଏହାକୁ ପରିଚାଳନା କରିଥିଲେ। ତାଙ୍କୁ ସହଯୋଗ କରିଥିଲେ ସଦସ୍ୟ ସୁରେନ୍ଦ୍ର କୁମାର ପୁରୁଡି, ପ୍ରଭାକର ସାହୁ, ବୁଦ୍ଧଦେବ ବେହେରା, ବେଣୁଧର ପରିଡ଼ା, ପ୍ରିୟଚନ୍ଦ୍ର ପରିଡ଼ା, ଜୟନ୍ତ ମହାନ୍ତି, ଅଶୋକ ନାୟକ, ସଦାଶିବ ସାହୁ, ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ବସନ୍ତ ଭଦ୍ର ଓ ଅନ୍ୟମାନେ। ସେହିପରି ମଣି ତ୍ରିଭୁବନ ସିଟିଜନ ଫୋରମ ପକ୍ଷରୁ ପଣା ସଂକ୍ରାନ୍ତୀ ଠାରୁ ଜଳଛତ୍ର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଫୋରମର ସମସ୍ତ ସଦସ୍ୟ ଓ ସଦସ୍ୟାଙ୍କ ଉପସ୍ଥିତିରେ ଫେଡ଼େରେସନ୍ ଅଫ୍ ସିନିଅର ସିଟିଜେନ୍ ଅଫ୍ ଓଡ଼ିଶାର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଜଳଛତ୍ର କାର୍ଯ୍ୟକ୍ରମ ଏକ ମାସ ଧରି ଚାଲୁ ରହିବ। ସଂଘର ସଭାପତି ଡ. ମାଧବାନନ୍ଦ ଦାସ ଓ ସମ୍ପାଦକ ଡ. ନରେନ୍ଦ୍ର କୁମାର ମହାପାତ୍ରଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org

ପତ୍ର ସଂଖ୍ୟା ୩୭ ବିଜ୍ଞାପନ ତା.୦୩.୦୩.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ୰ସୀମାଞ୍ଚଳ ପାଣିଗ୍ରାହୀ ପି-ହରେକୃଷ୍ଣ ପାଣିଗ୍ରାହୀ ଗ୍ରା/ପୋ-ବଡ଼ମହୁରୀ ଥା-ପୁରୁଷୋତ୍ତମପୁର ଜି-ଗଞ୍ଜାମ | ଏଲ୍.ସି.ଆର-୧୨୬ (LCR-126) ଛେଣ୍ଡ କଲୋନୀ ପ୍ରଥମ ପର୍ଯ୍ୟାୟ ରାଉରକେଲା | ୧-ବାସନ୍ତୀ ପାଣିଗ୍ରାହୀ (ସ୍ତ୍ରୀ) ୨-ମାନସ ରଂଜନ ପାଣିଗ୍ରାହୀ(ବି.ପୁତ୍ର) ୩-ମଧୁସ୍ମିତା ଭିତିରିଆ(ବି.କନ୍ୟା) ୪-ମମତା ତ୍ରିପାଠୀ(ବି.କନ୍ୟା) ୫-ମୌସୁମି ପାଣିଗ୍ରାହୀ(ବି.କନ୍ୟା) |


ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥା

CAD-118 OIPR 13030/11/0546/2526



ନୂଆଦିଲ୍ଲୀ: ଅମରନାଥ ଯାତ୍ରା ପାଇଁ ଅନଲାଇନ୍ ଏବଂ ଅଫ୍ଲାଇନ୍ ଉଭୟରେ ପଞ୍ଜୀକରଣ ୨୦୨୫ ଏପ୍ରିଲ ୧୪ ରୁ ଆରମ୍ଭ ହୋଇଛି। ଚଳିତଥର ଏହି ଯାତ୍ରା ଜୁନ୍ ୨୯ରୁ ଅଗଷ୍ଟ ୧୯ ପର୍ଯ୍ୟନ୍ତ ଚାଲିବ। ଅମରନାଥ ଯାତ୍ରାରେ ଅଂଶଗ୍ରହଣ କରିବା ଅନ୍ ଲାଇନ୍‌ରେ ଆବେଦନ କରିପାରିବେ।ଏଥିପାଇଁ ଆଧାର, ଭୋଟର ପରିଚୟପତ୍ର କିମ୍ବା ପାସପୋର୍ଟ, ପାସପୋର୍ଟ ଆକାରର ଫଟୋ ସହିତ ଏକ ପରିଚୟପତ୍ର ଆବଶ୍ୟକ। ଏହା ବ୍ୟତୀତ, ଶ୍ରାଇନ୍ ବୋର୍ଡ ଦ୍ୱାରା ଅନୁମୋଦିତ ଡାକ୍ତରଙ୍କଠାରୁ ଏକ ଡାକ୍ତରୀ ପ୍ରମାଣପତ୍ର ତିଆରି କରିବାକୁ ପଡିବ। ଏହା ବ୍ୟତୀତ ପଞ୍ଜିକରଣ ଶୁଳ୍କ ଭାବରେ ୧୫୦ ଟଙ୍କା ମଧ୍ୟ ଜମା କରିବାକୁ ପଡିବ। ଫର୍ମ ପୂରଣ କରିବା ପରେ, ଆପଣ ଯାତ୍ରା ଅନୁମତିପତ୍ରର ଏକ ସଫ୍ଟ କପି ପାଇବେ। ଯାହାକୁ ଆପଣ ପ୍ରିଣ୍ଟ କରି ଯାତ୍ରା ସମୟରେ ନିଜର ପାଖରେ ରଖିବେ। ଯଦି ଅନଲାଇନରେ ପଞ୍ଜୀକରଣ କରିବାକୁ ଚାହୁଁନାହାଁନ୍ତି, ତେବେ ଆପଣଙ୍କୁ ବ୍ୟାଙ୍କରୁ ଯାତ୍ରା ଫର୍ମ ନେବାକୁ ପଡିବ। ଯାହା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଜମ୍ମୁ ଏବଂ କାଶ୍ମୀର ବ୍ୟାଙ୍କ, ୟେସ୍ ବ୍ୟାଙ୍କ ଏବଂ ଏସବିଆଇ ବ୍ୟାଙ୍କର ଶାଖାଗୁଡ଼ିକରେ ସହଜରେ ମିଳିପାରିବ।

## ନିଶାଦ୍ରବ୍ୟ ନେଟୱାର୍କକୁ ମୂଳପୋଛ କରୁଛନ୍ତି ସରକାର : ଶାହ



ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ମୋଦୀ ସରକାର ଦୃଢ଼ ଭାବେ ନିଶାଦ୍ରବ୍ୟ ନେଟୱାର୍କକୁ ମୂଳପୋଛ କରୁଛନ୍ତି । 'ଏକ୍ସ'ରେ ଏକ ପୋଷ୍ଟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, 'ନିଶାମୁକ୍ତ ଭାରତ ନିର୍ମାଣର ନିରନ୍ତର ପ୍ରୟାସରେ ଅନ୍ତର୍ଜାତୀୟ ସାମୁଦ୍ରିକ ସୀମା ନିକଟରେ ୧୮୦୦ କୋଟି ଟଙ୍କା ମୂଲ୍ୟର ୩୦୦ କିଲୋଗ୍ରାମ ନିଶାଦ୍ରବ୍ୟ ଜବତ କରି ଏକ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଛି। ସମୁଦ୍ରରେ ଏହି ଅପରେସନ, ନିଶାଦ୍ରବ୍ୟ କାରବାରକୁ ମୂଳପୋଛ କରିବା ପାଇଁ ମୋଦୀ ସରକାରଙ୍କ ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟର ସଫଳତାର ଏକ ଉଜ୍ଜ୍ୱଳ ଉଦାହରଣ। ଏହି ବିଶାଳ ସଫଳତା ପାଇଁ ଗୁଜରାଟ ପୋଲିସ ଏଟିଏସ ଏବଂ ଭାରତୀୟ ତଟରକ୍ଷୀ ବାହିନୀକୁ ପ୍ରଶଂସା କରିଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ।

## ପୁଣି ସଲମନ୍‌ଙ୍କୁ ହତ୍ୟା ଧମକ



ନୂଆଦିଲ୍ଲୀ : ବଲିଉଡ଼ର ଭାଇଜାନ ସଲମାନ ଖାନଙ୍କୁ ପୁଣି ଥରେ ଜୀବନରୁ ମାରି ଦେବାକୁ ଧମକ ମିଳିଛି । ମୁମ୍ବାଇର ୱର୍ଲି ଟ୍ରାଫିକ ବିଭାଗର ହ୍ୱାଟ୍ସ ଆପ୍ ନମ୍ବରକୁ ଏହି ଧମକ ପଠାଯାଇଛି । ମୁମ୍ବାଇ ଟ୍ରାଫିକ ବିଭାଗକୁ ଏକ ଧମକ ପଠାଯାଇଛି ଯେଉଁଥିରେ କୁହାଯାଇଛି ଯେ ଅଭିନେତାଙ୍କ ଘରେ ପଶି ହତ୍ୟା କରିବୁ । କେବଳ ଏତିକି ନୁହେଁ, ସଲମାନ ଖାନଙ୍କ କାରକୁ ବୋମା ବିସ୍ଫୋରଣ କରିବାର ଆଶଙ୍କା ମଧ୍ୟ ରହିଛି । ୱର୍ଲି ପୋଲିସ ଷ୍ଟେସନରେ ଯୋଗ କରାଯିବା ଅଜଣା ବ୍ୟକ୍ତିଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି । ମୁମ୍ବାଇର ୱର୍ଲି ଟ୍ରାଫିକ ବିଭାଗର ହ୍ୱାଟ୍ସ ଆପ୍ ନମ୍ବରରେ ଏହି ଧମକ ମିଳିଛି । ଏହି ଧମକରେ ଦେଖାଯାଉଥିବା ଅଜଣା ବ୍ୟକ୍ତି ସଲମାନ ଖାନଙ୍କୁ ତାଙ୍କ ଘରେ ପଶି ହତ୍ୟା କରିବୁ ଏବଂ ତାଙ୍କ କାରକୁ ବୋମାରେ ଉଡାଇବାକୁ ଧମକ ମିଳିଛି । ଏହି ଧମକ ପରେ ୱର୍ଲି ପୋଲିସ ଷ୍ଟେସନରେ ଏକ ମାମଲା ରୁଜୁ ହୋଇଛି ଏବଂ ଏହି ଧମକ ଦେଉଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବାକୁ ପୋଲିସ ଚେଷ୍ଟା କରୁଛି । ସଲମାନ ଖାନଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢୁଛି ଏବଂ ପୋଲିସ ଏହାର ତଦନ୍ତ କରୁଛି । ଏହା ପ୍ରଥମ ଥର ନୁହେଁ ଯେ ସଲମାନ ଖାନଙ୍କୁ ହତ୍ୟା ଧମକ ମିଳିଛି, ପୂର୍ବରୁ ଅଭିନେତାଙ୍କୁ ଅନେକ ଥର ଧମକ ମିଳିଥିଲା । ଗତ କିଛି ବର୍ଷ ମଧ୍ୟରେ ବଲିଉଡ ଅଭିନେତାଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗରୁ ଅନେକ ଧମକ ମିଳିଥିଲା । ଗତବର୍ଷ ତାଙ୍କ ଘର ଗାଲାକ୍ସି ଆପାର୍ଟମେଣ୍ଟ ବାହାରେ ମଧ୍ୟ ଗୁଳିମାଡ଼ ହୋଇଥିଲା । ଏଥିସହିତ ସଲମାନ ଖାନଙ୍କ ଘନିଷ୍ଠ ବନ୍ଧୁ ବାବା ସିଦ୍ଦିକୀଙ୍କ ହତ୍ୟା ମଧ୍ୟ କରାଯାଇଥିଲା । ଏବେ ପୁଣି ଥରେ ତାଙ୍କ ଘର ଭିତରେ ହତ୍ୟା ହେବାର ଧମକ ଆସିଛି । ତେବେ ଏହି ଧମକ ଲରେନ୍ସ ଠାରୁ ଆସିଛି କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । କହିବାକୁ ଗଲେ ସୁପରଷ୍ଟାରଙ୍କୁ Y ପ୍ଲସ୍ ସୁରକ୍ଷା ଦିଆଯାଇଛି ।

# ଛତିଶଗଡ ମନୋବା କୁର୍ମି କ୍ଷେତ୍ରୀୟ ସମାଜର ମହାଧିବେଶନରେ ବିଷ୍ଣୁଦେବ



ରାୟପୁର : ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୋମବାର ଛତିଶଗଡ ରାଜଧାନୀ ରାୟପୁରର ବଲ୍‌ବୀରସିଂ ଜୁନେଜା ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ଛତିଶଗଡ ମନୋବା କୁର୍ମି କ୍ଷେତ୍ରୀ ସମାଜର ୭୯ତମ ମହାଧିବେଶନରେ ଯୋଗ ଦେଇଥିଲେ। ଏହି ଅବସରରେ ନବଦମ୍ପାରରେ କୁର୍ମି ସମାଜର ସାମାଜିକ ଭବନ ପାଇଁ ୫୦ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ପ୍ରଥମେ ଅତିଥିମାନେ ଭାରତମାତା ଛତିଶଗଡ ମହତାରୀ ଏବଂ ମହାନ ବ୍ୟକ୍ତିତ୍ୱଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ଜ୍ୱଳନ କରିବା ସହ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଛତିଶଗଡ ରାଜସ୍ୱ ମନ୍ତ୍ରୀ ଟଙ୍କରାମ ବର୍ମା, ପୂର୍ବ ରାଜ୍ୟପାଳ ରମେଶ ବୈଶ, ରାୟପୁର ସାଂସଦ ବ୍ରଜମୋହନ ଅଗ୍ରୱାଲ, ବିଧାୟକ ମୋତିଲାଲ ସାହୁ, ଛତିଶଗଡ ମନୋବା କୃର୍ମି କ୍ଷେତ୍ରୀୟ ସମାଜର କ୍ଷେତ୍ରୀୟ ଅଧକ୍ଷ କୋଡଶରାମ କଶ୍ୟପଙ୍କ ସହିତ ସମାଜର ଅନ୍ୟ ପଦାଧିକାରୀ ସାମିଲ ହୋଇଥିଲେ। ଏହି ଅଧିବେଶନକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଯେ, କୃର୍ମି ସମାଜ ପରଶ୍ରମୀ ଏବଂ ସେମାନେ ଆତ୍ମନିର୍ଭରକୁ ବିଶ୍ୱାସ କରନ୍ତି। ସେମାନେ ବିଶେଷ କରି କୃଷିକ୍ଷେତ୍ରରେ ନିଜକୁ ନିୟୋଜିତ କରିବା ସହ ନିଜକୁ ଅଗ୍ରସର କରିଥାନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗ୍ୟାରେଣ୍ଟି ଅନୁଯାୟୀ ଆମ ସରକାର ଏହି ସମାଜର ଦାବିକୁ ଅଳ୍ପବହୁତେ ପୂରଣ କରିବାରେ ପ୍ରତିଶ୍ରୁତିବଦ୍ଧ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ଶପଥଗ୍ରହଣର ପରଦିନ ଗରିବଙ୍କୁ ୧୮ଲକ୍ଷ ପକ୍କା ଆବାସ ଯୋଗାଇ ଦେଇଛୁ। ଧାନର କ୍ୱିଣ୍ଟାଲ ପିଛା କୃଷକଙ୍କୁ ୩୧୦୦ଟଙ୍କା ଲେଖାଏଁ ପ୍ରଦାନ କରୁଛୁ। ମହତାରୀ ବନ୍ଦନ ଯୋଜନାରେ ପ୍ରତି ମାସରେ ମହିଳାମାନଙ୍କୁ ୧ହଜାରଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି।

## ମିଆଁମାରରେ ପୁଣି ଭୂମିକମ୍ପର ଝଟ୍‌କା

ନୂଆଦିଲ୍ଲୀ: ନ୍ୟାସନାଲ ସେଣ୍ଟର ଫର ସିସ୍ମୋଲୋଜି ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ ମିଆଁମାରରେ ସୋମବାର ୪.୫ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ଏନସିଏସ ଅନୁଯାୟୀ, ଏହି ଭୂମିକମ୍ପ ୧୦ କିଲୋମିଟର ଗଭୀରତାରେ ହୋଇଥିଲା। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏନସିଏସ ଏହି ତଥ୍ୟ ପ୍ରଦାନ କରିଛି। ସେପଟେ ମିଆଁମାର ସରକାରଙ୍କ ଆନୁଷ୍ଠାନିକ ଅନୁରୋଧ କ୍ରମେ ଅପରେସନ ବ୍ରହ୍ମା ଅଧୀନରେ ଭାରତୀୟ ସେନା ଇଞ୍ଜିନିୟରଙ୍କ ଏକ ବିଶେଷଜ୍ଞ ଦଳ ଗତ ୭ ତାରିଖରେ ଦେଶରେ ପହଞ୍ଚି ଆଞ୍ଚଳିକ ସହାୟତା ଏବଂ ମାନବିକ ରିଲିଫ ପାଇଁ ଭାରତର ପ୍ରତିଶ୍ରୁତିବଦ୍ଧତାକୁ ଆହୁରି ଦୋହରାଇଛନ୍ତି। ମିଆଁମାରସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି ଯେ ନେପିଡାଓ ଓ ମଣ୍ଡାଲେରେ ଭୂକମ୍ପ ପ୍ରଭାବିତ ଅନେକ ସ୍ଥାନର ଆକଳନ କରିବା ପରେ ଭାରତର ଟିମ୍ ଆଜି ମାଣ୍ଡଲେର ଇରାବତୀ ନଦୀପଠରେ ଥିବା ପୁରୁଣା ଆଭା ରେଳ ପୋଲର ଆକଳନ କରିବାରେ ସମ୍ପୃକ୍ତ ମିଆଁମାର କର୍ତ୍ତୃପକ୍ଷଙ୍କୁ ସାହାଯ୍ୟ କରିଥିଲେ। ଭାରତୀୟ ସେନା ସୂଚନା ଅନୁଯାୟୀ, ୟୁନିଟର କମାଣ୍ଡିଂ ଅଫିସରଙ୍କ ନେତୃତ୍ୱରେ ଜଣେ ଅଧିକାରୀ ଏବଂ ୫ ଜଣ କର୍ମଚାରୀଙ୍କୁ ନେଇ ଗଠିତ ଇଞ୍ଜିନିୟର ରେକି ଟିମ୍ ମଣ୍ଡାଲେ ଏବଂ ନେପିଡାଓ ଅଞ୍ଚଳରେ ଭୂମିକମ୍ପ ପ୍ରଭାବିତ ଭିତ୍ତିଭୂମିର ଆକଳନ ପାଇଁ ନିୟୋଜିତ ହୋଇଛନ୍ତି। ମାର୍ଚ୍ଚ ୨୮ରେ ମିଆଁମାରରେ ୭.୭ ତୀବ୍ରତାର ଭୟଙ୍କର ଭୂମିକମ୍ପ ପରେ ମିଆଁମାରକୁ ସମର୍ଥନ କରିବା ପାଇଁ ଭାରତର ନିରନ୍ତର ପ୍ରୟାସରେ ଏହି ମୁତୟନ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ । ଏହି ଟିମ୍ କ୍ଷତିଗ୍ରସ୍ତ ଢାଞ୍ଚା ଏବଂ ସୁବିଧାଗୁଡ଼ିକର ବ୍ୟାପକ ଆକଳନ କରୁଛି, ଜାରି ରହିଥିବା ରିଲିଫ ଏବଂ ପୁନଃନିର୍ମାଣ ପଦକ୍ଷେପଗୁଡ଼ିକୁ ମାର୍ଗଦର୍ଶନ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ଇନପୁଟ୍ ପ୍ରଦାନ କରୁଛି। ଏହି ବିପର୍ଯ୍ୟୟ ପରିପ୍ରେକ୍ଷୀରେ ମିଆଁମାରକୁ ଭାରତର ସମର୍ପିତ ମାନବିକ ତାଲିମ ହେଉଛି ଅପରେସନ୍ ବ୍ରହ୍ମା। ଏହି ପଦକ୍ଷେପର ଏକ ଅଂଶ ଭାବରେ ଭାରତ ୟାଙ୍ଗୁନ ଅଞ୍ଚଳରେ ଥିବା ଭାରତୀୟ ପ୍ରବାସୀ ଭାରତୀୟଙ୍କୁ ମଧ୍ୟ ସହାୟତାର ହାତ ବଢ଼ାଇଛି। ମିଆଁମାରସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି ଯେ ରାଷ୍ଟ୍ରଦୂତ ଅଭୟ ଠାକୁର ସ୍ଥାନୀୟ ଗୋଷ୍ଠୀକୁ ୧୫ ଟନ୍ ଚାଉଳ, ରନ୍ଧନ ତେଲ ଏବଂ ଖାଦ୍ୟ ସାମଗ୍ରୀ ହସ୍ତାନ୍ତର କରିଛନ୍ତି।

## ମାଲେସିଆର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପରଲୋକ



କ୍ୱାଲାଲମ୍ପୁର: ମାଲେସିଆର ପୂର୍ବତନ ପ୍ରଧାନମନ୍ତ୍ରୀ ଅବଦୁଲ୍ଲା ଅହମଦ ବାଦାୱିଙ୍କର ୮୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଅବଦୁଲ୍ଲା ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। କ୍ୱାଲାଲମ୍ପୁରର ଏକ ହସ୍ପିଟାଲ ତାଙ୍କ ମୃତ୍ୟୁ ବିଷୟରେ ସୂଚନା ଦେଇଛି। ଅବଦୁଲ୍ଲାଙ୍କୁ ମଧ୍ୟ ୨୫ ଏପ୍ରିଲ, ୨୦୨୪ରେ ନ୍ୟାସନାଲ ହାର୍ଟ ଇନଷ୍ଟିଚ୍ୟୁଟର କ୍ରିଟିକାଲ୍ କେୟାର ୟୁନିଟରେ ଭର୍ତ୍ତି କରାଯାଇଥିଲା। ଅବଦୁଲ୍ଲା ନିମୋଥୋରାକ୍ସ ନାମକ ଏକ ରୋଗରେ ପୀଡିତ ଥିଲେ। 'ପାକ୍ ଲାହ' ନାମରେ ଜଣାଶୁଣା ଅବଦୁଲ୍ଲାଙ୍କୁ ରବିବାର ଦିନ ଶ୍ୱାସକ୍ରିୟା ସମସ୍ୟା ହେବାରୁ କୁଆଲାଲମ୍ପୁରର ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ହାର୍ଟରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ ହୃଦରୋଗ ବିଶେଷଜ୍ଞଙ୍କ ଏକ ଦଳ ତାଙ୍କୁ କଡ଼ା ନଜରରେ ରଖିଥିଲେ। କିନ୍ତୁ ସମସ୍ତ ପ୍ରୟାସ ସତ୍ତ୍ୱେ, ସୋମବାର ସନ୍ଧ୍ୟା ୭:୧୦ ରେ ତାଙ୍କର ଦେହାନ୍ତ ହୋଇଗଲା। ୨୨ ବର୍ଷ ଧରି ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିବା ପରେ ବରିଷ୍ଠ ନେତା ମହାଥିର ମହମ୍ମଦଙ୍କ ଇସ୍ତଫା ପରେ ଅବଦୁଲ୍ଲା ୨୦୦୩ ମସିହାରେ ପ୍ରଧାନମନ୍ତ୍ରୀ ହୋଇଥିଲେ।

## ପଶ୍ଚିମବଙ୍ଗରେ ପୁଣି ହିଂସା: ଜାଳିଦେଲେ ପୋଲିସ ଗାଡ଼ି

ନୂଆଦିଲ୍ଲୀ: ୱାକଫ ସଂଶୋଧନ ଆଇନ ବିରୋଧରେ ସୋମବାର ପଶ୍ଚିମବଙ୍ଗରେ ପୁଣି ଥରେ ହିଂସା ଦେଖାଦେଇଛି। ଦକ୍ଷିଣ ୨୪ ପରଗନାର ଭାଙ୍ଗରରେ, ପ୍ରଦର୍ଶନକାରୀମାନେ ପୋଲିସ ଗାଡ଼ିଗୁଡ଼ିକୁ ନିଆଁ ଲଗାଇ ଦେଇଥିଲେ ଏବଂ ପ୍ରବଳ ଭଙ୍ଗାରୁଜା ମଧ୍ୟ କରିଥିଲେ। ହିଂସା ପରେ ଏହି ଅଞ୍ଚଳରେ ବହୁ ସଂଖ୍ୟକ ପୋଲିସ ମୁତୟନ କରାଯାଇଛି। ୱାକଫ ଆଇନକୁ ବିରୋଧ କରି ଗତ କିଛି ଦିନ ଧରି ପଶ୍ଚିମବଙ୍ଗରେ ଚାଲିଥିବା ହିଂସା ବନ୍ଦ ହେବାର କୌଣସି ସଙ୍କେତ ଦେଖାଯାଉନାହିଁ। ସୋମବାର ପୂର୍ବରୁ, ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପରଗନାରେ, ଆଇଏସ୍ଏଫ୍ ବିଧାୟକ ନୌସାଦ ସିଦ୍ଦିକୀ ୱାକଫ ଆଇନ ବିରୋଧରେ ପ୍ରତିବାଦ କରୁଥିଲେ, ଯେଉଁଥିରେ ପୋଲିସ ପ୍ରତିବାଦକାରୀମାନଙ୍କୁ ଯୋଗଦେବାରୁ ବାରଣ କରିଥିଲା। ଏହା ପରେ, ପ୍ରଦର୍ଶନକାରୀମାନେ ହିଂସାତ୍ମକ ହୋଇ ପଡ଼ିଲେ ଏବଂ ବରମପୁରରେ ରାସ୍ତା ଅବରୋଧ କଲେ, ଯାହା ପରେ



ପୋଲିସ ଲାଠିଚାର୍ଜ କଲା। ମୁର୍ଶିଦାବାଦ ହିଂସା ସମ୍ପର୍କରେ ପଶ୍ଚିମବଙ୍ଗ ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ମହମ୍ମଦ ସଲିମ୍ କହିଛନ୍ତି, ବହୁତ ଚେଷ୍ଟା ପରେ, ମୁଁ ସେହି ସ୍ଥାନରେ ପହଞ୍ଚିପାରିଲି ଯେଉଁଠାରେ ସମସ୍ତ ହିଂସା ଘଟିଥିଲା ଏବଂ ଲୋକଙ୍କୁ ହତ୍ୟା କରାଯାଇଥିଲା। ପୋଲିସ ସେଠାରେ ଉପସ୍ଥିତ ନଥିଲା। ଗାଁ ଲୋକଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ, ପୋଲିସ ଦଙ୍ଗାକାରୀଙ୍କୁ ହଙ୍ଗାମା କରିବାକୁ ଅନୁମତି ଦେଇଥିଲା। ସମଗ୍ର ଗାଁ ପୋଡ଼ି ଦିଆଯାଇଥିଲା, ନଷ୍ଟ କରାଯାଇଥିଲା, ଲୁଟ କରାଯାଇଥିଲା ଏବଂ ସେଠାରେ କୌଣସି ପୋଲିସ କିମ୍ବା ଅଗ୍ନିଶମ ବାହିନୀ ନଥିଲା। ପଶ୍ଚିମବଙ୍ଗ ଭାଜପା ସଭାପତି ସୁକାନ୍ତ ମଜୁମଦାର ସୋମବାର ମାଲଦାର ଏକ ସ୍କୁଲରେ ସ୍ଥାପିତ ଏକ ରିଲିଫ୍ ଶିବିର ପରିଦର୍ଶନ କରିଛନ୍ତି ଯେଉଁଠାରେ ୱାକଫ୍ ସଂଶୋଧନ ଆଇନର ପ୍ରତିବାଦରେ ହୋଇଥିବା ଆକ୍ରମଣ ପରେ ମୁର୍ଶିଦାବାଦର ଅନେକ ହିନ୍ଦୁ ପରିବାର ଆଶ୍ରୟ ନେଇଛନ୍ତି। ମଜୁମଦାର ବିସ୍ଥାପିତ ପରିବାରମାନଙ୍କୁ ଭେଟିଥିଲେ ଏବଂ ପରେ ପ୍ରଭାବିତ ଲୋକଙ୍କୁ ସହାୟତା ପାଇଁ ସ୍ଥାପିତ ଏକ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷ ପରିଦର୍ଶନ କରିଥିଲେ। ତୃଣମୂଳ କଂଗ୍ରେସ ରାଜ୍ୟସଭା ସଦସ୍ୟ ସାକେତ ଗୋଖଲେ କେନ୍ଦ୍ରମନ୍ତ୍ରୀ ଏବଂ ବଙ୍ଗଳା ବିଜେପି ସଭାପତି ସୁକାନ୍ତଙ୍କ ଉପରେ ପଶ୍ଚିମବଙ୍ଗରେ ଦଙ୍ଗା ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଥିଲେ।

# ବାଣିଜ୍ୟ



ନୂଆଦିଲ୍ଲୀ : ଏବେ ଆଇପିଏଲ୍ ଖେଳାଯାଉଛି। ଏହା ଦୁଇ ମାସ ଧରି ଚାଲିବା କ୍ରିକେଟ୍ ଲିଗ୍ – ଏହି ବର୍ଷର ଫାଇନାଲ୍ ମେ ୨୫ରେ–ବାର୍ଷିକ ୧୦୦ ବିଲିୟନରୁ ଅଧିକ ଭାରତୀୟ ଜୁଆ ଚାହିଦା ପାଇଁ ଏକ ପ୍ରମୁଖ ପ୍ଲାଟଫର୍ମ ପ୍ରଦାନ କରୁଛି। ବିଦେଶରେ ଅବସ୍ଥିତ ଅନଲାଇନ୍ ଯୁବକମାନେ କ୍ରିପ୍ଟୋକରେନ୍ସି ମାଧ୍ୟମରେ ଭାରତୀୟମାନଙ୍କ ଅବୈଧ ପ୍ରବେଶ ପ୍ରଦାନ କରୁଛନ୍ତି। ସେମାନେ ସ୍ଥାନୀୟ ବ୍ୟାଙ୍କିଂ ସିଷ୍ଟମରେ ମ୍ୟୁଲ୍ ଆକାଉଣ୍ଟ୍ ମଧ୍ୟ ବ୍ୟବହାର କରନ୍ତି। ବୈଧ ଜୁଆ ଶିଳ୍ପ, ଯାହା ଘରୋଇ ଟିକସ ପ୍ରଦାନ କରେ ଏବଂ ଟଙ୍କା-ମୂଲ୍ୟବାନ ବ୍ୟାଙ୍କ ଜମା ସହିତ ଗ୍ରାହକମାନଙ୍କୁ ସେବା ଯୋଗାଇଥାଏ, ତାହା ଛୋଟ, କିନ୍ତୁ ଏହା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଅନେକ ଲୋକପ୍ରିୟ ପ୍ଲାଟଫର୍ମ ରହିଛି, ଯାହା ଲୋକମାନଙ୍କୁ ସେମାନଙ୍କର ନିଜସ୍ୱ ଫ୍ୟାଣ୍ଟାସି ଦଳ ତିଆରି କରିବାକୁ ଏବଂ ଅନ୍ୟ ଉପଭୋକ୍ତାଙ୍କ ବିରୁଦ୍ଧରେ ପ୍ରତିଯୋଗିତା କରିବାକୁ ଅନୁମତି ଦିଏ। ଲୋକମାନେ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟରୁ ନଗଦ ଉଠାଇ ଏବଂ ତୁରନ୍ତ ବେଟିଂ ସାଇଟ୍ କ୍ରେଡିଟ୍ କରି ପ୍ରକୃତ-ଧନ ବାଜି ଲଗାନ୍ତି। ଏହି ଉନ୍ମାଦ କାର୍ଯ୍ୟକଳାପ ଋଣଦାତାଙ୍କ ଆଇଟି ବିଭାଗ ଉପରେ ଚାପ ସୃଷ୍ଟି କରେ।

## ତ୍ରିଭୂବନ ସହକାରୀ ବିଶ୍ୱବିଦ୍ୟାଳୟ ବିଲ୍‌କୁ ଇଫ୍‌କୋର ସ୍ୱାଗତ

IFFCO
ପୂର୍ଣତଃ ସହକାରୀ ସ୍ୱାମିତ୍ୱ
Wholly owned by Cooperatives

ନୂଆଦିଲ୍ଲୀ: ଲୋକସଭାରେ ଘୋଷଣା କରାଯାଇଥିବା ତ୍ରିଭୂବନ ସହକାରୀ ବିଶ୍ୱବିଦ୍ୟାଳୟ ବିଲ ୨୦୨୫କୁ ଇଫକୋ ପକ୍ଷରୁ ସ୍ୱାଗତ କରାଯାଇଛି । ଏହା ୨୦୨୫ ମାର୍ଚ୍ଚ ୨୬ରେ ପାରିତ ହୋଇଥିଲା। ଏହି ବିଲ ସମ୍ପର୍କରେ ଘୋଷଣା କରି ଭାରତ ସରକାରଙ୍କ ସମବାୟ ଓ ଗୃହ ବ୍ୟାପାର ମନ୍ତ୍ରୀ ଅମିତ ଶାହ କହିଥିଲେ ଯେ ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ଦେଶ ଏହାର ପ୍ରଥମ ସମବାୟ ବିଶ୍ୱବିଦ୍ୟାଳୟ ପାଇଛି। ଇଫକୋର ପରିଚାଳନା ନିର୍ଦ୍ଦେଶକ ଡ. ଉଦୟ ଶଙ୍କର ଅବସ୍ଥି କହିଛନ୍ତି ଯେ, 'ସମବାୟ ସମିତିର ଅଗ୍ରଣୀ ବିକାଶ ପାଇଁ ଏକ ଐତିହାସିକ ପଦକ୍ଷେପ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟ ବିଲ୍ ୨୦୨୫କୁ ମୁଁ ପ୍ରଶଂସା କରୁଛି। ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସମବାୟ କ୍ଷେତ୍ରରେ ଏକ ନୂତନ ବିପ୍ଳବ ଆଣିବ। ସାରା ଦେଶରେ କ୍ଷେତ୍ର ଭିତିକ ବିଦ୍ୟାଳୟ ପ୍ରତିଷ୍ଠା ସାର ସମବାୟ ବିଶେଷ କରି ଇଫକୋକୁ ସାହାଯ୍ୟ କରିବ। ଏହା ସାର ସମବାୟ ପରିଚାଳନା ଏବଂ ବିପଣନ କ୍ଷେତ୍ରରେ ନୂତନ ପିଢ଼ିର ବୃତିଜୀବୀଙ୍କ ସହ ସମବାୟ ସମିତିଗୁଡ଼ିକୁ ସଶକ୍ତ କରିବ ବୋଲି ସେ କହିଥିଲେ। ବିଦ୍ୟମାନ ସମବାୟ କର୍ମଚାରୀମାନଙ୍କ ପାଇଁ ସ୍ୱଳ୍ପ କାଳୀନ ପାଠ୍ୟକ୍ରମ ଏକ ଗେମ ଚେଂଜର ଏବଂ ଏକ ପଦକ୍ଷେପ ଯାହା ଏତେ ପରିମାଣରେ କେବେ କରାଯାଇନଥିଲା। ସମବାୟ ପାଇଁ ସମବାୟ ସମିତି ଦ୍ୱାରା ପରିଚାଳିତ ବ୍ୟବସ୍ଥା ଅଧୀନରେ ସମବାୟ ନେତୃତ୍ୱର ପରବର୍ତୀ ପିଢିର ବିହନର ପୋଷଣ ଓ ଯତ୍ନ ନେବା ସୁନିଶ୍ଚିତ କରିବ ବୋଲି ଇଫକୋର ଅଧକ୍ଷ ଦିଲୀପ ସଂଘାନୀ କହିଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ଯାହାଙ୍କ ମାର୍ଗଦର୍ଶନରେ ପ୍ରଥମ କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହା 'ସହକାର ସେ ସମୃଦ୍ଧି' ଲକ୍ଷ୍ୟ ନେଇ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି । ଏହା ଏକ ଐତିହାସିକ ପଦକ୍ଷେପ ଯାହା ଆଗାମୀ ବର୍ଷଗୁଡ଼ିକ ପାଇଁ ସମବାୟ କ୍ଷେତ୍ରର ବିକାଶ ସୁନିଶ୍ଚିତ କରିବ ବୋଲି ସେ କହିଛନ୍ତି। ଇଂଟରନ୍ୟାସନାଲ କୋଅପରେଟିଭ ଆଲାଏନ୍ସର ମହାନିର୍ଦ୍ଦେଶକ ଜେରୋନ୍ ଡଗ୍ଲାସ୍ ଏକ ଭିଡିଓ ବାର୍ତା ମାଧ୍ୟମରେ କହିଛନ୍ତି ଯେ ଏହା ଏକ ପଦକ୍ଷେପ ଯାହା କେବଳ ଭାରତୀୟ ସମବାୟ ଆନ୍ଦୋଳନକୁ ସୁଦୃଢ଼ କରିବ ନାହିଁ ବରଂ ଜ୍ଞାନ ବିନିମୟ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପଦକ୍ଷେପ ବିଶ୍ୱ ସମବାୟ ଆନ୍ଦୋଳନରେ ଏକ ମୂଳଦୁଆ ଭାବରେ କାର୍ଯ୍ୟ କରିବ ଏବଂ ଏହାର ଶକ୍ତି ବୃଦ୍ଧି କରିବ। ମିଳିତ ଜାତିସଂଘ ଦ୍ୱାରା ସମବାୟର ମଧ୍ୟସ୍ଥତା ବର୍ଷ ଭାବେ ମାନ୍ୟତା ପାଇଥିବା ଏହି ଘୋଷଣା ପାଇଁ ସେ ଭାରତୀୟ ନେତୃତ୍ୱଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଶୁଳ୍କ ସମ୍ପୂର୍ଣ୍ଣ ହଟାଇବାକୁ ଚୀନ୍‌ର ଦାବି



ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ଦେଶ ଉପରେ ଲଗାଇଥିବା ପାଲଟା ଶୁଳ୍କକୁ ବିଭିନ୍ନ ପର୍ଯ୍ୟାୟରେ କୋହଳ କରୁଛନ୍ତି। ରବିବାର ସେ ସ୍ମାର୍ଟଫୋନ୍, କମ୍ପ୍ୟୁଟର ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀଗୁଡ଼ିକୁ ଶୁଳ୍କରୁ ବାଦ ଦେଇଛନ୍ତି। ଆମେରିକା ଏହାର ପାଲଟା ଶୁଳ୍କ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରୁ ବୋଲି ଚୀନ୍ ଦାବି କରିଛି। ଚୀନ୍ ବାଣିଜ୍ୟ ମନ୍ତ୍ରଣାଳୟର ଜଣେ ପ୍ରବକ୍ତା କହିଛନ୍ତି ଯେ ପାଲଟା ଟିକସକୁ ଆମେରିକା ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ନିଜେ କରିଥିବା ବଡ଼ ଭୁଲ୍‌କୁ ସୁଧାରୁ ଏବଂ ପାରସ୍ପରିକ ସମ୍ମାନର ସଠିକ୍ ପଥକୁ ପୁଣି ଫେରିଆସୁ। ତେବେ ଇଲେକ୍ଟ୍ରୋନିକ୍ସ ଶୁଳ୍କ ପ୍ରତ୍ୟାହାରକୁ ଆମେରିକା ସାମୟିକ ପଦକ୍ଷେପ କହିଛି। ମାସକ ଭିତରେ ନୂଆ ଶୁଳ୍କ ଘୋଷଣା କରାଯିବ ବୋଲି ଆମେରିକା ବାଣିଜ୍ୟ ସଚିବ ହାୱାର୍ଡ ଲୁଟ୍‌ନିକ୍ କହିଛନ୍ତି। ଅନ୍ୟ ପକ୍ଷରେ ଶୁଳ୍କକୁ ନେଇ ଆମେରିକାରେ ଟ୍ରମ୍ପଙ୍କ ବିରୋଧରେ ଜନମତ ସୃଷ୍ଟି କରିବା ଲାଗି ଚୀନ୍ ଭିନ୍ନ ପନ୍ଥା ଆପଣାଇଛି। ଏହା ଟ୍ରମ୍ପଙ୍କୁ ଟାର୍ଗେଟ୍ ନ କରି ନିଜ କଥା ସିଧାସଳଖ ଆମେରିକୀୟ ନାଗରିକଙ୍କୁ ଜଣାଉଛି। ଆମେରିକାବାସୀଙ୍କୁ ଚୀନ୍ କହିଛି ଯେ ଟ୍ରମ୍ପ ପ୍ରଶାସନ ଲଗାଉଥିବା ଶୁଳ୍କ ପ୍ରକୃତରେ କୌଣସି ବିଦେଶୀ ଦେଶ ଉପରେ ନୁହେଁ, ବରଂ ନିଜ ଦେଶର ନାଗରିକଙ୍କ ଉପରେ ଲାଗୁଛି। କାରଣ ଆମେରିକା ଅନେକ ଜିନିଷ ପାଇଁ ବାହାର ଦେଶ ଉପରେ ନିର୍ଭରଶୀଳ। ସେହି ଜିନିଷଗୁଡ଼ିକୁ ମଗାଇବା ମହଙ୍ଗା ହେବ। ଯଦି କମ୍ପାନିଗୁଡ଼ିକ ଅଧିକ ଦାମ୍‌ରେ ଜିନିଷ କିଣିବେ, ତେବେ ନିଶ୍ଚିତ ରୂପେ ସେମାନେ ତାହାକୁ ଅଧିକ ଦାମରେ ଗ୍ରାହକଙ୍କୁ ବିକିବେ।

## ବିଦ୍ୟାର୍ଥୀଙ୍କୁ ୨୩.୦୫ ଲକ୍ଷ ଟଙ୍କାର ମେଧାବୃତ୍ତି ପ୍ରଦାନ




ରାଉରକେଲା (ଭାସ୍କର ନ୍ୟୁଜ୍) : ରାଉରକେଲା ଇସ୍ପାତ କାରଖାନା ଏହାର କର୍ପୋରେଟ ସାମାଜିକ ଦାୟିତ୍ୱ ପ୍ରୟାସର ଅଂଶ ସ୍ୱରୂପ ପାର୍ଶ୍ୱାଞ୍ଚଳ ଓ ପୁନର୍ବସତି କଲୋନୀର ଅବହେଳିତ ବର୍ଗର ୨୦୦ ଜଣ ଛାତ୍ରଛାତ୍ରୀଙ୍କୁ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ୨୩.୦୫ ଲକ୍ଷ ଟଙ୍କାର ମେଧାବୃତ୍ତି ପ୍ରଦାନ କରିଛି। ସିଏସଆର ବିଭାଗର ସେକ୍ଟର ୨୦ ସ୍ଥିତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନ ଠାରେ ନିକଟରେ ଛାତ୍ରବୃତ୍ତି ବିତରଣ ପାଇଁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଇନ ଚାର୍ଜ ପି କେ ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ସିଏସଆର ବିଭାଗର ଜିଏମ ଇନ ଚାର୍ଜ ମୁନମୁନ ମିତ୍ରା, ସିଏସଆର ବିଭାଗର ଜିଏମ ବିଭାବସୁ ମଲ୍ଲିକ ଏବଂ ସିଏସଆର ବିଭାଗର ଅନ୍ୟ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଡମି ଚେକ ଓ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ଛାତ୍ରଛାତ୍ରୀମାନଙ୍କର ବୃତ୍ତିଅର୍ଥ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଉଛି। ଛାତ୍ରଛାତ୍ରୀମାନଙ୍କ ସହିତ ମତବିନିମୟ କରି ଶ୍ରୀ ସ୍ୱାଇଁ ସେମାନଙ୍କୁ ଉଚ୍ଚ ଲକ୍ଷ୍ୟ ରଖିବା ତଥା ସ୍ୱପ୍ନ ଦେଖିବା ସହ ସେଗୁଡିକୁ ସାକାର କରିବା ନିମନ୍ତେ କଠିନ ଅଧ୍ୟବସାୟ କରିବା ନିମନ୍ତେ ଉତ୍ସାହିତ କରିଥିଲେ। କୁଆରମୁଣ୍ଡା ଗାଁର ବାସିନ୍ଦା ଶେଲମା ଟପ୍ପୋ ଏହି ସହାୟତା ନିମନ୍ତେ କୃତଜ୍ଞତା ଜଣାଇ କହିଥିଲେ, ମୋ ଝିଅ ଗତ ପାଞ୍ଚ ବର୍ଷ ଧରି ଏହି ଛାତ୍ରବୃତ୍ତି ପାଉଛି। ଏହା ଆମ ଭଳି ସାଧାରଣ ଆୟ ଥିବା ପିତାମାତାଙ୍କ ପାଇଁ ପିଲାଙ୍କ ଶିକ୍ଷାକୁ ଆଗକୁ ନେବାରେ ଏକ ବହୁତ ବଡ଼ ସାହାଯ୍ୟ ହୋଇଛି। ଆରଏସପିର ସହାୟତାକୁ ଆଧାର କରି ଆମେ ଆମର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିପାରିଛୁ। ଏହି ମୂଲ୍ୟବାନ ସହାୟତା ପାଇଁ ମୁଁ ଆରଏସପି କର୍ତୃପକ୍ଷଙ୍କୁ ଆନ୍ତରିକ ଭାବରେ ଧନ୍ୟବାଦ ଜଣାଉଛି। ଜଣେ ଛାତ୍ରବୃତ୍ତି ଲାଭାର୍ଥୀ ସମର୍ଥ ଟପ୍ପୋ କୁହନ୍ତି ଆରଏସପି ମାଧ୍ୟମରେ ମୁଁ ପାଇଥିବା ଛାତ୍ରବୃତ୍ତି ସହିତ, ମୁଁ ପୁସ୍ତକ ଏବଂ ଅନ୍ୟାନ୍ୟ ଅଧ୍ୟୟନ ସାମଗ୍ରୀ କିଣିପାରୁଛି। ଏହା ମୋତେ ଉନ୍ନତ ଶିକ୍ଷା ପାଇବାରେ ସକ୍ଷମ କରିଛି। ମୁଁ ଏହି ପଦକ୍ଷେପ ପାଇଁ ଆରଏସପି ନିକଟରେ ପ୍ରକୃତରେ କୃତଜ୍ଞ।

### ଫ୍ଲିପ୍‌କାର୍ଟ ସହିତ ସୁଜୁକିର ବୁଝାମଣା

## ଏଣିକି ଅନ୍‌ଲାଇନ୍‌ରେ ମିଳିବ ଗାଡ଼ି




ନୂଆଦିଲ୍ଲୀ: ସୁଜୁକି ୨ ଚକିଆ କମ୍ପାନୀ ଫ୍ଲିପକାର୍ଟ ସହିତ ବୁଝାମଣା ହୋଇଛି। ବର୍ତ୍ତମାନ ଏହି ସହଭାଗୀତା ଅଧୀନରେ କମ୍ପାନୀ ଫ୍ଲିପ୍‌କାର୍ଟରେ Avenis, V-Strom SX, Gixxer ଏବଂ Gixxer SF ୨୫୦ ଦୁଇ ଚକିଆ ଯାନ ବିକ୍ରି କରିବ। ଖୁବ୍ ଶୀଘ୍ର ଗ୍ରାହକମାନେ ଫ୍ଲିପ୍‌କାର୍ଟ ମାଧ୍ୟମରେ ଏହି ବାଇକ ଏବଂ ସ୍କୁଟରଗୁଡ଼ିକ ଅର୍ଡର କରିପାରିବେ। ସୁଜୁକି ଏହାର ବିକ୍ରୟ ବୃଦ୍ଧି ଏବଂ ଗ୍ରାହକଙ୍କ ସୁବିଧା ବୃଦ୍ଧି କରିବା ପାଇଁ ଏହି ନିଷ୍ପତ୍ତି ନେଇଛି। ସୁଜୁକି ମୋଟରସାଇକେଲ ଇଣ୍ଡିଆ ଆର୍ଥିକ ବର୍ଷ ୨୫ରେ ଏହାର ସର୍ବୋଚ୍ଚ ବିକ୍ରୟ ହାସଲ କରିଛି, ଯେଉଁଥିରେ ଘରୋଇ ଏବଂ ରପ୍ତାନି ବଜାରରେ ମୋଟ ୧୨,୫୬,୧୬୧ ଦୁଇଚକିଆ ଯାନ ବିକ୍ରି ହୋଇଛି। ଏହା ଆର୍ଥିକ ବର୍ଷ ୨୪ରେ ବିକ୍ରି ହୋଇଥିବା ୧୧,୩୩,୯୦୨ ୟୁନିଟ ତୁଳନାରେ ୧୧ ପ୍ରତିଶତ ବୃଦ୍ଧ ଦର୍ଶାଉଛି। କମ୍ପାନୀ ୧୨୫ ସିସି ସ୍କୁଟର ବଜାରରେ ପ୍ରାଧାନ୍ୟ ବିସ୍ତାର କରିଚାଲିଛି, ଏହାର ବିକ୍ରୟରେ ଆକ୍ସେସ ମଡେଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଆକର୍ଷଣୀୟ କଥା ହେଉଛି ଗତ ୪ ବର୍ଷ ମଧ୍ୟରେ ସୁଜୁକିର ବିକ୍ରି ଦ୍ୱିଗୁଣିତ ହୋଇଛି। ଆର୍ଥିକ ବର୍ଷ ୨୪ରେ ସୁଜୁକିର ଘରୋଇ ବିକ୍ରୟ ୧୦,୪୫,୬୬୨ ୟୁନିଟରେ ପହଞ୍ଚିଛି, ଯାହା ପୂର୍ବ ଆର୍ଥିକ ବର୍ଷରେ ବିକ୍ରି ହୋଇଥିବା ୯,୨୧,୦୦୯ ୟୁନିଟ ତୁଳନାରେ ୧୪% ଅଧିକ। କମ୍ପାନୀ ସେହି ସମୟ ମଧ୍ୟରେ ୨,୧୦,୪୯୯ ୟୁନିଟ ରପ୍ତାନି କରିଛି, ଯାହା ଋଣ ୨୪ରେ ୨,୧୨,୮୯୩ ୟୁନିଟ ତୁଳନାରେ ସାମାନ୍ୟ କମ।

## ଆର୍‌ଏସ୍‌ପି ପକ୍ଷରୁ ଆମ୍ବେଦକରଙ୍କର ଜନ୍ମବାର୍ଷିକୀ ଉତ୍ସବ ଆୟୋଜିତ

ରାଉରକେଲା (ଭାସ୍କର ନ୍ୟୁଜ୍) : ରାଉରକେଲା ଇସ୍ପାତ କାରଖାନା ଓ ସେଲ ଏସ ସି ଓ ଏସ ଟି କର୍ମଚାରୀ ସଂଘ ଆନୁକୂଲ୍ୟରେ ଭାରତରତ୍ନ ଡକ୍ଟର ଭୀମ ରାଓ ଆମ୍ବେଦକରଙ୍କ ଜନ୍ମବାର୍ଷିକୀ ଉତ୍ସବ ଅପ୍ରେଲ ୧୪ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡ଼ିଆଇସି) ଆଲୋକ ବର୍ମା, ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ ଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟଙ୍କ ସମେତ କାରଖାନାର ବହୁ ବରିଷ୍ଠ ଅଧିକାରୀ ଏବଂ ସେଲ ଏସ ସି ଓ ଏସ ଟି କର୍ମଚାରୀ ସଂଘର ପ୍ରତିନିଧିମାନେ ସେକ୍ଟର-୧୭ ସ୍ଥିତ ଡକ୍ଟର ବି ଆର ଆମ୍ବେଦକର ଏନକ୍ଲେଭରେ ସ୍ଥାପିତ ଡକ୍ଟର ବି ଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହାପରେ ରାଉରକେଲା ଇସ୍ପାତ କାରଖାନା ଓ ଏସ ସି ଓ ଏସ ଟି କର୍ମଚାରୀ ସଂଘ ଦ୍ୱାରା ସିଭିକ ସେଣ୍ଟର ଠାରେ ଏକ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଆଲୋକ ବର୍ମା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବାବେଳେ ଫକିର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ସିଣ୍ଡିକେଟ ତଥା ଓଡିଶା ଉଚ୍ଚ ଶିକ୍ଷା ବିଭାଗର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ମିହିର ରଞ୍ଜନ ଶେଠୀ ମୁଖ୍ୟ ବକ୍ତା ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ଆରଏସପିର ନିର୍ବାହୀ ନିର୍ଦ୍ଦେଶକ ବୃନ୍ଦ, ତଥା ବହୁ ବରିଷ୍ଠ ଅଧିକାରୀ, ସେଲ ଏସ ସି ଓ ଏସ ଟି କର୍ମଚାରୀ ସଂଘର ସଦସ୍ୟବୃନ୍ଦ, ଛାତ୍ରଛାତ୍ରୀ ତଥା ସହରର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଭାରତ ଉତ୍ପାଦନ କରୁଛି ୨୦% ଆଇଫୋନ୍

ନୂଆଦିଲ୍ଲୀ: ଆମେରିକୀୟ କମ୍ପାନି ଆପଲ୍‌ର ଉତ୍ପାଦ ଆଇଫୋନ୍ ଉତ୍ପାଦନ କରିବାରେ ଭାରତ ବଡ଼ ଉପଲବ୍ଧି ହାସଲ କରିଛି। ସଦ୍ୟତମ ସୂଚନା ଅନୁସାରେ ୨୦ ପ୍ରତିଶତ ଆଇଫୋନ୍ ଭାରତରେ ତିଆରି ହେଉଛି। ପୂର୍ବବର୍ଷ ତୁଳନାରେ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ୬୦ ପ୍ରତିଶତ ଅଧିକ ଆଇଫୋନ୍ ଭାରତରେ ତିଆରି ହୋଇଛି ଯାହାର ମୂଲ୍ୟ ହେଉଛି ୨୨୦୦ କୋଟି ଡଲାର। ଆପଲ୍ ନିର୍ମାତା ଓ ଯୋଗାଣକାରୀମାନେ ନିଜ ବ୍ୟବସାୟ ନେଟ୍‌ୱର୍କକୁ ଚୀନ୍‌ରୁ ବାହାର କରି ଭାରତରେ ସ୍ଥାପନ କରୁଛନ୍ତି। କରୋନା ମହାମାରୀ ସମୟରେ ଚୀନ୍‌ରେ ଥିବା କାରଖାନାଗୁଡ଼ିକରେ ଆଇଫୋନ୍ ଉତ୍ପାଦନ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା ଯାହା କମ୍ପାନି ଲାଗି ଅଡୁଆ ସ୍ଥିତି ସୃଷ୍ଟି କରିଥିଲା। ଏହା ବ୍ୟତୀତ ଆମେରିକା ଓ ଚୀନ୍ ମଧ୍ୟରେ ଲାଗିଥିବା ବାଣିଜ୍ୟ ଯୁଦ୍ଧ ପାଇଁ କେବଳ ଚୀନ୍ ଉପରେ ଆଉ କୌଣସି କମ୍ପାନି ନିର୍ଭରଶୀଳ ରହିବାକୁ ଚାହୁଁନାହାନ୍ତି। ସେମାନେ ବିଶ୍ୱର ବିଭିନ୍ନ ସ୍ଥାନରେ ସେମାନଙ୍କ କାରଖାନା ରହୁ ବୋଲି ଚାହୁଁଛନ୍ତି। ଭାରତରେ ଫକ୍ସକନ୍, ୱିଷ୍ଟ୍ରନ୍ କର୍ପୋରେସନ୍ ଓ ପେଗାଟ୍ରନ୍ ପକ୍ଷରୁ ଆଇଫୋନ୍ ଉତ୍ପାଦନ କରାଯାଉଛି।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର



ନୂଆଦିଲ୍ଲୀ: ଆଇପିଏଲ ୨୦୨୫ ଏବେ ଖେଳାଯାଉଛି । ଏଥିରେ ନୂଆ ନୂଆ କୀର୍ତ୍ତିମାନ ସ୍ଥାପନ କରୁଛନ୍ତି ଖେଳାଳିମାନେ । ଏହାରି ଭିତରେ ଖେଳାଳିମାନେ ଆହତ ହେବା ଏବଂ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିବା ଜାରି ରହିଛି । ପ୍ରଥମେ ସିଏସକେ ଅଧିନାୟକ ଋତୁରାଜ ଗାୟକୱାଡ ଏବଂ ତା'ପରେ ଗ୍ଲେନ୍ ଫିଲିପ୍ସ ଆଇପିଏଲରୁ ବାଦ ପଡ଼ିସାରିଛନ୍ତି । ଏବେ ସେମାନଙ୍କ ସହ ଯୋଡ଼ି ହୋଇଛନ୍ତି ପଞ୍ଜାବ କିଙ୍ଗସର ତାରକା ବୋଲର ଲକି ଫର୍ଗୁସନ । ଲକି ଫର୍ଗୁସନ୍ ୨୦୨୫ ଆଇପିଏଲର ବାକି ମ୍ୟାଚରୁ ବାଦ ପଡ଼ିଛନ୍ତି । ସେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍‌ରେ ଆହତ ହୋଇଥିଲେ । ବୋଲିଂ କରିବା ସମୟରେ ଫର୍ଗୁସନ୍ ଅସ୍ଥିରତା ଅନୁଭବ କରିଥିଲେ ଏବଂ ତାଙ୍କୁ ପଡ଼ିଆ ଛାଡିବାକୁ ପଡିଥିଲା । ଫର୍ଗୁସନ୍ ଅତୀତରେ ମଧ୍ୟ ଆଘାତ ସହିତ ସଂଘର୍ଷ କରିଛନ୍ତି । ହାମଷ୍ଟ୍ରିଙ୍ଗ୍ ସମସ୍ୟା ଯୋଗୁଁ ସେ ଚାମ୍ପିଅନ୍ସ ଟ୍ରଫିରୁ ମଧ୍ୟ ବଞ୍ଚିତ ହୋଇଥିଲେ । ପଞ୍ଜାବ ପ୍ରଶିକ୍ଷକ ଜେମ୍ସ ହୋପ୍ସ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ଫର୍ଗୁସନ୍ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାହାରେ ଅଛନ୍ତି ଏବଂ ଏହି ସିଜନରେ ତାଙ୍କର ଫେରିବାର ସମ୍ଭାବନା ବହୁତ କମ୍ । ଦଳ ଯୁଜବେନ୍ଦ୍ର ଚହଲଙ୍କ ଫର୍ମକୁ ନେଇ ମଧ୍ୟ ଚିନ୍ତିତ ।



**୩୦ତମ ମ୍ୟାଚ୍** | **ଲକ୍ଷ୍ନୌ ସୁପର ଜାଏଣ୍ଟ ବନାମ ଚେନ୍ନାଇ ସୁପର କିଙ୍ଗ୍ସ**

# ଚେନ୍ନାଇ ସୁପର କିଙ୍ଗସ ୫ୱିକେଟ୍‌ରେ ବିଜୟୀ




ଲକ୍ଷ୍ନୌର ଭାରତ ରନ୍ ଅଟଳ ବିହାରୀ ବାଜପେୟୀ ଏକନା ଷ୍ଟାଡିୟମଠାରେ ସୋମବାର ଆଇପିଏଲ ୨୦୨୫ର ୩୦ତମ ମ୍ୟାଚ ଚେନ୍ନାଇ ସୁପରକିଙ୍ଗସ ଓ ଲକ୍ଷ୍ନୌ ସୁପରଜାୟାଣ୍ଟସ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚ୍‌ରେ ସୁପର କିଙ୍ଗ୍ସ ୫ୱିକେଟ୍‌ରେ ବିଜୟୀ ହୋଇଛି । ଚେନ୍ନାଇ ପୁପରକିଙ୍ଗ୍ସ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ଆରମ୍ଭରୁ ନିଜର ତାରକା ବ୍ୟାଟ୍ସମ୍ୟାନ ଆଇଡେନ ମାର୍କରାମ ଓ ନିକୋଲାସ ପୁରନଙ୍କ ୱିକେଟ ହରାଇ ସଂକଟରେ ପଡ଼ିଥିଲା । ତେବେ ମିଚେଲ ମାର୍ସ ଓ ଅଧିନାୟକ ଋଷଭ ପନ୍ତଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ୍ ଦେଖିବାକୁ ମିଳିଥିଲା । ମାର୍ସ ୩୦ ରନ କରିଥିବାବେଳେ ପନ୍ତ ଅଧିନାୟକ ଇନିଂସ ଖେଳି ୪୯ଟି ବଲରେ ୬୩ ରନ କରିଥିଲେ । ଆୟୁଷ ବଦୋନି ୨୨ ରନ ଓ ଅବଦୁଲ ସମଦ ୨୦ ରନ କରିଥିଲେ । ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୬୬ ରନ କରିବାକୁ ସକ୍ଷମ ହୋଇଥିଲା । ଚେନ୍ନାଇ ପକ୍ଷରୁ ରବୀନ୍ଦ୍ର ଜାଡେଜା ଓ ମଥିସା ପଥିରାନା ୨ଟି ଲେଖାଏଁ ୱିକେଟ ନେଇଥିଲେ । ୧୬୭ରନ୍‌ର ବିଜୟ ଲକ୍ଷ୍ୟ ନେଇ ମୈଦାନକୁ ଓହ୍ଲାଇଥିଲା ଚେନ୍ନାଇ ସୁପରକିଙ୍ଗ୍ସ । ଦଳ ୧୯.୩ ଓଭରରେ ୫ୱିକେଟ ହରାଇ ୧୬୮ରନ୍ କରି ମ୍ୟାଚ୍ ଜିତି ନେଇଛି । ଲଗାତର ୫ଟି ମ୍ୟାଚ୍ ହାରିବା ପରେ ଚେନ୍ନାଇ ବିଜୟର ସ୍ୱାଦ ପାଇଛି । ଦଳ ପକ୍ଷରୁ ସେକ୍ ରସିଦ୍ ଓ ରଚିନ୍ ରବିନ୍ଦ୍ର ଓପନିଂ କରିଥିଲେ । ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ୍ ସତର୍କତାର ସହ ଖେଳି ମ୍ୟାଚ୍‌କୁ ଆଗେଇ ନେଇଥିଲେ । ସେକ୍ ରସିଦ୍ ୨୭ରନ୍ ଓ ରଚିନ୍ ରବିନ୍ଦ୍ର ୩୭ରନ୍ କରି ବିଦାୟ ନେଇଥିଲେ । ସେହିପରି ରାହୁଲ ତ୍ରିପାଠୀ ନୈରାଶଜନକ ପ୍ରଦର୍ଶନ କରି ୯ରନ୍ କରି ଆଉଟ୍ ହୋଇଥିଲେ । ସେହିପରି ରବିନ୍ଦ୍ର ଜାଡେଜା ମଧ୍ୟ ବଡ ସ୍କୋର କରିପାରିନଥିଲେ । ସେ ମାତ୍ର ୭ରନ୍ କରି ଆଉଟ୍ ହୋଇଥିଲେ । ପରେ ଶୁଭମ୍ ଦୁବେ ଓ ବିଜୟ ଶଙ୍କର ବ୍ୟାଟିଂ କରିଥିଲେ । ବିଜୟ ଶଙ୍କର ମାତ୍ର ୯ ରନ୍ କରି ଆଉଟ ହୋଇଯାଇଥିଲେ । ଏହାପରେ ଅଧିନାୟକ ଏମ୍‌ଏସ୍ ଧୋନୀ ମୈଦାନକୁ ଆସିଥିଲେ । ଦୁବେ ଓ ଧୋନୀଙ୍କ ମଧ୍ୟରେ ଭଲ ପାର୍ଟନରସିପ୍ ଦେଖିବାକୁ ମିଳିଥିଲା । ଧୋନୀ ଧୂଆଁଧାର ବ୍ୟାଟିଂ କରି ୧୧ ବଲରୁ ଗୋଟିଏ ଛକା ଓ ଚୌକା ବଲରେ ୨୬ ରନ୍ କରିଥିଲେ । ଦୁବେ ବିଜୟ ସୂଚନା ଚୌକା ମାରିଥିଲେ । ଲକ୍ଷ୍ନୌ ସୁପରଜିଆଣ୍ଟସ ପକ୍ଷରୁ ଦେଭେସ ସିଂ, ଆଭେସ ଖାନ୍ ଓ ଆଡେନ୍ ମାର୍କସ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ । ସେହିପରି ରବି ବିଷ୍ଣୋଇ ୨ଟି ୱିକେଟ୍ ଅକ୍ତିଆର କରିଥିଲେ ।

# ଆଫଗାନିସ୍ତାନ ମହିଳା କ୍ରିକେଟ୍‌ରଙ୍କୁ ଆଇସିସିର ସହାୟତା



ନୂଆଦିଲ୍ଲୀ: ଆଫଗାନିସ୍ତାନ ମହିଳା କ୍ରିକେଟରଙ୍କୁ ସହାୟତା ଯୋଗାଇଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) । ଏ ନେଇ ଗତ ରବିବାର ଦିନ ଏକ ଟାସ୍କ ଫୋର୍ସ ମଧ୍ୟ ଗଠନ କରାଯାଇଛି । ଆଇସିସିର ଏହି ପଦକ୍ଷେପରେ ସହାୟତା କରିବା ପାଇଁ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ), ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ଏବଂ କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ହାତ ମିଳାଇଛନ୍ତି । ଏହି ପଦକ୍ଷେପ ଦ୍ୱାରା ଆଇସିସି ସିଧାସଳଖ ଭାବେ ଫଣ୍ଡକୁ ଆର୍ଥିକ ସହାୟତା ପ୍ରଦାନ କରିବ ଯାହା ଦ୍ୱାରା କ୍ରିକେଟରମାନଙ୍କୁ ଖେଳ ଜାରି ରଖିବା ପାଇଁ ଆବଶ୍ୟକ ପରିମାଣର ଆର୍ଥିକ ସହାୟତା ମିଳିପାରିବ । ଏଥିସହିତ ସେମାନଙ୍କୁ ଆଡଭାନ୍ସ କୋଚିଂ ମଧ୍ୟ ଅଫର କରାଯିବ ଯାହା ଦ୍ୱାରା ସେମାନେ ଖେଳରେ ଭଲ ପ୍ରଦର୍ଶନ କରିପାରିବେ । ଏ ନେଇ ଆଇସିସି ଅଧକ୍ଷ ଜୟ ଶାହ କହିଛନ୍ତି ଯେ ଆଇସିସି ସର୍ବଦା ଖେଳାଳି ମାନଙ୍କୁ ପ୍ରୋତ୍ସାହିତ କରି ଆସୁଛି ଓ ପ୍ରତ୍ୟେକ ଖେଳାଳିଙ୍କୁ ଯଥା ସମ୍ଭବ ଉପଯୁକ୍ତ ତାଲିମ ଦେଇ ନିଜର ପ୍ରତିଭା ପ୍ରଦର୍ଶନ ସୁଯୋଗ ଦେବା ପାଇଁ ଆମେ ପ୍ରତିବଦ୍ଧ ଅଟୁ । ତେବେ ଏହା ଦ୍ୱାରା ବିସ୍ଥାପିତ ଆଫଗାନ ମହିଳା କ୍ରିକେଟର ମାନେ ଏବେ ନିଜ ଖେଳ ଜାରି ରଖିପାରିବେ ଓ ଏହା ବିଶ୍ୱର ଅଭିବୃଦ୍ଧି, ଏକତା ଓ ପ୍ରେରଣା ପ୍ରତି ଆମର ଦୃଢ଼ ସମର୍ପଣକୁ ମଧ୍ୟ ଦର୍ଶାଉଅଛି । ଖେଳ ଜାରି ରଖିବା ପାଇଁ ଆବଶ୍ୟକ ପରିମାଣର ଆର୍ଥିକ ସହାୟତା ମିଳିପାରିବ । ଏଥିସହିତ ସେମାନଙ୍କୁ ଆଡଭାନ୍ସ କୋଚିଂ ମଧ୍ୟ ଅଫର କରାଯିବ ଯାହା ଦ୍ୱାରା ସେମାନେ ଖେଳରେ ଭଲ ପ୍ରଦର୍ଶନ କରିପାରିବେ ଓ ସେମାନଙ୍କୁ ବିଶ୍ୱସ୍ତରୀୟ ସୁବିଧା ଏବଂ ଉପଯୁକ୍ତ ପରାମର୍ଶ ମଧ୍ୟ ପ୍ରଦାନ କରାଯିବ । ଏନେଇ ଆଇସିସି ଅଧକ୍ଷ ଜୟ ଶାହ କହିଛନ୍ତି ଯେ ଆଇସିସି ସର୍ବଦା ଖେଳାଳି ମାନଙ୍କୁ ପ୍ରୋତ୍ସାହିତ କରି ଆସିଛି ଓ ପ୍ରତ୍ୟେକ ଖେଳାଳିଙ୍କୁ ଯଥା ସମ୍ଭବ ଉପଯୁକ୍ତ ତାଲିମ ଦେଇ ନିଜର ପ୍ରତିଭା ପ୍ରଦର୍ଶନ ସୁଯୋଗ ଦେବା ପାଇଁ ଆମେ ପ୍ରତିବଦ୍ଧ ଅଟୁ । ତେବେ ଏହା ଦ୍ୱାରା ବିସ୍ଥାପିତ ଆଫଗାନ ମହିଳା କ୍ରିକେଟର ମାନେ ଏବେ ନିଜ ଖେଳ ଜାରି ରଖିପାରିବେ ।

## ଚେନ୍ନାଇ ଟିମ୍‌ରେ ସାମିଲ ହେଲେ ଆୟୂଷ



ଚେନ୍ନାଇ: ଚଳିତ ଆଇପିଏଲରେ ଆଘାତ ସମସ୍ୟା ଯୋଗୁ ଚେନ୍ନାଇ ସୁପର କିଙ୍ଗସର ଅଧିନାୟକ ରିତୁରାଜ ଗାଏକ୍ୱାଡ ବାକିତକ ମ୍ୟାଚରୁ ଓହରି ଯାଇଛନ୍ତି । ତାଙ୍କ ସ୍ଥାନରେ ଏବେ ମହେନ୍ଦ୍ର ସିଂ ଧୋନୀ ଦଳର ନେତୃତ୍ୱ ନେଉଛନ୍ତି । କ୍ରିକବିଜରେ ପ୍ରକାଶିତ ରିପୋର୍ଟ ମୁତାବକ ରିତୁରାଜଙ୍କ ବଦଳ ଖେଳାଳି ଭାବେ ଚେନ୍ନାଇ ଯୁବ ବ୍ୟାଟ୍ସମ୍ୟାନ ଆୟୂଷ ମାହାତ୍ରେଙ୍କୁ ଦଳରେ ସାମିଲ କରିଛି । ଆୟୂଷ ରାଜସ୍ଥାନ ରୟାଲ୍ସର ବୈଭବ ସୂର୍ଯ୍ୟବଂଶୀଙ୍କ ବନ୍ଧୁ ଅଟନ୍ତି । ୧୭ ବର୍ଷୀୟ ଆୟୂଷ ଭଲ ବ୍ୟାଟିଂ କରିବା ସହ ଉପଯୋଗୀ ଅଫବ୍ରେକ ବୋଲିଂ କରିଥାନ୍ତି । ସେ ୧୬ଟି ପ୍ରଥମଶ୍ରେଣୀ ମ୍ୟାଚରେ ୩୧.୫୦ ଆଭରେଜରେ ୫୦୪ ରନ ସଂଗ୍ରହ କରିଛନ୍ତି । ସେହିପରି ଲିଷ୍ଟ ଏ କ୍ରିକେଟରେ ୭ଟି ଇନିଂସରେ ୪୫୮ ରନ କରିଛନ୍ତି । ପ୍ରଥମ ଶ୍ରେଣୀରେ ସେ ୱିକେଟ ପାଇ ନ ଥିବା ବେଳେ ଲିଷ୍ଟ ଏରେ ୭ଟି ୱିକେଟ ନେଇଛନ୍ତି । ଚେନ୍ନାଇ ତାଙ୍କୁ ୩୦ ଲକ୍ଷ ବେସ ପ୍ରାଇସରେ ଦଳ ସହିତ ଯୋଡିପାରେ ବୋଲି ଅନୁମାନ କରାଯାଉଛି । ସେ ଆଇପିଏଲର ଚଳିତ ସଂସ୍କରଣରେ ଖେଳିବା ମାତ୍ରେ ବୈଭବ ସୂର୍ଯ୍ୟବଂଶୀଙ୍କ ପରେ ଦ୍ୱିତୀୟ ଯୁବ ଖେଳାଳି ଭାବେ ଏହି ଗୌରବ ଅର୍ଜନ କରିବେ । ବୈଭବ ଆଇପିଏଲରେ ସର୍ବକନିଷ୍ଠ ଖେଳାଳି ଭାବେ ଖେଳୁଛନ୍ତି । ତାଙ୍କ ବୟସ ୧୪ ବର୍ଷ ୧୮ ଦିନ (ଏପ୍ରିଲ ୧୪, ୨୦୨୫ ସୁଦ୍ଧା) ରହିଛି ।

## ଖେଳାଳି ରହୁଥିବା ହୋଟେଲରେ ଅଗ୍ନିକାଣ୍ଡ




ହାଇଦ୍ରାବାଦ: ଆଇପିଏଲ୍ ୨୦୨୫ ଏବେ ଖେଳାଯାଉଛି । ଏଥିରେ ଦିନକୁ ଦିନ ନୂଆ ରେକର୍ଡ ମଧ୍ୟ ହେଉଛି । ଏହାରି ଭିତରେ ଏକ ଅଘଟଣ ଘଟିଯାଇଛି । ସୂଚନା ଅନୁସାରେ ସୋମବାର ସକାଳେ ହାଇଦ୍ରାବାଦର ଟିମ୍ ରହୁଥିବା ହୋଟେଲରେ ଅଗ୍ନିକାଣ୍ଡ ଘଟିଥିଲା । ସମସ୍ତ ଖେଳାଳି ସୁରକ୍ଷିତ ଥିବା ଜଣାପଡିଛି । ସନରାଇଜର୍ସ ହାଇଦ୍ରାବାଦର ଖେଳାଳିମାନେ ହାଇଦ୍ରାବାଦର ବଞ୍ଜାରା ହିଲ୍ସରେ ରହିଛନ୍ତି । ଏଠାରେ ଥିବା ପାର୍କ ହାୟାଟ୍ ହୋଟେଲର ଗୋଟିଏ ମହଲାରେ ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚିଥିଲେ । ଯାହା ପରେ ନିଆଁକୁ ଆୟତ୍ତ କରାଯାଇଥିଲା । ଅଗ୍ନିକାଣ୍ଡ ଯୋଗୁଁ ହୋଟେଲ ଏବଂ ଏହାର ଆଖପାଖ ଅଞ୍ଚଳରେ ଧୂଆଁ ବ୍ୟାପିଯାଇଥିଲା । ଅପରପକ୍ଷେ ଅଗ୍ନିକାଣ୍ଡ ପରେ ସନରାଇଜର୍ସ ହାଇଦ୍ରାବାଦ ଖେଳାଳିମାନଙ୍କୁ ଅନ୍ୟ ଏକ ହୋଟେଲକୁ ସ୍ଥାନାନ୍ତର କରାଯାଇଥିବା ନେଇ ଜଣାପଡିଛି । ସୂଚନା ଅନୁସାରେ ସନରାଇଜର୍ସ ହାଇଦ୍ରାବାଦ ଏପର୍ଯ୍ୟନ୍ତ ଆଇପିଏଲ ୨୦୨୫ରେ ନିରାଶାଜନକ ପ୍ରଦର୍ଶନ କରିଛି । ଦଳର ଆଗାମୀ ମ୍ୟାଚ୍ ଏପ୍ରିଲ ୧୭ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ହେବ ।

## ପାକିସ୍ତାନ ଖେଳାଳିଙ୍କୁ ହେୟାର ଡ୍ରାୟର ପୁରସ୍କାର



ଲାହୋର: ପାକିସ୍ତାନ ସୁପର ଲିଗର ଦଶମ ସଂସ୍କରଣ ଖେଳ ଚାଲିଛି । ତୃତୀୟ ମ୍ୟାଚ୍‌ରେ ଶତକ କରିଥିବା ଖେଳାଳିଙ୍କୁ ହେୟାର ଡ୍ରାୟର ପୁରସ୍କାର ପ୍ରଦାନ କରାଯାଇଛି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ମୁଲତାନ ସୁଲତାନ ୨୩୪ ରନ୍ ସଂଗ୍ରହ କରିଥିଲେ । ଏହାର ଜବାବରେ କରାଚି କିଙ୍ଗସ୍ ୧୯.୨ ଓଭରରେ ଲକ୍ଷ୍ୟ ହାସଲ କରି ୪ ୱିକେଟରେ ଜିତିଥିଲେ । ଏହି ମ୍ୟାଚରେ ଦର୍ଶକଙ୍କ ସଂଖ୍ୟା ମଧ୍ୟ ଲିଗ୍ ପାଇଁ ଅପମାନ ଆଣିଥିଲା । ଏଥିପାଇଁ ୬ ହଜାରରୁ ଅଧିକ ଲୋକ ଲିଗରେ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ଥିବାବେଳେ ମୋଟ ଦର୍ଶକଙ୍କ ସଂଖ୍ୟା ମଧ୍ୟ ଏହାଠାରୁ କମ୍ ଥିଲା । ଏହି ମ୍ୟାଚ୍ ଦେଖିବା ପାଇଁ କେବଳ ପ୍ରାୟ ୫ ହଜାର ଲୋକ ଷ୍ଟାଡିୟମକୁ ଆସିଥିଲେ । କରାଚି କିଙ୍ଗସ୍ ସୋସିଆଲ ମିଡିଆରେ ଜେମ୍ସଙ୍କୁ ପୁରସ୍କାର ପ୍ରଦାନ କରିବାର ଏକ ଭିଡିଓ ସେୟାର କରିଛି । ପ୍ରଥମେ ପ୍ରଶଂସକମାନେ ବିଶ୍ୱାସ କରିପାରିଲେ ନାହିଁ ଯେ ପୁରସ୍କାର ଭାବରେ ହେୟାର ଡ୍ରାୟର ଦିଆଯାଉଛି । ସୋସିଆଲ ମିଡିଆରେ ୟୁଜର୍ସ ମାନେ ପାକିସ୍ତାନର ଏହି ଦୟନୀୟ ପରିସ୍ଥିତି ପାଇଁ ସମାଲୋଚନା କରୁଛନ୍ତି । ଜଣେ ୟୁଜର୍ସ ଲେଖିଛନ୍ତି ଯେ ପରବର୍ତ୍ତୀ ମ୍ୟାଚରେ ପୁରସ୍କାର ସ୍ୱରୂପ ଟିଫିନ ଦେବା ଭଲ ହେବ । ପାକିସ୍ତାନ ସୁପର ଲିଗର ଦଶମ ସଂସ୍କରଣ ୧୧ ଏପ୍ରିଲରୁ ଆରମ୍ଭ ହୋଇ ୧୮ ମେ ପର୍ଯ୍ୟନ୍ତ ଖେଳାଯିବ । ୪ଟି ଷ୍ଟାଡିୟମରେ ୬ଟି ଦଳ ମଧ୍ୟରେ ମୋଟ ୩୪ଟି ମ୍ୟାଚ୍ ଖେଳାଯିବ । ବର୍ତ୍ତମାନ ଟୁର୍ନାମେଣ୍ଟରେ ୪ଟି ମ୍ୟାଚ୍ ଖେଳାଯାଇଛି ।

## ସନ୍ତରଣରେ ବିଶ୍ୱ ରେକର୍ଡ ସୃଷ୍ଟି କଲା ଜର୍ମାନୀ



ଷ୍ଟକ୍‌ହାମ: ଜର୍ମାନୀର ଅଲିମ୍ପିକ ଚାମ୍ପିୟନ ଲୁକାସ ମାର୍ଟେନ୍ସ ପୁରୁଷ ୪୦୦ ମିଟର ଫ୍ରିଷ୍ଟାଇଲ ରେକର୍ଡ ଭଙ୍ଗ କରିଛନ୍ତି । ସ୍ୱିମ୍ ଓପନ୍ ଷ୍ଟକ୍‌ହାମରେ ସେ ଏହି ସଫଳତା ପାଇଛନ୍ତି । ସେ ପ୍ରଥମ ସନ୍ତରଣକାରୀ ଭାବେ ୩ ମିନିଟ୍ ୪୦ ସେକେଣ୍ଡର ବାଧାକୁ ଅତିକ୍ରମ କରିଛନ୍ତି । ରେସ୍‌ରେ ସେ ୩:୩୯.୯୬ ସେକେଣ୍ଡ ଟାଇମିଂ ହାସଲ କରିଥିଲେ । ପୂର୍ବରୁ ଥିବା ଜାତୀୟ ରେକର୍ଡକୁ ସେ ଏକ ଦଶମିକ ୧୧ ସେକେଣ୍ଡରେ ପଛରେ ପକାଇଥିଲେ । ଜର୍ମାନୀର ପୂର୍ବତନ ସନ୍ତରଣକାରୀ ପଲ୍ ବିଡରମ୍ୟାନ୍‌ଙ୍କ ନାମରେ ପୂର୍ବରୁ ବିଶ୍ୱ ରେକର୍ଡ ଥିଲା । ସେ ୨୦୦୯ରେ ୩:୪୦.୦୭ ସେକେଣ୍ଡ ଟାଇମିଂ ହାସଲ କରିଥିଲେ । ୨୩ ବର୍ଷୀୟ ମାର୍ଟେନ୍ସ ୨୦୨୪ ପ୍ୟାରିସ୍ ? ଅଲିମ୍ପିକ୍ସରେ ୩:୪୧ ସେକେଣ୍ଡ ଟାଇମିଂ ସହ ୪୦୦ ମିଟର ଫ୍ରିଷ୍ଟାଇଲ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ।

# ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିଅନ୍‌ସିପ୍ : ଆଜି ଫାଇନାଲ୍




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଓଡ଼ିଶା ପୋଲିସ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ ହକି କଂପ୍ଲେକ୍ସରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚମ୍ପିଆନସିପ୍‌ର ସୋମବାର ଖେଳାଯାଇଥିବା ପ୍ରଥମ ସେମି ଫାଇନାଲ ମ୍ୟାଚ ଉତ୍ତର ପ୍ରଦେଶ ଓ ସିଆରପିଏଫ( ମହିଳା ) ପୋଲିସ ମଧ୍ୟରେ ହୋଇଥିଲା । ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ସିଆରପିଏଫ, ଉତ୍ତର ପ୍ରଦେଶ ମହିଳା ପୋଲିସ ଦଳକୁ ୧-୦ ଗୋଲ ବ୍ୟବଧାନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ସେହିପରି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଘରୋଇ ଓଡିଶା ଓ ଏସଏସବି ( ମହିଳା ) ପୋଲିସ ଦଳ ମଧ୍ୟରେ ଖେଳା ଯାଇଥିଲା । ଏହି ପ୍ରତିଦ୍ୱନ୍ଦ୍ୱୀତାମୂଳକ ମ୍ୟାଚରେ ଏସଏସବି, ଓଡିଶା ପୋଲିସ ଦଳକୁ ୨-୧ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ମଙ୍ଗଳବାର ଅପରାହ୍ନ ୪ ଟା ସମୟରେ ସିଆରପିଏଫ ଏବଂ ଏସଏସବି ( ମହିଳା ) ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ସେହିପରି ପଞ୍ଜାବ ଓ ଆଇଟିବିପି ( ପୁରୁଷ) ମଧ୍ୟରେ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ପଞ୍ଜାବ, ଆଇଟିବିପି ଦଳକୁ ୭-୨ ଗୋଲ ବ୍ୟବଧାନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ଅନ୍ୟ ଏକ ସେମି ଫାଇନାଲ ମ୍ୟାଚ ବିଏସଏଫ ଏବଂ ସିଆରପିଏଫ ( ପୁରୁଷ) ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ସିଆରପିଏଫ ଟିମ ବିଏସଏଫ ଦଳକୁ ୩-୧ ଗୋଲ ବ୍ୟବଧାନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ମଙ୍ଗଳବାର ସନ୍ଧ୍ୟା ୬ ଟା ସମୟରେ ପଞ୍ଜାବ ଏବଂ ସିଆରପିଏଫ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଆଜିର ବିଭିନ୍ନ ମ୍ୟାଚ ସମୟରେ ଅତିଥି ଭାବେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବହାଦୁର ଖୁରାନିଆ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପରିଚାଳନା ନିର୍ଦ୍ଦେଶକ, ଇଡ୍‌କୋ ଭୂପିନ୍ଦର ସିଂ ପୁନିଆ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ମୁଖ୍ୟାଳୟ) ତଥା ଆୟୋଜନ କମିଟିର ଉପସଭାପତି ଦୟାଲ ଗଙ୍ଗୱାର, ଯୁଗ୍ମ ନିର୍ଦ୍ଦେଶକ, ଆଇବି, ରାଜେଶ ସୁବର୍ଣ୍ଣ ଆଇଜିପି (ମହିଳା ଓ ଶିଶୁ ଅପରାଧ ଶାଖା) ଏସ. ସାଇନି, ଆଇଜିପି( ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

## ୭ ବର୍ଷ ପରେ ଆଇପିଏଲ୍‌ରେ କଲେ ଅର୍ଦ୍ଧଶତକ



ନୂଆଦିଲ୍ଲୀ: କରୁଣ ନାୟାର ସାତ ବର୍ଷ ମଧ୍ୟରେ ତାଙ୍କର ପ୍ରଥମ ଆଇପିଏଲ ଅର୍ଦ୍ଧଶତକ ହାସଲ କରିଛନ୍ତି । ଯେଉଁଥିରେ ସେ ଜସପ୍ରିତ ବୁମରାହଙ୍କ ଭଳି ବୋଲରଙ୍କୁ ମଧ୍ୟ ଧୂଳେଇ କରିଥିଲେ । ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ) ବିପକ୍ଷରେ ୨୦୬ ରନର ପିଛା କରୁଥିବା ବେଳେ ସେ ଏକ ଆକର୍ଷଣୀୟ ଅର୍ଦ୍ଧଶତକ ହାସଲ କରିଛଅଶନ୍ତି । ଜଣେ ପ୍ରଭାବଶାଳୀ ଖେଳାଳି ଭାବରେ ବହୁବର୍ଷ ପରେ ଆଇପିଏଲ ଫେରିବା ଏବଂ ସିଜନର ତାଙ୍କର ପ୍ରଥମ ମ୍ୟାଚ୍ ଖେଳି, କରୁଣ ମାତ୍ର ୨୨ ବଲ୍‌ରେ ତାଙ୍କର ଅର୍ଦ୍ଧଶତକ ହାସଲ କରିଥିଲେ । ସେ ବୁମରାହଙ୍କ ପ୍ରଥମ ଓଭରରେ ଦୁଇଟି ଚୌକା ମାରିଥିଲେ, ଏବଂ ତାଙ୍କ ଦ୍ୱିତୀୟ ଓଭରରେ ଦୁଇଟି ଛକା ଏବଂ ୧୮ ରନ କରି ତାଙ୍କୁ ପରାସ୍ତ କରିଥିଲେ । ନାୟାରଙ୍କ ଇନିଂସ କେବଳ ପାୱାରପ୍ଲେରେ ଡିସିକୁ ୭୨ ରନ କରିବାକୁ ଶକ୍ତି ଦେଇଥିଲା । ନାୟାର ଘରୋଇ କ୍ରିକେଟରେ ବିଦର୍ଭ ପାଇଁ ଉତ୍କୃଷ୍ଟ ଫର୍ମରେ ଥିଲେ, ଏବଂ ତାଙ୍କ ଫର୍ମକୁ ବିଶ୍ୱର ସବୁଠାରୁ ବଡ଼ ଟି୨୦ ଲିଗରେ ପରିଣତ କରିଥିବା ପରି ମନେ ହେଉଛି ।

## ସିଏମ୍ ଟ୍ରଫି ଫୁଟବଲ୍ ଲିଗ୍ ଉଦ୍‌ଯାପିତ



ଜଗତସିଂହପୁର (ଭାସ୍କର ନ୍ୟୁଜ): ଜଗତସିଂହପୁର ରିଜର୍ଭ ପୋଲିସ ପଡିଆରେ ସାତ ଦିନ ଧରି ଆୟୋଜିତ ସିଏମ ଟ୍ରଫି ଫୁଟବଲ ମ୍ୟାଚ ଉଦଯାପନୀ ହୋଇଯାଇଛି । ପାରାଦ୍ୱୀପ ପୋର୍ଟ କ୍ଲବ ଏବଂ ମଇନ୍ଦିପୁର ଫୁଟବଲ ଏକାଡେମୀ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱ ବୀଜୟନୀ ପଟ୍ଟନାୟକ । ଜିଲ୍ଲା ଆଥଲେଟିକ ଆସୋସିଏ ସନ ସମ୍ପାଦକ ଆଇନୀଜୀବି ଦୋଳ ଗୋବିନ୍ଦ ଦାସ ପ୍ରମୁଖ ଉଭୟ ଟିମ ଖେଳାଳି ମାନଙ୍କୁ ଉଚ୍ଛାହିତ କରିଥିଲେ । ସିଏମ ଟ୍ରଫି ଜିଲ୍ଲା ସ୍ତରୀୟ ଫୁଟ ବଲ ମ୍ୟାଚ ରେ ମଇନ୍ଦିପୁର ଫୁଟ ବଲ ଏକାଡେମୀ ତିନୋଟି ଗୋଲ କରି ଚମ୍ପିୟାନ ହୋଇଥିବା ବେଳେ ପାରାଦ୍ୱୀପ ପୋର୍ଟ ଗୋଟିଏ ଗୋଲ କରି ରନର୍ସଅପ ହୋଇଥିଲା । ମୁଖ୍ୟ ଅତିଥିଭାବେ ଉଭୟ ଟିମକୁ ଟ୍ରଫି ପ୍ରଦାନ କରିଥିଲେ । ଏ ସମସ୍ତ କାର୍ଯ୍ୟକ୍ରମକୁ ଚନ୍ଦନ ବେହେରା, ସୁଶାନ୍ତ ଦାସ, ପ୍ରମୁଖ ପରିଚାଳନା କରିଥିଲେ ।

# କର୍ପୋରେଟ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ: ପିପିଏଲ ଚାମ୍ପିଅନ୍



ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ବନ୍ଦର ଅନ୍ୟ କାର୍ଯ୍ୟାଳୟ ମାନଙ୍କ ସହିତ ଉତ୍ତମ ସମ୍ପର୍କ ରଖିବା ଓ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟ ନେଇ ବନ୍ଦରର ଗୋପବନ୍ଧୁ କ୍ରୀଡ଼ା ସଂସଦ ଆନୁକୁଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଆୟୋଜିତ ୪ର୍ଥ କର୍ପୋରେଟ କ୍ରିକେଟ ପ୍ରତିଯୋଗିତା ରବିବାର ଦିନ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ପାରାଦୀପ ବନ୍ଦର ଗତ ବର୍ଷର ଚାମ୍ପିଅନ ପିପିଏଲକୁ ଭେଟିଥିଲା । ପ୍ରଥମେ ବ୍ୟାଟିଂ କରି ପାରାଦୀପ ବନ୍ଦର ନିର୍ଦ୍ଧାରିତ ୧୫ ଓଭରରେ ୯ ୱିକେଟ ବିନିମୟରେ ୧୪୧ ରନ କରିଥିଲା । ପାରାଦୀପ ବନ୍ଦର ତରଫରୁ ବିନୟ ପାଇକରାୟ ୩୦ ବଲ ଖେଳି ସର୍ବାଧିକ ୫୨ ରନ କରିଥିଲେ । ୧୪୨ ରନର ବିଜୟ ଲକ୍ଷ୍ୟକୁ ପିଛା କରି ପିପିଏଲ ୧୪.୫ ଓଭରରେ ୧୪୨ ରନ କରି ମ୍ୟାଚକୁ ୪ୱିକେଟରେ ଜିତିଥିଲା । ପିପିଏଲ କର୍ପୋରେଟ କ୍ରିକେଟ ପ୍ରତିଯୋଗିତାରେ ଏ ବର୍ଷ ମଧ୍ୟ ଚାମ୍ପିଅନ ହୋଇଛି । ଉଦଯାପନୀ ସନ୍ଧ୍ୟାରେ ଗୋପବନ୍ଧୁ କ୍ରୀଡ଼ା ସଂସଦର ସଭାପତି ତଥା ବନ୍ଦରର ଅର୍ଥ ପରାମର୍ଶଦାତା ଡି ଏନ୍ ସୋଣ୍ଡୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ବନ୍ଦରର ଟ୍ରାଫିକ ପରାମର୍ଶଦାତା ଆଶିଷ ବୋଷ, ଆଇଓସିଏଲ କାର୍ଯ୍ୟକାରୀ ନିର୍ଦ୍ଦେଶକ କୌଶିକ ବସୁ, ଇଫକୋ ମୁଖ୍ୟ ପି କେ ମହାପାତ୍ର, ପିପିଏଲ ମୁଖ୍ୟ ପାଲାନିସ୍ୱାମୀ, ବନ୍ଦରର ବିଭାଗ ମୁଖ୍ୟ, କମାଣ୍ଡାଣ୍ଟ ସିଆଇଏସଏଫ୍ ଅତିଥି ଭାବରେ ଯୋଗଦାନ କରି ଇଣ୍ଟର୍ ଡିପାର୍ଟମେଣ୍ଟ କ୍ରିକେଟ ପ୍ରତିଯୋଗିତାର ବିଜେତା ଏବଂ ରନର୍ସଅପ ଦଳ ଯଥା ଟ୍ରାଫିକ ଏବଂ ମେଡିକାଲ ବିଭାଗକୁ ଟ୍ରଫି ପ୍ରଦାନ କରିବା ସଙ୍ଗେ ସଙ୍ଗେ କର୍ପୋରେଟ କ୍ରିକେଟ ପ୍ରତିଯୋଗିତାର ବିଜୟୀ ତଥା ରନର୍ସଅପ୍ ଦଳ ପିପିଏଲ ଓ ପାରାଦୀପ ବନ୍ଦରକୁ ଟ୍ରଫି ପ୍ରଦାନ କରିଥିଲେ । ଅତିଥିମାନେ ପ୍ରତିଯୋଗିତାର ବେଷ୍ଟ ବ୍ୟାଟ୍ସମ୍ୟାନ, ବୋଲର, ଫିଲ୍ଡର, ସର୍ବାଧିକ ରନ ସଂଗ୍ରହକାରି, ଛକା ମାରିଥିବା ଖେଳାଳି ମାନଙ୍କୁ ସମ୍ମାନିତ କରିଥିଲେ । ଆଜିର ଫାଇନାଲ ମ୍ୟାଚକୁ ଦେଖିବା ପାଇଁ ବନ୍ଦରର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ତଥା ଅନ୍ୟ ମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । ଗୋପବନ୍ଧୁ କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡକ୍ଟର ଦୁର୍ଗା ପ୍ରସାଦ ସେଠୀ, ସେକ୍ରେଟାରୀ ରଶ୍ମି ବେଉରା, ଫୁଟବଲ କୋଚ ରବି ଦାସ ଓ ଅନ୍ୟ କର୍ମକର୍ତ୍ତା ମାନେ ଆଜିର ମ୍ୟାଚକୁ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ସୁରୁଖୁରରେ ଆୟୋଜନ କରିଥିଲେ । ପାରାଦୀପ ବନ୍ଦରର ଏ ପ୍ରକାର ଆୟୋଜନ କେବଳ ସୁସମ୍ପର୍କ ସ୍ଥାପନ କରିବାରେ ସାହାଯ୍ୟ କରିବ ନାହିଁ ଏହା ଆସନ୍ତା ଦିନ ମାନଙ୍କରେ ବନ୍ଦରର ବିକାଶ କ୍ଷେତ୍ରରେ ସହାୟକ ହେବ ବୋଲି ସମସ୍ତ ଅତିଥି ତଥା ଦର୍ଶକ ମାନଙ୍କର ମତାମତ ରହିଥିଲା ।

# କାଶଭୀଙ୍କୁ ବ୍ୟାଟ୍ ଉପହାର ଦେଲେ ହାର୍ଦ୍ଦିକ



ନୂଆଦିଲ୍ଲୀ: ମହିଳା ପ୍ରିମିୟର ଲିଗ୍ ଚାଲିଥିବା ବେଳେ ହାର୍ଦ୍ଦିକଙ୍କୁ ଗୁଜରାଟ ଜାଏଣ୍ଟସ୍‌ରୁ ଖେଳୁଥିବା ୨୧ ବର୍ଷୀୟା କାଶଭୀ ଭେଟିଥିଲେ । ଆଲୋଚନା ବେଳେ ହାର୍ଦ୍ଦିକଙ୍କୁ ତାଙ୍କ ସାଥୀମାନେ କହିଥିଲେ, କାଶଭୀ ତୁମର ବଡ଼ ପ୍ରଶଂସକ ଏବଂ ତାଙ୍କ ବ୍ୟାଟ୍‌ରେ 'ଏଚ୍‌ପି୩୩' ଲେଖିଛନ୍ତି । ଏହା ହାର୍ଦ୍ଦିକଙ୍କ ମନକୁ ଛୁଇଁଥିଲା ଏବଂ କାଶଭୀଙ୍କୁ ଏକ ୧୧୦୦ ଗ୍ରାମ୍‌ର ବ୍ୟାଟ୍ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ହାର୍ଦ୍ଦିକ ରବିବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ପୂର୍ବରୁ କାଶଭୀଙ୍କୁ ଏହି ଉପହାର ଦେଇଛନ୍ତି । ବ୍ୟାଟ୍ ପ୍ରଦାନ ବେଳର ଭିଡିଓରେ ହାର୍ଦ୍ଦିକ କହୁଛନ୍ତି, ପ୍ରଥମ କଲ୍ ପାଇଁ ଅଭିନନ୍ଦନ, ଏହା ନେଇ ଦେଖ, ଭଲ ନଲାଗିଲେ ଫେରାଇଦେବ । ଖେଳ ଏବଂ ଉପଭୋଗ କର । ଭଲରେ ରୁହ, ଭାରତ ପାଇଁ ଖେଳ । ଯୁବା ଅଲ୍‌ରାଉଣ୍ଡର କାଶଭୀ ଡବ୍ଲ୍ୟୁପିଏଲ୍‌ରେ ଚମତ୍କାର ପ୍ରଦର୍ଶନ କରିବା ପରେ ପ୍ରଥମ ଥର ଲାଗି ଭାରତୀୟ ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି । ଡବ୍ଲ୍ୟୁପିଏଲ୍ ସେ ୯ ମ୍ୟାଚ୍ ଖେଳି ୬.୪୫ ଇକୋନୋମିରେ ୧୧ ୱିକେଟ୍ ହାସଲ କରି ଗୁଜରାଟର ଅଗ୍ରଣୀ ୱିକେଟ୍ ହାସଲକାରୀ ହୋଇଥିଲେ । ଏଥିସହ ବ୍ୟାଟିଂରେ ମଧ୍ୟ କିଛି ଉପଯୋଗୀ ପାଳି ଖେଳିଥିଲେ ।

# ବିବିଧବର୍ଣ୍ଣା



ସକାଳେ ଗୁଡ଼ପାଣି ପିଇଲେ ପାଚନ କ୍ରିୟା ସ୍ୱାଭାବିକ ହୋଇଥାଏ। ଏଥିରେ ପ୍ରଚୁର ପରିମାଣରେ ପୋଟାସିୟମ ଏବଂ ସୋଡିୟମ ରହିଥାଏ। ଫଳରେ ରକ୍ତଚାପ ନିୟନ୍ତ୍ରଣ କରିବାରେ ଗୁଡ଼ପାଣି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଅଧାଗ୍ଲାସେ ଗୁଡ଼ପାଣି ନିୟମିତ ପିଇଲେ ଲିଭର ସମସ୍ୟା ଦୂର ହେବା ସହିତ ଫ୍ଲୁ'ରୁ ମୁକ୍ତି ମିଳିଥାଏ। ଏନେଇ ଆମେରିକା ଓହିଓ ବିଶ୍ୱ ବିଦ୍ୟାଳୟରେ ହୋଇଥିବା ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଗୁଡ଼ପାଣି ରକ୍ତ ସଫା କରିବାରେ ସହାୟକ ହୋଇଥାଏ। ଶରୀରରେ ପ୍ରତିଷେଧକ ଶକ୍ତି ବୃଦ୍ଧି ଲାଗି ଏହା ମହୌଷଧୀ ସାବ୍ୟସ୍ତ ହୋଇଥାଏ। ଏହା ଶ୍ୱାସନଳୀର କାର୍ଯ୍ୟକୁ ସ୍ୱାଭାବିକ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଫଳରେ ବିଭିନ୍ନ ବାୟୁ ପ୍ରଦୂଷଣରେ ଏହା ଶରୀର ଲାଗି ସୃଷ୍ଟି କରିଥାଏ ସୁରକ୍ଷା ବଳୟ। ମହିଳାଙ୍କ ଠାରେ ଦେଖାଦେଉଥିବା ବିଭିନ୍ନ ଋତୁସ୍ରାବ ସମସ୍ୟା ନିୟମିତ ଗୁଡ଼ପାଣି ପିଇଲେ ଦୂର ହୋଇଥାଏ। ଏହା ରକ୍ତହୀନତା ରୋଗରୁ ମୁକ୍ତି ଦିଏ ତଥା ପେଟକୁ ଥଣ୍ଡା ରଖିବାରେ ହୋଇଥାଏ ସହାୟକ। ବିଭିନ୍ନ ଆଣ୍ଠୁଗଣ୍ଠି ସମସ୍ୟାରୁ ଏହା ମୁକ୍ତି ଦେବା ସହିତ ମେଦବହୁଳତା କମାଇବାରେ ମଧ୍ୟ ସହାୟକ ହୋଇଥାଏ ବୋଲି ରିପୋର୍ଟରେ କୁହାଯାଇଛି।





ସୁପରଷ୍ଟାରଙ୍କୁ ୱାଇ ପ୍ଲସ୍ ସୁରକ୍ଷା


## ପୁଣି ଭାଇଜାନଙ୍କୁ ହତ୍ୟା ଧମକ

ବଲିଉଡ୍‌ର ଭାଇଜାନ ସଲମାନ ଖାନ। ଦିନକୁ ଦିନ ତାଙ୍କର ଟେନ୍‌ସନ୍ ବଢିବାରେ ଲାଗିଛି । ତାଙ୍କୁ ପୁଣି ଥରେ ଜୀବନରୁ ମାରି ଦେବାକୁ ଧମକ ମିଳିଛି। ମୁମ୍ବାଇର ୱର୍ଲି ଟ୍ରାଫିକ ବିଭାଗର ହ୍ୱାଟ୍‌ସ ଆପ୍ ନମ୍ବରକୁ ଏକ ଧମକ ପଠାଯାଇଛି। ଅଭିନେତା ସଲମାନ ଖାନଙ୍କୁ ପୁଣି ଥରେ ଧମକ ମିଳିଛି। ମୁମ୍ବାଇ ଟ୍ରାଫିକ ବିଭାଗକୁ ଏକ ଧମକ ପଠାଯାଇଛି ଯେଉଁଥିରେ କୁହାଯାଇଛି ଯେ ଅଭିନେତାଙ୍କ ଘରେ ପଶି ହତ୍ୟା କରିବୁ। କେବଳ ଏତିକି ନୁହେଁ, ସଲମାନ ଖାନଙ୍କ କାର୍‌କୁ ବୋମା ବିସ୍ଫୋରଣ କରିବାର ଆଶଙ୍କା ମଧ୍ୟ ରହିଛି। ୱର୍ଲି ପୋଲିସ ଷ୍ଟେସନରେ ଫୋନ କରିଥିବା ଅଜଣା ବ୍ୟକ୍ତିଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି। ମୁମ୍ବାଇର ୱର୍ଲି ଟ୍ରାଫିକ ବିଭାଗର ହ୍ୱାଟ୍‌ସ ଆପ୍ ନମ୍ବରରେ ଏହି ଧମକ ତାଙ୍କୁ ମିଳିଛି। ଏହି ଧମକ ଦେଇଥିବା ଅଜଣା ବ୍ୟକ୍ତି ସଲମାନ ଖାନଙ୍କୁ ତାଙ୍କ ଘରେ ପଶି ହତ୍ୟା କରିବୁ ଏବଂ ତାଙ୍କ କାର୍‌କୁ ବୋମାରେ ଉଡାଇବାକୁ ଧମକ ମିଳିଛି। ଏହି ଧମକ ପରେ ୱର୍ଲି ପୋଲିସ ଷ୍ଟେସନରେ ଏକ ମାମଲା ରୁଜୁ ହୋଇଛି ଏବଂ ଏହି ଧମକ ଦେଉଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବାକୁ ପୋଲିସ ଚେଷ୍ଟା କରୁଛି। ସଲମାନ ଖାନଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢୁଛି ଏବଂ ପୋଲିସ ଏହାର ତଦନ୍ତ କରୁଛି। ତେବେ ଏହା ପୂର୍ବରୁ ମଧ୍ୟ ତାଙ୍କୁ ଅନେକ ହତ୍ୟା ଧମକ ମିଳିଛି। ଗତ କିଛିବର୍ଷ ମଧ୍ୟରେ ଏହି ଅଭିନେତାଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗରୁ ଅନେକ ଧମକ ମିଳିଥିଲା। ଗତବର୍ଷ ତାଙ୍କ ଘର ଗାଲାକ୍ସି ଆପାର୍ଟମେଣ୍ଟ ବାହାରେ ମଧ୍ୟ ଗୁଳିମାଡ଼ ହୋଇଥିଲା। ଏଥିସହିତ ସଲମାନ ଖାନଙ୍କ ଘନିଷ୍ଠ ବନ୍ଧୁ ବାବା ସିଦ୍ଦିକିଙ୍କ ହତ୍ୟା ମଧ୍ୟ କରାଯାଇଥିଲା। ଏବେ ପୁଣି ଥରେ ତାଙ୍କ ଘର ଭିତରେ ପଶି ହତ୍ୟା କରିବାର ଧମକ ଆସିଛି। ତେବେ ଏହି ବିପଦ ଲରେନ୍ସ ଠାରୁ ଆସିଛି କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। କହିବାକୁ ଗଲେ ସୁପରଷ୍ଟାରଙ୍କୁ ୱାଇ ପ୍ଲସ୍ ସୁରକ୍ଷା ଦିଆଯାଇଛି।

## ସୁଖୀ ଦାମ୍ପତ୍ୟ ପାଇଁ ସରଳ ମନ୍ତ୍ର

*ବେଳେବେଳେ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ଛୋଟ ଛୋଟ କଥାକୁ ନେଇ କଥା କଟାକଟି ହୋଇଥାଏ। ବାରମ୍ବାର ଏଭଳି ହେଲେ କ୍ରମେ ସମ୍ପର୍କରେ ତିକ୍ତତା ବୃଦ୍ଧିପାଇ ଦାମ୍ପତ୍ୟ ଜୀବନରେ ଦୁଃଖ ଭରିଯାଏ। ଏଥିରୁ କିଭଳି ମୁକ୍ତି ପାଇ ହେବ ସେ ନେଇ ବାସ୍ତୁଶାସ୍ତ୍ରରେ କିଛିଟା ଉପାୟ କୁହାଯାଇଛି...*

- ସ୍ୱାମୀ-ସ୍ତ୍ରୀଙ୍କ ବେଡ୍‌ରୁମ୍ ଘରର ଉତ୍ତର-ପଶ୍ଚିମ ଦିଗରେ ରହିଲେ ସମ୍ପର୍କରେ ନିବିଡ଼ତା ବୃଦ୍ଧି ପାଇଥାଏ।
- ବେଡ୍‌ରୁମ୍‌ର ରଙ୍ଗ ଯେତେ ହାଲ୍‌କା ରହିବ ସେତେ ଭଲ। ବେଡ୍‌ରୁମ୍‌ରେ ତାଜା ଫୁଲ ରଖିଲେ ଉଭୟଙ୍କ ଭିତରେ ଭଲ ପାଇବା ବଢିଥାଏ ।
- ସ୍ୱାମୀଙ୍କ ବାମପଟେ ପତ୍ନୀଙ୍କୁ ଶୋଇବା ଆବଶ୍ୟକ। କୁହାଯାଏ, ଏହାଦ୍ୱାରା ସମ୍ପର୍କରେ ଦୃଢ଼ତା ଆସିଥାଏ।
- ଯୋଡ଼ା ହଂସର ଫଟୋ କିମ୍ବା ଚିତ୍ରକୁ ବେଡ୍‌ରୁମ୍‌ରେ ଲଗାଇଲେ ସମ୍ପର୍କରେ ନିବିଡ଼ତା ଆସିବା ସହ ରୁମ୍‌ରେ ସକାରାତ୍ମକ ଉର୍ଜାର ବୃଦ୍ଧି ପାଇଥାଏ।
- ଆଜିକାଲି ବିଭିନ୍ନ ମେଟାଲ୍‌ରେ ତିଆରି କରାଯାଉଥିବା ଖୁବ୍ ସୁନ୍ଦର ଡିଜାଇନ୍‌ର ଖଟ ମାର୍କେଟ୍‌ରେ ଉପଲବ୍ଧ ହେଲାଣି, ମାତ୍ର ବାସ୍ତୁଶାସ୍ତ୍ର ଅନୁଯାୟୀ, ସ୍ୱାମୀ-ସ୍ତ୍ରୀ କାଠ ଖଟରେ ଶୋଇବା ଉଚିତ୍।
- ସେହିପରି ସ୍ୱାମୀ-ସ୍ତ୍ରୀ ସର୍ବଦା ଦକ୍ଷିଣ ଦିଗକୁ ମୁଣ୍ଡ ଏବଂ ଉତ୍ତର ଦିଗକୁ ଗୋଡ଼ କରି ଶୋଇବା ଆବଶ୍ୟକ।
- ସବୁଠୁ ବଡ଼ କଥା ହେଉଛି, ସୁଖୀ ଦାମ୍ପତ୍ୟ ପାଇଁ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ବିଶ୍ୱାସ ଓ ଉତ୍ତମ ବୁଝାମଣା ରହିବା ନିହାତି ଜରୁରି।



## କାର୍ଯ୍ୟଦକ୍ଷତା ବୃଦ୍ଧି କରେ ମନ ପସନ୍ଦର ଗୀତ

ଯଦି ଜଣେ ବ୍ୟକ୍ତି ପ୍ରତିଦିନ କିଛି ସମୟ ନିଜ ମନ ପସନ୍ଦର ସଙ୍ଗୀତ ଶୁଣନ୍ତି ତେବେ ତାଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇପାରେ। ଏପରି ଆକଳନ କରିଛନ୍ତି ଟୋକିଓ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ। ଏକ ସର୍ଭେରୁ ସେମାନେ ଏପରି ତଥ୍ୟ ଜାଣିବାକୁ ପାଇଛନ୍ତି। ପ୍ରତିଦିନ କିଛି ସମୟ ମନ ପସନ୍ଦର ଗୀତ ଶୁଣିବା ଦ୍ୱାରା ମନରେ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଜୀବନଯାପନ କରିବାକୁ କୁହାଯାଇଥିବା ବେଳେ ଅନ୍ୟ ଗ୍ରୁପ୍ ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ପ୍ରତିଦିନ କିଛି ସମୟ ମନ ପସନ୍ଦର ଗୀତ ଶୁଣିବାକୁ ପରାମର୍ଶ ଦିଆଯାଇଥିଲା। କିଛି ସପ୍ତାହ ପରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ଲକ୍ଷ୍ୟ କରାଯାଇଥିଲା। ନିୟମିତ କିଛି ଗୀତ ଶୁଣୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କିଛି ଜଣଙ୍କର କାର୍ଯ୍ୟଦକ୍ଷତା ପୂର୍ବାପେକ୍ଷା ବୃଦ୍ଧି ପାଉଥିବାର ଉକ୍ତ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଲକ୍ଷ୍ୟ କରିଥିଲେ।



## ଜାହ୍ନବୀଙ୍କୁ କାର୍ ଉପହାର

ଜାହ୍ନବୀ କପୁର ତାଙ୍କ ଷ୍ଟାଇଲ ପାଇଁ ବେଶ୍ ଲୋକପ୍ରିୟ। ତାଙ୍କ ଫ୍ୟାଶନ ଯେମିତି ତାଙ୍କ କଲେକ୍ସନ ମଧ୍ୟ ସେମିତି। ସବୁବେଳେ ସ୍ମାର୍ଟ ଓ ପର୍ଫେକ୍ଟ ଲୁକରେ ନଜର ଆସନ୍ତି। ହେଲେ ତାଙ୍କର ଦାମୀ ଡ୍ରେସ୍ ଠାରୁ ଦାମୀର କାର କଲେକସନ୍ ଖୁବ୍ ଅଧିକ। ଏବେ ଜାହ୍ନବୀ କପୁରଙ୍କ ଏକ ନୂତନ କାରକୁ ନେଇ ଚର୍ଚ୍ଚା ହେଉଛି। ଜାହ୍ନବୀ କପୁରଙ୍କ ଜଣେ ଖାସ ବନ୍ଧୁ ତାଙ୍କୁ ଦାମୀ କାର ଉପହାର ଦେଇଛନ୍ତି ବୋଲି ଶୁଣିବାକୁ ମିଳୁଛି। ସୂଚନା ଅନୁଯାୟୀ, ଜାହ୍ନବୀ କପୁରଙ୍କୁ ତାଙ୍କ ବନ୍ଧୁ ଅନନ୍ୟା ବିର୍ଲା ଏକ ଭାଓଲେଟ ଲାମ୍ବୋର୍ଗିନୀ ହୁରାକାନ ଇଭୋ ସ୍ପାଇଡର କାର୍ ଉପହାର ଦେଇଛନ୍ତି। ଏହି କାର ବ୍ୟତୀତ ଆଉ ଏକ ବଡ଼ ଉପହାରର ବାକ୍ସ ମଧ୍ୟ ଦେଖିବାକୁ ମିଳିଥିଲା। ଯାହା ଉପରେ ଅନନ୍ୟା ବିର୍ଲାଙ୍କ ନାମ ଲେଖାଯାଇଥିଲା। ଉପହାରରେ ମିଳିଥିବା କାରର ମୂଲ୍ୟ ୪.୯୯ କୋଟି ଟଙ୍କା ବୋଲି ରିପୋର୍ଟରୁ ଖବର ମିଳିଛି। ଏହି କାର ସମ୍ପର୍କରେ ସୋସିଆଲ ମିଡିଆରେ ବର୍ତ୍ତମାନ ଜୋର ଧରିଛି। ସୂଚନାଯୋଗ୍ୟ, ଜାହ୍ନବୀ କପୁରଙ୍କ କାର ସଂଗ୍ରହ ବିଷୟରେ କହିବାକୁ ଗଲେ, ଏଥିରେ ଟୟୋଟା ଲେକ୍ସସ୍ (୨.୫ କୋଟି ଟଙ୍କା), ମର୍ସିଡିଜ୍ GLE 250D (୬୭.୧୫ ଲକ୍ଷ ଟଙ୍କା), ବିଏମ୍‌ଡବ୍ଲ୍ୟୁ ଏକ୍ସ୫ (୯୫.୯୦ ଲକ୍ଷ ଟଙ୍କା), ମର୍ସିଡିଜ୍ ବେଞ୍ଜ ଏସ୍-କ୍ଲାସ୍ (୧.୬୨ କୋଟି ଟଙ୍କା) ଅନ୍ତର୍ଭୁକ୍ତ। ଅନ୍ୟପକ୍ଷରେ ତାଙ୍କ କ୍ୟାରିୟରରେ ସଫଳତା ସହିତ ଆଗକୁ ବଢିଚାଲିଛନ୍ତି ।





ଆୟୁର୍ବେଦରେ ଅନେକ ପ୍ରକାରର ପତ୍ରକୁ ଔଷଧ ପ୍ରସ୍ତୁତ କରିବା ପାଇଁ ବ୍ୟବହୃତ ହୁଏ। ଏଥିମଧ୍ୟରୁ ଏକ ପତ୍ର ହେଉଛି ଅମରପୋଇ। ଏହାର ପତ୍ର ଶରୀର ପାଇଁ ବହୁତ ସ୍ୱତନ୍ତ୍ର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହା ଔଷଧୀୟ ଗୁଣରେ ଭରପୂର ଏବଂ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାରେ ପ୍ରଭାବଶାଳୀ ଅଟେ। ମୁଖ୍ୟତଃ ଅମରପୋଇ କିଡ୍‌ନୀ ଷ୍ଟୋନ୍ ପାଇଁ ବହୁତ ଲାଭଦାୟକ।



## ପତ୍ର ଦେବ ଉପଶମ

ଅମରପୋଇ ପତ୍ରର ରସ ନିୟମିତ ପିଇବା ଦ୍ୱାରା ଷ୍ଟୋନ୍ ବା ପଥରଗୁଡ଼ିକ ମିଳାଇ ଯାଇ ପରିସ୍ରା ମାଧ୍ୟମରେ ବାହାରକୁ ବାହାରିଯାଏ। ଏହା ବ୍ୟତୀତ ଏହା କିଡ୍‌ନୀକୁ ବିଷମୁକ୍ତ କରିଥାଏ ଏବଂ ପୁନର୍ବାର ଷ୍ଟୋନ୍ ହେବାକୁ ରୋକିଥାଏ। ଏହି ପତ୍ରରେ ଅନେକ ଉପାଦାନ ରହିଛି, ଯାହା ଶରୀରର ଯେକୌଣସି ଅଂଶରେ ପ୍ରଦାହ ହ୍ରାସ କରିବାରେ ସାହାଯ୍ୟ କରେ। ଏହାର ପତ୍ର ଗଣ୍ଠି ଯନ୍ତ୍ରଣା, ଆଘାତ କିମ୍ବା ଆଭ୍ୟନ୍ତରୀଣ ପ୍ରଦାହ ଭଳି ପରିସ୍ଥିତିରେ ବହୁତ ଲାଭଦାୟକ ହୋଇଥାଏ ବୋଲି ଆୟୁର୍ବେଦ ଶାସ୍ତ୍ରରେ ଉଲ୍ଲେଖ ରହିଛି। ଅମରପୋଇ ପତ୍ରକୁ ବାଟି ଏହାର ପେଷ୍ଟ ଲଗାଇବା ଦ୍ୱାରା କଟା, କ୍ଷତ, ପୋଡ଼ା କିମ୍ବା ଫୁଟାରୁ ମୁକ୍ତି ମିଳିଥାଏ। ପ୍ରକୃତରେ, ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ଅଛି, ଯାହା କ୍ଷତକୁ ଶୀଘ୍ର ସୁସ୍ଥ କରିବାରେ ଏବଂ ସଂକ୍ରମଣରୁ ରକ୍ଷା କରିବାରେ ସହାୟକ ହୋଇଥାଏ। ଏହି ପତ୍ରର କାଢ଼ା ପ୍ରସ୍ତୁତ କରି ନିୟମିତ ପିଇଲେ ଶ୍ୱାସରୋଗ, କାଶ ଏବଂ କଫ ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ। ଏହା କଫକୁ ପତଳା କରେ ଏବଂ ଗଳା ଯନ୍ତ୍ରଣାକୁ ଆରାମ ଦେବାରେ ମଧ୍ୟ ପ୍ରଭାବଶାଳୀ ହୋଇଥାଏ। ଏହା ହାଲୁକା ଏବଂ ପାଚନ ଗୁଣର ଏକ ଭଣ୍ଡାର। ପେଟ ଗ୍ୟାସ, ବଦହଜମୀ ଏବଂ ଏସିଡିଟି ଭଳି ସମସ୍ୟାରେ ଏହାର ସେବନ ଲାଭଦାୟକ ହୋଇପାରେ। ଏହା ବ୍ୟତୀତ ଏହା ଲିଭର ବା ଯକୃତକୁ ଶକ୍ତିଶାଳୀ କରିବାରେ ମଧ୍ୟ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। ଏହାର ୧-୨ଟି ପତ୍ରକୁ ଭଲ ଭାବରେ ଧୋଇ ସକାଳେ ଖାଲି ପେଟରେ ଚୋବାଇ ଖାଇପାରିବେ। ଏହା ବ୍ୟତୀତ, ଆପଣ ପତ୍ରରୁ ରସ ବାହାର କରି ମଧ୍ୟ ପିଇପାରିବେ। ତଥାପି ମନେରଖନ୍ତୁ ଯେ ଗର୍ଭବତୀ ମହିଳାମାନଙ୍କ ପାଇଁ ଏହାର ସେବନ ଉପଯୁକ୍ତ ବୋଲି ବିବେଚନା କରାଯାଏ ନାହିଁ। ଏପରି ପରିସ୍ଥିତିରେ, କେବଳ ଡାକ୍ତରଙ୍କ ପରାମର୍ଶରେ ନିଅନ୍ତୁ।



## କେଉଁ ବାରରେ କାଟିବେ ନଖ



ସପ୍ତାହର ଏଭଳି କିଛିଦିନ ରହିଛି, ଯେଉଁଦିନ ନଖ କାଟିବା ଅଶୁଭ। ଏହି ଦିନ ନଖ କାଟିବା ଦ୍ୱାରା ଜୀବନରେ ଅଭାବ, ଅଶାନ୍ତି, କଷ୍ଟ ଓ ଅନେକ ସମସ୍ୟା ଲାଗି ରହିଥାଏ। ଉନ୍ନତିରେ ବାଧା ଆସିଥାଏ। ଯେପରି ଶନିବାର ଦିନ ନଖ କାଟିବା ଦ୍ୱାରା ଶନିଦେବ ଅସନ୍ତୁଷ୍ଟ ହୋଇଥାଆନ୍ତି। ଏହାଦ୍ୱାରା ଶାରୀରିକ-ମାନସିକ, ଆର୍ଥିକ ସମସ୍ୟାର ସାମ୍ନା କରିବାକୁ ପଡିଥାଏ। ରବିବାର ନଖ କାଟିବା ଦ୍ୱାରା ଜାତକରେ ସୂର୍ଯ୍ୟ ଦୁର୍ବଳ ହୋଇଥାଆନ୍ତି। ଆତ୍ମବିଶ୍ୱାସ ହ୍ରାସ ପାଇଥାଏ। ମଙ୍ଗଳବାର ଓ ଗୁରୁବାର ନଖ କାଟିବା ଦ୍ୱାରା ସୌଭାଗ୍ୟ ଦୁର୍ଭାଗ୍ୟରେ ପରିଣତ ହୋଇଥାଏ। ଶୁଭ ଗ୍ରହ ମଧ୍ୟ ଅଶୁଭରେ ପରିଣତ ହୋଇଥାଆନ୍ତି। ଗୁରୁବାର ନଖ କାଟିଲେ ବୈବାହିକ ଜୀବନରେ ସମସ୍ୟା ସହ ଦମ୍ପତିଙ୍କ ମଧ୍ୟରେ କଳହ ହୋଇଥାଏ। ଶାସ୍ତ୍ର ଅନୁସାରେ ନଖ କାଟିବା ପାଇଁ ବୁଧବାର ଓ ଶୁକ୍ରବାର ଦିନ ସର୍ବଶ୍ରେଷ୍ଠ। ବୁଧବାର ନଖ କାଟିବା ଦ୍ୱାରା ଧନ ବୃଦ୍ଧି ହୋଇଥାଏ। ଚାକିରି-ବ୍ୟବସାୟରେ ଉନ୍ନତି ହୋଇଥାଏ। ଶୁକ୍ରବାର ନଖ କାଟିବା ଦ୍ୱାରା ସୌନ୍ଦର୍ଯ୍ୟ ଓ ଆକର୍ଷଣ ବୃଦ୍ଧି ପାଇଥାଏ। ମା'ଲକ୍ଷ୍ମୀଙ୍କ କୃପାରୁ ଖୁବ୍ ଧନ ମିଳିଥାଏ। ଜୀବନରେ ଅଭାବ ଦୂର ହୋଇଥାଏ। ଏହା ବ୍ୟତୀତ ସୋମବାର ମଧ୍ୟ ନଖ କାଟି ପାରିବେ। ଏହାଦ୍ୱାରା ଛୋଟ ଛୋଟ ରୋଗରୁ ମୁକ୍ତି ମିଳିଥାଏ। ମନ ମଧ୍ୟ ମଜଭୁତ ହୋଇଥାଏ। ନକରାତ୍ମକ ଶକ୍ତି ଦୂର ହୋଇଥାଏ। ଭୁଲରେ ମଧ୍ୟ ସୂର୍ଯ୍ୟାସ୍ତ ପରେ କିମ୍ବା ରାତିରେ ନଖ କାଟନ୍ତୁ ନାହିଁ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ରବିବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେମ୍ପସଡାର ପୂର୍ବ ଛାତ୍ରମାନେ ଏକାଠି ହୋଇ, ବିଦ୍ୟାଳୟରେ ଏକ ସାଧାରଣ ବନ୍ଧୁମିଳନ ଆୟୋଜନ କରିଥିଲେ। ସାମୂହିକ ଓଁ କାର ପରେ ବିଦ୍ୟାଳୟର ସଭାପତି ଗୋପବନ୍ଧୁ ନାଏକ ପୂର୍ବ ଛାତ୍ରଙ୍କୁ ସ୍ୱାଗତ କରିଥିଲେ। ସମ୍ପାଦକ କେଶବ ମହାନ୍ତିଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ପୂର୍ବ ଛାତ୍ର ପରିଷଦ ଗଠନ ହୋଇଥିଲା। ସଭାପତି ଭାବେ ଗୀତାଞ୍ଜଳି ପାତ୍ର, ଉପସଭାପତି ଅବିନାଶ ଦାସ, ସଧାରଣ ସମ୍ପାଦକ ସୁଶୀଲ କୁମାର ମହାନ୍ତ, ସହ ସମ୍ପାଦକ ଅମିତ କୁମାର ମହାନ୍ତ, କୋଷାଧକ୍ଷ ଦିପ୍ତିମୟୀ ମହାନ୍ତ, ବ୍ୟବସ୍ଥା ପ୍ରମୁଖ ରମଣ ରଞ୍ଜନ ମହାନ୍ତ, କାର୍ଯ୍ୟକ୍ରମ ସଂଯୋଜକ ଭାବେ ବିଦ୍ୟାଧର ମହାନ୍ତ, ପଦ୍ମ ଲୋଚନ ମହାନ୍ତ, ଗୁଞ୍ଜନ କୁମାର ଦାଶ, ଅଭ୍ୟର୍ଥନା ପ୍ରମୁଖ ଭାବେ ମଳୟ ମଞ୍ଜରୀ ମହାନ୍ତ, ଗୀତାଞ୍ଜଳି ମହାନ୍ତ ଏବଂ ପ୍ରଚାର ପ୍ରମୁଖ ଭାବେ ଛବିଲାଲ ମହାନ୍ତ ସମସ୍ତଙ୍କ ସମ୍ମତି କ୍ରମେ ନିର୍ବାଚିତ ହେଲେ। ବିଦ୍ୟାଳୟର ସହ ସମ୍ପାଦକ ଯତୀନ କୁମାର ଦାଶ, ପୂର୍ବ ଛାତ୍ର ପରିଷଦକୁ ଅଭିନନ୍ଦନ ଜଣାଇବା ସହ ସାମାଜିକ କାର୍ଯ୍ୟ କରିବା ପାଇଁ ଆଗ୍ରହ ରଖିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବ ସଭାପତି ସୁରେଶ ମହାନ୍ତ ପୂର୍ବ ଛାତ୍ରଙ୍କ ସଫଳତା କାମନା କରିଥିବାବେଳେ, ପରିଷଦ ଆଗାମୀ ଦିନରେ ପଣା ଓ ଜଳବଣ୍ଟନ, ଆସନ୍ତା ଏପ୍ରିଲ ୨୭ରେ ରକ୍ତଦାନ ଶିବିର, ମେ ମାସରେ ମାଗଣା ସ୍ୱାସ୍ଥ୍ୟ ଶିବିର କରାଯିବାର ନିଷ୍ପତ୍ତି ନିଆଗଲା।



# ଅଧ୍ୟାପକ ଗୋପାଳ ମହାରଣା 'ଶାବର ଶ୍ରୀକ୍ଷେତ୍ର ନାଟ୍ୟ ସମ୍ମାନ'ରେ ସମ୍ବର୍ଦ୍ଧିତ

ଝରିଗାଁ, (ଭାସ୍କର ନ୍ୟୁଜ୍): ଝରିଗାଁ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଗୋପାଳ ମହାରଣା। ବୃତ୍ତିରେ ଅଧ୍ୟାପନା, ନିଶା ସାହିତ୍ୟ ସାଧନା। ଛାତ୍ରବତ୍ସଳ ଅଧ୍ୟାପକ ଭାବେ ସେ ବିଦ୍ୟାର୍ଥୀଙ୍କ ଅତି ପ୍ରିୟ। ଜଣେ ଭାଷାବିତ୍, ସମାଲୋଚକ, ଗାଳ୍ପିକ, ପ୍ରାବନ୍ଧିକ ଓ ନାଟ୍ୟକାର ରୂପେ ସାହିତ୍ୟ ପ୍ରେମୀଙ୍କ ନିକଟରେ ସେ ବେଶ ଜଣାଶୁଣା ବ୍ୟକ୍ତି। ବିଶିଷ୍ଟ ନାଟ୍ୟକାର ଭାବେ ମହାରଣାଙ୍କ ରହିଛି ସ୍ୱତନ୍ତ୍ର ପରିଚୟ। ଅଦ୍ୟାବଧି ଅଶିଏ ଗୋଟି ନାଟକ ରଚନା କରି ସେ ନାଟ୍ୟ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ଉପାନ୍ତ ଅଞ୍ଚଳରେ ମଞ୍ଚ ନାଟକର ପ୍ରଚାର ଓ ପ୍ରସାର ପାଇଁ ସେ ଗଢ଼ିଛନ୍ତି 'ଭାରତୀ କଳା ନିକେତନ'। ବିଭିନ୍ନ ବର୍ଗର କଳାକାରମାନଙ୍କୁ ମଞ୍ଚ ସହିତ ଯୋଡ଼ିବା ତଥା ଭଲ ନାଟକଟିଏ ଦର୍ଶକଙ୍କୁ ଯୋଗାଇ ଦେବା ପାଇଁ ସତେ ଯେପରି ସେ ପାଗଳ ହୋଇପଡିଛନ୍ତି। ଫଳତଃ ସେ ନିଜସ୍ୱ ଖର୍ଚ୍ଚରେ ପ୍ରତିବର୍ଷ ତ୍ରିଦିବସୀୟ ନାଟକ ମହୋତ୍ସବ ଆୟୋଜନ କରି ଉପାନ୍ତ ଅଞ୍ଚଳର ଦର୍ଶକଙ୍କୁ ନାଟକ ପ୍ରତି ଆକର୍ଷିତ କରାଇ ପାରିଛନ୍ତି। ନାଟକ ପାଇଁ ସୁନେଲୀ ସ୍ୱପ୍ନ ଦେଖୁଥିବା ନାଟ୍ୟକାର ମହାରଣାଙ୍କ ପ୍ରତିଟି ନାଟକ ବେଶ ହୃଦୟସ୍ପର୍ଶୀ ଓ ଦର୍ଶକାଦୃତ।



ଏଥିପାଇଁ ସେ ବିଭିନ୍ନ ନାଟ୍ୟ ଅନୁଷ୍ଠାନରୁ 'ଶ୍ରେଷ୍ଠ ନାଟ୍ୟକାର' ଭାବେ ସମ୍ବର୍ଦ୍ଧିତ। ସମ୍ପ୍ରତି ଓଡ଼ିଶା ନାଟ୍ୟସଂଘ ଦ୍ୱାରା କୋରାପୁଟ ସାଂସ୍କୃତିକ ପରିଷଦ ରଙ୍ଗମଞ୍ଚରେ ଆୟୋଜିତ ଦକ୍ଷିଣାଞ୍ଚଳ ନାଟ୍ୟ ମହୋତ୍ସବରେ ଅଧ୍ୟାପକ ତଥା ବିଶିଷ୍ଟ ନାଟ୍ୟକାର ଗୋପାଳ ମହାରଣାଙ୍କୁ 'ଶାବର ଶ୍ରୀକ୍ଷେତ୍ର ନାଟ୍ୟ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କର ସମଗ୍ର ନାଟ୍ୟକୃତିକୁ ଆଧାର କରି ଓଡ଼ିଶା ନାଟ୍ୟସଂଘ ଏହି ସମ୍ବର୍ଦ୍ଧନା ପ୍ରଦାନ କରିଅଛି। ଝରିଗାଁ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଗୋପାଳ ମହାରଣା। ବୃତ୍ତିରେ ଅଧ୍ୟାପନା, ନିଶା ସାହିତ୍ୟ ସାଧନା। ଛାତ୍ରବତ୍ସଳ ଅଧ୍ୟାପକ ଭାବେ ସେ ବିଦ୍ୟାର୍ଥୀଙ୍କ ଅତି ପ୍ରିୟ। ଜଣେ ଭାଷାବିତ୍, ସମାଲୋଚକ, ଗାଳ୍ପିକ, ପ୍ରାବନ୍ଧିକ ଓ ନାଟ୍ୟକାର ରୂପେ ସାହିତ୍ୟପ୍ରେମୀଙ୍କ ନିକଟରେ ସେ ବେଶ ଜଣାଶୁଣା ବ୍ୟକ୍ତିତ୍ୱ। ବିଶିଷ୍ଟ ନାଟ୍ୟକାର ଭାବେ ମହାରଣାଙ୍କ ରହିଛି ସ୍ୱତନ୍ତ୍ର ପରିଚୟ। ଅଦ୍ୟାବଧି ଅଶିଏ ଗୋଟି ନାଟକ ରଚନା କରି ସେ ନାଟ୍ୟ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ଉପାନ୍ତ ଅଞ୍ଚଳରେ ମଞ୍ଚ ନାଟକର ପ୍ରଚାର ଓ ପ୍ରସାର ପାଇଁ ସେ ଗଢ଼ିଛନ୍ତି 'ଭାରତୀ କଳା ନିକେତନ'। ବିଭିନ୍ନ ବର୍ଗର କଳାକାରମାନଙ୍କୁ ମଞ୍ଚ ସହିତ ଯୋଡ଼ିବା ତଥା ଭଲ ନାଟକଟିଏ ଦର୍ଶକଙ୍କୁ ଯୋଗାଇ ଦେବା ପାଇଁ ସତେ ଯେପରି ସେ ପାଗଳ ହୋଇପଡିଛନ୍ତି। ଫଳତଃ ସେ ନିଜସ୍ୱ ଖର୍ଚ୍ଚରେ ପ୍ରତିବର୍ଷ ତ୍ରିଦିବସୀୟ ନାଟକ ମହୋତ୍ସବ ଆୟୋଜନ କରି ଉପାନ୍ତ ଅଞ୍ଚଳର ଦର୍ଶକଙ୍କୁ ନାଟକ ପ୍ରତି ଆକର୍ଷିତ କରାଇ ପାରିଛନ୍ତି। ନାଟକ ପାଇଁ ସୁନେଲୀ ସ୍ୱପ୍ନ ଦେଖୁଥିବା ନାଟ୍ୟକାର ମହାରଣାଙ୍କ ପ୍ରତିଟି ନାଟକ ବେଶ ହୃଦୟସ୍ପର୍ଶୀ ଓ ଦର୍ଶକାଦୃତ। ଏଥିପାଇଁ ସେ ବିଭିନ୍ନ ନାଟ୍ୟ ଅନୁଷ୍ଠାନରୁ 'ଶ୍ରେଷ୍ଠ ନାଟ୍ୟକାର' ଭାବେ ସମ୍ବର୍ଦ୍ଧିତ। ସମ୍ପ୍ରତି ଓଡ଼ିଶା ନାଟ୍ୟସଂଘ ଦ୍ୱାରା କୋରାପୁଟ ସାଂସ୍କୃତିକ ପରିଷଦ ରଙ୍ଗମଞ୍ଚରେ ଆୟୋଜିତ ଦକ୍ଷିଣାଞ୍ଚଳ ନାଟ୍ୟ ମହୋତ୍ସବରେ ଅଧ୍ୟାପକ ତଥା ବିଶିଷ୍ଟ ନାଟ୍ୟକାର ଗୋପାଳ ମହାରଣାଙ୍କୁ 'ଶାବର ଶ୍ରୀକ୍ଷେତ୍ର ନାଟ୍ୟ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କର ସମଗ୍ର ନାଟ୍ୟକୃତିକୁ ଆଧାର କରି ଓଡ଼ିଶା ନାଟ୍ୟସଂଘ ଏହି ସମ୍ବର୍ଦ୍ଧନା ପ୍ରଦାନ କରିଅଛି।

# ମା' ପାଟଣମଙ୍ଗଳା ପୀଠରେ ବୁଡ଼ ପକାଇଲେ ପାଟୁଆ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ଅଧିନ ଛତ୍ରପଦା ଗ୍ରାମ ସ୍ଥିତ ଐତିହାସିକ ମା' ପାଟଣମଙ୍ଗଳା ପୀଠ ପଣାସଂକ୍ରାନ୍ତି ପାଇଁ ଉତ୍ସବମୁଖର ହୋଇଛି। ଏହି ପରିପ୍ରେକ୍ଷୀରେ ମା'ଙ୍କ ପୀଠ ସ୍ଥିତ ମଙ୍ଗଳା ପୋଖରୀରେ ହଜାର ହଜାର ପାଟୁଆ ବୁଡ଼ ପକାଇଥିଲେ। ପରେ ସେଠାରେ ପାଟୁଆ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପାଟୁଆଙ୍କ ନୃତ୍ୟରେ କମ୍ପିଥିଲା ମା'ଙ୍କ ପୀଠସ୍ଥଳ। କନିକା ଅଞ୍ଚଳର ଏହି ଅଧିଷ୍ଠାତ୍ରୀ ଦେବୀଙ୍କ ଯାତ୍ରା ୭ ଦିନ ଧରି ଅନୁଷ୍ଠିତ ହେବ। ତେବେ ସୋମବାର ପଣାସଂକ୍ରାନ୍ତି ଉପଲକ୍ଷେ ଜିଲାର ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସେଠାରେ ସମାଗମ ହୋଇଥିଲା। ସଂକ୍ରାନ୍ତି ପୂର୍ବଦିନ ପାଟୁଆମାନେ ମା'ଙ୍କ ନିକଟରେ ଉଜାଗର ରହି ଅଧିଆ ପଡ଼ିଥିଲେ। ସକାଳେ ପାଦୁକ ପାଇବା ପରେ ଆଜ୍ଞାମାଳ ନେଇ ମଙ୍ଗଳା ପୋଖରୀରେ ବୁଡ଼ ପକାଇଥିଲେ। ପରେ ମା'ଙ୍କ ବେତ ପୂଜା ହେବା ପରେ ପାଟୁଆମାନେ ପଇତା ଧାରଣ କରିଥିଲେ। ସେମାନେ ରାତିସାରା ଉଜାଗର ରହି ମା'ଙ୍କ



ବେଢ଼ାରେ ଦୀପ ଜାଳିଥିଲେ। ସଂକ୍ରାନ୍ତି ଦିନ ପୂର୍ବାହ୍ନରେ ପାଟୁଆମାନେ ମା'ଙ୍କ ପାଖରୁ ଆଶୀର୍ବାଦ ନେଇ ମଙ୍ଗଳା ପୋଖରୀକୁ ୭ ଥର ପରିକ୍ରମା କରିଥିଲେ। ପରେ ସେମାନେ ମା'ଙ୍କ ପାଦୁକା ପାଇ ବୁଡ଼ ପକାଇ ବ୍ରତ ପୂରଣ କରିଥିଲେ। ଏହି ମେଳାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ୨ହଜାରରୁ ଊର୍ଦ୍ଧ୍ୱ ବ୍ୟବସାୟୀ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ ଖୋଲିଛନ୍ତି। ଚଣା, ପଣା ଓ ବିଞ୍ଚଣାର ପର୍ବ ଭାବେ ଏହି ଯାତ୍ରା ଜିଲ୍ଲାରେ ପ୍ରସିଦ୍ଧିଲାଭ କରିଛି। କାରଣ ଯାତ୍ରୀମାନଙ୍କୁ ଏଠାରେ ପଣା ଯୋଗାଇ ଦିଆଯିବା ସହ ଯାତ୍ରୀମାନେ ଚଣା ଓ ବିଞ୍ଚଣା ନେଇ ମା'ଙ୍କୁ ଦର୍ଶନ କରି ଘରକୁ ଫେରିଥାନ୍ତି। ଏହି ପୀଠରେ ସପ୍ତାହ ବ୍ୟାପି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ପ୍ରତ୍ୟେକ ଦିନ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କର ସେଠାରେ ସମାଗମ ହେବ। ମେଳାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୀରହାଟ ଥାନା ଅଧିକାରିଣୀ ରୋଜାଲିନଙ୍କ ତତ୍ତ୍ୱାବଧାନରେ ପୋଲିସ ମୁତୟନ ହୋଇଛି।

# ଅଧ୍ୟାପକ ଡ. ବିଶ୍ୱନାଥ ପାଣିଗ୍ରାହୀଙ୍କୁ ଘୁମୁସର ସ୍ୱର ପ୍ରତିଭା ସମ୍ମାନ

ଚିକିଟି, (ଭାସ୍କର ନ୍ୟୁଜ୍): ଚିକିଟି ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଅଧ୍ୟାପକ ତଥା ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ରର ବରିଷ୍ଠ ସାମୟିକ ଉଦ୍‌ଘୋଷକ ଡକ୍ଟର ବିଶ୍ୱନାଥ ପାଣିଗ୍ରାହୀଙ୍କୁ ନିଜର ବହୁମୁଖି ପ୍ରତିଭା ସକାଶେ ଘୁମୁସର ସ୍ୱର ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ ହେବାର ଗୌରବ ହାସଲ କରିଛନ୍ତି। ଗଞ୍ଜାମ ଜିଲ୍ଲା ବାଲିପଦର ଫ୍ରେଣ୍ଡସ୍ କ୍ଲବ୍ ଠାରେ ଆୟୋଜିତ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ଘୁମୁସରର ସ୍ୱରର ୧୪୮ତମ ଚୈତ୍ର ପୂର୍ଣ୍ଣିମା ସାହିତ୍ୟ ଆଲୋଚନା ଓ ଭଞ୍ଜ ଜୟନ୍ତୀ କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ସାହିତ୍ୟ ଅନୁଷ୍ଠାର ସଭାପତି ତଥା ପ୍ରାକ୍ତନ ଅଧକ୍ଷ ଡକ୍ଟର ବି. ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି



କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧକ୍ଷ ଡକ୍ଟର କୃତିବାସ ବିଶ୍ୱାଳ, ସଞ୍ଜୀବ କୁମାର ପାତ୍ର, ଜୟନ୍ତୀ ପଡ଼ିଆରି, ସନ୍ତୋଷ କୁମାର ଜେନା, ଦେବଦତ୍ତ ରଣା, ବିପ୍ରଚରଣ ପାତ୍ର, ଅନନ୍ତ କର, ଅନୁପ ବାନାର୍ଜୀ, ଲିଙ୍ଗରାଜ ଦାସ ପ୍ରମୁଖ ମଞ୍ଚାସିନ ରହି ଡକ୍ଟର ପାଣିଗ୍ରାହୀଙ୍କୁ ଘୁମୁସର ସ୍ୱର ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ଏଥି ସହ ଚିକିଟି ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଭବାନୀ ପ୍ରସାଦ ପଣ୍ଡା, ଅଧ୍ୟାପକ ଓକର୍ମଚାରୀ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ମଞ୍ଚ ଉପସ୍ଥାପକ ତଥା ସଂସ୍କୃତି ପୁରୁଷ ହୃଷୀକେଶ ପାଣିଗ୍ରାହୀ, କଳିଙ୍ଗ ଟିଭିର ଦକ୍ଷିଣ ଓଡ଼ିଶା ବ୍ୟୁରୋ ଚିଫ୍ ପ୍ରକାଶ ପଟ୍ଟନାୟକ, ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ଶ୍ରୀମନ୍ତ ପଟ୍ଟନାୟକ ଓ ଉପସ୍ଥାପକ ବୃନ୍ଦ, ଗଞ୍ଜାମ ଜିଲ୍ଲାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସାହିତ୍ୟ ପ୍ରେମୀ, ସାମ୍ବାଦିକ ବନ୍ଧୁ ପ୍ରମୁଖ ଡକ୍ଟର ପାଣିଗ୍ରାହୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ବାରହା ଆକ୍ରମଣରେ ମହିଳା ଗୁରୁତର

କୃଷ୍ଣପ୍ରସାଦ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ପାଇକରାପୁର ଗ୍ରାମର ଭରତ ବାରିକଙ୍କ ସ୍ତ୍ରୀ ମାନଶୀ ବାରିକ ଜଙ୍ଗଲୀ ବାରାହ ଆକ୍ରମଣରେ ଆକ୍ରାନ୍ତ ହୋଇଛନ୍ତି। ସେ ସକାଳୁ ବାଦାମ ଜମିକୁ ଯିବା ସମୟରେ ଜଙ୍ଗଲୀ ହିଂସ୍ର ବାରହା ହଠାତ ୫୭ବର୍ଷୀଆ ମାନଶୀଙ୍କୁ ଆକ୍ରମଣ କରି ତାଙ୍କୁ ରକ୍ତାକ୍ତ କରିଦେଇଥିଲା। ଏ ସମ୍ବନ୍ଧରେ ଖବର ପାଇ ପରିବାର ଲୋକ ବୃଦ୍ଧ ମହିଳାଙ୍କୁ ବାଦାମ ଜମିରୁ ଉଦ୍ଧାର କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବା ଯୋଗୁଁ ବ୍ରହ୍ମପୁର ବଡ଼ ମେଡିକାଲକୁ ତାଙ୍କୁ ସ୍ଥାନାନ୍ତର କରାଯାଇଛି। ସେଠାରେ ମହିଳା ଜଣକ ଚିକିତ୍ସିତ ହେଉଛନ୍ତି। ମାନଶୀ ବାରିକ ୫୭ବର୍ଷୀଆ ମହିଳାଙ୍କ ସ୍ୱାମୀ ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ମାନଶୀ ବୃଦ୍ଧାବସ୍ଥାରେ ପରିବାର ପ୍ରତିପୋଷଣ କରୁଥିଲେ। ବର୍ତ୍ତମାନ ବାରିବାର ଚଳିବା ଚିନ୍ତାର କାରଣ ପାଲଟିଛି। ସେ ପରିବାରର ମେରୁଦଣ୍ଡ ସଦୃଶ୍ୟ ଥିଲେ। ସେହି ପରିବାରକୁ ସରକାରଙ୍କ ତରଫରୁ ସହଯୋଗ କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି।

# ହନୁମାନ ଜୟନ୍ତୀ ଓ ଯାତ୍ରା ପାଳିତ

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ଓଡ଼ିଆ ନବ ବର୍ଷ, ପଣା ସଂକ୍ରାନ୍ତି ଯାତ୍ରା ସାଙ୍ଗକୁ ହନୁମାନ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଥିବା ଦେଖିବାକୁ ମିଳିଥିଲା। ପରଜଙ୍ଗ ପଞ୍ଚାୟତ ଅଧିନସ୍ଥ ଜହ୍ନାପଡ଼ା ଗ୍ରାମର ହନୁମାନ ଜୟନ୍ତୀ ପାଳନ ଅବସରରେ କଳସ ଯାତ୍ରା ହୋଇଥିବା ବେଳେ ୪ ଦିନ ବ୍ୟାପି ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି। ସେହିପରି ବ୍ଲକର ନୟାକୁଆଁଳୁ ଗ୍ରାମରେ ହନୁମାନ ଜୟନ୍ତୀ ଅବସରରେ କଳସ ଯାତ୍ରା କରାଯାଇଥିବା ବେଳେ ଅପରାହ୍ନ ସମୟରେ ବିଶାଳ ପଟୁଆର ଶୋଭାଯାତ୍ରା କରାଯାଇଥିଲା। କନ୍ତୋର ଗ୍ରାମର ବହୁ ବର୍ଷର ପରମ୍ପରା ଅନୁଯାୟୀ ଚଳିତ ବର୍ଷ ମହାଆଡମ୍ବର ସହକାରେ ଯାତ୍ରା ଅନୁଷ୍ଠିତ ହୋଇଥିଲା।



ମୁକ୍ତାପସିରେ ଅରଟି ଯାତ୍ରା ସହିତ କଙ୍କିଳି, ପଥରଖମ୍ବ ରେ ପଣା ସଂକ୍ରାନ୍ତି ଯାତ୍ରା ଓ ବାରିହାପୁର ଗ୍ରାମରେ ଏହି ପର୍ବ ଧୁମଧାମରେ ପାଳିତ ହୋଇଯାଇଛି। ତତ୍ ସହିତ ପରଜଙ୍ଗରେ ହନୁମାନଙ୍କ ଜୟନ୍ତୀ ପାଳିତ ସହ ଶ୍ରୀରାମ ଚରିତ ମାନସ ନବାହ୍ନ ପରାୟଣ ହୋଇଥିବା ବେଳେ, ବ୍ଲକର ବିଭିନ୍ନ ସ୍ଥାନରେ ରହିଥିବା ହନୁମାନଙ୍କ ମନ୍ଦିର ପରିସର ଦର୍ଶକ ମାନଙ୍କ ଭିଡ଼ରେ ଚଳଚଞ୍ଚଳ ଦେଖିବାକୁ ମିଳିଥିଲା।

## ମହା ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଇଁ ତିହିଡ଼ି ଅଞ୍ଚଳ ଉତ୍ସବମୁଖର

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଅଞ୍ଚଳ ମହା ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉପଲକ୍ଷେ ଉତ୍ସବ ମୁଖର ହୋଇଛି। ବିଶେଷତଃ ମହା ବିଷୁବ ସଂକ୍ରାନ୍ତି ପାଇଁ ବିଭିନ୍ନ ଦେବୀପୀଠରେ ପାଟୁଆଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ କୋହ୍ଲ ପଞ୍ଚାୟତ ମା' ସାହାଡ଼ାଶୁଣୀଙ୍କ ପୀଠରେ



ପାଟୁଆଙ୍କ ଝୁଣାଖିଆ ଏକ ନିଆରା ପରମ୍ପରା ଅଟେ। ସେହିପରି ହନୁମାନ ଜୟନ୍ତୀ ଉପଲକ୍ଷେ ବିଭିନ୍ନ ସ୍ଥାନରେ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଇଛି। କେତେକ ଗ୍ରାମରେ ପରମ୍ପରା ଅନୁସାରେ ଦେବୀପୀଠକୁ ମାଟିଘୋଡ଼ା ଦିଆଯାଇଥିବା ବେଳେ ମା' ବୃନ୍ଦାବତୀଙ୍କ ଉପରେ ମାଟି ଠେକି ବନ୍ଧାଯାଇ ପଣା ଓ ଜଳ ଅର୍ପଣ କରାଯାଇଛି। ତିହିଡ଼ି ବ୍ଲକର ରାଣୀପୁରରେ ଶ୍ରୀ ହନୁମାନ ଓ ମା' ତାରିଣୀ, ନୂଆନନ୍ଦ ଗ୍ରାମରେ ମା' କଣ୍ଟି ମଙ୍ଗଳା, ଭାଟପଡ଼ା ପାଟଣାସାହି ମା' କ୍ଷେତ୍ରପାଳ ମଙ୍ଗଳା, ଭାଟପଡ଼ା ମା' ତାରିଣୀ, ଫତେପୁର ଛକ ମା' ତାରିଣୀ, ଈଶ୍ୱରପୁର ମା' ଦପା ନାୟକାଣୀ, କାଁପଡ଼ା ଓ ଦହପାଣିଆରେ ମା' ବାସୁଳି, ତିହିଡ଼ି, କମାରିଆ ପଣ୍ଡାପୋଖରୀ ଛକ ମା' ତାରିଣୀ, ତିହିଡ଼ି ଡାକ୍ତରଖାନା ପରିସର, ତିହିଡ଼ି ତହସିଲ ପରିସର, ମୂଷାଙ୍ଗ, କୋହ୍ଲ, ଫତେପୁର, କମାରିଆ, ଆରୁହା, ସିନ୍ଦୋଳ, ପୀରହାଟ, ଗଦି, ସାହାପୁର, ଦୋସାହି, ଗୁଆମାଳ, ବାରସର, ତିଆଡ଼ିସାହି, ବୋଡ଼କ, ବିଲଣା, କୁବେରା ଆଦି ବିଭିନ୍ନ ସ୍ଥାନରେ ଶ୍ରୀ ହନୁମାନ ଓ ମା' ତାରିଣୀଙ୍କ ପୂଜାର୍ଚ୍ଚନା କରାଯାଇଥିବା ବେଳେ ସେହିସବୁ ଅଞ୍ଚଳ ଉତ୍ସବମୁଖର ହୋଇଛି।

# ବିଜୁ ଜନତା ଦଳର ନୂତନ ଜିଲ୍ଲା ସଭାପତି ହେଲେ ମାନସ ମାଡକାମୀ

ମାଲକାନାଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସଙ୍ଗଠନକୁ ସୁଦୃଢ ଓ ତୃଣମୂଳ ସ୍ତରରେ ମଜବୁତ୍ କରିବା ପାଇଁ ୫'ମ ଥର ପାଇଁ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା ସଭାପତି ଭାବେ ପୂର୍ବତନ ବିଧାୟକ ମାନସ ମାଡକାମୀ ନବନିଯୁକ୍ତି ପାଇଥିବାରୁ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର କର୍ମକାର୍ତ୍ତାଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ସୋମବାର ବିଜୁ ଜନତା ଦଳ ତରଫରୁ ନବ ନିଯୁକ୍ତ ବିଜେଡି ଜିଲ୍ଲା ସଭାପତି ମାନସ ମାଡକାମୀଙ୍କୁ ଗୋବିନ୍ଦପାଲ୍ଲୀ, ମାଥିଲି, ପାଣ୍ଡ୍ରିପାଣି ଓ ମାଲକାନଗିରି ଭୈରବୀ ମନ୍ଦିର ଠାରେ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଗଲା। ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଭୈରବ ମନ୍ଦିର ଠାରୁ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା ସହ ଏକ



ଶୋଭାଯାତ୍ରାରେ ସହର ପରିକ୍ରମା କରି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଯିଏ ଆମ ଦେଶକୁ ଗୋଟିଏ ଛାତ ତଳେ ଏକ କରି ରଖିଛନ୍ତି ସେହି ମହାନ ଜନନାୟକ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ପରେ ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଛନ୍ତି ନୂତନ ସଭାପତି ମାନସ ମାଡକାମୀ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବରିଷ୍ଠ ନେତା ଗୋପାଳ କୃଷ୍ଣ ପଣ୍ଡା, ଜିଲ୍ଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲ, ବିଜେଡି ନିର୍ବାଚନ ଅଧିକାରୀ ଘନଶ୍ୟାମ ମାଡକାମୀ, ପୌର ପରିଷଦ ଅଧକ୍ଷ ମନୋଜ କୁମାର ବାରିକ, ପୌର ଉପାଧକ୍ଷା କବିତା ମହନ୍ତ, ମାଲକାନଗିରି ବ୍ଲକ ଅଧକ୍ଷା ଗୌରୀ ପଡ଼ିଆମୀ, କରୁକୋଣ୍ଡା ବ୍ଲକ ଅଧକ୍ଷ ଜିତୁ ବୁରୁଡ଼ି, ସମସ୍ତ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ବରିଷ୍ଠ ବିଜେଡି ନେତା ଲମ୍ବଧର ତୁରୁକ, ବାବୁଲା ସାହୁ, ଏସ୍. ପ୍ରଭା, ଉଦୟ ମାଦ୍ରୀ, ଏମ୍‌ଡି ଫାରୁକ, ପ୍ରଫୁଲ୍ଲ ପଣ୍ଡା, ଡନେଲ ପୋଟଲା ପ୍ରମୁଖଙ୍କ ସହ ବିଜୁ ଜନତା ଦଳର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମାନ୍ୟବର ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପୁନର୍ବାର ଜିଲ୍ଲା ସଭାପତି ଭାବେ ନିଯୁକ୍ତି ଦେଇଥିବାରୁ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ସାମାଜିକ ସେବାରେ ଅଗ୍ରଣୀ 'ପ୍ରତୀକ'


ବାରିପଦା,(ଭାସ୍କର ନ୍ୟୁଜ୍): ଅତିରିକ୍ତ ଜିଲ୍ଲାପାଳ ଦେବଉର ବିଭାଗ ମୟୂରଭଞ୍ଜ ଦୟାସିନ୍ଧୁ ପରିଡ଼ା ଫିତାକାଟି ଷ୍ଟଲ୍ ଶୁଭ ଉଦଘାଟନ କରିବା ସହିତ ପଣା ମଧ ବଣ୍ଟନ କରିଛନ୍ତି। ସକାଳ ୧୦:୩୦ ମିନିଟ୍ ସମୟରେ ଶୁଭାରମ୍ଭ ପରେ, ଉକ୍ତ ପଣା ବଣ୍ଟନ କାର୍ଯ୍ୟକ୍ରମରେ ପ୍ରତୀକ ଅର୍ଗନାଇଜେସନ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ଆମ ଓଡ଼ିଶାର ଏକ ଅନନ୍ୟ ପରମ୍ପରା, ଯେଉଁ ପରମ୍ପରା ଆମ ଧର୍ମୀୟ ଭାବନା ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ। ସେଥିପାଇଁ ଏଇ ପଣା, ସରବତ୍, ଥଣ୍ଡାପାନୀୟ ବଣ୍ଟନ କାର୍ଯ୍ୟକ୍ରମକୁ ମୟୂରଭଞ୍ଜର ଆରାଧ୍ୟ,



ବାରିପଦାର ଶ୍ରୀ ଶ୍ରୀ ହରି ବଳଦେବ ଜୀଉଙ୍କ ମନ୍ଦିର ପାଖରେ ଆୟୋଜନ କରାଯାଇଥିଲା। ଯଦ୍ୱାରା ଉଭୟ ପଥଚାରୀ ଓ ଜଗନ୍ନାଥଙ୍କ ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ସେବା ସୁରୁଖୁରୁରେ ହୋଇପାରିବ। ଉକ୍ତ ଜଳସେବା ଲୋକଙ୍କୁ ତୃପ୍ତି ପ୍ରଦାନ କରିଥିବା ତୃଷାର୍ତ୍ତ ଲୋକେ ପ୍ରକାଶ କରିବା ସହିତ ପ୍ରତୀକ ଅର୍ଗନାଇଜେସନ୍‌ର ସଦସ୍ୟମାନଙ୍କର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ପ୍ରତୀକ ଅର୍ଗନାଇଜେସନ୍‌ର ପ୍ରତିଷ୍ଠାତା ପ୍ରତିମା ବାରିକ ଓ ସଂଗଠନର ମୁଖ୍ୟ ପରିଚାଳକ ପ୍ରବୀର କୁମାର ବାରିକଙ୍କ ଉତ୍ସାହ ଓ ପ୍ରେରଣାରେ ଉକ୍ତ କାର୍ଯ୍ୟକ୍ରମକୁ ସଭାପତି ରାଜୀବ ସାହୁ ଆୟୋଜନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ସୁକାନ୍ତ ଜୀଉ, ଏମସିଡିଏର ଜିଲ୍ଲା ସଭାପତି ସରୋଜ ସାହୁ, ଲମ୍ବୋଦର ମହାନ୍ତି, ଡ. କିଶୋର ପାତ୍ର, ସବ୍ୟସାଚୀ ବାରିକ, ଅଜୟ ବାରିକ, ବିଜୟଲକ୍ଷ୍ମୀ ବାରିକ, ଦିଲ୍ଲିପ ଦାସ, ରାଜଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ବେଶ୍ ସୁନ୍ଦର ଓ ଶୃଙ୍ଖଳିତ ଭାବରେ ଦିବସ ବ୍ୟାପୀ ପଣା ବଣ୍ଟନ କରାଯାଇଛି।

## ଡାକ୍ତର ଭୀମରାଓ ଆମ୍ବେଦକର ଜୟନ୍ତୀ ପାଳିତ

କଣିହାଁ, (ଭାସ୍କର ନ୍ୟୁଜ୍): ଭାରତୀୟ ଜନତା ପାର୍ଟି କଣିହାଁ ମଣ୍ଡଳ ତରଫରୁ କଣିହାଁ ପଞ୍ଚାୟତ ରାଜିବ ଗାନ୍ଧୀ ଭବନ ଠାରେ ମଣ୍ଡଳ ସଭାପତି ସୁଶାନ୍ତ କୁମାର ସାମଲଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡାକ୍ତର ବାବା ଭୀମରାଓ ସାହେବ ଆମ୍ବେଦକରଙ୍କ ୧୩୫ ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଥିଲା। ଡକ୍ଟର ଭୀମରାଓ ଆମ୍ବେଦକରଙ୍କୁ ତାଙ୍କ ଜୟନ୍ତୀ ଅବସରରେ ସାଦର ପ୍ରଣାମ। ସମୟ ବିତିବା ସହିତ ଡକ୍ଟର ଆମ୍ବେଦକରଙ୍କ ଜୀବନ ଓ ଦର୍ଶନର ପ୍ରାସଙ୍ଗିକତା ବଢ଼ିଛି। ଅଧିକାର ଓ ଦାବି ହାସଲ ଦିଗରେ ତାଙ୍କର ଶିକ୍ଷା ଓ ଦର୍ଶନ ଆଜି ଲୋକଙ୍କ ପାଇଁ ମାର୍ଗଦର୍ଶିକା ଭାବେ କାର୍ଯ୍ୟକରୁଛି। ଭାରତରେ ସାମାଜିକ ନ୍ୟାୟ ପ୍ରତିଷ୍ଠା ଦିଗରେ ସେ ଥିଲେ ଅଗ୍ରଦୂତ। ସେହି ମହାମନୀଷିଙ୍କ ଜନ୍ମ ଜୟନ୍ତୀରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଲୁ। ଏହି ଅବସରରେ ରାଜ୍ୟ



ପରିଷଦ ସଭ୍ୟ ସଚ୍ଚିଦାନନ୍ଦ ପ୍ରଧାନ, ଜିଲ୍ଲା ପ୍ରତିନିଧି ତଥା ବରିଷ୍ଠ ବିଜେପି ନେତା ଲୋକନାଥ ସାହୁ, ପୂର୍ବତନ ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକ, ବିଜେପି ଯୁବ ନେତା ଡିଲେଶ୍ୱର ବେହେରା, ସିପୁନ ବେହେରା, ରମେଶ ସାମଲ, ବିଟା ସାହୁ, ଅଧର ସାହୁ, ହରମୋହନ ସାହୁ, ହରିହର ପ୍ରଧାନ, ଶଙ୍କର ଗୋଛାୟତ, ପରମାନନ୍ଦ ପରିଡା ଏବଂ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ପଦ ଖାଲି

ବେତନଟୀ, (ଭାସ୍କର ନ୍ୟୁଜ୍): ନିକଟ ଅତୀତରେ ପିଲାଙ୍କ ପରୀକ୍ଷା ସରିବା ସହିତ ନୂତନ ଶିକ୍ଷାବର୍ଷ ଆରମ୍ଭ ହେବାକୁ ଯାଉଛି। ସରକାରି ସ୍କୁଲ୍‌ର ବିଲ୍ଡିଂ, ପାଚେରୀ, ଗେଟ ଚକାଚକ ହୋଇଛି। ଅନ୍ୟ ପକ୍ଷରେ ଅଭିଭାବକମାନେ ଘରୋଇ ସ୍କୁଲ ପ୍ରତି ଅଧିକ ନିର୍ଭରଶୀଳ ହୋଉଛନ୍ତି। ଘରୋଇ ସ୍କୁଲ ଗୁଡିକ ଭିତ୍ତିଭୂମି ଠିକ ନଥିଲେ ମଧ୍ୟ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଅଧୀକ ଯତ୍ନବାନ ଅଛନ୍ତି ବୋଲି ଅଭିଭାବକମାନେ ଭାବୁଛନ୍ତି। ଏହି ବିଷୟକୁ ତର୍ଜମା କରିବାକୁ ଯାଇ ବେତନଟୀ ବ୍ଲକର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କେତେକ ତଥ୍ୟ ନେବାରୁ ଜଣାଯାଏ ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ଦ୍ୱାରା ପ୍ରତିବନ୍ଧକ ରହିଛି। ପିଲାମାନଙ୍କ ସଂଖ୍ୟା ଓ ଶ୍ରେଣୀ ସଂଖ୍ୟାକୁ ଦେଖିଲେ ବହୁ ଶିକ୍ଷକ ଓ ପ୍ରଧାନଶିକ୍ଷକ ପଦ ଖାଲିରହିଛି। ବେତନଟୀ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ୧୦୯ଟି ପ୍ରାଥମିକ ବିଦ୍ୟାଳୟ ଥିବାବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୫୬ଟି ରହିଛି। ଏହି ବିଦ୍ୟାଳୟରେ ୧୩୮୩୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହି ପିଲାମାନଙ୍କୁ ପାଠ ପଢାଇବା ପାଇଁ ୫୭୯ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ନୀୟଜିତ ଅଛନ୍ତି। ଏହି ବିଦ୍ୟାଳୟ ମାନଙ୍କରେ ପିଲାମାନଙ୍କୁ ପାଠ ପଢାଇବା ପାଇଁ ବହୁତ ଶିକ୍ଷକଶିକ୍ଷୟିତ୍ରୀ ଓ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ପଦ ଖାଲି ରହିଛି। ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ୨୦୨୫ମାର୍ଚ୍ଚ ମାସ ମଧ୍ୟରେ ୮୩ଟି ପଦ ଖାଲିଥିବା ବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରାଧାନଶିକ୍ଷକ ୪୭ଟି ପଦ ଖାଲିଥିବା ଜଣାପଡିଛି। ପ୍ରଧାନଶିକ୍ଷକ ବ୍ୟତୀତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ୫୧ରୁ ଊର୍ଦ୍ଧ୍ୱ ପଦ ଖାଲି ରହିଥିବା ଜଣାପଡିଛି। ସରକାର ୩୦ ଜଣ ପିଲା ପ୍ରତି ଜଣେ ଶିକ୍ଷକ ନିଯୁକ୍ତି କରିବାର ନିୟମ ରଖିଥିଲେ ମଧ୍ୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୮ଟି ଶ୍ରେଣୀ ଓ ବାଲବାଟିକା ଶ୍ରେଣୀ ରହିଛି। ପିଲା ହାର ଅନୁଯାଇ ଶିକ୍ଷକ ନିଯୁକ୍ତି କଲେ ମଧ୍ୟ ୯ଟି ଶ୍ରେଣୀ ପାଇଁ ଠିକ ଭାବରେ ଶିକ୍ଷାଦାନ ହୋଇପାରିବ ନାହିଁ। ଏଭଳି କ୍ଷେତ୍ରରେ ବେତନଟୀ ବ୍ଲକରେ କେବଳ ସରକାର ନିୟମ ଅନୁଯାଇ ଖାଲି ପଡିଥିବା ଶିକ୍ଷକ ପଦବୀ ରେ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ନହେଲେ କିଭଳି ଗୁଣାତ୍ମକ ଶିକ୍ଷା ହୋଇପାରିବ ବୋଲି ଅଭିଭାବକ ମହଲରେ ପ୍ରଶ୍ନ ଉଠୁଛି। ଏଭଳି ଅବସ୍ଥାରେ ଶିକ୍ଷକ ପଦବୀ ଖାଲି ରହିଥିଲେ ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ଆଳ ଦେଖାଇ ନିଜ ଘର ନିକଟ ବିଦ୍ୟାଳୟକୁ ଯିବା ପାଇଁ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ନିକଟରେ ଆବେଦନ କରୁଛନ୍ତି। ବେତନଟୀ ବ୍ଲକରେ ଅବସ୍ଥା ଏମିତି ହେଇଥିବା ବେଳେ ଅନ୍ୟ ଜିଲ୍ଲା ଓ ବ୍ଲକର ଅବସ୍ଥା କିଭଳି ଥିବ ତାହା ସାଧାରଣରେ ପ୍ରଶ୍ନବାଚି ସୃଷ୍ଟିକରିଛି।

# ଆମ୍ବେଦକରଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଉନ୍ମୋଚିତ

ଚନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ଚନ୍ଦାହାଣ୍ଡି ବ୍ଲକ ସଦର ମହକୁମା ଠାରେ ଭାରତ ରତ୍ନ ବାବା ସାହେବ ଡ. ଭୀମ ରାଓ ଆମ୍ବେଦକରଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ପାନାବେଡା ଆମ୍ବେଦକର ମଞ୍ଚ ଆନୁକୂଲ୍ୟରେ ଏକ ବିରାଟ ଶୋଭାଯାତ୍ରାରେ ଶତାଧିକ ଆମ୍ବେଦକର ପ୍ରେମୀ ଚନ୍ଦାହାଣ୍ଡି ହାଟପଦା ଠାରୁ ବାଜାବାଜଣା ସହ ସଭାସ୍ଥଳକୁ ପହଞ୍ଚିଥିଲେ। ଏହାପରେ ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ଆମ୍ବେଦକରଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଆମ୍ବେଦକର ଯୁବକ ସଂଘ ସଭାପତି କ୍ଷେମରାଜ ବାଘଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଆମ୍ବେଦକର ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଅବସରପ୍ରାପ୍ତ ଅତିରିକ୍ତ ମୃତିକା ସଂରକ୍ଷଣ ଅଧିକାରୀ ପ୍ରକାଶ ଚନ୍ଦ୍ର ନାଗ, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ସୁମିତ୍ରା ପୂଜାରୀ, ଉପାଧକ୍ଷ ବାସୁଦେବ ଗୌଡ଼, ଗଣ୍ଡା ସମାଜ ସଭାପତି ନରେଶ୍ୱର ବେଶ୍ରା, ସନ୍ତୋଷ କୁମାର ଜଗତ, ଲଛମନ ମାଝୀ ସୁଲତାନ ଅଲ୍ଲୀ, ପୁରୁଷୋତ୍ତମ ପାରୀ, ଭଗବାନ ବୈରାଗୀ, ଦେବରାଜ ନାଗ, ଗୌରହରୀ ନାୟକ, ରାଜେଶ ଜାନି, ପ୍ରମୁଖ ମଞ୍ଚାସିନ ହୋଇଥିଲେ। ମାଝୀ ଆମ୍ବେଦକରଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଚନ୍ଦାହାଣ୍ଡି ଠାରେ ମହାମାନବ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇ ଏ ଅଞ୍ଚଳର ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଶୁଭଶ୍ରୀ ଗନ୍ତାୟତ ଓ ସନ୍ତୋଷ ଖମାରୀ ପରିଚାଳନା କରିଥିବା ବେଳେ ରଜତ ଜଗତ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଚନ୍ଦ୍ରଧ୍ୱଜ ଡଙ୍ଗରି, କୃଷ୍ଣ ଜାନି, ହର ପୂଜାରୀ, ପ୍ରଶାନ୍ତ ପାରୀ,ମହମ୍ମଦ ସଫିକ, ମୁରଲୀଧର ପୂଜାରୀ ପ୍ରମୁଖ ସହଯୋଗ ଥିଲେ।

# ଆଡ଼ମ୍ବର ସହକାରେ ମହା ବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ପାଳିତ

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦରମହକୁମା ସ୍ଥିତ ହନୁମାନ ମନ୍ଦିର ଠାରେ ଓଡ଼ିଆ ନବବର୍ଷ ବା ମହା ବିଷୁବ ସଂକ୍ରାନ୍ତି ଧୁମ୍‌ଧାମରେ ପାଳନ ହୋଇଯାଇଛି। ଏହି ଅବସରରେ ହନୁମାନ ମନ୍ଦିର ରେ ଯଥା ରୀତି ଅନୁସାରେ ପୂଜା ହୋମ ଯଜ୍ଞ ହନୁମାନ ଚାଳିଶା ଆଦି ପଠନ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟକବର୍ଷ ଭଳି ରାଇଘର ସତ୍ୟ ସାଇ ସେବା ସମିତି ପକ୍ଷରୁ ଦିନ ତମାମ ପଣା ବଣ୍ଟନ କରାଯାଇଥିଲା। ହନୁମାନ ମନ୍ଦିରରେ ଦିନ ୧ଟା ସମୟରେ ପ୍ରସାଦ ସେବନ ବ୍ୟବସ୍ଥା ସହ ସନ୍ଧ୍ୟା ଆଳତି ପରେ ପଣା ବଣ୍ଟନର ବ୍ୟବସ୍ଥା ହୋଇଥିଲା। ଓଡିଆ ନବବର୍ଷ ଉପଲକ୍ଷେ ସନ୍ଧ୍ୟା ସମୟରେ ଶୋଭାଯାତ୍ରା ସହ ନଗର ପରିକର୍ମା କରିଥଲେ। ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଥିଲା। ସେହିପରି ବ୍ରାହ୍ମଣ ସମାଜ ତରଫରୁ ଓଡିଆ ନୂଆଁ ବର୍ଷ ଉପଲକ୍ଷେ ଜଗନ୍ନାଥ ମନ୍ଦିର ଠାରେ ସନ୍ଧ୍ୟା ସମୟରେ ୧୦୦୮ ଦ୍ୱୀପ ପ୍ରଜ୍ୱୋଳନ କରାଯାଇ ଭଜନ ସମାରୋହ ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଶ୍ରୀ ଶନିଶ୍ଚର ମହାଗ୍ରହଙ୍କ ତ୍ରିଦିବସୀୟ ଜନ୍ମଉତ୍ସବ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ଏନଏସି ସ୍ଥିତ ୧୩ ନମ୍ବର ୱାର୍ଡରେ ଥିବା ଶ୍ରୀ ଶ୍ରୀ ଶନିଶ୍ଚର ମହାଗ୍ରହ ପିଠରେ ଚଳିତବର୍ଷ ତ୍ରି ଦିବସୀୟ ଜନ୍ମଉତ୍ସବ ପବିତ୍ର ସୀତା ନବମୀରେ ଅନୁଷ୍ଠିତ ହେବ। ଏଥି ନିମନ୍ତେ ପରିଚାଳନା କମିଟି ବା ଟ୍ରଷ୍ଟର ସଭାପତି ଆଇନଜୀବୀ ତ୍ରିଲୋଚନ ପତିଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଅଙ୍କୁରପାନ, ମହିଳାଙ୍କ ଦ୍ୱାରା କଳଶଯାତ୍ରା, ସାଲା ସଂସ୍କାର, ସୂର୍ଯ୍ୟ ପୂଜା, ଗ୍ରହ ପୂଜା, ଚଣ୍ଡୀ ପାଠ, ହନୁମାନ ଚାଳିଶାପାଠ, ହେବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଗଲା। ଏହି ବିଶ୍ୱଶାନ୍ତି ଗ୍ରହ ଯଜ୍ଞ ମେ ମାସ ୫ ତାରିଖରୁ ଆରମ୍ଭ ହୋଇ ମେ ୮ରେ ପୂର୍ଣ୍ଣାହୁତି ସହିତ ଯଜ୍ଞ ସମାପ୍ତ ହେବାର ସ୍ଥିରକୃତ ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ସଭାପତିଙ୍କ ସହିତ ଉପସଭାପତି କୁମାର ଦେବାଶିଷ ବେହେରା, ସମ୍ପାଦକ କର୍ଣ୍ଣାଜୁନ ସାହା, କୋଷାଧକ୍ଷ ସଚ୍ଚିଦାନନ୍ଦ ସାହା ଟ୍ରଷ୍ଟି ଅଖିଳ ଚନ୍ଦ୍ର ଗ୍ରହଚର୍ଯ୍ୟ, ଅନାଦି ଚରଣ ମହାନ୍ତି, ପ୍ରତିଭା ଦାସ, ସରୋଜିନୀ ଦାସ, ରଞ୍ଜିତା ନାଏକ, ଗୌରୀ ସେଠି ଓ ପୂଜକ କାଳିଆ ଗ୍ରହାଚାର୍ଯ୍ୟ ଉପସ୍ଥିତ ହୋଇ ଆଲେଚନାରେ ଭାଗ ନେବା ସହିତ ନିଜନିଜ ଦାୟିତ୍ୱ ଗ୍ରହଣ କରିଥିଲେ।



କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ଠକରବାପା ଆଶ୍ରମ ପରିସରରେ ଭାରତ ରତ୍ନ ବାବାସାହେବ ଡ. ଆମ୍ବେଦକର (୧୩୪)ତମ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ସ୍ୱର୍ଗତ ଗୋବିନ୍ଦ ସେଠଙ୍କ ସୁପୁତ୍ର ଅଶୋକ ସେଠଙ୍କ ଅଧ୍ୟକ୍ଷତାରେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା ଯୋଗଦେଇ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଡ. ଆମ୍ବେଦକରଙ୍କ ଜୀବନୀ ଉପରେ ବକ୍ତବ୍ୟ ଦେବା ସହ ଖୁବ ଶୀଘ୍ର ବିଧାୟକ ପାଣ୍ଠିରୁ ଆଶ୍ରମ ପରିସରରେ ଡ. ଆମ୍ବେଦକରଙ୍କର ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ କରିବା ସହ ଆଶ୍ରମ ଚତୁର୍ପାଶ୍ୱ ରେ ପାଚେରୀ ନିର୍ମାଣ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ପରେ ଆଶ୍ରମ ପରିସରରୁ ସଭ୍ୟମାନେ ଏକ ମଟର ସାଇକେଲ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ବାଉରୀ ପୋଖରୀ ଗ୍ରାମରେ ଥିବା ଡ. ଆମ୍ବେଦକରଙ୍କର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଯୋଗେଶ୍ୱରପୁର ଓ ଅସ୍ତରଙ୍ଗ ଅଭିମୁଖେ ଶୋଭାଯାତ୍ରା ଯାଇ କୁଆମ ଚଣ୍ଡୀ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଜୟନ୍ତୀ ଉତ୍ସବରେ ଆଶ୍ରମର ସଭାପତି ଜୟରାମ ମଲ୍ଲିକ, ସମ୍ପାଦକ ପ୍ରେମାନନ୍ଦ ଗୋଛାୟତ, ରାମ ଚନ୍ଦ୍ର ରଣା, ବିଦ୍ୟାଧର ଭୋଇ, ତପନ ଭୋଇ, ଅଭିରାମ ମଲ୍ଲିକ, ରାଜେଶ ଖଟୋଇ, କାଶୀନାଥ, ନରେଶ, ପ୍ରକାଶ ପ୍ରମୁଖ ଶତାଧିକ ସଭ୍ୟ ଯୋଗ ଦେଇଥିଲେ।



# ବାବାସାହେବ ଡକ୍ଟର ବି.ଆର. ଆମ୍ବେଦକରଙ୍କ ଜୟନ୍ତୀ ପାଳିତ



ବାରିପଦା, (ଭାସ୍କର ନ୍ୟୁଜ୍): ଭାରତର ସମ୍ବିଧାନ ପ୍ରଣେତା ତଥା ସାମାଜିକ ସଂସ୍କାରକ ଓ ମହାନ ରାଷ୍ଟ୍ରନୀତିଜ୍ଞ ଭାରତରତ୍ନ ବାବାସାହେବ ଡକ୍ଟର ଭୀମ ରାଓ ରାମଜୀ ଆମ୍ବେଦକର ଜନ୍ମ ଜୟନ୍ତୀ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ବାରିପଦା ପୌରପାଳିକାଙ୍କ ମିଳିତ ଆନୁକୂଲ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସୋମବାର ସକାଳ ଆଠ ଘଟିକା ସମୟରେ ବାରିପଦା ପୌରପାଳିକା ଅନ୍ତର୍ଗତ ୱାର୍ଡ ନମ୍ବର ୧୫ ପୂର୍ଣ୍ଣଚନ୍ଦ୍ରପୁର ଠାରେ ଅବସ୍ଥାପିତ ଡକ୍ଟର ବି.ଆର. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଜିଲ୍ଲା ସ୍ତରୀୟ ବାବା ସାହେବ ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜୟନ୍ତୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗର ମାନ୍ୟବର ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦା, ବାରିପଦା ପୌରପାଳିକାର ଅଧ୍ୟକ୍ଷ, କୃଷ୍ଣାନନ୍ଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ବାରିପଦା ପୌର ପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, କାଉନସିଲର ନିରୁପମା ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ କାନ୍ହା ସୋରେନ, କବି ବିଷ୍ଣୁ ଶତପଥି, ରଜନୀକାନ୍ତ ବିଶ୍ୱାଳ, ବାରିପଦା ପୌରପାଳିକାର ଅନ୍ୟାନ୍ୟ କାଉନସିଲର ବୃନ୍ଦ, ପ୍ରତିଶ୍ରୁତି ପ୍ରତିଷ୍ଠାନର ସମ୍ପାଦକ ଭାଗବତ ପ୍ରସାଦ ପଣ୍ଡା, ଅବସର ପ୍ରାପ୍ତ ପ୍ରଫେସର ସନ୍ଦୀପ କୁମାର ଚାନ୍ଦ, ଆମ୍ବେଦକର ସମିତିର ସଭାପତି /ସମ୍ପାଦକ, ସ୍ଥାନୀୟ ତ୍ରିରଙ୍ଗା କ୍ଲବର ସଭାପତି/ସମ୍ପାଦକ ଓ ସଦସ୍ୟ ବୃନ୍ଦ, ସହରର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷାନୁଷ୍ଠାନର ମୁଖ୍ୟ ତଥା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ, ବିଭିନ୍ନ ସରକାରୀ ପଦାଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ମାନେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଡ.ଆମ୍ବେଦକରଙ୍କ ଜୀବନର ଆଦର୍ଶ ଓ ମହନୀୟତା ସମ୍ବନ୍ଧରେ ସ୍ମୃତି ଚାରଣ କରି ଦୀନ ଦରିଦ୍ର ତଥା ଦଳିତ ମାନଙ୍କ ଉତଥାନ ପାଇଁ ସେ ଯେଉଁ ମହତ କାର୍ଯ୍ୟ କରି ଯାଇଛନ୍ତି ସେଥିପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ମତବ୍ୟକ୍ତ କରିବା ସହିତ ସେହି ମହାନ ରାଷ୍ଟ୍ରନାୟକ ଅଧକ୍ଷତାରେ ପ୍ରସ୍ତୁତ ଭାରତୀୟ ସମ୍ବିଧାନ ଆମ ଦେଶବାସୀଙ୍କ ପାଇଁ ଏକ ମହତ୍ତ୍ୱ ପୂର୍ଣ୍ଣ ଅବଦାନ ବୋଲି ମତ ବ୍ୟକ୍ତ କରିଥିଲେ। ଅନ୍ୟାନ୍ୟ ମଞ୍ଚାସୀନ ଅତିଥି ମାନେ ମଧ ଏହି ମହାନ ରାଷ୍ଟ୍ରନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ ଆମ ଦେଶ ପାଇଁ କାର୍ଯ୍ୟ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଡକ୍ଟର ଆମ୍ବେଦକରଙ୍କ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ଜିଲ୍ଲା ସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ବୃନ୍ଦ ମାନପତ୍ର ଓ ପୁରସ୍କାର ପ୍ରଦାନ କରି ପୁରସ୍କୃତ କରିଥିଲେ। ଏଥି ସହିତ ମାନ୍ୟବର ମନ୍ତ୍ରୀ ସ୍ଥାନୀୟ ଅଂଚଳର କିଛି ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ସଂଯୁକ୍ତ କାର୍ଡ ବଣ୍ଟନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଓ ତ୍ରିରଙ୍ଗା କ୍ଲବର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ପଣା ବଣ୍ଟନ ଓ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଚଳିତ ଏପ୍ରିଲ ମାସ ୧ ତାରିଖ ଓଡ଼ିଶା ଦିବସ ଠାରୁ ପାଳନ କରାଯାଇଥିବା ଓଡ଼ିଆ ପକ୍ଷ ଆଜି ସମାପିତ ହୋଇଛି। ସୋମବାର ଅନ୍ତିମ ଦିବସରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମହିଳା ମାନଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏଥିରେ ଭାଗ ନେଇ ସୁନ୍ଦର ରଙ୍ଗୋଲି ଓ ଚିତା ଅଙ୍କନ କରିଥିଲେ। ଓଡ଼ିଆ ନବବର୍ଷକୁ ଅଧିକ ସ୍ମରଣୀୟ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ କଚେରୀ ଛକଠାରେ ପାରମ୍ପରିକ ପଣା ଜନସାଧାରଣ ଓ ପଥଚାରୀଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ସହର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମିର୍ଦ୍ଧା ଟପ୍ପୋ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାଏକ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାୟକ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ସର୍ବଶ୍ରୀ ପୀତବାସ ମହାନ୍ତ, ରଷିକାନ୍ତ ମହାନ୍ତ, ମନୋଜ ଦାସ, ଦେବେନ୍ଦ୍ର ରାଉତରାୟ, ମାନସ ସାହୁ, ମନୋରଞ୍ଜନ ବରାଳ, ସୁରେନ୍ଦ୍ର ପ୍ରଧାନ, ପଦ୍ମିନୀ ବେହେରା, ବସନ୍ତ ନାଏକ, ସନ୍ଦୀପ ସାହୁ ଓ ସଞ୍ଜୟ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସହସ୍ରାଧିକ ଲୋକ ପଣା ପିଇ ଆତ୍ମସନ୍ତୋଷ ଲାଭ କରିଥିଲେ।

## ଟାଙ୍ଗୀ-ଚାନ୍ଦପୁର ଅଞ୍ଚଳରେ ହନୁମାନ ଜୟନ୍ତୀ ପାଳିତ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବ ବର୍ଷ ଅବସରରେ ଟାଙ୍ଗୀ-ଚାନ୍ଦପୁର ଅଞ୍ଚଳରେ ଆୟୋଜିତ ଭବ୍ୟ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲେ। 'ଜୟ ପ୍ରଭୁ ଶ୍ରୀ ରାମ' ଓ 'ଜୟ ପ୍ରଭୁ ଶ୍ରୀ ହନୁମାନ' ନାରାରେ ପ୍ରକମ୍ପିତ ହେଉଥିଲା ସମଗ୍ର ଅଞ୍ଚଳ। ଆମ ସଂସ୍କୃତି ଓ ପରିଚୟ, ଓଡ଼ିଆ ନବବର୍ଷ ପାଳନ ଟାଙ୍ଗୀ-ଚାନ୍ଦପୁର ଅଞ୍ଚଳର ଯୁବଗୋଷ୍ଠୀ ମାନଙ୍କ ମଧ୍ୟରେ ଯେମିତି ଉତ୍ସାହ, ଉଦ୍ଦୀପନା ଥିଲା, ତାହା ଅତ୍ୟନ୍ତ ଅଭିନନ୍ଦନୀୟ ବୋଲି ବଜରଙ୍ଗ ଦଳର ନେତାମାନେ କହିଛନ୍ତି। ମହାପ୍ରଭୁଙ୍କ ଅପାର କୃପାରୁ, ଓଡ଼ିଆ ନବବର୍ଷ, ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ ବୋଲି ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା କାମନା କରିଥିଲେ। ଏହି ଭବ୍ୟ କାର୍ଯ୍ୟକ୍ରମ ପାଇଁ ବଜରଙ୍ଗ ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଓ ଆୟୋଜକଙ୍କୁ ଟାଙ୍ଗୀ ସାମ୍ବାଦିକ ସଂଘର ସମ୍ପାଦକ ସନ୍ତୋଷ ଚୌଧୁରୀ ସମସ୍ତଙ୍କୁ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଟାଙ୍ଗୀ-ଚାନ୍ଦପୁର ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା।

# ମହାବିଷୁବ ସଂକ୍ରାନ୍ତିରେ ପଣାର ଆସର




ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ସ୍ଥାନରେ ପଣାର ଆସର। ଓଡ଼ିଆତ୍ୱର ମହକରେ ମହକୁଥିଲା ସାରା ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ। ପ୍ରବଳ ଖରାରେ ଧର୍ମ ଅର୍ଜନ କରିବାର ବିଶ୍ୱାସ ନେଇ ବାଟୋଇଙ୍କୁ ପଣା ପିଆଇଥିଲେ ଅସ୍ତରଙ୍ଗ ଅଞ୍ଚଳବାସୀ। ପଣା ସହ ତୃଷ୍ଣା ମେଣ୍ଟାଇ ଆତିଥ୍ୟର ପରିଚୟ ଦେଉଥିଲେ ଅନ୍ୟ କିଛି ଓଡ଼ିଆ ଅବସର ଥିଲା ଓଡିଶା ନବବର୍ଷର ନିଛକ ଓଡ଼ିଆ ଶୈଳୀରେ ପାରମ୍ପରିକ ପଣାରେ ପାଳିତ ହୋଇଥିଲା ଏହି ପର୍ବ। ଖାଲି ସେତିକି ନୁହେଁ, ସୋମବାର ଥିଲା ପ୍ରଭୁ ଶଙ୍କଟମୋଚନ ହନୁମାନ ଜୟନ୍ତୀ। ଏଥିପାଇଁ ଚଳଚଞ୍ଚଳ ହୋଇ ପଡ଼ିଥିଲେ ଶ୍ରଦ୍ଧାଳୁ। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ଥିବା ହନୁମାନ ମନ୍ଦିରରେ ହନୁମାନ ଜନ୍ମ ଦିନ ପାଳନ ସହ ତୁଳସୀ ଚଉରାରେ ଠେକି ବସାଇବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଅସ୍ତରଙ୍ଗ ବ୍ଲକର କୋଣ ଅନୁକୋଣ ରେ ଥିବା ହନୁମାନ ମନ୍ଦିରରେ ନାହିଁ ନଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ସବୁଠି ଶୁଭୁଥିଲା ସଙ୍କଟ ମୋଚନ ଜୟ ହନୁମାନ। ଏହି ଅବସର ଅସ୍ତରଙ୍ଗ ନିକଟସ୍ଥ ମା ବରୁଣେଇ ଯୁବକ ସଂଘ ତରଫରୁ ବାଟୋଇଙ୍କୁ ପଣା ବଣ୍ଟନ ସହ ଗଛ ବଣ୍ଟନ ହୋଇଥିଲା। ଏଥିରେ ସାମିଲ ଥିଲେ ଜୟ ପ୍ରକାଶ ମୁଦୁଲି, ଜଗନ୍ନାଥ ପାତ୍ର, ପିଣ୍ଟୁ ସ୍ୱାଇଁ, ଘନଶ୍ୟାମ ସ୍ୱାଇଁ, ଲୋକନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଳଙ୍ଗପୁର ସ୍ଥିତ ସରସ୍ୱତୀ ବିଦ୍ୟାସାଗର ବିଦ୍ୟାଳୟରେ ଗୁରୁଜୀ ଓ ଗୁରୁମା ମାନେ ବାଟୋଇଙ୍କୁ ପଣା ବଣ୍ଟନ କରିଥିଲେ। କୁହୁଡି ଛକ ନିକଟରେ ଶାନ୍ତି ସ୍ୱଚ୍ଛ ଭାରତ ମିଶନ କ୍ଲବ ତରଫରୁ ମୋହିନୀ ବିଶ୍ୱାଳ, ମମତା ଓଝା, ଲକ୍ଷ୍ମୀପ୍ରିୟା ରାଉତ, ଲିଲୁ ଜେନା, ଅର୍ଚ୍ଚନା ବେହେରା ପ୍ରମୁଖ ଉପସ୍ଥିତ ରହି ବାଟୋଇଙ୍କୁ ପଣା ବଣ୍ଟନ କରିଥିଲେ।

## ମନ୍ତ୍ରୀଙ୍କ ପୋଷଗାଁ ଗ୍ରାମ ପରିଦର୍ଶନ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଓଡିଆ ନବବର୍ଷ ଓ ହନୁମାନ ଜନ୍ମନ୍ତୀ ଅବସରରେ ଶୁଳିଆପଦା ବ୍ଲକର ଦେଉଳି ଗ୍ରାମପଞ୍ଚାୟତର ପୋଷିଗାଁ'କୁ ସ୍ଥାନୀୟ ବିଧାୟକ ତଥା ମାନ୍ୟବର ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଅଚାନକ ଗସ୍ତ କରି ଗ୍ରାମବାସୀଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ସିଧାସଳଖ ଆଲୋଚନା କରିଥିଲେ। ମନ୍ତ୍ରୀଙ୍କୁ ପାଖରେ ପାଇ ପୋଷିଗାଁ ଲୋକଙ୍କ ଆନନ୍ଦ ନ କହିଲେ ସରେ। ମନ୍ତ୍ରୀ ମହୋଦୟ ଲୋକମାନଙ୍କ ଉଭା, ପ୍ରଧାନମନ୍ତ୍ରୀ ଆବାସ ଗୃହ, ଗ୍ରାମ ରାସ୍ତା, ପାନୀୟଜଳର ବ୍ୟବସ୍ଥା, ମନ୍ଦିରର କିପରି ତ୍ୱରାନିତ ବେଗରେ



ଉନ୍ନତିକରଣ କରାଯିବ ସହିତ ସମସ୍ୟା ଗୁଡ଼ିକୁ ତୁରନ୍ତ ସମାଧାନ କରିବାକୁ ପ୍ରଶାସନ କୁ ନିର୍ଦ୍ଦେଶ ଦେଇଥିଲେ। ଭୂମିହୀନ ମାନଙ୍କୁ ଦିଆଯାଇଥିବା ୪ଡେସିମିଲ ଜାଗା ଗୁଡିକର ପଟ୍ଟାରେ ଜାତି ଲେଖାଯିବା ନିମନ୍ତେ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ସମ୍ବିଧାନ ପ୍ରଣେତାଙ୍କ ଜୟନ୍ତୀ ପାଳିତ ଓ କାର୍ଯ୍ୟାଳୟ ଉଦ୍‌ଘାଟିତ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ଠାରେ ସମ୍ବିଧାନର ପ୍ରଣେତା ଭାରତରତ୍ନ ଡ. ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଉତ୍ସବ ପାଳିତ ହେବା ସହ ଆମ୍ବେଦକର ଭବନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସଂଘର କାର୍ଯ୍ୟକର୍ତ୍ତାମାନେ ବ୍ଲକ ଛକରେ ଥିବା ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ଦଳିତ ନେତା ବଟକୃଷ୍ଣ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସମାଜସେବୀ ଦେବେନ୍ଦ୍ରେ ବସ୍ତିଆ, ଅବସରପ୍ରାପ୍ତ ଅଧ୍ୟକ୍ଷ ବିପିନ ବିହାରୀ ମଲିକ, ଭୀମଆର୍ମୀ ସଂଯୋଜକ ଅରକ୍ଷିତ ମଲିକ, ରାଜ୍ୟ ସଭାପତି ସଂଗ୍ରାମ ମଲିକ, ବିରଂଚି ନାୟକ, ଆଇନଜୀବୀ ଭାସ୍କରଚନ୍ଦ୍ର ବେହେରା, ବିଶିଷ୍ଟ କମ୍ୟୁନିଷ୍ଟ ନେତା ତ୍ରୈଲୋକ୍ୟ ନାଥ, ସାମ୍ବାଦିକ ବଲ୍ଲଭଚରଣ ପଲେଇ, ଭାରତୀ ଦାସ, ପ୍ରତାପ ଚୋଛାୟତ, ଦିଲିପ ଜେନା, ରତ୍ନାକର ସେଠୀ, ଶିକ୍ଷାବିତ କୈଳାସ ଚନ୍ଦ୍ର ସାହୁ,ପ୍ରମିଳା ସେଠୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ସମ୍ବିଧାନ ଗଠନରେ ଡ, ଭୀମରାଓ ଆମ୍ବେଦକରଙ୍କ ଭୂମିକା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିବା ସହ ଦଳିତ ଅବହେଳିତ ନିଷ୍ପେସିତ ବ୍ୟକ୍ତିମାନେ ନିଜର ନ୍ୟାର୍ଯ୍ୟଦାବି ହାସଲ ନିମନ୍ତେ ଐକ୍ୟବଦ୍ଧଭାବେ ସଙ୍ଘର୍ଷ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଦଳିତ ନେତା କରୁଣାକର ସାମଲ ସଂଯୋଜନା କରିଥିଲା ବେଳେ ଏଥିରେ ସ୍ଥାନୀୟ ଅଂଚଳର ବହୁ ଦଳିତ ବ୍ୟକ୍ତି ଯୋଗଦାନ କରିଥିଲେ।

## ବିଜେପି ତରଫରୁ ଆମ୍ବେଦକର ଜୟନ୍ତୀ ପାଳିତ

ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳିବ୍ଲକ ବିଜେପି କାର୍ଯ୍ୟାଳୟ ଠାରେ ଭାରତର ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଅଛି। ଦଳ କାର୍ଯ୍ୟାଳୟରେ ବିଜେପି ତରଫରୁ ପ୍ରମୁଖ ଭାବେ ଆଳି ବିଧାନସଭାର ସଂଯୋଜକ ଅନନ୍ତ କୁମାର ରଥ, ରାଜ୍ୟ କୃଷକ ମୋର୍ଚ୍ଚା ସଭ୍ୟ ଭକ୍ତ ବନ୍ଧୁ ମିଶ୍ର, ଦଳୀୟ ପୁରାତନ କାର୍ଯ୍ୟକର୍ତ୍ତା ଶରତ ଚନ୍ଦ୍ର ଜଗଦେବ, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ବରାହ ଚରଣ ପଣ୍ଡା, ଜିଲ୍ଲା ପ୍ରତିନିଧି ବୈଦ୍ୟନାଥ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ନନଗୋପାଳ ମହାନ୍ତି, ରାଜେନ୍ଦ୍ର ପଲାଇ, ସୁରେନ୍ଦ୍ର ଲେଙ୍କା, ଦୟାନିଧି ସ୍ୱାଇଁ, ରବିନ୍ଦ୍ର ନାଏକଙ୍କ ପରି ଅନେକ କାର୍ଯ୍ୟକର୍ତ୍ତା ଭାଗନେଇଥିଲେ।

## ଜଙ୍ଗଲି ଭାଲୁକୁ ନିର୍ଯାତନା

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବସ୍ତର ଡିଭିଜନରେ ଏକ ଜଙ୍ଗଲି ଭାଲୁ ପ୍ରତି ନିଷ୍ଠୁରତାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏଥିରେ, କିଛି ଗାଁ ଲୋକ ଭାଲୁର ଗୋଡ଼କୁ ତାର ସାହାଯ୍ୟରେ ଏକ ବାଡ଼ିରେ ବାନ୍ଧି ଦେଇଥିଲେ, ତା'ର ମୁହଁ ଏବଂ ପଞ୍ଝା ଭାଙ୍ଗି ଦେଇଥିଲେ ଏବଂ ତା'ର ମୁଣ୍ଡକୁ ଆଘାତ କରିଥିଲେ। ଏହି ସମୟ ମଧ୍ୟରେ ଭାଲୁଟି ଯନ୍ତ୍ରଣାରେ ଛଟପଟ ହେଉଥିଲା। ତାଙ୍କୁ ନିର୍ଯାତନା ଦିଆଯିବା ପରେ ହତ୍ୟା କରାଯାଇଥିବା କୁହାଯାଉଛି। ଭାଇରାଲ ଭିଡିଓରେ ଦାବି କରାଯାଉଛି ଯେ ଏହା ସୁକମା ଜିଲ୍ଲାର କେରାଲପାଲର, ଯଦିଓ ଏହା ସୁନିଶ୍ଚିତ ହୋଇନାହିଁ। ପ୍ରାୟ ୨ ମିନିଟ୍ ୨୦ ସେକେଣ୍ଡର ଏହି ଭିଡିଓରେ, ଜଣେ ଗ୍ରାମବାସୀ ଭାଲୁର କାନ ଟାଣି ନିର୍ଯ୍ୟାତନା ଦେଉଥିବା ବେଳେ ଭାଲୁଟି ଚିତ୍କାର କରୁଥିବା ଦେଖାଯାଉଛି। ଅନ୍ୟ ଗାଁ ଲୋକଟି ଭାଲୁ ହାତ ଏବଂ ମୁଣ୍ଡରେ ଜୋରରେ ଆଘାତ କରୁଛି। ଭାଲୁକୁ ଏତେ ମାଡ଼ ଦିଆଯାଇଥିଲା ଯେ ତା'ର ମୁହଁ ହାଡ ଭାଙ୍ଗି ଯାଇଥିଲା ଏବଂ ସେଥିରୁ ରକ୍ତ ବାହାରୁଥିଲା। ଭିଡିଓରେ, ଯୁବକ ଜଣକ ପ୍ରଥମେ ଭାଲୁର ମୁଣ୍ଡକୁ ଆକ୍ରମଣ କରୁଥିବା ଏବଂ ତା'ପରେ ପଞ୍ଝା ଭାଙ୍ଗିବା ସହ ଚୁଟିକୁ ଟାଣିବା ଦେଖାଯାଇଥିଲା। ଯେଉଁଠି ଭାଲୁ ପ୍ରତି ନିଷ୍ଠୁରତା କରାଯାଉଥିଲା, ସେହି ସ୍ଥାନରେ ଗ୍ରାମର ମହିଳା ଏବଂ ପିଲାମାନେ ମଧ୍ୟ ପାଖରେ ଠିଆ ହୋଇ ଜୋରରେ ହସୁଥିବା ଦେଖିବାକୁ ମିଳୁଛି। ଭିଡିଓଟି ଭାଇରାଲ ହେବା ପରେ ବନ ବିଭାଗ ପକ୍ଷରୁ ଦୁଇଟି ମୋବାଇଲ ନମ୍ବର ଜାରି କରାଯିବା ସହ ଜଙ୍ଗଲୀ ଭାଲୁଟିକୁ ନିର୍ଯ୍ୟାତନା ଦେଉଥିବା ଦୁଇ ଯୁବକଙ୍କୁ କରାଇଲେ ୧୦ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଛି।

## ସମାଜସେବୀ ପ୍ରଣବାନନ୍ଦ ଦାସଙ୍କ ନିଧନ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ପ୍ରବୀଣ ବ୍ୟବସାୟୀ, କଳାପ୍ରେମୀ ଓ ସମାଜସେବୀ ସ୍ୱର୍ଗତ ପ୍ରଣବାନନ୍ଦ ଦାସ ଓରଫ୍ ଦିଲୁ ଭାଇଙ୍କର ମାତ୍ର ୬୩ବର୍ଷ ବୟସରେ ଅଚାନକ ହୃଦ୍‌ଘାତରେ ମୃତ୍ୟୁ ଘଟଣା ଢେଙ୍କାନାଳର ବିଭିନ୍ନ ମହଲରେ ଶୋକର ଛାୟା ଖେଳାଇ ଦେଇଛି। ଦିଲୁ ଭାଇ ଢେଙ୍କାନାଳ ଜୟ ଗୋପାଳ ସାହିର ସ୍ଥାୟୀ ବାସୀନ୍ଦା ଥିଲେ। ଗଣେଶ ବଜାର ଛକରେ ତାଙ୍କର ପୂଜା ଏଜେନ୍ସୀ ନାମରେ ଏକ ଫର୍ଣ୍ଣିଚର ଓ ପାଣି ପମ୍ପ ଦୋକାନ ବହୁବର୍ଷ ହେଲା ରହିଛି। ନଳକୂଅ ଖନନ ପାଇଁ ଉପଯୁକ୍ତ ସ୍ଥାନ ନିରୁପଣର ବୈଷୟିକ କୌଶଳର ପ୍ରୟୋଗ ଯୋଗୁଁ ସେ ସାରା ରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ବାସ୍ତୁଶାସ୍ତ୍ର, ରିକି ଆଦି ବିଦ୍ୟା ଉପରେ ତାଙ୍କର ଜ୍ଞାନ ଥିଲା। ରୋଗୀର ଆବଶ୍ୟକତା ଅନୁଯାୟୀ ଡାକରା ପାଇଲେ, ସେ ବାରମ୍ବାର ରକ୍ତଦାନ କରୁଥିଲେ। ଢେଙ୍କାନାଳର ଅଧିଷ୍ଠାତ୍ରୀ ଦେବୀ ବ୍ରାହ୍ମଣୀ ଦେଇ ଓ ଜୟ ଗୋପାଳସାହିସ୍ଥିତ ରାଧାକୃଷ୍ଣ ମନ୍ଦିରରେ ହୋମ, ଯଜ୍ଞ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ଗ୍ରହଣ କରୁଥିଲେ। ସେ ଢେଙ୍କାନାଳ ବଣିକ ସଂଘ ଓ ଗଣେଶ ବଜାର ପୂଜା କମିଟିର ସଦସ୍ୟ ଥିଲେ। ଢେଙ୍କାନାଳର ସର୍ବ ପୁରାତନ ସାଂସ୍କୃତିକ ଅନୁଷ୍ଠାନ ନଟରାଜ ସଂଗୀତ ମହା ବିଦ୍ୟାଳୟର ସେ ଜଣେ ପ୍ରତିଷ୍ଠାତା ସଦସ୍ୟ ଥିଲେ ଓ ଶେଷ ପର୍ଯ୍ୟନ୍ତ କୋଷାଧ୍ୟକ୍ଷ ଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଗତ ୧୩ ତାରିଖ ସନ୍ଧ୍ୟାରେ ନିଟରାଜ ସଂଙ୍ଗୀତ ମହାବିଦ୍ୟାଳୟ ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ କୃଷ୍ଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ସାମ୍ବାଦିକ ସତ୍ୟ ନାରାୟଣ କର, ରକ୍ତଚାବୁକ୍ ସମ୍ପାଦକ ଗଗନ ବିହାରୀ ପଣ୍ଡା, ବରିଷ୍ଠ ଶିକ୍ଷକ ମଧୁସୂଦନ ରାଉତ, ସମାଜସେବୀ ମଥୁରୀ ସାହୁ, ଆଡଭୋକେଟ୍ ନିର୍ମଳ ମିଶ୍ର, ଗୁରୁ ଜ୍ୟୋତ୍ସ୍ନାରାଣୀ ମିଶ୍ର, ସମାଜସେବୀ ଦେବସ୍ମିତା ଦାସ, ଝରଣା ରାଉତ, ଅନ୍ନଦା ପ୍ରସାଦ ମହାନ୍ତି, ଅନ୍ନଦା ପ୍ରସାଦ ଦାସ, ଜୟନ୍ତ କର ଓ ବିଜୟାନନ୍ଦ ସାହୁ ପ୍ରମୁଖ ତାଙ୍କର ସ୍ମୃତିଚାରଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଣବାନନ୍ଦଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସମସ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

# ଡ. ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ




କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ସ୍ଥିତ ପାଞ୍ଚପିଢ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆଜି ପ୍ରାତଃ କାଳରେ ବାବା ସାହେବ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ସ୍ଥାନୀୟ ପ୍ରଶାସନ, ବିଭିନ୍ନ ରାଜନୀତିକ ଦଳ ଓ ବିଭିନ୍ନ ସଂଗଠନ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବାବା ସାହେବଙ୍କ ଜୀବନୀ ଉପରେ ଅତିଥିମାନେ ମତବ୍ୟକ୍ତ କରିବା ସହିତ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ସମତା ଭିତ୍ତିକ ସମାଜ ଗଠନ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ସେହିପରି କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ଭୁବନ ସାହୁ, ନଗର ସଭାପତି ଲାଲନ ସିଂ, ଧରଣୀଧର ମହାନ୍ତ, ଚନ୍ଦ୍ର କୁମାର ଶୁଭେନ୍ଦୁ ଦାସଙ୍କ ସହିତ କର୍ମକର୍ତ୍ତାମାନେ ଯୋଗଦେଇ ବାବା ସାହେବଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସଭାକାର୍ଯ୍ୟ ପରେ ଉପସ୍ଥିତ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ବିଜେପି ପକ୍ଷରୁ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ମଦନ ମୋହନ ମହାନ୍ତ, ବରିଷ୍ଠ ନେତା ନବକିଶୋର ପଣ୍ଡା,ମହେଶ୍ୱର ସାହା, ନଗର ସଭାପତି ସମ୍ବିଧାନ ମହାପାତ୍ର, କ୍ଷୀରୋଦ ମହାନ୍ତ, ଜ୍ୟୋତ୍ସ୍ନାରାଣୀ ମହାନ୍ତ, ଇଂ ମୋନୋଜ ସେଠୀ, ମନ ଜେନା, ଲକ୍ଷ୍ମୀ ଝାଙ୍କ ସମେତ କର୍ମକର୍ତ୍ତାମାନେ ବାବାସାହେବ ଓ ଦେଶ ତଥା ରାଜ୍ୟର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସେହିପରି ଭାରତ ରତ୍ନ ଡ. ବାବାସାହେବ ଆମ୍ବେଦକର ପାଳନ କମିଟି ପାଞ୍ଚପିଢ ଉପଖଣ୍ଡ ପକ୍ଷରୁ ଆଜି ବାବାସାହେବଙ୍କ ଜନ୍ମ ଜୟନ୍ତୀ ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ସକାଳ ୧୦ ଘଟିକା ଠାରୁ ଦିବା ୧ ଘଟିକା ଯାଏଁ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦ ଘଟିକା ସମୟରେ କମିଟିର କର୍ମକର୍ତ୍ତା କୁମାର ଦେବାଶିଷ ବେହେରା, ବି ଦିବ୍ୟେନ୍ଦୁ ସେଖର, ଲୁଲୁ ସାହୁ, ପଦ୍ମ ଲୋଚନ ଟୁଡୁ, ନିର୍ମଳ ସେଠୀ, ସାଜୁ ଦାସ, ଲକ୍ଷ୍ମୀଧର ସିଂଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ବାବା ସାହେବଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଏହାପରେ ଓଡ଼ିଆ ନବବର୍ଷ ତଥା ପଣା ସଂକ୍ରାନ୍ତି ଅବସରରେ ଜନ ସାଧାରଣଙ୍କୁ ପଣା ବଣ୍ଟନ କାର୍ଯ୍ୟକ୍ରମ କଚେରିଛକ ଠାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକ, ସମ୍ମାନୀତ ଅତିଥି ଭାବେ କରଞ୍ଜିଆ ଥାନା ଅଧିକାରୀ ଶରତ ଚନ୍ଦ୍ର ମହାଳିକ ଯୋଗ ଦେଇ ଲୋକଙ୍କୁ ପଣା ବଣ୍ଟନ କରିଥିଲେ।

## ଭାଟପଡ଼ା ମା' ଭଗବତୀ ତାରିଣୀଙ୍କ ବାର୍ଷିକ ଉତ୍ସବ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଭାଟପଡ଼ା ସ୍ଥିତ ମା' ଭଗବତୀ ତାରିଣୀଙ୍କ ବାର୍ଷିକ ପୂଜା ଉତ୍ସବ ପଣା ସଂକ୍ରାନ୍ତି ଉପଲକ୍ଷେ ଅନୁଷ୍ଠିତ ହେଉଛି। ଏହି ଉତ୍ସବ ଚଳିତ ମାସ ୧୧ତାରିଖରୁ ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହେବ ବୋଲି ଜଣାପଡ଼ିଛି। ପ୍ରଥମ ଦିନରେ ନାମଯଜ୍ଞ, ଦ୍ୱିତୀୟ ଦିନରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ଓ ପ୍ରବଚନ କାର୍ଯ୍ୟକ୍ରମ ରହିଥିବା ବେଳେ ଚତୁର୍ଥ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପଣା ସଂକ୍ରାନ୍ତି ଦିନ ଯଜ୍ଞ ପୂର୍ଣ୍ଣାହୁତି ହେବାକୁ ଥିବା ବେଳେ ଶେଷ ଦିନରେ ପାଟୁଆ ମେଳନ ହେବ ବୋଲି ଭାଟପଡ଼ା ମା' ଭଗବତୀ ତାରିଣୀ କମିଟି ପକ୍ଷରୁ ସୂଚନା ମିଳିଛି। ଯଜ୍ଞର କର୍ତ୍ତା ଭାବେ ଲକ୍ଷ୍ମୀଧର ପତି ଓ ତାଙ୍କ ପତ୍ନୀ ଅପର୍ଣ୍ଣା ପତି, ପୁରୋହିତ ପ୍ରସନ୍ନ କରଙ୍କ ସହିତ ୪ଜଣ ସହଯୋଗୀ ପୂଜାକାର୍ଯ୍ୟ ତୁଲାଉଛନ୍ତି। ୧୯୮୮ମସିହାରେ ବରଗଛ ଅଶ୍ୱସ୍ତ ଗଛ ମୂଳେ ମା' ଭଗବତୀ ତାରିଣୀ ଆବିର୍ଭାବ ହୋଇଥିଲେ। ପରେ ମୁଖ୍ୟ ପୂଜକ ଦୀନବନ୍ଧୁ ବେହେରାଙ୍କୁ ମା'ଙ୍କ ଆବିର୍ଭାବ ସମ୍ପର୍କରେ ସ୍ୱପ୍ନାଦେଶ ହୋଇଥିଲା। ଏହାପରେ ଏକ ଚାଳ ଛପର ଘରେ ମା'ଙ୍କୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଥିଲା। ପରବର୍ତ୍ତୀ ସମୟରେ ସ୍ଥାନୀୟ ଅଞ୍ଚଳର ଭକ୍ତ ଲକ୍ଷ୍ମୀଧର ପତିଙ୍କର ମାନସିକ ପୂରଣ ହେବାରୁ ୧୯୯୬ ମସିହାରେ ସେ ମା'ଙ୍କର ପକ୍କା ମନ୍ଦିର ନିର୍ମାଣ କରିଥିଲେ। ସେହିଦିନ ଠାରୁ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଉଥିବା ବେଳେ ସେଠାରେ ବିଭାଘର, ବ୍ରତଘର ସହିତ ମା'ଙ୍କର ବିଭିନ୍ନ ପର୍ବପର୍ବାଣୀ ପାଳନ କରାଯାଇ ଆସୁଅଛି। ପୂଜା କମିଟିର ଉପଦେଷ୍ଟା ରଘୁନାଥ ପାତ୍ର, ଶୁକଦେବ ମଲ୍ଲିକ, ଲକ୍ଷ୍ମୀଧର ପତି, ତପନ କୁମାର ମିଶ୍ର, ସଭାପତି ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ସମ୍ପାଦକ ସୀତାକାନ୍ତ ନାୟକ, ମାୟାଧର ବାରିକ, ଯଯାତିକେଶରୀ ଦାସ, ପ୍ରତାପ କୁମାର ଜେନା, ଦେବବ୍ରତ ପାଢ଼ୀ, ସନାତନ ସାହୁ, ମାନସ ତ୍ରିପାଠୀ, ଗିରିଜା ଦାସ, ତାପସ କୁଣ୍ଡ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି।

## ତିହିଡ଼ି ବ୍ଲକ ପକ୍ଷରୁ ଓଡ଼ିଆ ନବବର୍ଷ ପାଳିତ



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଆ ନବବର୍ଷ ପାଳିତ ହୋଇ ଯାଇଛି। ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ପରିସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ମୁରୁଜ, ହୁଳହୁଳି, ଶଙ୍ଖବାଦନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଟପଡ଼ା, ବାମବିନ୍ଧା ପଞ୍ଚାୟତର ଏମବିକେ ଓ ସିଆରପିମାନେ ଭାଗ ନେଇଥିଲେ। ଆଲୋକ ଜ୍ୟୋତି ମହିଳା ମହାସଂଘ ପକ୍ଷରୁ ପଣା ବଣ୍ଟନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଡିଓ ମାନସ କୁମାର ଜେନା ଯୋଗ ଦେଇ ଓଡ଼ିଆ ନବବର୍ଷ ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ।

# ଆମ୍ବେଦକର କୁଟୀରର ଶୁଭାରମ୍ଭ

ବଡ଼ଚଣା, (ଭାସ୍କର ନ୍ୟୁଜ): ଅନୁସୂଚିତ ଜାତି ଜନଜାତିମାନଙ୍କୁ ସାମାଜିକ, ସଂସ୍କୃତିକ ଓ ଆର୍ଥିକକ୍ଷେତ୍ରରେ ସ୍ୱାବଲମ୍ବୀ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଅଜି ସମ୍ବିଧକ୍ଷନ ପ୍ରଣେତା, ଭାରତ ରତ୍ନ ବାବା ସାହେବ୍ ଭୀମରାଓ ଆମ୍ବେଦକରଙ୍କ ୧୩୪ ତମ ଜନ୍ମଜୟନ୍ତି ଅବସରରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ମେଲଣ ପଡିଆ ଠାରେ ବିଧାୟକ ହାତପାଣ୍ଠି ଅନୁଦାନରେ ନିର୍ମାଣ ହେବାକୁ ଥିବା ଆମ୍ବେଦକର କୁଟୀରର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ଅନୁସୂଚିତ ଜାତି ଓ ଜନଜାତିର, ସଂଖ୍ୟା ଲଘୁ ତଥା ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ପ୍ରଣୟନ କରି ସେମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ସହିତ ସମାଜର ମୁଖ୍ୟ ସ୍ରୋତର ସାମିଲ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଓଡ଼ିଶାରେ ପ୍ରଥମଥର ପାଇଁ ବଡ଼ଚଣା ବ୍ଲକରେ ଆମ୍ବେଦକର କୁଟୀର ଶୁଭାରମ୍ଭ କରିବା ପାଇଁ ବିଧାୟକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ଭାବେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଅନୁସୂଚିତ ଜାତି ଜନଜାତି ମାନଙ୍କ ଉନ୍ନତି ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ବିଶିଷ୍ଟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଅନୁସୂଚିତ ଜାତି ଓ ଜନଜାତି ଭାଇଭଉଣୀଙ୍କ ସାମାଜିକ, ସଂସ୍କୃତିକୁ ଓ ପ୍ରାଣକେନ୍ଦ୍ର କୁହାଯାଉଥିବା ଆମ୍ବେଦକର କୁଟୀର ନିର୍ମାଣ ପାଇଁ ବଡ଼ଚଣା ବ୍ଲକର ୪୩ ଗୋଟି ପଞ୍ଚାୟତରେ ବିଧାୟକ ନିଜ ହାତପାଣ୍ଠିରୁ ୨ କୋଟି ୭୬ ଲକ୍ଷ ୨୫୨ ଟଙ୍କା ପ୍ରଦାନ କରିଛନ୍ତି କ୍ଷ ଏହି ଆମ୍ବେଦକର କୁଟୀର ବଡ଼ଚଣା ଅନୁସୂଚିତ ଜାତି ବର୍ଗଙ୍କ ସାମାଜିକ ସୁରକ୍ଷା, ମର୍ଯ୍ୟାଦା, ଅନ୍ତର୍ଭୁକ୍ତ କାରଣ ଓ ସର୍ବାଙ୍ଗୀନ ବିକାଶ ନିମନ୍ତେ ଏହି କୁଟୀର ସମର୍ପିତ ହେବସହିତ ଏଥିରେ ନିରାପଦ, ପାନୀୟ ଜଳର ବ୍ୟବସ୍ଥା, ସବୁଦିନିଆ ରାସ୍ତା ସଂଯୋଗକରଣ, ଆଲୋକିକରଣ, ସନସଚେତନତା କାର୍ଯ୍ୟକ୍ରମ, ସଂସ୍କୃତିକୁ କାର୍ଯ୍ୟ କ୍ରମ ଆୟୋଜନ, ଆଧ୍ୟାତ୍ମିକ ଆଲୋଚନା ଚକ୍ର ସହିତ ଆମୋଦ ପ୍ରମୋଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷା ମିନତୀ ସେନାପତି,ସମାଜ ସେବିକ ଦେବଯାନୀ ପ୍ରଧାନ, ଦର୍ପଣ ତହସିଲଦାର ମାନସ୍ ରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ବଡ଼ଚଣା ଗୋଷ୍ଠି ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପଞ୍ଚାୟତ ସମିତି ଉପାଦକ୍ଷ ବିଭାସ୍ ଚନ୍ଦ୍ର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ମୋତ୍ୟାଲୁ ମା'ଙ୍କ ଘଟଯାତ୍ରା ଆରମ୍ଭ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଚୈତ୍ର ମାସ ଆସିଗଲେ କୋରାପୁଟ ଜିଲ୍ଲାରେ ଥିବା ଅଧିକାଂଶ ଗାଁ ଗଣ୍ଡାରେ ଗ୍ରାମଦେବୀଙ୍କ ଯାତ୍ରା ଅନୁଷ୍ଠିତ ହୁଏ।ଗାଁ ଗଣ୍ଡା ଉତ୍ସବ ମୁଖର ହୋଇ ଉଠେ। କେଉଁଠି ନଅ ଦିନ ଧରି ହୁଏ ତ କେଉଁଠି ତିନିଦିନ ଧରି ଯାତ୍ରା ଅନୁଷ୍ଠିତ ହୋଇଥାଏ। ହେଲେ ବନ୍ଧୁଗାଁ ବ୍ଲକ ନିଲାବାଡି ଠାରେ ଅବସ୍ଥାପିତ ମା'ଅଗ୍ନୀ ଗଙ୍ଗାମାଙ୍କ ପିଠରୁ ଜିଲ୍ଲାର ପ୍ରଥମ ଠାକୁରାଣୀ ଯାତ୍ରା ଆରମ୍ଭ ହୁଏ। ନିଲାବାଡି ଠାକୁରାଣିଙ୍କ ଘଟ ଯାତ୍ରା ସରିବା ପରେ ଜିଲ୍ଲାର ପ୍ରତ୍ୟେକ ଗାଁରେ ଗ୍ରାମ ଦେବିଙ୍କ ଯାତ୍ରା ଅନୁଷ୍ଠିତ ହୁଏ। ଏ କ୍ଷେତ୍ରରେ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ସଦରର ଅଧିଷ୍ଠାତ୍ରୀ ଦେବୀ ମା'ମୋତ୍ୟାଲୁ ମାଙ୍କ ନବ ଦିନାତ୍ମକ ଘଟ ଯାତ୍ରା ଆଜି ରାତିରୁ ଆରମ୍ଭ ହୋଇ ଯାଇଛି। ଏନେଇ ମନ୍ଦିର ପାଖ ଉତ୍ସବ ମୁଖର ହୋଇ ଉଠିଥିଲା। ମୁଖ୍ୟ ମନ୍ଦିରରୁ ମାଙ୍କୁ ଅସ୍ଥାଇ ମନ୍ଦିରକୁ ଅଣା ଗଲା ବେଳେ ମନ୍ଦିର ପାଖରେ ସନ୍ଧ୍ୟା ସାତଟା ରୁ ରାତି ଦଶଟା ଯାଏଁ ଭକ୍ତଙ୍କ ପ୍ରବଳ ଗହଳି ଦେଖିବାକୁ ମିଳି ଥିଲା।ବାଜା ବାଜଣା ସହ ବାଣ ଫୁଟା ଶବ୍ଦରେ ମନ୍ଦିର ପାଖ କମ୍ପି ଉଠିଥିଲା।

## 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଆରୋଗ୍ୟ ଯୋଜନା'ର ଶୁଭାରମ୍ଭ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ସଦର ବ୍ଲକ୍ ଭବାନୀପାଟଣା ଅନ୍ତର୍ଗତ ଅର୍ତ୍ତଲ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ହୋଇ ଯାଇଛି। ଅର୍ତ୍ତଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା.ସୁଜିତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଦର ବ୍ଲକର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ ଉପସ୍ଥିତ ଥିଲାବେଳେ ବିଶିଷ୍ଟ ଅତିଥି ଭାବେ ବିଧାୟକ ପ୍ରତିନିଧି ତାରିଣୀ ନାଏକ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦଶମତୀ ବେମାଲ, ନୋଡାଲ ଅଫିସର ଅଜୟ ବିହାରୀ, କାରାଡା ଅଧ୍ୟକ୍ଷ ସୁଧୀର କୁମାର ପାଢୀ, ପିଏଚ୍ ଇଓ. ନାଗମଣି, ଫାର୍ମାସିଷ୍ଟ ସୁଧୀର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବୋର୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା.ସ୍ମୃତି ରଞ୍ଜନ ବେଜ୍ ମଧ୍ୟ ଉପସ୍ଥିତ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ସମସ୍ତ ଆଶା କର୍ମୀ, ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ସହ ବହୁ ନିମନ୍ତ୍ରିତ ଅତିଥି, ସାମ୍ବାଦିକ ଓ ଗ୍ରାମବାସୀ ତଥା ହିତାଧିକାରୀ ମାନେ ଏହି



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସୁପରଭାଇଜର ବିନୋଦ ବାଗ ମଞ୍ଚ ପରିଚାଳନା କରିଥିଲାବେଳେ କାର୍ଯ୍ୟକ୍ରମରେ ପ୍ରାୟ ୧୨୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ। ଏହି ଯୋଜନାର ଉଦ୍ଘାଟନୀ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ୨୫ ଜଣ ହିତାଧିକାରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ଡେମୋ କାର୍ଡ ବଣ୍ଟନ କରାଯାଇଥିଲା ଓ ଆଗାମୀ ଦିନରେ ସମସ୍ତ ଯୋଗ୍ୟ ହିତାଧିକାରୀମାନଙ୍କ ଘର ଘରକୁ ଯାଇ ଏହି ଯୋଜନାର କାର୍ଡ ଯୋଗାଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଜିଲ୍ଲାସ୍ତରୀୟ 'ଆମରୁଚି ଆମଖାଦ୍ୟ' କାର୍ଯ୍ୟକ୍ରମ

ଭବାନୀପାଟଣା, ( ଭାସ୍କର ନ୍ୟୁଜ୍ ) : ଓଡ଼ିଆ ପକ୍ଷ ପାଳନ ଅବସରରେ ୧୩ ତାରିଖ ରବିବାର ଦିନ କଳାହାଣ୍ଡି ଜିଲ୍ଲାସ୍ତରୀୟ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ସ୍ଥାନୀୟ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜୀବୁନ୍ ନିଶା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୁପସିଂ ରାଉତ୍, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଜୟ ଶଙ୍କର ନାଏକ ପ୍ରମୁଖ ଯୋଗଦେଇ ଓଡ଼ିଆଙ୍କ ପାରମ୍ପରିକ ଆମ ରୁଚି ଆମ ଖାଦ୍ୟ ଉପରେ ଆଲୋକପାତ କରିଥିଲେ। ବିଶେଷ କରି ଆଜିର ଦିନରେ ଫାଷ୍ଟ ଫୁଡ୍ ପ୍ରତି ଅଧିକ ରୁଚି ନ ରଖି ଓଡ଼ିଆଙ୍କ ପାରମ୍ପରିକ ଖାଦ୍ୟ ବିଶେଷ କରି ମିଲେଟ୍ ମିଶନର ସଫଳତା ଉପରେ ସମସ୍ତେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ୍ କଲ୍ୟାଣ ବିଭାଗ ଏବଂ ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା ଓଡ଼ିଆଙ୍କ



ପାରମ୍ପରିକ ବିଭିନ୍ନ ଖାଦ୍ୟରେ ପଖାଳ, ଶାଗ, ବଡ଼ି ଚୁରା, ମାଣ୍ଡିଆରେ ପ୍ରସ୍ତୁତି ଜାଉ, ପୋଡ ପିଠା, ଆରିସା କାକରା, କାଙ୍ଗୁ ଖିରି, କାଞ୍ଜି ଇତ୍ୟାଦି ପ୍ରସ୍ତୁତ କରାଯାଇ ପ୍ରଦର୍ଶନ କରାଯାଇଥିଲା ଏବଂ ଅତିଥି ମାନଙ୍କୁ ଏ ସବୁ ଖାଦ୍ୟ ଖାଇବାକୁ ଦିଆଯାଇଥିଲା। ଏହି ସବୁ ଓଡ଼ିଆଙ୍କ ପାରମ୍ପରିକ ଖାଦ୍ୟ ସୁସ୍ୱାଦ ହୋଇଥିବାରୁ ଅତିଥିମାନେ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସମସ୍ତ କର୍ମଚାରୀ ଏବଂ ମିଶନ ଶକ୍ତିର ମହିଳା ମାନଙ୍କର ପ୍ରଶଂସା କରିଥିଲେ।

## ବିଦେଶୀ ମଦ ଚୋରାଚାଲାଣ ବେଳେ ଧରିଲେ ଗ୍ରାମବାସୀ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ ଅଞ୍ଚଳରେ ଦେଶୀ ବିଦେଶୀ ମଦ ଚୋରାଚାଲାଣ ଦୈନନ୍ଦିନ ବୃଦ୍ଧି ପାଉଛି। ଖୁଦ କର୍ମଚାରୀ ମାନେ ଏହି ଚାଲାଣରେ ସମ୍ପୃକ୍ତଥିବା ବେଳେ ପୋଲିସ ଓ ଅବକାରୀ ବିଭାଗଙ୍କ ସଲା ସୁତୁରାରେ ଏହି କାରବାର ହୋଉଥିବା ଚର୍ଚ୍ଚା ହୁଏ। ସୋମବାର ଦିନ ବିଦେଶୀ ମଦ ଚୋରାଚାଲାଣ କରୁଥିବା ବେଳେ ଗ୍ରାମବାସୀଙ୍କ ହାବୁଡ଼ରେ ପଡି ଯାଇଛନ୍ତି କର୍ମଚାରୀ। ବେହେରା ସ୍ଥିତ ବିଦେଶୀ ଦୋକାନରୁ ୨ଜଣ କର୍ମଚାରୀ ବାଙ୍କୀମୁଣ୍ଡା ରାସ୍ତା ଦେଇ ଚୋରା ଚାଲାଣ କରୁଥିବା ବେଳେ ଗ୍ରାମବାସୀ ଅଟକ ରଖିଥିଲେ। ଏକ ବାଇକ ଓ ଆର ୦୮ ର ୦୪୦୩ ନମ୍ବର ଗାଡ଼ିରେ ପ୍ରାୟ ୪୮ଲିଟର ବିଅର ନେଉଥିବା ବେଳେ ଗ୍ରାମର ସଚେତନ ଯୁବକ ଅଟକାଇ ରଖିଥିଲେ। କୋକସରା ପୋଲିସ ଘଟଣା ସ୍ଥଳକୁ ଆସି ମଦ ଓ ୨କର୍ମଚାରୀଙ୍କ ସହ ଚୋରାଚାଲାନାରେ ବ୍ୟବହୃତ ମଟର ସାଇକେଲ ଜବତ କରିବା ସହ ଥାନାକୁ ନେଇଥିବା ଜଣାପଡିଛି।

## ମା' ତାରିଣୀଙ୍କ ପଣା ସଂକ୍ରାନ୍ତି ଉତ୍ସବ ପାଳିତ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): ସାରା ରାଜ୍ୟରେ ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ପାଳନ କରୁଥିବା ବେଳେ କଳାହାଣ୍ଡି ଜିଲ୍ଲା ବା କିପରି ବାଦ ପଡ଼ିବ। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ କୁହୁରା ଗ୍ରାମପଞ୍ଚାୟତ ଅଧିନସ୍ତ କେନ୍ଦୁମୁଣ୍ଡି ଗ୍ରାମ ଠାରେ ପ୍ରସିଦ୍ଧ ଘଟଗାଁ ବାସିନୀ ଆଦିଶକ୍ତି ମା' ତାରିଣୀଙ୍କ ପଣା ସଂକ୍ରାନ୍ତି ଉତ୍ସବ ମହା ଆଡମ୍ବରରେ ପାଳନ କରିଥିବା ଦେଖିବାକୁ ମିଳିଛି। ପୂର୍ବ ସୂଚୀ ଅନୁସାରେ ସୋମବାର ଦିନ ସକାଳ ଦଶ ଘଣ୍ଟା ସମୟରେ ନିଜ ଘରୁ ବାହାରି ହଜାର ହଜାର ଭକ୍ତଙ୍କ ସମାଗମରେ ବାଜା ବଜାଇ, ସଂକୀର୍ତ୍ତନ ସହ ମା' ତାରିଣୀ ଘୋଡ଼ାରେ ଚଢି ନଗର ପରିକ୍ରମା କରି ଭକ୍ତ ମାନଙ୍କ ଦୁଃଖ ସୁଖ ବୁଝି ବରଗଛ ମୂଳରେ ଅବସ୍ଥିତ ଥିବା ମନ୍ଦିରକୁ ଯାଇଥିଲେ। ସେଠାରେ ପାରମ୍ପରିକ ରୀତି ନୀତି ଅନୁଯାୟୀ ଗୁଡ, ଘିଅ, ଧୂପ, ଦୀପ, ଆଳତି



ସାଙ୍ଗକୁ ପୂଜା ଅର୍ଚ୍ଚନା କରିଥିଲେ। ମାନସିକ କରିଥିବା ଭକ୍ତମାନେ ମା'ଙ୍କୁ ଫୁଲ ମାଳ ଧୂପ ଦୀପ ସାଙ୍ଗକୁ ନଡ଼ିଆ ଭୋଗ ଅର୍ପଣ କରି ମୁଣ୍ଡିଆ ମାରି ଶୁଭ ଆଶୀର୍ବାଦ ଲାଭ କରିଥିଲେ। ପ୍ରଚଣ୍ଡ ଖରାର ତାତିରେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ହରିବୋଲ ହୁଳହୁଳି ଶବ୍ଦରେ ଆଖପାଖ ପ୍ରକମ୍ପିତ ହୋଇଥିଲା। ଯାତ୍ରାସ୍ଥଳୀରେ ଭକ୍ତମାନଙ୍କୁ ପଣା ପାଣି ସାଙ୍ଗକୁ ଅନ୍ନଭୋଗ ବଣ୍ଟନ କରୁଥିବା ଦେଖିବାକୁ ମିଳିଥିଲା। ଏହି ପଣା ସଂକ୍ରାନ୍ତି ଉତ୍ସବରେ ପୂଜକ ଗୋବିନ୍ଦ ସାହୁ, ଶହ ପୂଜକ ଭାବରେ ଲିପୁନ ନନ୍ଦ, ରାତ୍ର ସାହୁ, ଛନ୍ଦାଚରଣ ସାହୁ ଡକ୍ଟର ପ୍ରସାଦ ସାହୁ, କିଶୋର ସାହୁ, ଟୁରୁ ସାହୁ, ରାଜାରାମ ସାହୁ, ବୃଷବ ହରିଜନ, ଧନମାଳି ହରିଜନ, ମୁରଲୀ ଭୋଇ, ଉପସ୍ଥିତ ଥିବା ବେଳେ କେଗାଁ ପୋଲିସ ବାହିନୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିବା ବେଳେ କେନ୍ଦୁମୁଣ୍ଡି ଗ୍ରାମବାସୀ ଓ ସମସ୍ତ ଭକ୍ତ ବୃନ୍ଦ ମାନଙ୍କ ସହ ଯୋଗରେ ମା' ତାରିଣୀଙ୍କ ପୂଜା ପାଳିତ ହୋଇଥିଲା।

## ବିଜେପି କର୍ମୀଙ୍କ ଆମ୍ବେଦକର ଜୟନ୍ତୀ ପାଳିତ

ଗୋଲାମୁଣ୍ଡା, ( ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ ଶିଶୁମନ୍ଦିର ଠାରେ କେଗାଁ ଜୋନ ବିଜେପି କର୍ମୀଙ୍କ ଦ୍ୱାରା ମହା ଆଡ଼ମ୍ବରରେ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ସିଂ ଯୋଗଦେଇ ଆମ୍ବେଦକରଙ୍କ ଜୀବନୀ ଉପରେ ବିସ୍ତୃତ ଭାବରେ ବୁଝାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ମଣ୍ଡଳ ସଭାପତି ରୁଦ୍ରାକ୍ଷ କେତକୀ, ମହିଳା ମୋର୍ଚ୍ଚା ନେତ୍ରୀ ଚମ୍ପାବତୀ ସାହୁ, ନୂଆଗାଁ ସରପଞ୍ଚ ଦୁଷ୍ମନ୍ତ ଭୋଇ, ଯୁବମୋର୍ଚ୍ଚା ସଭାପତି ଜୟକୃଷ୍ଣ ସାହୁ, ରଜତ



ପୁଟେଲ, ନୂଆଗାଁ ସମିତି ସଭ୍ୟ ରମେଶ ଶବର, ମନୋଜ ଅଗ୍ରୱାଲ, ଦେବେନ୍ଦ୍ର ପୁଟେଲ, ରମେଶ ଅଗ୍ରୱାଲ, ପୃଥ୍ୱୀରାଜ ପ୍ରଧାନ, ଆଲୋକ ଅଗ୍ରୱାଲ, ବିଭୀଷଣ ସେଠିଆ, ରାଜେଶ ଅଗ୍ରୱାଲ, ପ୍ରକାଶ ସାହୁ, ଶ୍ରୀନିବାସ ଦାସ, ସୁନୀଲ ସାହୁ, ବିଶିକେଶନ ଜ୍ୟୋତିଷ, ତୁଲାରାମ ସାହୁ, କୀର୍ତ୍ତନ ବାରିକ, ସୁଧୀର ବିଶ୍ୱାଳ, ସହିତ ଅନେକ ବିଜେପି କର୍ମୀଙ୍କ ଉପସ୍ଥିତିରେ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଥିଲା।

## ତୈଳିକ ବୈଶ୍ୟ ସମାଜର ସାଧାରଣ ମହାସଭା

ନର୍ଲା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ତୈଳିକ ବୈଶ୍ୟ ସମାଜର ସପ୍ତମ ସାଧାରଣ ମହାସଭା ଅନୁଷ୍ଠିତ ହୋଇ ଯାଇଛି। କଳାହାଣ୍ଡି ନର୍ଲା ବ୍ଲକ୍ ଅନ୍ତର୍ଗତ ଲାଖପଦର୍ ଠାରେ ଦୁଇ ଦିନ ଧରି ଚାଲିଥିବା ଉକ୍ତ ସଭାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ତେଲି ସମାଜର ମହାନୁଭବ ମାନେ ଅଂଶ ଗ୍ରହଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ଚିଲିକା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ନିଖିଳ ଉତ୍କଳ ତୈଳିକ ବୈଶ୍ୟ ସମାଜର ସଭାପତି ରଘୁନାଥ ସାହୁ ଯୋଗଦେଇ ଥିବା ବେଳେ ଉକ୍ତ ସମାଜର ଉପଦେଷ୍ଟା ଅନନ୍ତ ଚରଣ ସାହୁ, ରାଜନ ସାହୁ, ବଲାଙ୍ଗୀର ଜିଲ୍ଲା ତୈଳିକ ସମାଜର




ସଭାପତି ଉମାକାନ୍ତ ସାହୁ, ବରଗଡ଼ ଜିଲ୍ଲାର ସଭାପତି ଭିକାରୀ ଚରଣ ସାହୁ ଏବଂ ନୂଆପଡ଼ା ଜିଲ୍ଲାର ସଭାପତି ରାମ ରତନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଦ୍ୱିତୀୟ ଦିନରେ କଳାହାଣ୍ଡି ଜିଲ୍ଲା ତୈଳିକ ବୈଶ୍ୟ ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇ ଥିଲା। ଡୋଲେଶ୍ୱର୍ ସାହୁଙ୍କୁ ସର୍ବ ସମ୍ମତି କ୍ରମେ ସଭାପତି ରୂପେ ଚୟନ କରାଯାଇ ଥିବା ବେଳେ ବିଭୀଷଣ ସାହୁଙ୍କୁ ଉପସଭାପତି, ନରେଶ୍ ସାହୁ ସମ୍ପାଦକ, ନୌସେନ ସାହୁ ସହ ସଂଯୋଜକ ଭାବେ ମନୋନୀତ ହୋଇଥିଲେ। କଳାହାଣ୍ଡି ଜିଲ୍ଲାର ପୂର୍ବତନ ସଭାପତି ପ୍ରହଲ୍ଲାଦ ସା ଓ ସାଧାରଣ ସମ୍ପାଦକ ଡୋଳାମଣି ସାହୁଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଶହ ଶହ ଜାତି ଭାଇ ଉପସ୍ଥିତ ରହି ଉକ୍ତ ମହାସଭାର ଉଦ୍ଦେଶ୍ୟ ବିଷୟରେ ଅବଗତ ହୋଇଥିଲେ।

## ସମ୍ବିଧାନ ପ୍ରଣେତାଙ୍କ ଜୟନ୍ତୀ ପାଳିଲେ ଯୁବକ ସଂଘ

କୋକସରା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଭୀମାରାଓ ଯୁବକ ସଂଘ ଆନୁକୁଲ୍ୟରେ ସୋମବାର ସମ୍ବିଧାନ ପ୍ରଣେତା ବିଶ୍ୱରତ୍ନ, ବାବା ସାହେବ୍ ଡ଼ଃ ବି.ଆର୍ ଆମ୍ବେଦକରଙ୍କ ୧୩୪ ତମ ଜନ୍ମ ଜୟନ୍ତୀ ପାଳିତ। ଏହି କ୍ରମରେ ଶତାଧିକ ଯୁବକ, ଯୁବତୀ ଓ ମହିଳା ମାନେ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ବାହାରି ଗାଁ ମୁଣ୍ଡରେ ପହଞ୍ଚିଥିଲେ। ଏହାପରେ କୋକସରା ବ୍ଲକ ଏଓଏସସିଏଫ ପକ୍ଷରୁ ବାଇକ୍ ଶୋଭାଯାତ୍ରାରେ ଆସି ସେଠାରେ ପହଞ୍ଚିବା ପରେ ବିଶାଳ ଶୋଭାଯାତ୍ରା ମାଧ୍ୟମରେ ଭୀମାରାଓ ଯୁବକ ସଂଘ ନିକଟରେ ପହଞ୍ଚି ବାବା ସାହେବ୍ ଡ଼ଃ



ବି.ଆର୍ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ସହ କ୍ୟାଣ୍ଡେଲ ଜାଳି ଜୟନ୍ତୀ ପାଳନ କରିଥିଲେ। ଏହାପରେ ଆମ୍ବେଦକରଙ୍କ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ସତ୍ୟବାନ ପାଣିଗ୍ରାହୀ, ମାର୍କଣ୍ଡ ବେମାଲ, କିଶୋର ଚନ୍ଦ୍ର ନାଏକ, ଭଜମନ ନାଏକ, ଚକ୍ରଧର ବେଶ୍ରା, ଧର୍ମାନନ୍ଦ ନାଏକ, ନରହରି ସୁନା, ପ୍ରଧାନୀ ବାଗ, କମଳାକାନ୍ତ ଖମାରୀ, ଚୁନିଲାଲ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ବାବା ସାହେବଙ୍କ ଆଦର୍ଶ ଆଚରଣ ଓ ସମ୍ବିଧାନ ପ୍ରଣୟନ ଉପରେ ବକ୍ତବ୍ୟ ରଖିବା ସହ ଯେକୌଣସି ମତେ ଶିକ୍ଷାଲାଭ କରିବା ପାଇଁ ବକ୍ତବ୍ୟ ରଖିଥିଲେ। ମଞ୍ଚକୁ ଗଜୀନ୍ଦ୍ର ନାଗ ପରିଚାଳନା କରିଥିଲେ। ଭୀମାରାଓ ଯୁବକ ସଂଘରେ ଉପ-ସଭାପତି କ୍ଷତିରାମ ବାଗ, ସମ୍ପାଦକ ଶିବାନନ୍ଦ ଦୁର୍ଗା, ମୋହନଲାଲ ଦୁର୍ଗା, ଝସକେତନ ମଙ୍ଗରାଜ, ଗୁଲସନ କୁମାର ବାଗ, ଯୁଗଲ ଦୁର୍ଗା, ରବିନ୍ଦ୍ର ବାଗ, ତୁଳସୀ ଦୁର୍ଗା, ସଞ୍ଜିବ ନାଏକ, ଚନ୍ଦନ ସୁନା, ସୁରଜ୍ ସୁନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସେଡ୍ୟୁଲ କାଷ୍ଟ ଫେଡରେସନ୍ ତରଫରୁ ଆମ୍ବେଦକର ଜୟନ୍ତୀ ପାଳିତ

ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଧର୍ମଗଡ଼ ଚାରିଛକ ଠାରେ ସେଡ୍ୟୁଲ କାଷ୍ଟ ଫେଡରେସନ ତରଫରୁ ଡ଼ଃ ଆମ୍ବେଦକରଙ୍କ ୧୩୪ ତମ ଜନ୍ମଦିନ ମହା ସମାରୋହରେ ପାଳନ କରାଯାଇଛି। ସକାଳ ୧୦ ଟାରେ ଚିଲଚିଲା ଗ୍ରାମରୁ ଯୁବକ ମାନେ ସତ୍ୟବାନ ନାଏକ ଓ ଡଗମାଳିଆ ନାଏକଙ୍କ ନେତୃତ୍ୱରେ ଏକ ବାଇକ ରାଲି ବିଜୁ ଏକ୍ସପ୍ରେସରେ ଗୋଡ ଭଞ୍ଜା ଦେଇ ଧର୍ମଗଡ଼ ସହରକୁ ପ୍ରବେଶ କରିଥିଲେ। ପରେ ଚାରିଛକରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ସଂଘର ସଭାପତି ବିରଞ୍ଚି ଜାଲ, ସମ୍ପାଦକ ପ୍ରଭାକର ଜାଲ, ଓକିଲ ଦିଗାମ୍ବର ଦୁରିଆ ସରକାରୀ ଓକିଲ ପୂର୍ଣ୍ଣଚନ୍ଦ୍ର ନାଗ ଓ ତାଙ୍କ ପତ୍ନୀଙ୍କ ସମେତ ଉପସ୍ଥିତ ସମସ୍ତ ଜନସାଧାରଣ ଡ଼ଃ ଆମ୍ବେଦକରଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ





କରିଥିଲେ। ପରେ ବିଜେପି ନଗର ଶାଖା ତରଫରୁ ନଗରପାଳ ଅଶୋକ ମହାନ୍ତି, ଅପରେଶ ସ୍ୱାଇଁ, ଧନମତ ଛତ୍ରିଆ, ସୋମ୍ୟରଞ୍ଜନ ନାଏକ, ଭଳି ଅନେକ ଲୋକ ଆଲୋଚନା ଚକ୍ରରେ ଭାଗ ନେଇଥିଲେ। ସେହିଭଳି ଅପରାହ୍ନରେ କାସିବାହାଲ ଆମ୍ବେଦକର କ୍ଲବ ତରଫରୁ ଧର୍ମଗଡ଼ରେ ଆଉ ଏକ ରାଲି କରି ତାଙ୍କ ଗାଁରେ ଏକ ସାଧାରଣ ସଭା କରାଯାଇଥିଲା। ସଭାରେ ଆଲୋଚକ ମାନେ ଆମ୍ବେଦକାରଙ୍କ ଜୀବନୀ ଉପରେ କହିବା ସହିତ ବହୁଜନ ସମାଜର ହିତ ପାଇଁ ସମସ୍ତେ ଏକ ହେବାକୁ ଆହ୍ୱାନ ଦେଇଥିଲେ। ପରେ ରାତିରେ ଚିଲିଚିଲା ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଅଣଆୟତ୍ତ ଦାଦନ ଚାଲାଣ, ରୋକ ଲଗାଇ ପାରୁନି ପ୍ରଶାସନ


ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଦାଦନ ରୋକିବାରେ ଫେଲ ମାରିଛି ପ୍ରଶାସନ। ବଦଳିଛି ସରକାର ହେଲେ ବଦଳି ପାରୁନି ପ୍ରଶାସନର ଆଭିମୁଖ୍ୟ। ସରକାର ଦାଦନ ସମସ୍ୟା ହ୍ରାସ କରିବାକୁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ସତ ହେଲେ ପ୍ରଶାସନ କେବଳ କାଗଜ କଲମ ଓ ବିଭିନ୍ନ ସଚେତନା କାର୍ଯ୍ୟକ୍ରମ ଭିତରେ ସୀମିତ ରହି ଯାଉଛି। ଧର୍ମଗଡ ବ୍ଲକ ଦଣ୍ଡପାଟ ଅଞ୍ଚଳକୁ ସାଧାରଣ ଭାବେ ଦାଦନ ପ୍ରବଣ ଅଞ୍ଚଳ ଭାବେ ଜଣାଯାଏ। ଏହାକୁ ଆଖି ଆଗରେ ରଖି ଗତବର୍ଷ ବେହେରା ଠାରେ ଦାଦନ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଉପଖଣ୍ଡ ପୋଲିସ ଆରକ୍ଷୀ ଅଧିକାରୀ, ଥାନା ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀ କର୍ମଚାରୀ ମାନେ ଯୋଗ ଦେଇଥିଲେ। ଅଧିକାରୀମାନେ ନିଜ ଅଭିଭାଷଣରେ ଦାଦନ ଶ୍ରମିକ ଚାଲାଣ ଖବର ଶୁଣିବା ମାତ୍ରେ ପୋଲିସ ପ୍ରଶାସନ ଓ ଶ୍ରମ ବିଭାଗ ଚଢ଼ାଉ କରି ଦଲାଲ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ଏପରିକି ଦାଦନ ଶ୍ରମିକର ସମସ୍ତ ବିବରଣୀ ସହ ଫୋନ ନମ୍ବର ଆଦାୟ ଓ କେଉଁଠି କି ଯାଉଛନ୍ତି, କାହା ପାଖରେ କାମ କରୁଛନ୍ତି ସବୁ ତଥ୍ୟ ସଂଗ୍ରହ କରିବାକୁ ପ୍ରଶାସନ ପକ୍ଷରୁ ପ୍ରୟାସ କରାଯିବାକୁ ବକ୍ତବ୍ୟରେ କହିଥିଲେ। ଆଶା କରାଯାଉଥିଲା ଏଥର ପ୍ରଶାସନ ଚେଇଁ କଡ଼ା ପଦକ୍ଷେପ ନେବ। ହେଲେ କାର୍ଯ୍ୟକ୍ରମ ଯେମିତି ସରିଛି ସେମିତି ପ୍ରଶାସନର କଥା ପାଣି ଫୋଟକା ଭଳି ମନେ ହେଲା। ଦୈନନ୍ଦିନ ଦାଦନ ଚାଲାଣ ଏବେ ବୃଦ୍ଧି ପାଇଛି। ଖୁଲମଖୁଲା ଭାବେ, ଗୋଡ଼ଭଞ୍ଜା, ବେହେରା, ପର୍ଲା, ଗତମୁଣ୍ଡା ଆଦି ସ୍ଥାନରେ ଶହ ଶହ ଦାଦନ ଶ୍ରମିକ ନିଜ ପରିବାରକୁ ଧରି ବସ ଯୋଗେ ଯାଉଥିବା ଦେଖା ଦେଇଛି। ଧର୍ମଗଡ଼-ଆମପାଣି ବିଜୁ ଏକ୍ସପ୍ରେସ ରାସ୍ତା ଦେଇ ୮-୧୦ଟି ବେସରକାରୀ ବସ ହାଇଦ୍ରାବାଦ, ଚିନ୍ନାଇ, ଜଗଦଳପୁରକୁ ରୀତିମତ ଯାତାୟାତ କରୁଛି। ଟୁରିଷ୍ଟ ପରମିଟ ଆଳରେ କେବଳ ଦାଦନ ଚାଲାଣ ହେଉଥିବା ନଜର ରହୁଛି। ସତେ ଯେମିତି ଏହି ବେସରକାରୀ ବସ ସେବା କେବଳ ଦାଦନ ପାଇଁ ଉଦ୍ଦିଷ୍ଟ ଥିବା କୁହାଯାଏ। ହେଲେ ଶ୍ରମ ବିଭାଗ ଠାରୁ ଆରମ୍ଭ କରି ଏହି ଖବର ପୋଲିସ ପ୍ରଶାସନ ନିକଟରେ ଥିଲେ ବି ପଦକ୍ଷେପ ଶୁନ। କାର୍ଯ୍ୟାନୁଷ୍ଠାନ ବଦଳରେ ଦଲାଲ ସହ ସଲାସୁତୁରା ପ୍ରଶାସନ ରଖି ଚାଲାଣରେ ସହଯୋଗ କରୁଥିବା ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହୁଏ। ତୁରନ୍ତ ଏଦିଗ ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଲେ ହୁଏତ କିଛି ମାତ୍ରାରେ ଦାଦନ ଶ୍ରମିକ ଚାଲାଣକୁ ରୋକା ଯାଇ ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ରାଶିଫଳ

**ମଙ୍ଗଳବାର, ୧୫ ଏପ୍ରିଲ ୨୦୨୫**



**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା। ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ। ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ।




**ବୃଷ:** ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି। ଆର୍ଥିକ ବିନିଯୋଗ ଲାଭଦାୟକ ହେବ। ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ। ମାନସିକ ଶାନ୍ତି ଅନ୍ୱେଷଣରେ ଆଧ୍ୟାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି।



**ମିଥୁନ:** ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ। ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ। ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ। ଯାହାଫଳରେ ତୁମେ ସତେଜ ଅନୁଭବ କରିପାରିବ। ଆପଣ ଆପଣଙ୍କର ଜୀବନଦେଶୈଳୀକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରନ୍ତୁ।




**କର୍କଟ:** ଆଜି ଏକ ସାଧାରଣ ଦିନ ହେବ। ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି। ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ। ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍।



**ସିଂହ:** ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ। ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ। ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ, ନଚେତ୍ ହଜମ ପ୍ରକ୍ରିୟା ଖରାପ ହୋଇପାରେ। ଜୀବନ ସାଥୀଙ୍କ ସ୍ୱାସ୍ଥ୍ୟ ମଧ୍ୟ ଏକ ଚିନ୍ତାର ବିଷୟ ହୋଇ ରହିବ।




**କନ୍ୟା:** ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ। ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ। ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ଏକ ଦୁର୍ଘଟଣା ମଧ୍ୟ ହୋଇପାରେ, ତେଣୁ ଯାନକୁ ଯତ୍ନର ସହିତ ଚଲାନ୍ତୁ।



**ତୁଳା:** ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ। ପରିବାରରେ ଖୁସିର ବାତାବରଣ ରହିବ। ସ୍ୱାସ୍ଥ୍ୟଗତ ଅଭିଯୋଗ ଥାଇପାରେ, ତେଣୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶ୍ଚିତ ହୁଅନ୍ତୁ।



**ବିଛା:** କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ। ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ। କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ। ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ।




**ଧନୁ:** ଆଜି ଏକ ସାଧାରଣ ଦିନ ହେବ । ବ୍ୟବସାୟରେ ଭଲ ଲାଭ ହେବ। କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ। କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ। ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ।




**ମକର:** ଆଜି ଏକ ଭଲ ଦିନ ହେବ । ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ । ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ । ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ପିଲାମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଭ୍ରମଣରୁ ଦୂରେଇ ରୁହନ୍ତୁ ।



**କୁମ୍ଭ:** ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ । ଚାକିରିକୁ ପଦୋନ୍ନତି ମିଳିପାରେ । ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ। ପରିବାର ସହିତ ସମୟ ଭଲ ବ୍ୟବହାର ହେବ।



**ମୀନ:** ଆଜି ଏକ ଭଲ ଦିନ ହେବ । ବ୍ୟବସାୟରେ ଭଲ ଲାଭ ହେବ । ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ । ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ। ଚାକିରିରେ ପଦୋନ୍ନତି ହୋଇପାରେ । ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ । ଧାର୍ମିକ ଯାତ୍ରାକୁ ଯାଇପାରନ୍ତି । ସ୍ୱାସ୍ଥ୍ୟ ଭଲ ହେବ। ଖାଦ୍ୟର ଯତ୍ନ ନିଅନ୍ତୁ ଏବଂ କ୍ରୋଧରୁ ଦୂରେଇ ରୁହନ୍ତୁ।



ଶ୍ରୀପତି ଗୁରୁ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯